ଧରିତ୍ରୀ
DHARITRI
51 Years

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୩/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, April 3/2025 | Page 14 | ₹ 7.00 | RAYAGADA

୫୧ଶ ଭାଗ ୧୨୮ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 128 | ମୂଲ୍ୟ₹୭/-



DSPL-11



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ରାଜ୍ୟବ୍ୟାପୀ ଓଡ଼ିଆ ପକ୍ଷ ପାଳନ ୨୦୨୫

## ପାରମ୍ପରିକ ପୋଷାକ ପରିଧାନ ଅଭିଯାନ

**ଆମ ଉତ୍କଳୀୟ ପରମ୍ପରାର ପ୍ରତୀକ, ଆମ ସମୃଦ୍ଧ ହସ୍ତତନ୍ତ ବସ୍ତ୍ର ପରିଧାନ କରି ସ୍ୱାଭିମାନୀ ଓଡ଼ିଆ ଅସ୍ମିତାର ଅଂଶ ହୁଅନ୍ତୁ**

**୩ ଅପ୍ରେଲ ୨୦୨୫**



## ଆମ ପୋଷାକ ଆମ ପରିଚୟ

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର

OIPR-31047/13/0002/2425

# ଜଙ୍ଗଲ ଜମି ସଫାକୁ ବିରୋଧ

## ବିକ୍ଷୋଭକାରୀଙ୍କୁ ପୋଲିସର ଲାଠିଚାର୍ଜ

**ହାଇଦ୍ରାବାଦ, ୨।୪**

ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ପାଇଁ ତେଲଙ୍ଗାନା ସରକାରଙ୍କ ପକ୍ଷରୁ ୟୁନିଭର୍ସିଟି ଅଫ୍‌ ହାଇଦ୍ରାବାଦ(ୟୁଓଏଚ୍‌) ନିକଟସ୍ଥ କାଞ୍ଚା ଗଚିବୱଲି ଅଞ୍ଚଳରେ ଥିବା ୪୦୦ ଏକର ଜଙ୍ଗଲ ଜମି ସଫା କରାଯିବା ଘଟଣାକୁ ନେଇ ବିବାଦ ଦେଖାଦେଇଛି। କାଞ୍ଚା ଗଚିବ୍‌ୱଲିରେ ତେଲଙ୍ଗାନା ଶିଳ୍ପ ଭିତ୍ତିଭୂମି ନିଗମ (ଟିଜିଆଇଆଇସି) ମାଧ୍ୟମରେ ଏକ ଆଇଟି ପାର୍କ ନିର୍ମାଣ କରାଯିବା ସହ ସହରାଞ୍ଚଳ ଭିତ୍ତିଭୂମିକୁ ସୁଦୃଢ଼ କରାଯିବ ବୋଲି ରାଜ୍ୟ ସରକାର କହିଛନ୍ତି। ତେବେ ବିକାଶମୂଳକ ପ୍ରକଳ୍ପ ନାଁରେ ସବୁଜ ଆବରଣ ନଷ୍ଟ କରାଯିବା ଘଟଣାକୁ ବିରୋଧ କରି ୟୁଓଏଚ୍‌ର ଛାତ୍ରୀଛାତ୍ରମାନେ ସୋମବାରଠାରୁ ଅନିଶ୍ଚିତ କାଳ ପର୍ଯ୍ୟନ୍ତ କ୍ଲାସ ବୟକଟ କରିବା ସହ ଧାରଣାରେ ବସି ରହିଛନ୍ତି।



କାଞ୍ଚା ଗଚିବ୍‌ୱଲିସ୍ଥିତ ଜଙ୍ଗଲ ଜମି ସଫା କରାଯିବା ଘଟଣାକୁ ୟୁଓଏଚ୍‌ର ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ଲାକାର୍ଡ ଧରି ବିରୋଧ କରୁଛନ୍ତି।

ଧାରଣାର ନେତୃତ୍ୱ ନେଉଥିବା ୟୁଓଏଚ୍‌ ଛାତ୍ର ସଂସଦର ଉପ ସଭାପତି ଆକାଶ କୁମାର କହିଛନ୍ତି, କାଞ୍ଚା ଗଚିବ୍‌ୱଲି ହେଉଛି ଶତାଧିକ ଉଦ୍ଭିଦ ଏବଂ ପ୍ରାଣୀ ପ୍ରଜାତିର ବାସସ୍ଥଳ। ଯେପର୍ଯ୍ୟନ୍ତ କାଞ୍ଚା ଗଚିବ୍‌ୱଲି ଜଙ୍ଗଲ ଜମି ସଫା କାର୍ଯ୍ୟକୁ ବନ୍ଦ କରା ନ ଯିବ, ସେଯାଏଁ ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ଜାରି ରହିବ ବୋଲି ଆକାଶ କହିଛନ୍ତି। ଗତ ୩୦ରେ କାଞ୍ଚା ଗଚିବ୍‌ୱଲିରେ ଥିବା ଜଙ୍ଗଲ ଜମିରେ ପୋଲିସ ମୁତୟନ ହେବା ସହ ଏବଂ ମାଟି ହଟାଇବାର ବିଭିନ୍ନ ଉପକରଣକୁ ଦେଖି କେତେଜଣ ଛାତ୍ରୀଛାତ୍ର ଏବଂ ପରିବେଶ କାର୍ଯ୍ୟକର୍ତ୍ତା ବିରୋଧ କରିଥିଲେ। ସେମାନେ ଏହି ବିକାଶମୂଳକ ପ୍ରୋଜେକ୍ଟକୁ ବନ୍ଦ କରିବା ପାଇଁ ପ୍ରୟାସ କରିଥିଲେ। ଫଳରେ ସେଠାରେ ଅଧିକାରୀଙ୍କ ସହ ଛାତ୍ରୀଛାତ୍ର ଏବଂ ପରିବେଶ କର୍ମୀଙ୍କ ମଧ୍ୟରେ ହାତାହାତି ସ୍ଥିତି ସୃଷ୍ଟି ହୋଇଥିଲା। ଘଟଣାକୁ ନେଇ ପୋଲିସ ୨ ଜଣଙ୍କୁ ଗିରଫ କରିଥିବା ସହ ୫୦ ଜଣ ଛାତ୍ରୀଛାତ୍ରଙ୍କୁ ଅଟକ ରଖି କିଛି ସମୟ ପରେ ଛାଡ଼ି ଦେଇଥିଲା।

ବିଭିନ୍ନ ଛାତ୍ର ସଂଗଠନ ଓ ପରିବେଶ କର୍ମୀଙ୍କ ଅନୁଯାୟୀ, କାଞ୍ଚା ଗଚିବ୍‌ୱଲିରେ ଜଙ୍ଗଲ ଜମିକୁ ସଫା କରିବା, ପରିବେଶ ଉପରେ ଗମ୍ଭୀର ପ୍ରଭାବ ପକାଇବ। ସ୍ଥାନୀୟ ଜଳବାୟୁ ଗବେଷକ ଅରୁଣ ଭାଷିରେଡ୍ଡୀ କହିଛନ୍ତି, କାଞ୍ଚା ଗଚିବ୍‌ୱଲିରେ ସବୁଜ ଆବରଣକୁ ନଷ୍ଟ କରାଯିବା ଦ୍ୱାରା ସ୍ଥାନୀୟ ତାପମାତ୍ରା ୧ରୁ ୪ ଡିଗ୍ରୀ ସେଲ୍‌ସିୟସ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ୟୁଓଏଚ୍‌ ଓ ଏହାର ଆଖପାଖ ଅଞ୍ଚଳରେ ପରିବେଶଗତ ସନ୍ତୁଳନ ନଷ୍ଟ ହେବ ବୋଲି ସେ କହିଛନ୍ତି। ତେବେ କାଞ୍ଚା ଗଚିବ୍‌ୱଲିରେ ଜଙ୍ଗଲ ଜମିର ମାଲିକାନା ରାଜ୍ୟ ସରକାରଙ୍କ ପାଖରେ ରହିଛି। ତେଣୁ ବିକାଶମୂଳକ ପ୍ରକଳ୍ପ ମାଧ୍ୟମରେ ଏହି ଅଞ୍ଚଳକୁ ବିଶ୍ୱସ୍ତରୀୟ ଭିତ୍ତିଭୂମିରେ ପରିପୂର୍ଣ୍ଣ କରାଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ୟୁଓଏଚ୍‌ ନିକଟରେ ଆଇଟି ପାର୍କ ନିର୍ମାଣ କରାଯିବା ସହ ଉକ୍ତ ଅଞ୍ଚଳରେ ସହରାଞ୍ଚଳ ସଂଯୋଗୀକରଣକୁ ମଜଭୁତ କରାଯିବ ବୋଲି ତେଲଙ୍ଗାନା ସରକାର କହିଛନ୍ତି।

ବୁଧବାର ଏହି ପ୍ରୋଜେକ୍ଟ ବିରୋଧରେ ୟୁଓଏଚ୍‌ର ଛାତ୍ରୀଛାତ୍ରମାନେ ଏକ ରାଲି ବାହାର କରିଥିଲେ। ଏହି ଅବସରରେ ଏକଜୁଟତା ଦେଖାଇବା ପାଇଁ ୟୁଓଏଚ୍‌ର ଶିକ୍ଷକ ସଂଘ ମଧ୍ୟ ଛାତ୍ରୀଛାତ୍ରଙ୍କ ସହ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟର ଆମ୍ବେଡକର ଅଡିଟୋରିଅମରୁ ପୂର୍ବ କ୍ୟାମ୍ପସ୍‌ ପର୍ଯ୍ୟନ୍ତ ପ୍ରଦର୍ଶନକାରୀଙ୍କ ଏକ ରାଲି ବାହାରିଥିଲା। ତେବେ ଏହାପୂର୍ବରୁ ପୂର୍ବ କ୍ୟାମ୍ପସ୍‌ରେ ବ୍ୟାରିକେଡ୍‌ ଲଗାଯିବା ସହ ବହୁ ସଂଖ୍ୟାରେ ପୋଲିସ ମୁତୟନ ହୋଇଥିଲା। ପୋଲିସ ପ୍ରଦର୍ଶନକାରୀଙ୍କୁ ଅଟକାଇ ଲାଠିଚାର୍ଜ କରିଥିଲା।


ବିବାଦୀୟ ୪୦୦ ଏକରର ଜଙ୍ଗଲ ଜମି।

## ୪୦୦ ଏକର ଜଙ୍ଗଲ ଜମି ସଫା ଉପରେ ରୋକ

### ତେଲଙ୍ଗାନା ସରକାରଙ୍କୁ ହାଇକୋର୍ଟଙ୍କ ଝଟକା

ତେଲଙ୍ଗାନାର ରଙ୍ଗାରେଡ୍ଡୀ ଜିଲା କାଞ୍ଚା ଗଚିବ୍‌ୱଲିରେ ଜଙ୍ଗଲ ଜମି ସଫା କରାଯିବା ପ୍ରକ୍ରିୟା ଉପରେ ରୋକ ଲଗାଇବାକୁ ବୁଧବାର ତେଲଙ୍ଗାନା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଙ୍ଗଲ ଜମି ସଫା କରାଯିବା ବିରୋଧରେ ୟୁନିଭର୍ସିଟି ଅଫ୍‌ ହାଇଦ୍ରାବାଦର ଛାତ୍ରୀଛାତ୍ରଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ପିଟିଶନର ଶୁଣାଣି କରି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ସୁଜୟ ପାଲ ଏବଂ ଜଷ୍ଟିସ୍‌ ରେଣୁକା ୟାରାଙ୍କୁ ନେଇ ଗଠିତ ଡିଭିଜନ ଖଣ୍ଡପୀଠ ଜଙ୍ଗଲ ଜମି ସଫା କାର୍ଯ୍ୟକଳାପକୁ ଅସ୍ଥାୟୀ ଭାବରେ ବନ୍ଦ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ, କାଞ୍ଚା ଗଚିବ୍‌ୱଲିର ୪୦୦ ଏକର ଜଙ୍ଗଲରେ ଗଛ କଟାଯିବାକୁ ନେଇ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ବୁଧବାର କେନ୍ଦ୍ର ସରକାର ତେଲଙ୍ଗାନା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରିବେଶଗତ ଆଇନ ଏବଂ କୋର୍ଟଙ୍କ ନିର୍ଦ୍ଦେଶ ପାଳନ କରାଯାଉ ବୋଲି ଆସିଷ୍ଟାଣ୍ଟ ଇନ୍‌ସ୍ପେକ୍ଟର ଜେନେରାଲ ଅଫ୍‌ ଫରେଷ୍ଟ ଏସ୍‌. ସୁନ୍ଦରଙ୍କ ପକ୍ଷରୁ ତେଲଙ୍ଗାନା ସରକାରଙ୍କୁ ଏକ ଚିଠି ଜାରି କରାଯାଇ ନିର୍ଦ୍ଦେଶ ଦିଆଯାଇଛି।

## ମାଇନ୍‌ ବିସ୍ଫୋରଣ ପରେ ପାକିସ୍ତାନୀ ସେନାର ଅସ୍ତ୍ରବିରତି ଉଲ୍ଲଂଘନ

**ଜମ୍ମୁ, ୨।୪(ପି.ଟି.)**

ଜମ୍ମୁ-କଶ୍ମୀରର ପୁଞ୍ଚ୍‌ ଜିଲା ନିୟନ୍ତ୍ରଣରେଖା (ଏଲ୍‌ଓସି) ସଂଲଗ୍ନ ଅଞ୍ଚଳରେ ଏକ ମାଇନ୍‌ ବିସ୍ଫୋରଣ ପରେ ପାକିସ୍ତାନୀ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରିଛି। ଭାରତୀୟ ସେନା ପ୍ରଭାବଶାଳୀ ଢଙ୍ଗରେ ଏହାର ଜବାବ ଦେଇଥିବା ବୁଧବାର ଜଣେ ପ୍ରତିରକ୍ଷା ଅଧିକାରୀ ସୂଚନା ଦେଇଛନ୍ତି।

ସୂତ୍ରରୁ ଜଣାପଡ଼ିଛି ଯେ, ସୋମବାର କ୍ରିଷ୍ଣାଘାଟି ସେକ୍ଟରରେ ପାକିସ୍ତାନୀ ସେନା ପାଟ୍ରୋଲିଂ କରୁଥିବାବେଳେ ଏକ ମାଇନ୍‌ ବିସ୍ଫୋରଣ ହୋଇଥିଲା। ଏହା ପରେ ମଙ୍ଗଳବାର ଅପରାହ୍ନ ୧ଟା ୧୦ରେ ପାକିସ୍ତାନୀ ସୈନ୍ୟ ଏଲ୍‌ଓସି ଅତିକ୍ରମ କରି ଯବାନମାନଙ୍କୁ ଟାର୍ଗେଟ କରି ଆଖିବୁଜା ଗୁଳିଚଳାଇଥିଲେ। ତେବେ ଏହି ଅସ୍ତ୍ରବିରତି ଉଲ୍ଲଂଘନ ଯୋଗୁ ଭାରତୀୟ ସୁରକ୍ଷା ବଳର କେହି ମୃତାହତ ହୋଇ ନାହାନ୍ତି। ଅନ୍ୟପକ୍ଷେ ମାଇନ୍‌ ବିସ୍ଫୋରଣ ଏବଂ ଯବାନଙ୍କ ଗୁଳିମାଡ଼ରେ ୫ ପାକିସ୍ତାନୀ ସୈନ୍ୟ ଆହତ ହୋଇଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, ୨୦୨୧ ଫେବୃଆରୀ ୨୫ରେ ଭାରତ ଓ ପାକିସ୍ତାନ ଦୁଇଦେଶର ସୀମାରେ ଅସ୍ତ୍ରବିରତି ପାଇଁ ପୁନଃ ଚୁକ୍ତିବଦ୍ଧ ହୋଇଥିଲେ। ଏହା ସତ୍ତ୍ୱେ ଗତ ଫେବୃଆରୀରେ ପୁଞ୍ଚ୍‌-ରୋଜୌରି ସେକ୍ଟରରେ ପାକିସ୍ତାନ ଅନେକ ଥର ଅସ୍ତ୍ରବିରତି ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଥିଲା। ଫେବୃଆରୀ ୧୧ରେ ପାକିସ୍ତାନୀ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ୨ ଭାରତୀୟ ଯବାନ ଶହୀଦ ହୋଇଥିଲେ।

### ପୁରୁଷ ବନ୍ଧୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ...

## ଯୁବତୀଙ୍କୁ ପୀଡ଼ିତା ମନେକରିବା ଭୁଲ୍‌

**ନୂଆଦିଲ୍ଲୀ, ୨।୪**



ଶାରୀରିକ ସମ୍ପର୍କ ସ୍ଥାପନ ପରେ ଯୋଡ଼ିଙ୍କ ମଧ୍ୟରେ ବ୍ରେକ୍‌ଅପ୍‌ ହୋଇଗଲେ ମହିଳାମାନେ ବଳାତ୍କାର ଅଭିଯୋଗ ଆଣୁଥିବା ଧାରାକୁ ଦେଖି ବୁଧବାର ସୁପ୍ରିମକୋର୍ଟ ଚିନ୍ତାବ୍ୟକ୍ତ କରିଛନ୍ତି। ନିଜ ବିରୋଧରେ ବଳାତ୍କାର ମାମଲା ଖାରଜ ସକାଶେ ଜଣେ ପୁରୁଷଙ୍କ ପକ୍ଷରୁ ଦାଖଲ ଆବେଦନର ଶୁଣାଣି କରି ଜଷ୍ଟିସ୍‌ ଏମ୍‌.ଏମ୍‌. ସୁନ୍ଦରରେଶ ଏବଂ ରାଜେଶ ବିନ୍ଦାଲଙ୍କ ଖଣ୍ଡପୀଠ କହିଛନ୍ତି, ରୋମାନ୍ସ ବିଫଳ ହୋଇଗଲେ କିମ୍ବା ଯୋଡ଼ି ଭାଙ୍ଗିଗଲେ ମହିଳାମାନେ ବଳାତ୍କାର ଅଭିଯୋଗ ଆଣିବା ଦୁର୍ଭାଗ୍ୟଜନକ। ବିଶେଷକରି ସମାଜରେ ପରିବର୍ତ୍ତନଶୀଳ ନୈତିକ ମୂଲ୍ୟବୋଧ ଦୃଷ୍ଟିକୋଣରୁ ବ୍ରେକ୍‌ଅପ୍‌ ପରେ ବିବାହର ମିଥ୍ୟା ପ୍ରତିଶ୍ରୁତି ଦ୍ୱାହି ଦେଇ ଏପରି ଅଭିଯୋଗ ଅଣାଯିବା ଅନୁଚିତ।

ଆଲୋଚ୍ୟ ମାମଲାରେ ମହିଳା ଜଣକ ନିଜ ପିଟିଶନରେ ତାଙ୍କ ପୂର୍ବତନ ପୁରୁଷ ବନ୍ଧୁଙ୍କ ବିରୋଧରେ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିବା ଅଭିଯୋଗ ଆଣିଥିଲେ। ଏହାକୁ ତାଙ୍କ ପୁରୁଷ ବନ୍ଧୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଶୀର୍ଷ ଅଦାଲତ ଏହା ଉପରେ ଆହୁରି କହିଛନ୍ତି, ଅଧିକାଂଶ ସମୟରେ ଏକ ରୁଢ଼ିବାଦୀ ମାନସିକତାର ପରିଣାମରୁ ଏଭଳି ଅଭିଯୋଗ ଆସିଥାଏ। ଆମ ବ୍ୟବସ୍ଥାରେ ଅଭାବ ଥିବାରୁ ମହିଳାମାନେ ପୁରୁଷଙ୍କୁ ଦୋଷ ଦେଇଥାନ୍ତି। ସମ୍ପୃକ୍ତା ମହିଳା ତାଙ୍କ ଶ୍ୱଶୁର ଘର ଲୋକଙ୍କ ବିରୋଧରେ ୫ଟି ମାମଲା ଦାଏର କରିଛନ୍ତି। ମହିଳା ଜଣକ ଯଦି ଏତେ ନୀରିହା ତେବେ ସେ ସୁପ୍ରିମକୋର୍ଟକୁ ଆସି ନ ଥାଆନ୍ତେ। ସେ ଜଣେ ସାବାଳିକା। ତେଣୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଯୋଗୁ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ ବୋଲି କହିବା ଅନୁଚିତ। ଏଠି ମହିଳାଙ୍କ ଯୁକ୍ତିକୁ ସତ ବୋଲି ଧରିନେଲେ କଲେଜରେ ଝିଅ ଓ ପୁଅଙ୍କ ମଧ୍ୟରେ ଯେକୌଣସି ସମ୍ପର୍କ ଦଣ୍ଡନୀୟ ହୋଇପାରିବ। ଧରାଯାଉ, ଉଭୟେ ପରସ୍ପରକୁ ଭଲ ପାଉଥିଲେ। ସମ୍ବନ୍ଧକୁ ଝିଅ ବିରୋଧ କଲେ ଏବଂ ପୁଅ କହିଲେ, ମୁଁ ଆସନ୍ତା ସପ୍ତାହରେ ତୁମକୁ ବିବାହ କରିବି। କିନ୍ତୁ ପରେ କୌଣସି କାରଣବଶତଃ ବିବାହ ସମ୍ପନ୍ନ ହୋଇ ନ ପାରିଲେ ତାହା ମଧ୍ୟ ଅପରାଧର ପଦବାଚ୍ୟ ହେବ। ତେଣୁ ଏଭଳି ମାମଲାରେ ଝିଅଙ୍କୁ ପୀଡ଼ିତା ଭାବେ ଦେଖାଯାଇ ପାରିବ ନାହିଁ ବୋଲି ଖଣ୍ଡପୀଠ କହିବା ସହ ଅଭିଯୁକ୍ତ ପୁରୁଷ ବନ୍ଧୁଙ୍କ ଆବେଦନର ଶୁଣାଣି କରିବାକୁ ରାଜି ହୋଇଛନ୍ତି।

## ପୁନମ ଗୁପ୍ତା ଆର୍‌ବିଆଇର ନୂତନ ଡେପୁଟି ଗଭର୍ନର

**ନୂଆଦିଲ୍ଲୀ, ୨।୪**



କେନ୍ଦ୍ର ସରକାର ବୁଧବାର ପୁନମ ଗୁପ୍ତାଙ୍କୁ ୩ ବର୍ଷ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଡେପୁଟି ଗଭର୍ନର ଭାବେ ନିଯୁକ୍ତି ଦେଇଛନ୍ତି। ପୁନମ ବର୍ତ୍ତମାନ ଇକୋନୋମିକ ପଲିସି ଥିଙ୍କ୍‌ ଟାଙ୍କ୍‌ 'ନ୍ୟାଶନାଲ କାଉନସିଲ ଅଫ୍‌ ଆପ୍ଲାଏଡ୍‌ ଇକୋନୋମିକ୍ସ ରିସର୍ଚ୍ଚ (ଏନ୍‌ସିଏଇଆର୍‌)'ର ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ଏହାସହ ପୁନମ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ସଦସ୍ୟ ଅଛନ୍ତି ଓ ସେ ୧୬ଶ ଅର୍ଥ ଆୟୋଗ ପାଇଁ ପରାମର୍ଶ ପରିଷଦର ସଂଯୋଜକ ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି। ସେ ୨୦୨୧ରେ ଏନ୍‌ସିଏଇଆର୍‌ରେ ଯୋଗ ଦେଇଥିଲେ। ପୁନମ ଏହାପୂର୍ବରୁ ୨ ଦଶନ୍ଧି ଧରି ଆଇଏମ୍‌ଏଫ୍‌ ଏବଂ ୱାର୍ଲ୍ଡ ବ୍ୟାଙ୍କ ପାଇଁ ୱାଶିଂଟନରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦରେ କାର୍ଯ୍ୟ କରିଥିଲେ।

## ଜର୍ମାନ ପର୍ଯ୍ୟଟକଙ୍କୁ କାର୍‌ରେ ବଳାତ୍କାର

**ହାଇଦ୍ରାବାଦ, ୨।୪**

ହାଇଦ୍ରାବାଦରେ ଜଣେ ମହିଳା ଟୁରିଷ୍ଟ (୨୨)ଙ୍କୁ କାର୍‌ରେ ବଳାତ୍କାର କରାଯାଇଥିବାର ଘଟଣା ସାମ୍‌ନାକୁ ଆସିଛି। ଜଣେ କ୍ୟାବ୍‌ ଡ୍ରାଇଭର (୨୪) ଉକ୍ତ ଜର୍ମାନ ଯୁବତୀଙ୍କୁ ବଳାତ୍କାର କରିଥିଲେ। ମଙ୍ଗଳବାର ପୋଲିସ ଅଭିଯୁକ୍ତ ଡ୍ରାଇଭରଙ୍କୁ ଗିରଫ କରିଛି। ଗତ ମାସ ୪ ତାରିଖରେ ପୀଡ଼ିତା ଜଣକ ନିଜ ପୁରୁଷ ବନ୍ଧୁଙ୍କ ସହ ହାଇଦ୍ରାବାଦକୁ ଭ୍ରମଣ ପାଇଁ ଆସିଥିଲେ। ସୋମବାର ଇଦ୍‌ ଉପଲକ୍ଷେ ପୀଡ଼ିତା ଓ ତାଙ୍କ ପୁରୁଷ ବନ୍ଧୁଙ୍କୁ ସହର ଭ୍ରମଣ କରାଇବାର ସୁଯୋଗ ନେଇ କ୍ୟାବ୍‌ ଡ୍ରାଇଭର ଜଣକ ପୀଡ଼ିତା ଜର୍ମାନ ଯୁବତୀଙ୍କୁ ବଳାତ୍କାର କରିଥିଲେ।

### ଫୁର୍‌ସତ୍‌

## କହ୍ନେୟା ଲାଲ୍‌ ହତ୍ୟାକାଣ୍ଡକୁ ନେଇ 'ଜ୍ଞାନବାପି ଫାଇଲ୍ସ'



**ମୁମ୍ବାଇ**

୨୦୨୨ ଜୁନ ୨୮ରେ ଦରଜି କହ୍ନେୟା ଲାଲ୍‌ଙ୍କ ନିର୍ମମ ହତ୍ୟାକୁ ନେଇ ଖୁବ୍‌ଶୀଘ୍ର 'ଜ୍ଞାନବାପି ଫାଇଲ୍ସ: ଏ ଟେଲର ମର୍ଡର ଷ୍ଟୋରି' ଫିଲ୍ମ ପ୍ରେକ୍ଷାଳୟରେ ରିଲିଜ୍‌ ହେବାକୁ ଯାଉଛି। ଏହି ଫିଲ୍ମରେ ବଲିଉଡ୍‌ ଅଭିନେତା ବିଜୟ ରାଜ୍‌ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ବୁଧବାର ଫିଲ୍ମର ପ୍ରଥମ ଅଫିସିଆଲ ପୋଷ୍ଟର ରିଲିଜ୍‌ ହେବା ସହ ଫିଲ୍ମରେ ବିଜୟଙ୍କ ଲୁକ୍‌ ଉପରୁ ପରଦା ହଟିଛି। ସେହିପରି ଏହି ଫିଲ୍ମର ରିଲିଜ୍‌ ତାରିଖକୁ ମଧ୍ୟ ଘୋଷଣା କରାଯାଇଛି।

ଆସନ୍ତା ଜୁନ୍‌ ୨୭ରେ 'ଜ୍ଞାନବାପି ଫାଇଲ୍ସ: ଏ ଟେଲର ମର୍ଡର ଷ୍ଟୋରି' ଫିଲ୍ମ ମୁକ୍ତିଲାଭ କରିବ। ଏନେଇ ଫିଲ୍ମ ନିର୍ମାତା କମ୍ପାନୀ ରିଲାଏନ୍ସ ଏଣ୍ଟରଟେନ୍‌ମେଣ୍ଟ ପକ୍ଷରୁ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରାଯାଇ ଏହି ସୂଚନା ଦିଆଯାଇଛି। ସେହିପରି ଉକ୍ତ ପୋଷ୍ଟରେ ଫିଲ୍ମର ପ୍ରଥମ ପୋଷ୍ଟରକୁ ମଧ୍ୟ ଶେୟାର କରାଯାଇଛି। କ୍ୟାପ୍‌ଶନରେ ଲେଖାଯାଇଛି, ଏପରି ଏକ କାହାଣୀର ସାକ୍ଷୀ ହୁଅନ୍ତୁ, ଯାହାର ସତ୍ୟତା ପ୍ରଥମଥର ପାଇଁ ସାମ୍‌ନାକୁ ଆସିବ।

କହ୍ନେୟା ଲାଲ୍‌ ହତ୍ୟାକାଣ୍ଡର ସମ୍ବେଦନଶୀଳ ପ୍ରକୃତିକୁ ଦୃଷ୍ଟିରେ ରଖି ବର୍ତ୍ତମାନ ସୁଦ୍ଧା ନିର୍ମାତାଙ୍କ ପକ୍ଷରୁ ଫିଲ୍ମର କାହାଣୀ ସମ୍ବନ୍ଧରେ ସବିଶେଷ ତଥ୍ୟ ପ୍ରକାଶ କରାଯାଇନାହିଁ। ତେବେ ଏହି ଫିଲ୍ମରେ କହ୍ନେୟା ଲାଲ୍‌ ହତ୍ୟାକାଣ୍ଡ ଏବଂ ଏହା ସହ ଜଡ଼ିତ ଥିବା ପରବର୍ତ୍ତୀ ଘଟଣାଗୁଡ଼ିକୁ ବିସ୍ତୃତଭାବେ ଦେଖାଯିବ ବୋଲି ସିନେ ସମୀକ୍ଷକମାନେ ଆଶା କରିଛନ୍ତି। ପ୍ରକାଶ ଯେ, ୨୦୨୨ ଜୁନ୍‌ ୨୮ରେ ରାଜସ୍ଥାନର ଉଦୟପୁରରେ ୨ ଜଣ ଆକ୍ରମଣକାରୀ କହ୍ନେୟା ଲାଲ୍‌ଙ୍କ ମୁଣ୍ଡ କାଟି ତାଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ। ଭାଜପାର ପୂର୍ବତନ ମୁଖପାତ୍ର ନୁପୁର ଶର୍ମାଙ୍କ ପେଗମ୍ବର ମହମ୍ମଦଙ୍କୁ ନେଇ ବିବାଦୀୟ ମନ୍ତବ୍ୟକୁ କହ୍ନେୟା ତାଙ୍କ ସୋସିଆଲ ମିଡିଆରେ ସମର୍ଥନ କରିଥିଲେ। ତେଣୁ ତାଙ୍କ ମୁଣ୍ଡକାଟ କରାଯାଇ ପେଗମ୍ବର ମହମ୍ମଦଙ୍କୁ କରାଯାଇଥିବା ଅପମାନର ପ୍ରତିଶୋଧ ନିଆଯାଇଛି ବୋଲି ଉଭୟ ଆକ୍ରମଣକାରୀ ସୋସିଆଲ ମିଡିଆରେ ଏକ ଭିଡିଓ ଜାରି କରି କହିଥିଲେ।

## ୧୦ ସେ.ମି.ର ସବୁଠୁ ଲମ୍ବା ଜିଭ

**ନ୍ୟୁୟର୍କ**



ସମ୍ପ୍ରତି ବିଭିନ୍ନ ଶ୍ରେଣୀରେ ରେକର୍ଡ ସୃଷ୍ଟି କରି ଚର୍ଚ୍ଚାକୁ ଆସୁଥିବା ଲୋକଙ୍କର କୌଣସି ଅଭାବ ନାହିଁ। ନିକଟରେ ଆମେରିକାର କାଲିଫର୍ନିଆରେ ରହୁଥିବା ଜଣେ ମହିଳା ଚାନେଲ ଟାପର ମଧ୍ୟ ଠିକ୍‌ ଏହିପରି ଏକ ରେକର୍ଡ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି। ୯.୭୫ ସେଣ୍ଟିମିଟର (୩.୮୪ ଇଞ୍ଚ) ଲମ୍ବା ଜିଭ ସହ ଟାପର ନିଜ ନାମକୁ ଗିନିଜ ୱାର୍ଲ୍ଡ ରେକର୍ଡ୍ସ (ଜିଡବ୍ଲୁଆର୍‌)ରେ ପଞ୍ଜୀକୃତ କରିଛନ୍ତି। ସବୁଠାରୁ ଲମ୍ବା ଜିଭ ଥିବା ମହିଳା ଭାବେ ଟାପର ଏହି ରେକର୍ଡ କରିଛନ୍ତି। ଫଳରେ ତାଙ୍କୁ ନେଇ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚା ଲାଗି ରହିଛି। ସୋସିଆଲ ମିଡିଆରେ ଟାପରଙ୍କ ଏତେ ଲମ୍ବା ଜିଭକୁ ଦେଖି ଅନେକ ୟୁଜର୍ସ ଆଶ୍ଚର୍ଯ୍ୟ ପ୍ରକଟ କରିଥିବା ବେଳେ ଆଉ କେତେଜଣ ୟୁଜର୍ସ ଟାପରଙ୍କ ପୋଷ୍ଟରେ ମଜାଦାର ମିମ୍ସ ଓ କମେଣ୍ଟ ମଧ୍ୟ କରିଛନ୍ତି। ତେବେ ଜିଭକୁ ନେଇ ପୂର୍ବରୁ ମଧ୍ୟ ଜିଡବ୍ଲୁଆର୍‌ରେ ଅନେକ ରେକର୍ଡ ସ୍ଥାନ ପାଇଛି। ୧୦.୧ ସେ.ମି. ଜିଭ ସହ ଷ୍ଟୋଏବର୍ଲ ନାମକ ଜଣେ ବ୍ୟକ୍ତି ସବୁଠାରୁ ଲମ୍ବା ଜିଭ ରଖିଥିବା ପୁରୁଷ ଭାବେ ପୂର୍ବରୁ ରେକର୍ଡ ସୃଷ୍ଟି କରି ଜିଡବ୍ଲୁଆର୍‌ରେ ସ୍ଥାନ ପାଇଥିଲେ।

ବୈଜ୍ଞାନିକଙ୍କ ଅନୁଯାୟୀ, ବିଭିନ୍ନ ଜେନେଟିକ୍‌ ଏବଂ ଜୈବିକ କାରଣ ଯୋଗୁ ଲୋକମାନଙ୍କ ଜିଭର ଲମ୍ବ ଭିନ୍ନ ଭିନ୍ନ ହୋଇଥାଏ। ଏହି କାରଣରୁ କିଛି ଲୋକଙ୍କ ଶରୀରର କେତେକ ଅଙ୍ଗ ସ୍ୱାଭାବିକଠାରୁ ବଡ଼ ହୋଇଯାଇଥାଏ। ଠିକ୍‌ ଏହିପରି ଭାବେ ଟାପରଙ୍କ ଜିଭ ବହୁତ ଲମ୍ବା ହୋଇଯାଇଛି ବୋଲି ବୈଜ୍ଞାନିକମାନେ କହିଛନ୍ତି।

DSPL-12

# ଆମ ପୋଷାକ ଆମ ପରିଚୟ



**ବାର୍ତ୍ତା**

ଆମ ବସ୍ତ୍ର ହେଉଛି ଆମ ସ୍ୱାଭିମାନ ଓ ଆମ ପରିଚୟ । ଓଡ଼ିଶା ହସ୍ତତନ୍ତର ସମଗ୍ର ବିଶ୍ୱରେ ପ୍ରସିଦ୍ଧି ରହିଛି । ଆମ ସମ୍ବଲପୁରୀ, ସୋନପୁରୀ, ବୋମକାଇ, ମାଣିଆବନ୍ଧ, କୋଟପାଡ ହସ୍ତତନ୍ତ ପୋଷାକ ଏବଂ ଶାଢ଼ୀ ସହିତ ଖୋର୍ଦ୍ଧା ଲୁଙ୍ଗି ଓ ଗାମୁଛା ଇତ୍ୟାଦି ରାଜ୍ୟ ତଥା ରାଜ୍ୟ ବାହାରେ ଆଦୃତି ଲାଭ କରିଛି ।

ପ୍ରତ୍ୟେକ ହସ୍ତତନ୍ତ ବସ୍ତ୍ର ସହିତ ଏହାର ଐତିହ୍ୟ ଓ ଅଞ୍ଚଳର କାହାଣୀ ଜଡ଼ିତ ହୋଇ ରହିଛି । ହସ୍ତତନ୍ତ ମାଧ୍ୟମରେ ଆମ ବୁଣାକାର ମାନଙ୍କ ସୃଜନାତ୍ମକ କୌଶଳ ପିଢ଼ି ପରେ ପିଢ଼ି ପ୍ରସାରିତ ହୋଇ ଆସୁଛି । ହସ୍ତତନ୍ତ ବସ୍ତ୍ର ପରିଧାନ ଦ୍ୱାରା ଆମ ଅର୍ଥନୀତି ମଧ୍ୟ ସମୃଦ୍ଧ ହୋଇଥାଏ ।

ଓଡ଼ିଆ ପକ୍ଷ ପାଳନ ଅବସରରେ ଆସନ୍ତୁ, ଆମେ ହସ୍ତତନ୍ତ ପୋଷାକ ପିନ୍ଧିବାକୁ ଅଭ୍ୟାସରେ ପରିଣତ କରିବା । କେବଳ ଆଜି ନୁହେଁ, ସବୁ ଦିନ ପିନ୍ଧିବା ଏବଂ ଆମ ବୁଣାକାର ଓ ଗ୍ରାମ୍ୟ ଅର୍ଥନୀତିକୁ ସଶକ୍ତ କରିବା ସହ ସମୃଦ୍ଧ ଓଡ଼ିଶା ଗଠନରେ ଅଂଶୀଦାର ହେବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା


OIPR-31047/13/0001/2425

ଧରିତ୍ରୀ
DHARITRI
ଧରିତ୍ରୀ 51 Years
ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୩/୨୦୨୫ | Bhubaneswar, Thursday, April 3/2025 | ପୃଷ୍ଠା-୧

# ଓଡ଼ିଶା ଆଧାର କାର୍ଡରେ ତେଲୁଗୁ ଭାଷା

**କୋରାପୁଟ ଜିଲାର କୋଟିଆ ଅଞ୍ଚଳରେ ନିଜର ଆଧିପତ୍ୟ ବିସ୍ତାର କରିବାକୁ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ଲଗାତର ଉଦ୍ୟମ କରିଆସୁଛି। ପଟାଙ୍ଗୀ ବ୍ଲକର କୋଟିଆ ପଞ୍ଚାୟତବାସୀଙ୍କୁ ବିଭିନ୍ନ ଉପାୟରେ ପ୍ରଲୋଭିତ କରି ସେମାନଙ୍କୁ କରାୟତ୍ତ ପାଇଁ ଆନ୍ଧ୍ର ଅଧିକାରୀମାନେ ଚେଷ୍ଟା ଚଳାଇଛନ୍ତି। ସେଥିପାଇଁ ସେମାନେ ବିଭିନ୍ନ ସରକାରୀ ଯୋଜନାରେ କୋଟିଆବାସୀଙ୍କୁ ଲାଭାନ୍ୱିତ କରିବାକୁ ଯାଇ ଓଡ଼ିଆ ବଦଳରେ ତେଲୁଗୁ ଭାଷା ବ୍ୟବହାର ପାଇଁ ଚାପ ପକାଉଛନ୍ତି। ଏପରି କି ଆଧାର କାର୍ଡର ତଥ୍ୟ ତେଲୁଗୁରେ ଉଲ୍ଲେଖ କରିବାକୁ ସେମାନେ ଲୋକଙ୍କୁ ପ୍ରବର୍ତ୍ତାଉଛନ୍ତି। ଏଭଳିସ୍ଥଳେ ଓଡ଼ିଶା ଅଧିକାରୀଙ୍କ ଅବହେଳା ଓ ତ୍ରୁଟି ଆନ୍ଧ୍ର ଅଧିକାରୀଙ୍କ ଉଦ୍ଦେଶ୍ୟକୁ ଅନେକାଂଶରେ ସଫଳ କରୁଛି। କାରଣ କୋଟିଆର ଅନେକ ଲୋକଙ୍କ ଆଧାର କାର୍ଡରେ ସେମାନଙ୍କ ବ୍ୟକ୍ତିଗତ ତଥ୍ୟ ଓଡ଼ିଆ ପରିବର୍ତ୍ତେ ତେଲୁଗୁ ଭାଷାରେ ଉଲ୍ଲେଖ ହୋଇଥିବାବେଳେ ନାମ, ବୟସ, ଠିକଣା ଆଦି କେତେକ ତ୍ରୁଟି ପରିଲକ୍ଷିତ ହୋଇଛି। ଫଳସ୍ୱରୂପ କୋଟିଆ ଅଧିବାସୀ ଓଡ଼ିଶା ସରକାରଙ୍କ ଜନକଲ୍ୟାଣକାରୀ ସୁବିଧାରୁ ବଞ୍ଚିତ ହୋଇ ଆନ୍ଧ୍ର ଆଡ଼କୁ ଢଳିବା ଭଳି ସ୍ଥିତି ଉପୁଜିଛି।**

## କାର୍ଡରେ ତଥ୍ୟଗତ ତ୍ରୁଟି, ଲାଭ ଉଠାଉଛି ଆନ୍ଧ୍ର






ଆଧାର କାର୍ଡରେ କୋରାପୁଟ ଜିଲା କୋଟିଆର ଖରା ଝିପାଇଙ୍କ ତଥ୍ୟ ତେଲୁଗୁ ଭାଷାରେ ଉଲ୍ଲେଖ ରହିଛି।

ପଟାଙ୍ଗି,୨।୪
(ଶରତ କୁମାର ଧଳ)

ସୀମାନ୍ତ ଗ୍ରାମଗୁଡ଼ିକରେ ଓଡ଼ିଆ ଭାଷା ସୁରକ୍ଷିତ ରହିବା ନେଇ ସରକାରୀ ସ୍ତରରେ ବିଶେଷ ଧ୍ୟାନ ଦିଆଯିବା ଆବଶ୍ୟକ ଥିବାବେଳେ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ମଙ୍ଗଳବାର କୋରାପୁଟ ଜିଲା ପଟାଙ୍ଗି ବ୍ଲକ୍ ଅଧୀନ ସୀମାନ୍ତ କୋଟିଆ ଅଞ୍ଚଳରେ ଜିଲା ଓ ବ୍ଲକ୍ ପ୍ରଶାସନ ପକ୍ଷରୁ ଓଡ଼ିଶା ଦିବସ ପାଳନବେଳେ ଏପରି ଏକ ଘଟଣା ସାମ୍ନାକୁ ଆସିଛି। କାର୍ଯ୍ୟକ୍ରମରେ ଉପସ୍ଥିତ ଜଣେ ବୃଦ୍ଧା ଆର୍ଜୁବାଲସା ଗ୍ରାମର ଖରା ଝିପାଇଙ୍କ ପାଖରେ ଥିବା ଓଡ଼ିଶାର ଆଧାର କାର୍ଡରେ ଅନେକ ତଥ୍ୟ ତେଲୁଗୁ ଭାଷାରେ ରହିଛି। ଆଧାର କାର୍ଡ ଯଦି ଓଡ଼ିଶାର ତା'ହେଲେ ଏଥିରେ ତେଲୁଗୁ ଭାଷା ରହିବା ନେଇ ପ୍ରଶ୍ନ ଉଠିଛି। ଖରାଙ୍କ ଆଧାର କାର୍ଡରେ ଉଲ୍ଲେଖ ଥିବା ଜନ୍ମ ତାରିଖ ସମ୍ପୂର୍ଣ୍ଣ ଭୁଲ୍ ରହିଛି। ତାଙ୍କ ବୟସ ପ୍ରାୟ ୭୦ ବର୍ଷ ହୋଇଥିବା ବେଳେ କାର୍ଡରେ ୪୫ ବର୍ଷ ଉଲ୍ଲେଖ ରହିଛି। ଏହିପରି ଭୁଲ୍ ତଥ୍ୟ ପାଇଁ ବର୍ତ୍ତମାନ ସୁଦ୍ଧା ଅନେକ ସୀମାନ୍ତବାସୀ ଓଡ଼ିଶା ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ରହୁଥିବାବେଳେ ପଡ଼ୋଶୀ ଆନ୍ଧ୍ର ଏହାର ସୁଯୋଗ ନେବାରେ ସଫଳ ହେଉଛି। ଏହିପରି ବ୍ୟତିକ୍ରମ ଯୋଗୁ ସୀମାନ୍ତ ଗ୍ରାମଗୁଡ଼ିକରେ ଓଡ଼ିଆ ଭାଷାର ସୁରକ୍ଷା ନେଇ ବାଧା ରହିଥିବା ଉକ୍ତ ବୃଦ୍ଧାଙ୍କ ଆଧାର କାର୍ଡରୁ ସ୍ପଷ୍ଟ ହେଉଛି। କାର୍ଯ୍ୟକ୍ରମକୁ କାହିଁକି ଆଧାର କାର୍ଡ ନେଇଆସିଛ ବୋଲି ଖରାଙ୍କୁ ପ୍ରଶ୍ନ କରିବାରୁ, ସେ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ରହିଥିବା କହିଛନ୍ତି। ତେଣୁ ତାଙ୍କୁ ଆଧାର କାର୍ଡ ନେଇ ଆସିବାକୁ କୁହାଯାଇଥିବାରୁ ସେ ଆସିଥିବା କହିଛନ୍ତି।

ଏ ସମ୍ପର୍କରେ ପଟାଙ୍ଗି ବ୍ଲକ୍ ଅଧୀନରେ ଥିବା ସାମାଜିକ ସୁରକ୍ଷା ଭିନ୍ନକ୍ଷମ ବିଭାଗର ବିଏସ୍ଏସ୍ଓ ସୁଧୀର ସାହୁଙ୍କୁ ପଚାରିବାରୁ ବୃଦ୍ଧାଙ୍କ ଆଧାର କାର୍ଡ ଅନ୍‌ଲାଇନ୍‌ରେ ଦେଖାଉନାହିଁ। କିନ୍ତୁ ଉକ୍ତ ପଞ୍ଚାୟତର ଅନେକ ସୀମାନ୍ତ ଗ୍ରାମବାସୀ ଦୁଇ ରାଜ୍ୟରୁ ଲାଭ ଉଠାଇବା ପାଇଁ ଆଧାର କାର୍ଡରେ ଏଡିଟିଂ କରି ନିଜ ପାଇଁ ବିପଦ ଆଣିବା ସହ ସମସ୍ୟାର ସମ୍ମୁଖୀନ ହେଉଥିବା କହିଛନ୍ତି। ଏ ନେଇ ସ୍ଥାନୀୟ ବିଡିଓ ରାମକୃଷ୍ଣା ନାୟକଙ୍କୁ ପଚାରିବାରୁ ଏହିପରି ବ୍ୟତିକ୍ରମ ତାଙ୍କ ☞ପୃଷ୍ଠା-୨

# ୮୬୪.୪୫ କୋଟିର ଖଣିଜ ରାଜସ୍ୱ ବାଟମାରଣା

**ରାଜ୍ୟରେ ଗତ ୨୨ ବର୍ଷରେ ଖଣି ଅଞ୍ଚଳରେ ଲିଜ୍‌ଧାରୀମାନେ ମନଇଚ୍ଛା ଖଣିଜ ପଦାର୍ଥ ଉତ୍ତୋଳନ କରିଛନ୍ତି। ଭାରତର ମହାଲେଖା ନିୟନ୍ତ୍ରକ (ସିଏଜି) ତାଙ୍କ ରିପୋର୍ଟରେ ରାଜ୍ୟର ଖଣିଜ ଦୁର୍ନୀତି ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଛନ୍ତି। ବେଆଇନ ଉତ୍ତୋଳନ ପାଇଁ ସୁପ୍ରିମ୍‌କୋର୍ଟ ଧାର୍ଯ୍ୟ କରିଥିବା ଜରିମାନା ରାଶି ମଧ୍ୟରୁ ୩,୯୬୬.୩୪ କୋଟି ଟଙ୍କା (ସୁଧ ସହ) ଲିଜ୍‌ଧାରୀମାନଙ୍କଠାରୁ ଆଦାୟ କରିବାରେ ରାଜ୍ୟ ସରକାର ଉଦ୍ୟମ କରିନାହାନ୍ତି। ସେହିପରି ପ୍ରାଧିକୃତ ସଂସ୍ଥା ଦ୍ୱାରା ଲଘୁ ଖଣିଜ କ୍ରୟ ଟ୍ରାନ୍‌ଜିଟ ପାସ୍ ନ ଦେବା ଯୋଗୁ ୨୦୧୫ରୁ ୨୦୨୨ ମଧ୍ୟରେ ୮୬୪.୪୫ କୋଟି ଟଙ୍କାର ଖଣିଜ ରାଜସ୍ୱ ବାଟମାରଣା ହୋଇଛି ବୋଲି ବୁଧବାର ବିଧାନସଭାରେ ଉପସ୍ଥାପିତ ସିଏଜି ରିପୋର୍ଟରେ ଦର୍ଶାଯାଇଛି।**

**ସିଏଜି ରିପୋର୍ଟ**

## ବେଆଇନ ଉତ୍ତୋଳନ: ଖଣି ଲିଜ୍‌ଧାରୀଙ୍କଠାରୁ ୩,୯୬୬ କୋଟି ଟଙ୍କା ଆଦାୟ ହୋଇପାରିନି

ଭୁବନେଶ୍ୱର,୨।୪
(ରବିନାରାୟଣ ଜେନା)

ନିୟମ ଉଲ୍ଲଂଘନ କରି ଖଣିଜ ପଦାର୍ଥ ଉତ୍ତୋଳନ କରିଥିଲେ ୧୦୦% ଜରିମାନା ହେବ ବୋଲି ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ରହିଥିଲା। ଏହି କ୍ରମରେ ୧୩୧ ଜଣ ଖଣି ଲିଜ୍‌ଧାରୀଙ୍କଠାରୁ ୧୯,୧୭୪.୩୮ କୋଟି ଆଦାୟ କରାଯିବାକୁ ରାଜ୍ୟ ସରକାରଙ୍କୁ ୨୦୧୭ ଅଗଷ୍ଟରେ ନିର୍ଦ୍ଦେଶ ହୋଇଥିଲା। ହେଲେ ଗତ ୬ ବର୍ଷ ମଧ୍ୟରେ ଜରିମାନା ବାବଦ ୧୯,୧୭୮.୩୮ କୋଟି ଟଙ୍କା ମଧ୍ୟ ୩,୯୬୬.୩୪ କୋଟି ଟଙ୍କା ଆଦାୟ ହୋଇପାରିନାହିଁ। ଏପରି କି ଜରିମାନା ଅନାଦେୟ କ୍ଷେତ୍ରରେ ସମ୍ପତ୍ତି ବାଜ୍ୟାପ୍ତି ନିର୍ଦ୍ଦେଶ ଥିଲେ ମଧ୍ୟ ତାହା ଅନୁପାଳନ କରାଯାଇନାହିଁ ବୋଲି ରିପୋର୍ଟରେ ଦର୍ଶାଯାଇଛି।

ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାଜ୍ୟ ମହାଲେଖାକାର (ଏଜି) ଅତୁଲ୍ୟ ପ୍ରକାଶ କହିଛନ୍ତି, ୨୦୧୭ ଅଗଷ୍ଟ ୩୧ରେ ସୁପ୍ରିମକୋର୍ଟ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ, ଖଣିଜ ଲୁହାପଥର ଓ ମାଙ୍ଗାନିଜ, ପରିବେଶ ଅନୁମତି(ଇସି) କିମ୍ବା ବିନା ଜଙ୍ଗଲ ଅନୁମତି(ଏଫ୍‌ସି) କିମ୍ବା ଉଭୟ ଅନୁମତି ବିନା ଉତ୍ତୋଳନ କରାଯାଇଥିଲେ, ଏମ୍ଏମ୍‌ଡିଆର ନିୟମ ୧୯୫୭ ଏବଂ ଧାରା ୨୧ ଅନୁଯାୟୀ ଖଣିଜ ମୂଲ୍ୟର ଶତକଡ଼ା ୧୦୦ଭାଗ ଲିଜଧାରୀଙ୍କଠାରୁ କ୍ଷତିପୂରଣ ବାବଦକୁ ଆଦାୟ କରାଯାଇପାରିବ। ଏହାକୁ ନେଇ ସମସ୍ତ ଖଣି ଲିଜଧାରୀଙ୍କଠାରୁ ୨୦୧୭ ଡିସେମ୍ବର ୩୧ ମଧ୍ୟରେ କ୍ଷତିପୂରଣ ରାଶି ଆଦାୟ କରାଯିବାକୁ କୁହାଯାଇଥିଲା। ଏସଂକ୍ରାନ୍ତରେ ଏକ କେନ୍ଦ୍ରୀୟ ସଶକ୍ତୀକରଣ କମିଟି ୨୦୧୮ ଜାନୁଆରୀ ୧୭ରେ ହୋଇଥିଲା। କମିଟି ରିପୋର୍ଟରେ ଦର୍ଶାଇଥିଲା ଯେ, ୧୯ହଜାର ୧୭୪.୩୮କୋଟି ଟଙ୍କା ଦାବି ମଧ୍ୟରୁ ୮ହଜାର ୨୮୯.୮୭କୋଟି ଟଙ୍କା ଆଦାୟ ହୋଇଛି ଏବଂ ୧୦ହଜାର ୮୮୪.୫୧କୋଟି ଟଙ୍କା ଆଦାୟ ହୋଇପାରି ନାହିଁ। ସୁପ୍ରିମକୋର୍ଟ ଏନେଇ ବାଧ୍ୟତାମୂଳକ ପଦକ୍ଷେପ ନେବାକୁ ଇସ୍ପାତ ଓ ଖଣି ନିର୍ଦ୍ଦେଶକ ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜଙ୍କୁ କହିଥିଲେ। ସମ୍ପୃକ୍ତ ଲିଜଧାରୀଙ୍କ ନାମରେ ସାର୍ଟିଫିକେଟ କେସ୍ ପ୍ରକ୍ରିୟା ଆରମ୍ଭ କରିବାକୁ କହିଥିଲେ। ମାମଲା ପରେ ୭୩୭୧.୧୨ କୋଟି ଟଙ୍କା ସୁଧ ସହିତ ଆଦାୟ ହୋଇଛି। ତଥାପି ୬ବର୍ଷ ବିତିଯାଇଥିଲେ ବି ବିଭାଗ ଖଣି ଖିଲାପକାରୀ ତଥା ଖଣି ଲିଜଧାରୀଙ୍କଠାରୁ ୩୯୬୬.୩୪କୋଟି ଟଙ୍କା ଆଦାୟ କରିବାପାଇଁ କୌଣସି ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରି ନ ଥିଲେ ବୋଲି ଅତୁଲ୍ୟ କହିଛନ୍ତି।

ସେହିପରି ସମୀକ୍ଷା ବେଳେ ଲଘୁ ଖଣିଜ ପଦାର୍ଥ ନିଲାମରେ ବ୍ୟାପକ ଅନିୟମିତତା ପରିଲକ୍ଷିତ ହୋଇଛି। ଏନେଇ ଅତୁଲ୍ୟ କହିଛନ୍ତି, ରାଜ୍ୟର ଅଣଟିକସ ରାଜସ୍ୱର ମୁଖ୍ୟ ଉତ୍ସ ହେଲା ଲଘୁ ☞ପୃଷ୍ଠା-୨

# ଆରମ୍ଭ ହେଲା ପ୍ରାକ୍ ପ୍ରାଥମିକ ପିଲାଙ୍କ ପାଇଁ ଶିଶୁ ବାଟିକା

**ପ୍ରବେଶ ଉତ୍ସବ, ଖଡ଼ିଛୁଆଁ କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର,୨।୪ (ସୁଚିସ୍ମିତା ସାହୁ)

ରାଜ୍ୟରେ ବୁଧବାର ଆରମ୍ଭ ହୋଇଯାଇଛି ପ୍ରାକ୍ ପ୍ରାଥମିକ ପିଲାଙ୍କ ପାଇଁ ଶିଶୁ ବାଟିକା। ଏହି ଅବସରରେ ଭୁବନେଶ୍ୱରର ବଡ଼ଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ କୁନି କୁନି ପିଲାମାନେ ସିଲଟ୍ ଓ ଖଡ଼ି ଧରି ଉପସ୍ଥିତ ଥିଲେ। ସେମାନଙ୍କ ☞ପୃଷ୍ଠା-୨



ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଜଣେ ଛାତ୍ରଙ୍କ ଖଡ଼ିଛୁଆଁ କରୁଛନ୍ତି।

# ଯୁଦ୍ଧବିରତି ପାଇଁ ମାଓବାଦୀଙ୍କ ଆହ୍ୱାନ

ମାଲକାନଗିରି,୨।୪
(ଦୁର୍ଯ୍ୟୋଧନ ପାତ୍ର)

କେନ୍ଦ୍ରୀୟ ମାଓବାଦୀ ସଙ୍ଗଠନ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ବୁଧବାର ଜାରି କରାଯାଇଛି। ଏଥିରେ ଉଲ୍ଲେଖ ରହିଛି, ସଙ୍ଗଠନ ଶାନ୍ତିବାର୍ତ୍ତା ପାଇଁ ପ୍ରସ୍ତୁତ ସହ ଯୁଦ୍ଧବିରତି ଆହ୍ୱାନ ଦେଇଛି। ଗତ ୨୪ ତାରିଖରେ ହାଇଦ୍ରାବାଦରେ ଏକ ବୈଠକ ହୋଇଥିଲା, ଏଥିରେ ମାଓବାଦୀଙ୍କ ସୁରକ୍ଷା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅନ୍ୟପକ୍ଷରେ କେନ୍ଦ୍ରୀୟ ସଙ୍ଗଠନର ବଡ଼ ବଡ଼ କ୍ୟାଡରମାନେ ନିହତ ହୋଇଥିବାରୁ ତାହା ଦୁର୍ବଳ ହେବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ସଙ୍ଗଠନ ତରଫରୁ ଯୁଦ୍ଧ ବିରତି ଓ ଶାନ୍ତି ବାର୍ତ୍ତା ନିମନ୍ତେ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି।

ଉକ୍ତ ପ୍ରେସ୍ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି, ଛତିଶଗଡ଼ରେ ପୋଲିସ -ମାଓବାଦୀଙ୍କ ମଧ୍ୟରେ ଯୁଦ୍ଧ ଜାରି ରହିଛି। ଛତିଶଗଡ଼ ସରକାର ସବୁ ସମୟରେ କୋମ୍ବିଂ, ସର୍ଚ୍ଚ ଅପରେଶନ କରିବାରୁ ବହୁ ମାଓବାଦୀ ଗିରଫ ହୋଇଥିବା ବେଳେ ବହୁ ଲୋକ ନିହତ ମଧ୍ୟ ହୋଇଛନ୍ତି। କେବଳ ଏତିକି ନୁହେଁ, ପୋଲିସ-ମାଓବାଦୀଙ୍କ ଯୁଦ୍ଧରେ ନିରୀହ ଆଦିବାସୀ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
**ସାତ ଶତାବ୍ଦୀର କଥା**

# ୱାକ୍‌ଫ ବିତର୍କ: ଲୋକ ସଭାରେ ଶାସକ- ବିରୋଧୀ ମୁହାଁମୁହିଁ

## ମୁସଲମାନ ସମ୍ପ୍ରଦାୟକୁ ବିଭ୍ରାନ୍ତ ଉଦ୍ୟମ କରିଛନ୍ତି ବିରୋଧୀ: କେନ୍ଦ୍ର

ନୂଆଦିଲ୍ଲୀ,୨।୪

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଏପ୍ରିଲ ୪ରେ ଶେଷ ହେବାକୁ ଥିବାବେଳେ ଏହା ପୂର୍ବରୁ ଏକ ବଡ଼ ସଫଳତା ହାସଲ ପାଇଁ କେନ୍ଦ୍ରର ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ସଂସଦରେ ଉଦ୍ୟମ ଚଳାଇଛନ୍ତି। ସରକାରଙ୍କ ପକ୍ଷରୁ ଆଗତ ୱାକ୍‌ଫ ସଂଶୋଧନ ବିଲ୍ ଉପରେ ଗୃହରେ ବୁଧବାର ରାତିରେ ଜୋର୍‌ଦାର ଆଲୋଚନା ଜାରି ରହିଛି। ନିମ୍ନ ସଦନରେ ପାରିତ ହେବା ପରେ ଏହା ରାଜ୍ୟ ସଭାକୁ ଯିବ। ରାଜ୍ୟ ସଭାରେ ଗୃହୀତ ହେବା ପରେ ରାଷ୍ଟ୍ରପତିଙ୍କ ମୋହର କ୍ରମେ ଆଇନରେ ପରିଣତ ହେବ। ଅନ୍ୟପକ୍ଷେ ଉକ୍ତ ବିବାଦୀୟ ବିଧେୟକ ଲୋକ ସଭାରେ ପାରିତ ହେଲେ ଅଲ୍ ଇଣ୍ଡିଆ ମୁସଲିମ୍ ପର୍ସନାଲ ଲ' ବୋର୍ଡ (ଏଆଇପିଏମ୍ଏଲ୍) ଅଦାଲତରେ ଏହାକୁ ଚ୍ୟାଲେଞ୍ଜ ସହ ଦେଶବ୍ୟାପୀ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ଏହି 'କଳା ଆଇନ' ମୁସଲମାନ ସମ୍ପ୍ରଦାୟର ଅଧିକାରଗୁଡ଼ିକୁ ଛଡ଼ାଇନେବା ଆଶଙ୍କା ଥିବାରୁ ଲଢ଼େଇ ଜାରି ରହିବ ବୋଲି ବୋର୍ଡ କହିଛି।

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଅପରାହ୍ନ ୧୨ଟାରେ ୱାକ୍‌ଫ (ସଂଶୋଧନ) ବିଲ୍, ୨୦୨୫କୁ ଆଲୋଚନା ଓ ଗୃହର ଅନୁମୋଦନ ନିମନ୍ତେ ଆଗତ କରିଥିଲେ। ଯୁଗ୍ମ ସଂସଦୀୟ କମିଟି (ଜେପିସି) ପକ୍ଷରୁ କରାଯାଇଥିବା ସୁପାରିସ ଆଧାରରେ ପ୍ରସ୍ତୁତ ଉକ୍ତ ବିଧେୟକରେ ୱାକ୍‌ଫ ସମ୍ପତ୍ତିଗୁଡ଼ିକର ପ୍ରଶାସନକୁ ତ୍ୱରାନ୍ୱିତ କରିବା ସହ ଟେକ୍ନୋଲୋଜି ଜରିଆରେ ଏହାର ପରିଚାଳନା ଏବଂ ସ୍ୱଚ୍ଛତା ଆଣିବା ନେଇ ଲକ୍ଷ୍ୟ ରଖାଯାଇଛି। ଲୋକ ସଭାରେ ବିଧେୟକ ଆଗତ କରାଯିବା ମାତ୍ରେ ☞ପୃଷ୍ଠା-୨



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଦି ଲ' ଏକାଡେମୀ ଭୁବନେଶ୍ୱର ପକ୍ଷରୁ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ସଂସ୍କୃତି ବିଚିତ୍ରା', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ଶ୍ରୀରାମ ଚରିତ ନବାହ୍ନ ପାରାୟଣ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ, ସମୟ: ସକାଳ ୭ଟା।
- ପ୍ରବଚନ, ଜ୍ଞାନ ଯଜ୍ଞ ଓ ଆଧ୍ୟାତ୍ମିକ ସମାରୋହ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ, ସମୟ: ୭ଟା ୩୦।
- ମା'ଜାଗୁଲେଇଙ୍କ ବାସନ୍ତିକ ଦୁର୍ଗା ପୂଜା ଓ ଚୈତ୍ର ନବରାତ୍ରୀ ଅବସରରେ ମା'କାର୍ତ୍ତ୍ୟାୟିନୀ ବେଶରେ ଦର୍ଶନ, ସ୍ଥାନ: କୁଦିଆରୀସ୍ଥ ମା'ଙ୍କ ମନ୍ଦିର, ସମୟ: ରାତି ୮ଟା।

## ଭଦ୍ରକ

- ବାଇକ୍ ଶୋଭାଯାତ୍ରା,ସ୍ଥାନ: ଶ୍ରୀରାମ ମନ୍ଦିର, ରାମନବମୀ ପଡ଼ିଆ, ଲକ୍ଷ୍ମୀଦାସପୁର, ବାସୁଦେବପୁର,ସମୟ: ଅପରାହ୍ନ ୪ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ଚରିତ ମାନସ ଜ୍ଞାନଯଜ୍ଞ ପାରାୟାଣ ଓ ପ୍ରବଚନ ସନ୍ଧ୍ୟା, ସ୍ଥାନ: ଲୋକନାଥ ମନ୍ଦିର ପରିସର, ଭଦ୍ରକ,ସମୟ: ସନ୍ଧ୍ୟା ୬ଟା।
- ନବଗ୍ରହ ମନ୍ଦିର ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ:ଲକ୍ଷ୍ମୀପ୍ରସାଦ, ରାଜଘରପୋଖରୀ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ

- ମା' ବାସନ୍ତୀ ପୂଜା ଉପଲକ୍ଷେ ବିଲ୍ୱବରଣ, ସ୍ଥାନ:ଭୀମଦା, ବଡ଼ସାହି,ସମୟ: ରାତି ୮ଟା।
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଚିତ୍ରଡ଼ା କାକୁଡିହା ଗ୍ରାମ, ମୋରଡ଼ା, ସମୟ:ସକାଳ ୯ଟା।
- ୧୩ ତମ ବାସନ୍ତୀ ପୂଜାର ବିଲ୍ୱବରଣ ଓ ଷଷ୍ଠୀ ପୂଜା, ସ୍ଥାନ:ଭବେଶ୍ୱର ଶିବ ମନ୍ଦିର ବାଘଡାରୋଡ୍ . ବାରିପଦା,ସମୟ: ସନ୍ଧ୍ୟା ୭ଟା।
- ବାସନ୍ତୀ ପୂଜା ଉପଲକ୍ଷେ ମହା ସପ୍ତମୀ ପୂଜା, ସ୍ଥାନ: ଚିତ୍ରଡ଼ା ଜଗନ୍ନାଥ ମନ୍ଦିର ପରିସର, ମୋରଡ଼ା, ସମୟ: ସନ୍ଧ୍ୟା ୭ଟା।
- ୭୨ତମ ବାସନ୍ତୀ ପୂଜାର ବିଲ୍ୱବରଣ, ସ୍ଥାନ:ଶୂନଗଡ଼ିଆ ବାରିପଦା,ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର

- କର୍ପୋରେଟ ସଂସ୍ଥା, ପୋଲିସ ଓ ପାରାଦୀପ ବନ୍ଦର ମଧ୍ୟରେ ଚତୁର୍ଥ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

ଶ୍ରୀସଙ୍କଟମୋଚନ ହନୁମାନ ଦେବଙ୍କ ନବ କଳେବର ଓ ପ୍ରତିଷ୍ଠା ଉତ୍ସବ, ସାଧୁସନ୍ଥଙ୍କ ପ୍ରବଚନ ସଭା, ସ୍ଥାନ:ସଂସାରଫଳ, ରାଜନଗର, ସମୟ:ସନ୍ଧ୍ୟା ୬ଟା।

ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞ, ସ୍ଥାନ:ହନୁମାନ ମନ୍ଦିର, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- ଧର୍ମଶାଳା ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ବାଦିପାଲା, ସ୍ଥାନ: ଧର୍ମଶାଳା ସବ୍‌ରେଜିଷ୍ଟ୍ରାର ପାଲାମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଜୟ ମା' ସିଘାରଶୁଣୀଙ୍କ ୪ର୍ଥ ବାର୍ଷିକ ଯଜ୍ଞ ଉତ୍ସବ, ସ୍ଥାନ: ଧର୍ମଶାଳା ବ୍ଲକର ସିଘାରସାହି, ସମୟ: ସକାଳ ୬ଟା।
- ଜିଲା ପ୍ରଶାସନ ପକ୍ଷରୁ ଆମ ପୋଷାକ, ଆମ ପରିଚୟ କାର୍ଯ୍ୟକ୍ରମ୍, ସ୍ଥାନ : ଯାଜପୁର ଜିଲାର ସମସ୍ତ ଅଞ୍ଚଳ,ସମୟ : ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ୨ୟ ବୈଷ୍ଣୋଦେବୀଙ୍କ ପୀଠରେ ଶକ୍ତି ଓ ଉପାସନାର ମହାପର୍ବ ନବରାତ୍ରୀର ସପ୍ତମ ଦିବସରେ ଷଷ୍ଠୀ ପର୍ବ, ସ୍ଥାନ: ଓଡ଼ଗାଁ ବ୍ଲକର ଜାମୁକୋଣ ପାହାଡ଼, ସମୟ:ସକାଳ ୮ଟା।
- ଦଶଦୋଳ ଯାତ୍ରାର ଉଦ୍‌ଯାପନ ଦିବସ, ସ୍ଥାନ: ରଣପୁର ବ୍ଲକର ଚାନ୍ଦପୁର ଦଶଦୋଳ ପଡ଼ିଆ, ସମୟ:ଅପରାହ୍ନ ୪ଟା।
- ୨ୟ ଅଯୋଦ୍ଧାରେ ଶ୍ରୀରାମ ଜନ୍ମୋତ୍ସବ, ନବାହ୍ନ ପାରାୟଣର ଷଷ୍ଠ ଦିବସ, ସ୍ଥାନ:ଭାପୁର ବ୍ଲକର ଫତେଗଡ଼ ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ମନ୍ଦିର, ସମୟ:ପୂର୍ବାହ୍ନ ୯ଟା।
- ୨ୟ ଅଯୋଦ୍ଧାରେ ଶ୍ରୀରାମ ଜନ୍ମୋତ୍ସବ ଓ ନବାହ୍ନ ପାରାୟଣ ଅବସରରେ ପ୍ରବଚନରେ ଶ୍ରୀରାମ ଓ ଭରତଙ୍କ ମିଳନ, ଜାନକୀ ହରଣ,ଜଟାୟୁ ମୋକ୍ଷ , ସ୍ଥାନ:ଭାପୁର ବ୍ଲକର ଫତେଗଡ଼ ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ମନ୍ଦିର, ସମୟ:ସନ୍ଧ୍ୟା ୬ଟା।
- ୧୫ ଦିନିଆ ଦଣ୍ଡପର୍ବର ପଞ୍ଚମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କୁମ୍ଭାରପଡା, ସମୟ: ଅପରାହ୍ନ ୨ଟା।
- ୧୫ ଦିନିଆ ଦଣ୍ଡପର୍ବର ପଞ୍ଚମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ସିଦ୍ଧାମୂଳା, ସମୟ: ଅପରାହ୍ନ ୨ଟା।
- ୧୫ ଦିନିଆ ଦଣ୍ଡପର୍ବର ପଞ୍ଚମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ରୟତ ଢ଼ୋଲମରା, ସମୟ: ଅପରାହ୍ନ ୨ଟା।

## ରାୟଗଡ଼ା

- ଓଡ଼ିଆ ପକ୍ଷ ପାଳନ ଅବସରରେ ବୈଠକ, ସ୍ଥାନ: ଚିନ୍ତନ କକ୍ଷ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା' ଠାକୁରାଣୀଙ୍କ ଘଟ ପର୍ବ ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ, ସ୍ଥାନ: ଗୁଡାରି ଜଗନ୍ନାଥ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା ୪୫ ।
- ଓଡ଼ିଆ ପକ୍ଷ ପାଳନ ଅବସରରେ ପାରମ୍ପରିକ ପୋଷାକ ପରିଧାନ ସହ ଫଟୋ ସେସନ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ସଂସ୍କୃତି ଭବନ, ରାୟଗଡା, ସମୟ: ପୂର୍ବାହ୍ନ ୧୧ ଟା।

## ନବରଙ୍ଗପୁର

- ଠାକୁରାଣୀ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଝରିଗାଁ ବ୍ଲକ କଲେଗାଁ, ସମୟ: ସକାଳ ୭ଟା।
- ବାର୍ଷିକ ଉତ୍ସବ, ସ୍ଥାନ: ଝରିଗାଁ ବ୍ଲକ ଚଟା ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ, ସମମୟ: ସନ୍ଧ୍ୟା ୫ଟା।

## କୋରାପୁଟ

- ପ୍ରବେଶ ଉତ୍ସବ ଦ୍ୱିତୀୟ ଦିନ କାର୍ଯ୍ୟକ୍ରମ, ସ୍ଥାନ : କୋରାପୁଟ ଏକ୍ସ ବୋର୍ଡ ବିଦ୍ୟାଳୟ , ସମୟ: ସକାଳ ୮ ଟା।
- ମା ବିମଳାଙ୍କ କାତ୍ୟାୟନୀ ବେଶ, ସ୍ଥାନ: କୋରାପୁଟ ଶାବର ଶ୍ରୀକ୍ଷେତ୍ର, ସମୟ : ସକାଳ ୮ଟା।
- ଦଣ୍ଡକାଳୀଙ୍କ ଯାତ୍ରା, ସ୍ଥାନ: ମାଥାଲପୁଟ କାଳୀ ମନ୍ଦିର ଓ ଭେଜାପୁଟ ଶିବମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୯ଟା

## ମାଲକାନଗିରି

- ମାଲକାନଗିରି ବନାଞ୍ଚଳ ପକ୍ଷରୁ ପ୍ରକୃତି ପରିବେଶ କର୍ମଶାଳା, ସ୍ଥାନ:ସତୀଗୁଡା ପର୍ଯ୍ୟଟନସ୍ଥଳୀ, ସମୟ: ପୂର୍ବାହ୍ନ ୧୦ଟା ।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ : ୬ଟା।
- ମା' ମଙ୍ଗଳା ମନ୍ଦିର କମିଟି ଆୟୋଜନରେ ଚଣ୍ଡିପାଠ ନବ ପତ୍ରିକା ଆନୟନ କାର୍ଯ୍ୟକ୍ରମ, ସ୍ଥାନ : ଭୁତାପଡା ସ୍ଥିତ ମନ୍ଦିର ପରିସର, ସମୟ ସକାଳ ୮ଟା।
- ବାସନ୍ତିକ ରାତ୍ର ଉପଲକ୍ଷେ ମାନସିକ ଦୀପ ପ୍ରଜ୍ୱଳନ, ସମଲେଇ ମନ୍ଦିର, ସମୟ : ସକାଳ ୮ଟା।
- ଡିଜିପିଙ୍କ ସମୀକ୍ଷା ବୈଠକ, ସ୍ଥାନ : ଆଇଜି କାର୍ଯ୍ୟାଳୟ ସ୍ଥିତ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ଭୀମ ଆର୍ମିର ପକ୍ଷରୁ ଆମ୍ବେଡକର ଜୟନ୍ତୀ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୫ଟା।

## ରାଉରକେଲା

- ଚୈତ୍ର ନବରାତ୍ର ପୂଜା, ଷଷ୍ଠୀ ପୂଜା, ସ୍ଥାନ: ଜଗଦା ବାଟ ମା' ମଙ୍ଗଳା ମନ୍ଦିର, ସମୟ: ସକାଳ ୬ଟା।
- ଶ୍ରୀକୃଷ୍ଣ ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ଶାନ୍ତିନଗର, ଓରାମପଡା, ସମୟ: ସକାଳ ୮ଟା ।
- ଶାନ୍ତି ବନାମ ସମୃଦ୍ଧି ଶୀର୍ଷକ କର୍ମଶାଳା, ସ୍ଥାନ:ସେକ୍ଟର-୪, ରାଉରକେଲା କଲେଜ, ସମୟ:ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ଉଦଘାଟିତ,ସ୍ଥାନ: ରାଧାନାଥ ନଗର, ସେକ୍ଟର-୧୬ ଦୁର୍ଗାପୂଜା ପଡିଆ, ସମୟ: ସକାଳ ୧୦ଟା।
- ଆରଏମ୍‌ସି ପ୍ରେକ୍ଷାଳୟରେ ଖବରଦାତା ସମ୍ମିଳନୀ,ସ୍ଥାନ: ଉଦିତନଗର, ଆରଏମ୍‌ସି କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ୪୫।
- ଆର୍‌ଏମ୍‌ସି କମିଶନର ଆହୁତ ଖବରଦାତା ସମ୍ମିଳନୀ, ସ୍ଥାନ:ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା ୪୫ ।
- ଅପରାଧ ନିୟନ୍ତ୍ରଣ ପାଇଁ ଥାନାଧିକାରୀଙ୍କ ସହ ଆଲୋଚନା, ସ୍ଥାନ: ଝିରପାଣି ଥାନା, ସମୟ: ଅପରାହ୍ନ ୫ଟା।
- ଚଇତି ଛଟ୍ ପୂଜା, ସନ୍ଧ୍ୟା ଆରତୀ, ସ୍ଥାନ: କୋଏଲନଦୀ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ସମଲେଶ୍ୱରୀଙ୍କ ବାସନ୍ତୀକ ପୂଜନୋତ୍ସବ, ସ୍ଥାନ:ସମଲେଶ୍ୱରୀ ମନ୍ଦିର, ବରଗଡ଼,ସମୟ: ସକାଳ ୭ଟା।
- ବାସନ୍ତୀକ ନବ ଦିନାତ୍ମକ ପୂଜା ମହୋତ୍ସବ, ସ୍ଥାନ: ଶ୍ୟାମାକାଳୀ ମନ୍ଦିର, ବରଗଡ଼,ସମୟ: ସକାଳ ୭ଟା।
- ବାସନ୍ତୀକ ନବରାତ୍ର ଦୁର୍ଗାପୂଜା,ସ୍ଥାନ: ଦୁର୍ଗା ମନ୍ଦିର ପରିସର, ସୋହେଲା।

## କଳାହାଣ୍ଡି

- ହସ୍ତତନ୍ତ ପାରମ୍ପରିକ ବସ୍ତ୍ର ପରିଧାନ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼

- ଶ୍ରୀସତ୍ୟ ସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା।
- ବାସନ୍ତୀକ ନବରାତ୍ର ପୂଜା, ସ୍ଥାନ: ଶନି ମନ୍ଦିର, ଗୋହରୀ ପୋଖରୀ ପାଖ, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ଚୈତ୍ୟ ନବରାତ୍ର ପୂଜା, ସ୍ଥାନ: କନକ ଦୁର୍ଗା ମନ୍ଦିର, ମଠସାହି, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀସତ୍ୟ ସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀସତ୍ୟ ସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ ଖିରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର

- ବିନିକାରେ ବାସନ୍ତିକ ପୂଜା ଅବସରରେ ପାରାୟଣର ପଞ୍ଚମ ଦିବସ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ ସ୍ଥିତ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ମାରାଗୁଡ଼ା ଲୋକ ମହୋତ୍ସବ ତୃତୀୟ ସନ୍ଧ୍ୟା, ସ୍ଥାନ: ସ୍ଥାନୀୟ ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ସନ୍ଧ୍ୟା ୭ଟା।
- ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ତୃତୀୟ ଦିବସ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୦ଟା ୩୦।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଓ ଆଳତି, ସ୍ଥାନ: କୋମନା ବ୍ଲକ କୁରୁମପୁରି ପଞ୍ଚାୟତ ଲଟନପଡା ଗାଁ, ସମୟ: ପ୍ରାତଃ ୪ଟା ୩୦।
- ତରବୋଡ ପ୍ରିମିୟର ଲିଗ ଫ୍ଲଡ୍‌ଲାଇଟ କ୍ରିକେଟ ମ୍ୟାଚ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା ୩୦।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ, ସ୍ଥାନ: ଖଡିଆଳ ବ୍ଲକ ରାଣିପୁର ଗାଁ, ସମୟ: ସକାଳ ୮ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ସିଆଲଲଟି ଗାଁ, ସମୟ: ପୂର୍ବାହ୍ନ ୧୦ଟା ୪୦।
- ମାରାଗୁଡା ଲୋକ ମହୋତ୍ସବ ଉପଲକ୍ଷେ ବୌଦ୍ଧିକ ଚର୍ଚ୍ଚା, ସ୍ଥାନ: ନ୍ୟାଶନାଲ ମହାବିଦ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମାରାଗୁଡା ମହୋତ୍ସବ ଅବସରରେ ସସ୍ମିତା ଦାସଙ୍କ ଦ୍ୱାରା ଷ୍ଟାର ନାଇଟ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ରାତି ୯ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଭ୍ରାତୃସମ୍ପର୍କ, ଯୋଜନାରମ୍ଭ, ବାଣିଜ୍ୟ ଏବଂ ବିବାଦରେ ବ୍ୟତିକ୍ରମର ଆଶଙ୍କା ରହିଛି। କେତେକ ଅସହିଷ୍ଣୁ ମନୋଭାବର ବନ୍ଧୁଙ୍କ ଅସମ୍ମାନଜନକ କଥାରୁ କଳହ ଲାଗିପାରେ। କର୍ମକ୍ଷେତ୍ରରେ ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିମାନଙ୍କୁ ଆପଣେଇ ନେଇପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିପାରନ୍ତି।

**ବୃଷ**
ଆଜି ଶାରିରୀକ, ମାନସିକ ଏବଂ ଆର୍ଥିକ ଦିଗରେ ବାଧା ବିଘ୍ନ ଉପୁଜିପାରେ। ସୁଯୋଗ ଛାଏଁ ଆସିଲେ ମଧ ଠିକ୍ ଉପଯୋଗ ଅଭାବରୁ ବିଗିଡିଯାଇପାରେ। ଅବଶ୍ୟ ସମାଧାନର ରାସ୍ତା ପାଇବେ, ସାହାଯ୍ୟ, ସହଯୋଗ ମଧ କିଛି କମ୍ ହେବନାହିଁ। କର୍ମାରମ୍ଭ, ଯାତ୍ରା, ବନ୍ଧୁ ସମ୍ପର୍କ ସ୍ଥାପନ ଦିଗରେ ଅସୁବିଧା ନ ହୋଇପାରେ।

**ମିଥୁନ**
ଆପଣଙ୍କ ଯୁକ୍ତିଯୁକ୍ତ ଓ ନିରପେକ୍ଷ ବିଚାରଧାରା ବହୁଜନ ପ୍ରଶଂସିତ ହେବ। ଶିକ୍ଷା, ପରୀକ୍ଷା, ସନ୍ତାନ, ଅର୍ଥନୈତିକ ସ୍ଥିତିର ସମୀକ୍ଷା ମନ୍ଦ ହେବନି। ବିରୁଦ୍ଧାଚରଣ କରୁଥିବା ବ୍ୟକ୍ତିଙ୍କଠାରୁ ଦୂରେଇ ନ ରହିଲେ ଅଶାନ୍ତ ପରିସ୍ଥିତି ଘଟିପାରେ। କଳା, ସାହିତ୍ୟ ଓ ସଙ୍ଗୀତ, ଆଧ୍ୟାତ୍ମିକ ପ୍ରବଚନ, ଯୋଗ ପ୍ରଭୃତିରେ ସୁନାମ ଅର୍ଜନ କରିବେ।

**କର୍କଟ**
ଅନୁକୂଳ ଗ୍ରହ ସମ୍ପର୍କରୁ ଯାହା ଚାହୁଁଛନ୍ତି କରି ଚାଲନ୍ତୁ ସଫଳତାର ସମ୍ଭାବନା ପୂର୍ଣ୍ଣମାତ୍ରାରେ ରହିଛି। ପାରସ୍ପରିକ ଉତ୍ତମ ବୁଝାମଣାଜନିତ ସହକର୍ମୀମାନଙ୍କ ସହ ସୁସମ୍ପର୍କ ରହିବ। ତର୍କବିତର୍କ କାରଣରୁ ପଡ଼ୋଶୀଙ୍କ ସହ ମତାନ୍ତର ସୃଷ୍ଟି ହୋଇ ଅଶାନ୍ତି ଉପୁଜିପାରେ।

**ସିଂହ**
ସହଜରେ ମୁଣ୍ଡ ନୁଆଁଇବାର ଗୁଣର ଅଭାବ ଯୋଗୁ ପଦସ୍ଥବ୍ୟକ୍ତିଙ୍କ ରୋଷର କାରଣ ହେବେ। ସମୟ ସୁବିଧାକୁ ନେଇ ବନ୍ଧୁଙ୍କ ସହ ପରାମର୍ଶ କଲେ ସାହାଯ୍ୟ ପାଇପାରିବେ। ନିଜ ଲୋକଙ୍କଠାରୁ ଯାହା ଓ ଯେତିକି ପରିମାଣରେ ପାଇବା କଥା ତାହା ପାଇବା କଷ୍ଟକର ହେବ। ଜମିଜମା, ଆଲୋଚନା, ସଭାସମିତିରେ ବ୍ୟସ୍ତତା ବୃଦ୍ଧି ପାଇବ।

**କନ୍ୟା**
କେତୁଙ୍କ କୁପ୍ରଭାବରେ ଅଧିକାଂଶ ସମୟ ମାନସିକ ଅସ୍ଥିରତା ମଧ୍ୟରେ ଗତି କରିପାରନ୍ତି। ଅର୍ଥର ଅଭାବକୁ ଭଲ ସମ୍ପର୍କ ରହିଥିବା ପଡ଼ୋଶିନୀ ଦୂର କରିପାରନ୍ତି। ଯାହା କରିବା କଥା ଶୀଘ୍ର ଶେଷ ନ କଲେ ପରକ୍ଷଣରେ ସମସ୍ତ ପରିସ୍ଥିତି ବଦଳିଯାଇପାରେ। ଆମଦାନୀ ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି ଘଟିବ।

**ତୁଳା**
ଆଜି ଯାହା କରନ୍ତୁନା କାହିଁକି ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ଯାହାକୁ ଯାହା କହିଲେ ସେହି ବ୍ୟକ୍ତି ଆପଣଙ୍କ କଥା ରକ୍ଷା କରିବାର ପ୍ରତିଶ୍ରୁତି ନିଶ୍ଚିତ ଦେବେ। ଆନୁଷ୍ଠାନିକ କ୍ଷେତ୍ରରେ, ସଭା ସମିତିରେ, କଚେରି ମାମଲାରେ ସଫଳତା ହାସଲ କରିବେ। କେତେକ କ୍ଷେତ୍ରରେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୋଇପାରନ୍ତି।

**ବିଛା**
ଅର୍ଥର ସଦ୍‌ବିନିଯୋଗ କରି କର୍ମାରମ୍ଭ ପାଇଁ ଯୋଜନା କରିପାରନ୍ତି। ଅନୁକୂଳଗ୍ରହ ସ୍ଥିତିରୁ ପାରିବାରିକ ସ୍ଥିତିରେ ଉନ୍ନତି ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗିରହିବା ଯୋଗୁ ବ୍ୟସ୍ତ ହେବେ। ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ, ଆର୍ଥିକ ଉନ୍ନତି, ଆଧ୍ୟାତ୍ମିକତା, ତୀର୍ଥାଟନର ସୁଯୋଗ ପାଇପାରନ୍ତି।

**ଧନୁ**
ଟିକିଏ ଟିକିଏ କଥାରେ ରାଗିଯିବାର ବିଳକ୍ଷଣ ମାନସିକ ଅଶାନ୍ତିର କାରଣ ସାଜିପାରେ। ଯେତିକି ପାଉଛନ୍ତି, ସେତିକିରେ ସନ୍ତୁଷ୍ଟ ରହିବା ଭଲ। ସଭାସମିତିରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଲେ ସଫଳତା ପାଇବେ। ସଂଗଠନ, ରାଜନୀତି ଓ ଆଲୋଚନା ପରିସରରରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ।

**ମକର**
ଅତୀତର କୌଣସି ଘଟଣାକୁ ନେଇ ଆନମନା ହେବାର ସୂଚନା ରହିଛି। ପଡ଼ୋଶୀ କିମ୍ବା ସହକର୍ମୀ ଫାଇଦା ହାସଲ ସକଶେ ନିଜର ଭଳି ବ୍ୟବହାର କରିପାରନ୍ତି। ଯେତେ ପ୍ରକାରର କାମ କଲେ ମଧ ପ୍ରତିବନ୍ଧକ ଯୋଗୁ ପ୍ରଗତିରେ ଅଗ୍ରଗତି ହୋଇ ପାରିବ ନାହିଁ। ପ୍ରତ୍ୟେକ ସମସ୍ୟା ସମାଧାନର ରାସ୍ତା ଖୋଜିବାରେ ସମର୍ଥ ହେବେ।

**କୁମ୍ଭ**
ଅପ୍ରିୟସତ୍ୟ କଥା କହି କେତେକ କ୍ଷେତ୍ରରେ ପ୍ରବଳ ବିରୋଧର ସମ୍ମୁଖୀନ ହେବାକୁ ପଡିପାରେ। ପିଲାମାନଙ୍କ ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିବ। ପାରିବାରିକ କ୍ଷେତ୍ର ବୁଝାମଣାରେ ଶୃଙ୍ଖଳିତ ହେବାର ସମ୍ଭାବନା ରହିଛି। ଯାତ୍ରାରେ ସାମାନ୍ୟ ବିଘ୍ନ ଆସିଲେ ମଧ କିଛି ଅସୁବିଧା ହେବ ନାହିଁ।

**ମୀନ**
ଦୈହିକ ଅସୁସ୍ଥତା ସାଙ୍ଗକୁ ବାରମ୍ବାର ବିଫଳତାରୁ ମନରେ କ୍ଷୋଭ ଉତ୍ପନ୍ନ ହୋଇପାରେ। ଶିଳ୍ପ, ବାଣିଜ୍ୟ, ପରିବହନ, ଆନୁଷ୍ଠାନିକ କାମ ଓ ସଭା ସମିତି ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇପାରିବେ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ସାହିତ୍ୟ, କ୍ରୀଡ଼ା ଓ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ଅର୍ଜନ କରିବେ।

ଆଜି ଏପ୍ରିଲ ୩ ତାରିଖ, ଚୈତ୍ର ଶୁକ୍ଳ ଷଷ୍ଠୀ ଗୁରୁବାର। ଶ୍ରୀମନ୍ଦିର ବେଢ଼ା ସ୍ଥିତ ଶ୍ରୀସୂର୍ଯ୍ୟଦେବଙ୍କ ଚୈତ୍ର ଗୁଣ୍ଡିଚା ଯାତ୍ରା, ରାଶିନକ୍ଷତ୍ର-ସକାଳ ଘ.୦୭.୦୨ ମି. ଗତେ ମୃଗଶିରା/ବୃଷ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୪୨ ଗତେ ଘ.୦୭.୨୦ମଧ୍ୟେ, ଘ.୧୦.୩୬ ଗତେ ଘ.୦୧.୦୩ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧.୨୨ ଗତେ ଘ.୦୨.୫୩ ମଧ୍ୟେ ରାହୁକାଳ ।

ପ୍ରଥମ ପୃଷ୍ଠାରୁ...

## ୱାକ୍‌ଫ ବିତର୍କ ...

ଏହାକୁ ନେଇ ବିତର୍କ ଆରମ୍ଭ ହୋଇଯାଇଥିଲା। ରିଜିଜୁ ନିଜ ଯୁକ୍ତିରେ ଦର୍ଶାଇଥିଲେ, ୱାକ୍‌ଫ ବିଲ୍‌କୁ ୟୁନିଫାଏଡ୍ ୱାକ୍‌ଫ ମ୍ୟାନେଜ୍‌ମେଣ୍ଟ, ଏମ୍ପାୱାରମେଣ୍ଟ, ଏଫିସିଏନ୍ସି ଆଣ୍ଡ ଡେଭେଲପ୍‌ମେଣ୍ଟ (ୟୁଏମ୍‌ଇଇଡି) ବିଲ୍ ରୂପେ ନାମକରଣ କରାଯାଇଛି। ଗତବର୍ଷ ଆଗତ କରାଯାଇଥିବା ମୂଳ ବିଲ୍‌ରେ ଜେପିସିର ସମୀକ୍ଷା ତଥା ଯାଞ୍ଚ ପରେ ପୁନଃ ପ୍ରସ୍ତୁତ କରାଯାଇ ଉପସ୍ଥାପନ କରାଯାଇଛି। ଏହି ବିଲ୍‌ରେ ଧର୍ମର କୌଣସି ସମ୍ପର୍କ ନାହିଁ। ବିଧେୟକ କେବଳ ସମ୍ପତ୍ତିର ପରିଚାଳନା ସମ୍ପର୍କିତ। ରିଜିଜୁ ଆହୁରି କହିଥିଲେ, ସରକାର କୌଣସି ଧର୍ମୀୟ ଅନୁଷ୍ଠାନରେ ହସ୍ତକ୍ଷେପ କରିବାକୁ ଯାଉନାହାନ୍ତି। ଉପା ସରକାର ୱାକ୍‌ଫ ଆଇନରେ ଆଣିଥିବା ସଂଶୋଧନ ଏହାକୁ ଅନ୍ୟ ଆଇନଗୁଡ଼ିକ ଉପରେ ଆଧିପତ୍ୟ ବିସ୍ତାର ସକାଶେ ପ୍ରଭାବଶାଳୀ କରିଦେଇଥିଲା। ତେଣୁ ନୂଆ ସଂଶୋଧନର ଆବଶ୍ୟକତା ପଡ଼ିଥିବା ସେ କହିଥିଲେ। ବିରୋଧୀ ସଦସ୍ୟମାନେ ହୋହଲ୍ଲା କରୁଥିବାବେଳେ ରିଜିଜୁ କହିଥିଲେ, ଆପଣମାନେ ଏହି ପ୍ରସଙ୍ଗରେ ଲୋକଙ୍କୁ ବିଲ୍‌ରେ ଯେଉଁ ବିଷୟଗୁଡ଼ିକ ନାହିଁ, ସେକଥା କହି ବିଭ୍ରାନ୍ତ କରିବାକୁ ଉଦ୍ୟମ କରିଛନ୍ତି। ଜେପିସିର ବିଚାରବିମର୍ଶ ଭାରତୀୟ ଗଣତାନ୍ତ୍ରିକ ଇତିହାସରେ କୌଣସି ସଂସଦୀୟ ପ୍ୟାନେଲ ଦ୍ୱାରା କରାଯାଇଥିବା ସବୁଠୁ ବଡ଼ ପ୍ରକ୍ରିୟା। ୯୭.୨୭ ଲକ୍ଷ ପିଟିଶନ ଓ ସ୍ମାରକପତ୍ର ଜେପିସିର ହସ୍ତଗତ ହୋଇଥିଲା। ହାତକୁ ହାତ ଓ ଅନ୍‌ଲାଇନ୍ ମାଧ୍ୟମରେ ଗୃହୀତ ଏହି ଦସ୍ତାବିଜଗୁଡ଼ିକୁ ଗ୍ରହଣ କରିବା ପରେ ଜେପିସି ଚୂଡ଼ାନ୍ତ ରିପୋର୍ଟ ପ୍ରସ୍ତୁତ କରିବା ପୂର୍ବରୁ ସେସବୁକୁ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିଥିଲା। ୨୮୪ ପ୍ରତିନିଧି ଦଳ ବିଲ୍ ଉପରେ ନିଜ ମତାମତ ଦାଖଲ କରିଥିଲେ। ଏତଦ୍‌ବ୍ୟତୀତ ୨୫ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୱାକ୍‌ଫ ବୋର୍ଡ ମଧ୍ୟ ଏହା ଉପରେ ମତ ରଖିଥିଲେ। ଆଇନଜ୍ଞ, ଦାତବ୍ୟ ସଂସ୍ଥା, ଶିକ୍ଷାବିତ୍ ଓ ଆଧ୍ୟାତ୍ମିକ ଗୁରୁଙ୍କ ମତାମତ ମଧ୍ୟ ବିଚାରକୁ ନିଆଯାଇଥିଲା।

ରେଳ ମନ୍ତ୍ରଣାଳୟ ଓ ପ୍ରତିରକ୍ଷା ମନ୍ତ୍ରଣାଳୟ ପରେ ୱାକ୍‌ଫ ହେଉଛି ଦେଶରେ ସର୍ବାଧିକ ସମ୍ପତ୍ତିର ନିୟନ୍ତ୍ରଣକାରୀ। ଏହି ୨ ମନ୍ତ୍ରଣାଳୟର ସମ୍ପତ୍ତି ରାଷ୍ଟ୍ରର । କିନ୍ତୁ ୱାକ୍‌ଫ ସମ୍ପତ୍ତି ଘରୋଇ। ଏହାକୁ ରେଲୱେ ଓ ସଶସ୍ତ୍ର ବଳର ଲ୍ୟାଣ୍ଡ ବ୍ୟାଙ୍କ ସହ ତୁଳନା କରିବା ଅନୁପଯୁକ୍ତ। ଦୀର୍ଘ ୭୦ ବର୍ଷ ଧରି ଭୋଟବ୍ୟାଙ୍କ ରାଜନୀତି ପାଇଁ ସାଧାରଣ ମୁସଲମାନମାନଙ୍କୁ ବିଭ୍ରାନ୍ତ କରାଯାଇଥିଲା। ଏଥିରୁ କୌଣସି ଗରିବ ଓ ବଞ୍ଚିତ ବର୍ଗର ମୁସଲମାନ ଲାଭବାନ୍ ହୋଇନାହାନ୍ତି। ଏହି ସମ୍ପତ୍ତିକୁ ସାଧାରଣ ମୁସଲମାନଙ୍କ କଲ୍ୟାଣ ପାଇଁ ବ୍ୟବହାର କରାଯିବ। ୨୦୦୪ରେ ୱାକ୍‌ଫର ୪.୯ ଲକ୍ଷ ସମ୍ପତ୍ତି ଥିବାବେଳେ ଆୟର ପରିମାଣ ୧୬୩ କୋଟି ଟଙ୍କା ରହିଥିଲା। ୨୦୧୩ରେ ଆୟ ମାତ୍ର ୩ କୋଟି ବଢ଼ି ୧୬୬ କୋଟି ଟଙ୍କାରେ ପହଞ୍ଚିଥିଲା। ବାସ୍ତବରେ ଏହି ଆୟ ଅନ୍ୟୂନ ୧୨,୦୦୦ କୋଟି ଟଙ୍କା ହେବା ଉଚିତ ବୋଲି ରିଜିଜୁ କହିଥିଲେ। ସେହିପରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଓ ଭାଜପାର ବରିଷ୍ଠ ସଦସ୍ୟ ରବିଶଙ୍କର ପ୍ରସାଦ ମଧ୍ୟ ବିଲ୍ ସପକ୍ଷରେ ଯୁକ୍ତି ବାଢ଼ି ବିରୋଧୀଙ୍କୁ ଟାର୍ଗେଟ କରିଥିଲେ। ଲୋକ ସଭାରେ କଂଗ୍ରେସ ଉପନେତା ଗୌରବ ଗୋଗୋଇ କହିଥିଲେ, ୱାକ୍‌ଫ ବିଲ୍ ହେଉଛି ସମ୍ବିଧାନକୁ ଦୁର୍ବଳ କରିବା ପାଇଁ ଏକ ଉଦ୍ୟମ। ରିଜିଜୁ ନିଜ ଭାଷଣରେ ୨୦୧୩ ବେଳେ ଉପା ସରକାରଙ୍କ କାର୍ଯ୍ୟର ଅବତାରଣା କରିବା ସମୟରେ ଗୃହକୁ ବିଭ୍ରାନ୍ତ କରିଛନ୍ତି। ଅନ୍ୟପକ୍ଷେ ଭାଜପା ଏମ୍‌ପି ରବିଶଙ୍କର ପ୍ରସାଦ ୱାକ୍‌ଫକୁ ଏକ ବୈଧାନିକ ସଂସ୍ଥା ଭାବେ ଅଭିହିତ କରି ସାଧାରଣ ଲୋକଙ୍କ କଲ୍ୟାଣରେ ଏହାର ଅବଦାନ ଉପରେ ପ୍ରଶ୍ନ ଉଠାଇଥିଲେ। ୱାକ୍‌ଫ ସମ୍ପତ୍ତିରେ କେତୋଟି ସ୍କୁଲ ଓ ହସ୍ପିଟାଲ ନିର୍ମାଣ କରାଯାଇଛି? ମୁସଲମାନ ସମ୍ପ୍ରଦାୟର ସେବାରେ ଏହାର ଭୂମିକାକୁ ମଧ୍ୟ ସେ ଚ୍ୟାଲେଞ୍ଜ କରିଥିଲେ। ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବ ଏହାକୁ ମୁସଲମାନଙ୍କ ଅଧିକାର ଛଡ଼ାଇବା ପାଇଁ ଉଦ୍ଦିଷ୍ଟ ବିଧେୟକ ରୂପେ ଅଭିହିତ କରିଥିବାବେଳେ ଅନ୍ୟ ବିରୋଧୀ ଦଳଗୁଡ଼ିକ ମଧ୍ୟ ଏହାକୁ ବିରୋଧ କରିଥିଲେ। ଭାଜପାର ସହଯୋଗୀ ସଂଯୁକ୍ତ ଜନତା ଦଳ ଏହାକୁ ମୁସଲମାନମାନଙ୍କ ହିତରେ ଅଣାଯାଇଥିବା ଦର୍ଶାଇ ସମର୍ଥନ ଘୋଷଣା କରିଛି। ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ଦଳ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ରାଜ୍ୟଗୁଡ଼ିକୁ ୱାକ୍‌ଫ ବୋର୍ଡ ଗଠନ ଅଧିକାର ପ୍ରଦାନ କରାଯାଉ ବୋଲି ଦାବି କରିଛି। ବିଜୁ ଜନତା ଦଳ (ବିଜେଡି)ର ଲୋକ ସଭାରେ କେହି ସଦସ୍ୟ ନ ଥିବାବେଳେ ରାଜ୍ୟ ସଭାକୁ ବିଲ୍ ଗଲେ ଏହାକୁ ବିରୋଧ କରିବ ବୋଲି ଦଳ କହିଛି।

## ୮୬୪.୪୫ କୋଟିର ....

ଖଣିଜ ପଦାର୍ଥ। ଖଣିଗୁଡ଼ିକର ନିୟମାବଳୀ ଏବଂ ଲଘୁ ଖଣିଜ ପଦାର୍ଥର ରାଜସ୍ୱ ମୂଲ୍ୟାଙ୍କନ ଏବଂ ସଂଗ୍ରହ ନିୟମ-୨୦୧୬ ଅନୁଯାୟୀ ପରିଚାଳିତ। ୩୧ ମାର୍ଚ୍ଚ ୨୦୨୨ ସୁଦ୍ଧା ଯାଞ୍ଚ ହୋଇଥିବା ୨୨ଟି ତହସିଲରେ ୫୨୦ ଖଣିଜ ପଦାର୍ଥ ଉତ୍ସ ମଧ୍ୟରୁ ୧୪୭ ଉତ୍ସ କାର୍ଯ୍ୟକ୍ଷମ ଥିବାବେଳେ ୩୭୩ ଉତ୍ସ କାର୍ଯ୍ୟକ୍ଷମ ହୋଇ ନ ଥିଲା। ନିଲାମଧାରୀ ଚୂଡ଼ାନ୍ତକରଣରେ ଅନିୟମିତତା ଯୋଗୁ ୬ କୋଟି ୨୧ ଲକ୍ଷ ଟଙ୍କା ପରିହାର୍ଯ୍ୟ କ୍ଷତି ହୋଇଛି ବୋଲି ସେ କହିଛନ୍ତି। ଖଣି ଯୋଜନା ଅନୁମୋଦନ ହେବା ପରେ ଏବଂ ନିଲାମ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଜଳେଶ୍ୱର, ଗୁରୁଣ୍ଡିଆ ଓ ଜଗତ୍‌ସିଂହପୁର ତହସିଲଦାରମାନେ ପରିବେଶ ମଞ୍ଜୁରୀ ପାଇଁ ଆବେଦନ କରି ନ ଥିଲେ। ଫଳରେ ଚାଲୁ ରହିଥିବା ଲିଜ୍ ଅବଧିର ପରିସମାପ୍ତି ପୂର୍ବରୁ ନିଲାମ ପ୍ରକ୍ରିୟା ସମାପ୍ତ ହୋଇପାରି ନ ଥିଲା। ଏଥିଯୋଗୁ ରାଜ୍ୟ ସରକାରଙ୍କୁ ୨୦.୧୦ କୋଟି ଟଙ୍କାର ରାଜସ୍ୱ ହାନି ପହଞ୍ଚିଥିଲା। ସେହିପରି ଲିଜ୍‌ଧାରୀମାନଙ୍କଠାରୁ ବକେୟା ଖଣିଜ ଦେୟ ସୁଧ ସହ ୯୨.୨୮ ଲକ୍ଷ ଟଙ୍କା ଆଦାୟ ହୋଇ ନ ଥିବାବେଳେ ଲିଜ୍‌ଧାରୀମାନଙ୍କ ଲିଜ୍ ଡିଡ୍ କାର୍ଯ୍ୟକାରୀ ନ ଥିବା ପରିଲକ୍ଷିତ ହୋଇଛି, ଯେଉଁଥିପାଇଁ ଲିଜ୍‌ଧାରୀମାନଙ୍କୁ ବେଆଇନ ଖଣି ଉତ୍ତୋଳନ ପାଇଁ ୪.୩୮ କୋଟି ଟଙ୍କା ମୂଲ୍ୟ ଦେବାକୁ ପଡ଼ିବ। ଏହାବ୍ୟତୀତ ଅନୁମୋଦିତ ଖଣି ଯୋଜନାଠାରୁ ଅଧିକ ଖଣିଜ ପଦାର୍ଥ ଖନନ ଏବଂ ତହସିଲଦାରଙ୍କ ଦ୍ୱାରା 'ୱାଇ' ଫର୍ମର ଯାଞ୍ଚ ନ ହେବା ଯୋଗୁ ୮୦,୭୨୧.୪୦ ଘ.ମି. ପଥରର ବେଆଇନ ଉତ୍ତୋଳନ ହୋଇଛି, ଯାହାପାଇଁ ଲିଜ୍‌ଧାରୀମାନଙ୍କୁ ୩୩.୫୦ କୋଟି ଟଙ୍କା ଦେବାକୁ ପଡ଼ିବ। ରାଜସ୍ୱ ବିଭାଗର ଉଦାସୀନତା ପାଇଁ ଯାଜପୁର ଜିଲା ଡଙ୍କାରୀ କଳାପଥର ପାହାଡ଼ରୁ ଅଧିକ ଖଣିଜ ପଦାର୍ଥ ଉତ୍ତୋଳନ ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ମଧ୍ୟ ବିଭାଗରେ ଠିକଣା ଭାବେ ଅନୁପାଳନ ହୋଇନାହିଁ। ଫଳସ୍ୱରୂପ ୫୮.୬୩ କୋଟି ଟଙ୍କାର ଖଣିଜ ରାଜସ୍ୱ ଆଦାୟ ହୋଇପାରିନାହିଁ।

ଏଜି ଅତୁଲ କହିଛନ୍ତି ଯେ, ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଜଙ୍ଗଲ ଜମିର ଅଣଜଙ୍ଗଲ ଉପଯୋଗ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଖଣି ଲିଜ୍‌ଧାରୀଙ୍କଠାରୁ ଅସୁଲ କରାଯାଇଥିବା ଅତିରିକ୍ତ ନେଟ୍ ପ୍ରୋଜେକ୍ଟ ମୂଲ୍ୟର ୫୦%ରେ ନିର୍ଦ୍ଦିଷ୍ଟ ଆଦିବାସୀ କଲ୍ୟାଣ ଏବଂ କ୍ଷେତ୍ର ବିକାଶ କାର୍ଯ୍ୟ କରାଯିବ। ଏହାକୁ ନେଇ ନିର୍ଦ୍ଦିଷ୍ଟ ଆଦିବାସୀ କଲ୍ୟାଣ ଏବଂ ଖଣିଜ ଧାରକ କ୍ଷେତ୍ର ବିକାଶ କାର୍ଯ୍ୟ ପାଇଁ ୨୦୧୪ ଡିସେମ୍ବର ୨ରେ ଓଡ଼ିଶା ଖଣିଜ ଧାରକ ଅଞ୍ଚଳ ଉନ୍ନୟନ ନିଗମ(ଓଏମ୍‌ବିଏଡିସି) ପ୍ରତିଷ୍ଠା କରାଯାଇଥିଲା। ମାତ୍ର ଉପରୋକ୍ତ କାର୍ଯ୍ୟ ପାଇଁ ଓଏମ୍‌ବିଏଡିସି ସିଇଓ ପ୍ରଥମ ପର୍ଯ୍ୟାୟରେ ୮୬୯.୪୨କୋଟି ଟଙ୍କା ଦେଇଥିଲେ।

ସୁପ୍ରିମ୍‌କୋର୍ଟଙ୍କ ଆଦେଶ ଅନୁସାରେ, ଯେକୌଣସି ଲୌହ ବା ମାଙ୍ଗାନିଜ୍ ଧାତୁ ପରିବେଶ ପ୍ରଭାବ ଆକଳନ ବିଜ୍ଞପ୍ତି ୧୯୯୪ କିମ୍ବା ୨୦୦୬ ଅନୁପାଳନ ନ କରି ଉତ୍ତୋଳନ ହୋଇଥିଲେ ତାହା ବେଆଇନ ଖନନ ଭାବେ ଧରାଯିବ। ଏହି କ୍ରମରେ ୨୦୦୦-୦୧ରୁ ୨୦୨୨ ମାର୍ଚ୍ଚ ସୁଦ୍ଧା ଖଣିଜ ମୂଲ୍ୟର ଶତପ୍ରତିଶତ ଆଦାୟ କରାଯିବାକୁ ନିର୍ଦ୍ଦେଶ ରହିଛି। ଏହାକୁ ଦୃଷ୍ଟିରେ ରଖି ଖଣି ଲିଜ୍‌ଧାରୀମାନଙ୍କଠାରୁ କ୍ଷତିପୂରଣ ବାବଦରେ ଦ୍ୱିତୀୟ ପର୍ଯ୍ୟାୟରେ ୧୬ ହଜାର ୮୩୩.୫୪ କୋଟି ଟଙ୍କା ଆଦାୟ କରାଯାଇ ଓଏମ୍‌ବିଏଡିସି ପାଣ୍ଠିରେ ଜମା କରାଯାଇଥିଲା ବୋଲି ଅତୁଲ୍ୟ କହିଛନ୍ତି। ଖବରଦାତା ସମ୍ମିଳନୀରେ ଉପମହାଲେଖାକାର ଏସ୍. ଶୁଭମ ବୈଜନାଥ ଏବଂ ଏନ୍. ବାଲକ୍ରିଷ୍ଣ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ଆଧାର...

ଦୃଷ୍ଟିକୁ ଆସିଥିବା କହିଛନ୍ତି। ଏନେଇ ସେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଆଧାର କାର୍ଡରେ ଥିବା ତ୍ରୁଟିକୁ ସ୍ୱତନ୍ତ୍ର ଭାବେ କେନ୍ଦ୍ର ସରକାରଙ୍କ ଦୃଷ୍ଟିକୁ ନେଇ ସମାଧାନ କରିବାକୁ ଆଲୋଚନା ହୋଇଥିବା ସେ କହିଛନ୍ତି।

## ଯୁଦ୍ଧବିରତି ପାଇଁ ....

ଓ ସାଧାରଣ ଜନତାଙ୍କର ମଧ୍ୟ ମୃତ୍ୟୁ ଘଟୁଛି। ଗତ ୪ ମାସ ମଧ୍ୟରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ସଙ୍ଗଠନର ବଡ ବଡ କ୍ୟାଡର ମାଓବାଦୀଙ୍କର ମୃତ୍ୟୁ ହୋଇଛି। ଗତ ୫ ଦିନ ତଳେ ମାଓବାଦୀ ନେତ୍ରୀ ତଥା ସମ୍ପାଦିକା ରେଣୁକା, ନେତା ବେଣୁ, ସୁଧାକର ଓ ଜଗଦୀଶ ଓରଫ ବୁଦ୍ଧୁରାଙ୍କ ଭଳି ସଙ୍ଗଠନର ଟପ୍ କ୍ୟାଡର ମାଓବାଦୀମାନେ ପୋଲିସ ଗୁଳିରେ ଟଳି ପଡ଼ିଥିଲେ। ସେହିପରି ଆନ୍ଧ୍ର-ଓଡ଼ିଶା ସୀମାନ୍ତ ସଙ୍ଗଠନର ଟପ୍ କ୍ୟାଡର ନେତା ଚଲପତି ମଧ୍ୟ ପୋଲିସ ଗୁଳିରେ ଟଳି ପଡ଼ିଛନ୍ତି। ଫଳରେ ସଙ୍ଗଠନ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି। ଗତ ୩ ମାସ ମଧ୍ୟରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ମାଓବାଦୀ ପୋଲିସ ଗୁଳିରେ ନିହତ ହୋଇଥିବା ବେଳେ ଏହି ସମୟସୀମା ମଧ୍ୟରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଗିରଫ ହୋଇଛନ୍ତି। ସେହିପରି ୪୦୦ରୁ ଊର୍ଦ୍ଧ୍ୱ ଆତ୍ମସମର୍ପଣ କରିଛନ୍ତି। ଫଳରେ ଦିନକୁ ଦିନ ସଙ୍ଗଠନ ଦୁର୍ବଳ ହେବାରେ ଲାଗିଛି। ତେବେ ଏହି ସମସ୍ତ ଘଟଣାକୁ ଦୃଷ୍ଟିରେ ରଖି ସଙ୍ଗଠନ ସରକାରଙ୍କ ସହ ଶାନ୍ତିବାର୍ତ୍ତା ନିମନ୍ତେ ଆହ୍ୱାନ ଦେଇଥିବା ବେଳେ ଯୁଦ୍ଧ ବିରତି ପାଇଁ ପ୍ରସ୍ତୁତ ଅଛି। ବିଶେଷ ସୂତ୍ରରୁ ଜଣାପଡିଛି, ସଙ୍ଗଠନ ତରଫରୁ କେତେକ ସର୍ତ୍ତ ରଖାଯାଇଛି। ଏଥିରେ ଅଧିକ ପୋଲିସ ମୁତୟନକୁ ହଟାଇବା, ବିଭିନ୍ନ ସ୍ଥାନରେ କ୍ୟାମ୍ପ ପ୍ରତିଷ୍ଠା ହୋଇଥିବା ବେଳେ ଏହି କ୍ୟାମ୍ପଗୁଡ଼ିକୁ ଉଚ୍ଛେଦ କରିବା ଆଦି ସର୍ତ୍ତ ରଖାଯାଇଥିବା ଜଣାପଡ଼ିଛି। ତେବେ ମାଓବାଦୀଙ୍କ ପ୍ରସ୍ତାବରେ ସରକାର ରାଜି ଅଛନ୍ତି କି ନାହାନ୍ତି ସେ ସମ୍ପର୍କରେ ପ୍ରେସ୍ ବିଜ୍ଞପ୍ତି ବ୍ୟତୀତ ଅନ୍ୟ କୌଣସି ଅଡିଓ କିମ୍ବା ଗଣମାଧ୍ୟମକୁ ସୂଚନା ଦିଆଯାଇନାହିଁ।

## ଆରମ୍ଭ ହେଲା ପ୍ରାକ୍ ପ୍ରାଥମିକ ...

ପାଖରେ ପହଞ୍ଚିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପିଲାମାନଙ୍କୁ ଦେଖି ତାଙ୍କ ଭିତରେ ଛପି ରହିଥିବା ଶିକ୍ଷକ ସ୍ୱରୂପ ପୁଣି ଥରେ ଫୁଟିଉଠିଥିଲା। ସେ ପିଲାମାନଙ୍କ ହାତ ଧରି ଚକ୍ ଖଡ଼ିରେ ବୃତ୍ତ କାଟି ଖଡ଼ିଛୁଆଁ କରାଇଛନ୍ତି। ତା'ପରେ ପ୍ରଥମ ଅକ୍ଷର ଭାବେ 'ମା' ଲେଖାଇ ଅକ୍ଷର ଶିକ୍ଷା ଆରମ୍ଭ କରାଇଛନ୍ତି। ଶିକ୍ଷକତାରୁ ବୃତ୍ତିଗତ ଜୀବନ ଆରମ୍ଭ କରିଥିବା ମୁଖ୍ୟମନ୍ତ୍ରୀ ମାଝୀ ତାଙ୍କ ଶିକ୍ଷକତାର ଅଭିଜ୍ଞତାରୁ ପିଲାଙ୍କ ସହିତ ବାର୍ତ୍ତାଳାପ କରିଥିଲେ। ଖୁବ୍ ସହଜ ଭାବରେ ପିଲାଙ୍କ ମା'ଙ୍କ ନାଁ, ବାପାଙ୍କ ନାଁ, କ'ଣ ଖାଇଛ ଏମିତି କିଛି ପ୍ରଶ୍ନ ପଚାରି ସେମାନଙ୍କ ସହିତ ଭାବଗତ ସମ୍ପର୍କ ଯୋଡ଼ିଥିଲେ। ପିଲାମାନେ ମଧ୍ୟ ଖୁବ୍ ଉତ୍ସାହର ସହିତ ମୁଖ୍ୟମନ୍ତ୍ରୀଙ୍କ ସହିତ କଥା ହୋଇଥିଲେ। ଏହା ପରେ ମୁଖ୍ୟମନ୍ତ୍ରୀ ନବମ ଓ ଦଶମ ଶ୍ରେଣୀ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରିଥିଲେ ଏବଂ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ-୨୦୨୫ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ଶିକ୍ଷଣ ସାମଗ୍ରୀ କିଟ୍ ପ୍ରଦାନ କରିଛନ୍ତି। ସେହିପରି ସ୍କୁଲ ପରିସରରେ ଆୟୋଜିତ ସାକ୍ଷରତା ଶିକ୍ଷଣ ସାମଗ୍ରୀ ଷ୍ଟଲ୍, ସଂଖ୍ୟାଜ୍ଞାନ ଶିକ୍ଷଣ ସାମଗ୍ରୀ ଷ୍ଟଲ୍, ସୃଜନାତ୍ମକ ଶିକ୍ଷଣ ସାମଗ୍ରୀ ଷ୍ଟଲ ବୁଲି ଦେଖିବା ସହିତ ଶିଶୁ ବାଟିକା ପିଲାଙ୍କ ପଠନ ପ୍ରଣାଳୀ ଅନୁଧ୍ୟାନ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଛୋଟ ପିଲାଙ୍କ ମାନସିକତାକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମ କରାଯାଇଛି। ଆଜି ପାଠପଢ଼ା ଆରମ୍ଭ ଦିନରେ ପିଲାମାନେ ବହୁତ ଖୁସି ଅଛନ୍ତି। ଏହି ଶିଶୁ ବାଟିକା ରାଜ୍ୟରେ ପ୍ରାଥମିକ ଶିକ୍ଷା କ୍ଷେତ୍ରକୁ ସୁଦୃଢ଼ କରିବ। ଆଗାମୀ ଦିନରେ ପିଲାମାନେ ଏକ ସୁନ୍ଦର ଓ ମନୋଜ୍ଞ ପରିବେଶରେ ପାଠ ପଢ଼ିବେ। ସୂଚନାଯୋଗ୍ୟ, ଜାତୀୟ ଶିକ୍ଷାନୀତି-୨୦୨୦ ଅଧୀନରେ ବୁଧବାରଠାରୁ ଶିଶୁ ବାଟିକା ବା ପ୍ରାକ୍ ପ୍ରାଥମିକ ଶ୍ରେଣୀ ଶିକ୍ଷା ଆରମ୍ଭ କରାଯାଇଛି। ୨୦୨୫-୨୬ ଶିକ୍ଷା ବର୍ଷରୁ ସବୁ ପ୍ରାଥମିକ ବିଦ୍ୟାଳୟରେ ଗୋଟିଏ ଲେଖାଏ ଶିଶୁବାଟିକା ଖୋଲାଯିବ। ଏହିସବୁ ଶିଶୁବାଟିକାରେ ୫ରୁ ୬ ବର୍ଷ ବୟସର ପିଲାମାନେ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଗ୍ରହଣ କରିବେ। ଶିଶୁବାଟିକାର ପିଲାମାନଙ୍କୁ ଶିକ୍ଷଣୀୟ ସାମଗ୍ରୀ କିଟ୍ ଯୋଗାଇ ଦିଆଯାଇ ମନୋରଞ୍ଜନଧର୍ମୀ ଶିକ୍ଷା ପ୍ରଦାନ କାର୍ଯ୍ୟକ୍ରମ ଜରିଆରେ ଶିକ୍ଷା ପ୍ରତି ଆକୃଷ୍ଟ କରାଯିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ଏବଂ ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ, ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଓ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।




# ସାର, କୀଟନାଶକ ପାଇଁ ବଢ଼ୁଛି କର୍କଟ

ଭୁବନେଶ୍ୱର,୨।୪
(ରବିନାରାୟଣ ଜେନା)

- ବଲାଙ୍ଗୀର ଓ ଅବିଭକ୍ତ ସମ୍ବଲପୁରରେ ରୋଗୀଙ୍କ ସଂଖ୍ୟା ବଢ଼ୁଛି : ଆଇନ ମନ୍ତ୍ରୀ
- ଜୈବିକ ଚାଷକ୍ଷେତ୍ର ବୃଦ୍ଧି ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ

ସମ୍ପ୍ରତି ଲୋକମାନେ ଅଧିକ ଫସଲ ଅମଳ ପାଇଁ ସାର ଓ କୀଟନାଶକ ବେଶିମାତ୍ରାରେ ବ୍ୟବହାର କରୁଛନ୍ତି। ଏହାଦ୍ୱାରା କର୍କଟ ରୋଗ ବ୍ୟାପୁଛି। ବଲାଙ୍ଗୀର ଓ ଅବିଭକ୍ତ ସମ୍ବଲପୁର ଜିଲାରେ ଏହା ଅଧିକ ପରିଲକ୍ଷିତ ହେଉଛି ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୃହରେ କହିଛନ୍ତି।

ବୁଧବାର ପ୍ରଶ୍ନକାଳରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଅର୍ଗାନିକ୍ ବା ଜୈବିକଚାଷ ପାଇଁ ସରକାରଙ୍କ ପକ୍ଷରୁ କ'ଣ ବ୍ୟବସ୍ଥା କରାଯାଉଛି ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କେଭି ସିଂଦେଓଙ୍କ ପକ୍ଷରୁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ, ଚାଷୀ ଅଧିକ ପରିମାଣରେ କୀଟନାଶକ ଏବଂ ରାସାୟନିକ ସାର ଜମିରେ ବ୍ୟବହାର କରିବା ଯୋଗୁ ବଲାଙ୍ଗୀର ଏବଂ ଅବିଭକ୍ତ ସମ୍ବଲପୁରରେ କର୍କଟ ରୋଗୀଙ୍କ ସଂଖ୍ୟା ବଢ଼ୁଛି। ଆଉ ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବଳଭଦ୍ର ଜୈବିକ ମିଶନକୁ କାର୍ଯ୍ୟକାରୀ କରିବା ପାଇଁ ଗୁରୁତ୍ୱ ଦିଆଯାଉଛି। ଆଗାମୀ ଦିନରେ ଜୈବିକ ଚାଷକ୍ଷେତ୍ର କିଭଳି ବୃଦ୍ଧି ହୋଇପାରିବ ସେଦିଗରେ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଆଇନ ମନ୍ତ୍ରୀ କହିଥିଲେ।

ଅତିରିକ୍ତ ପ୍ରଶ୍ନ ପଚାରି ଆଚାର୍ଯ୍ୟ କହିଥିଲେ, ବିଶେଷକରି ଜଳସେଚିତ ଅଞ୍ଚଳର ଚାଷୀ ଅଧିକ ସାର ବ୍ୟବହାର କରୁଛନ୍ତି। ଘରୋଇ କମ୍ପାନୀଗୁଡ଼ିକ ସେମାନଙ୍କୁ ଏଥିଲାଗି ପ୍ରୋତ୍ସାହିତ କରୁଛନ୍ତି। ଅଧିକ ସାର ବ୍ୟବହାର ହୋଇ ଚାଷ ହୋଇଥିବା ଖାଦ୍ୟଶସ୍ୟ ଖାଇବା ଫଳରେ କ୍ୟାନ୍ସର ବ୍ୟାପୁଛି।

ମନ୍ତ୍ରୀ କହିଥିଲେ ଯେ, ଏହା ନିଶ୍ଚିତଭାବେ ଚିନ୍ତାର କାରଣ। ଅଧିକ ସାର ଓ କୀଟନାଶକ ବ୍ୟବହାର ଲାଗି କ୍ୟାନ୍ସର ଭଳି ରୋଗ ହେଉଛି। ଏଥିପାଇଁ ଚାଷୀଙ୍କୁ ସଚେତନ କରାଯାଉଛି। ଜୈବିକ କମ୍ପୋଷ୍ଟ ବ୍ୟବହାର ଦ୍ୱାରା ଚାଷୀଙ୍କର ଉତ୍ପାଦନ ପ୍ରଭାବିତ ହେବନାହିଁ ବୋଲି ସୁନିଶ୍ଚିତ କରାଯାଉଛି। ବଳଭଦ୍ର କୃଷି ମିଶନ ଜରିଆରେ ଜୈବିକ ପଦ୍ଧତିରେ ଚାଷ କରିବା ପାଇଁ ଚାଷୀଙ୍କୁ ପ୍ରୋତ୍ସାହିତ କରାଯାଉଛି। ବାୟୋ କମ୍ପୋଷ୍ଟ ତିଆରି କରିବା ପାଇଁ ମଧ୍ୟ ପ୍ରଶିକ୍ଷଣ ଦିଆଯାଉଛି।

ଭାଜପା ସଦସ୍ୟ ସନାତନ ବିଜୁଳି ବୈଜ୍ଞାନିକ ପଦ୍ଧତିରେ ପନିପରିବା ଚାଷ ପାଇଁ ସରକାର କ'ଣ ଯୋଜନା କରିଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ, ଶୀତଳଭଣ୍ଡାର ଅଭାବରୁ ବହୁ ଅଞ୍ଚଳରେ ଖରିଫ ଫସଲ ପରେ ଜମି ପଡ଼ିଆ ପଡୁଥିଲା। ଏହାର ସମାଧାନ ପାଇଁ ସରକାର ନୂଆ ଶୀତଳଭଣ୍ଡାର ନୀତି ଆଣିଛନ୍ତି।

ଏହି ଅବସରରେ ସନାତନ ପ୍ରଶ୍ନ କରିଥିଲେ ଯେ, ପଞ୍ଜାବ, ହରିୟାଣାରେ ପାଞ୍ଚଏକର ଜମି ଥିବା ଚାଷୀ କୋଟିପତି ହେଉଛନ୍ତି। ଡାଲିଜାତୀୟ ଫସଲରେ କମ୍ ସାର ଏବଂ କୀଟନାଶକ ବ୍ୟବହାର କରି ଅଧିକ ଫସଲ ଅମଳ କରାଯାଇପାରିବ। ଏ ଦିଗରେ ସରକାର କ'ଣ ପଦକ୍ଷେପ ନେଉଛନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। ମନ୍ତ୍ରୀ କହିଥିଲେ, ପାଣିର ଅଭାବ ପାଇଁ ଖରିଫ ଫସଲ ପରେ ଚାଷଜମିଗୁଡ଼ିକ ପଡ଼ିଆ ରହୁଛି। ପାଣି ବ୍ୟବସ୍ଥା ଥିବା ଜମିଗୁଡ଼ିକରେ ଡାଲିଜାତୀୟ ଫସଲ କରାଯାଉଛି। ଜଳ ସମ୍ପଦ ବିଭାଗ ସହ ମିଶି ବିଭିନ୍ନ ପଦ୍ଧତିରେ ଜଳସେଚନ ପାଇଁ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ହରିୟାଣା ଏବଂ ପଞ୍ଜାବ ତୁଳନାରେ ଆମ ଜମି ଉର୍ବର ଥିବାରୁ ଭବିଷ୍ୟତରେ ପନିପରିବା ଏବଂ ଡାଲିଜାତୀୟ ଚାଷରେ ଓଡ଼ିଶା ବଳକା ରାଜ୍ୟ ହେବାକୁ ଯାଉଛି। ବିରୋଧୀ ଦଳ ଉପ ମୁଖ୍ୟ ସଚେତକ ପ୍ରତାପ ଦେବ କହିଥିଲେ, ଏହାଦ୍ୱାରା କେବଳ 'ସରକାର କା ମାଲ୍ ଦରିଆମେଁ ଡାଲ୍' ହେଉଛି। ପ୍ରତାପ ପୁଣି ପ୍ରଶ୍ନ କରିଥିଲେ ଯେ, ବାହାରୁ ଅଣାଯାଉଥିବା ମୁଗ ବିହନ ଗଛ ହେଉନାହିଁ। ସରକାର ଦେଇଥିବା ମୁଗ ବିହନକୁ ସେ ନିଜେ ଚାଷ କରିଥିଲେ। ଉକ୍ତ ବିହନ ଆମ ରାଜ୍ୟ ପାଣିପାଗ ସହ ଖାପ ଖୁଆଇବା ସମ୍ଭବ ହେଲାନାହିଁ। ସେଥିରେ ଏକାଧିକ ଜଳସେଚନର ଆବଶ୍ୟକତା ଅଛି। ଚାଷ ବିଫଳ ହେଲା। ସରକାରୀ ବିହନ କାମ କରୁନାହିଁ ବୋଲି ପ୍ରତାପ କହିଥିଲେ। ମନ୍ତ୍ରୀ କହିଥିଲେ ଯେ, ହାଇବ୍ରିଡ୍ ବିହନର ଅଧିକ ଯତ୍ନର ଆବଶ୍ୟକତା ରହିଛି।

## ଗ୍ରାମ୍ୟ ନିର୍ମାଣ(ପିଏଚ୍) ଡିଭିଜନର ସହକାରୀ ଯନ୍ତ୍ରୀ ଗିରଫ

ଭୁବନେଶ୍ୱର,୨।୪
(ସୂର୍ଯ୍ୟକାନ୍ତ ବେହେରା)

ବିଲ୍ ପାଇଁ ଠିକାଦାରଙ୍କଠାରୁ ୧ଲକ୍ଷ ଲାଞ୍ଚ ବେଳେ ବୁଧବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି ଭୁବନେଶ୍ୱର ଗ୍ରାମ୍ୟ ନିର୍ମାଣ(ପିଏଚ୍) ଡିଭିଜନର ସହକାରୀ ଯନ୍ତ୍ରୀ ନରେଶ କୁମାର ଦାସ। ତାଙ୍କଠାରୁ ଲାଞ୍ଚ ଟଙ୍କା ସହ ମୋଟ ୨ ଲକ୍ଷ ୨୬ ହଜାର ଟଙ୍କା ଜବତ କରାଯାଇଛି। ପରେ ଭୁବନେଶ୍ୱରସ୍ଥିତ ତାଙ୍କ ସରକାରୀ କାର୍ଯ୍ୟାଳୟ, ଚନ୍ଦ୍ରଶେଖରପୁରସ୍ଥିତ ତାଙ୍କ ବାସଭବନ, ଅନୁଗୋଳ ତୁରାଙ୍ଗସ୍ଥିତ ଶୀତଳ ବିହାର ଓ ପାଲଲହଡାରେ ଥିବା ପୈତୃକ ଘର ଆଦି ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଚଢ଼ାଉ ଓ ପଚରାଉଚରା ଜାରି ରହିଥିବାବେଳେ ବିପୁଳ ସମ୍ପତ୍ତି ଠାବ କରିଥିବା ସୂଚନା ମିଳିଛି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ କେସ୍ ନମ୍ବର ୫/୨୦୨୫ ରୁଜୁ କରାଯାଇ ନରେଶଙ୍କୁ ଗିରଫ କରାଯାଇଛି। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାନୁସାରେ, ଏହି ଡିଭିଜନ ଅଧୀନରେ ଠିକାଦାର ଅଜୟ ଦାସ ୩ଟି କାମ କରିଥିଲେ। ହେଲେ କାମ ବାବଦକୁ ୭ ଲକ୍ଷ ଟଙ୍କାର ବିଲ୍ ବକେୟା ରହିଥିଲା। ଏହି ବିଲ୍ ପାଇଁ ସହକାରୀ ଯନ୍ତ୍ରୀ ନରେଶ ଲକ୍ଷେ ଟଙ୍କା ଦାବି କରିଥିଲେ। ଏନେଇ ଠିକାଦାର ଅଜୟ ସହକାରୀ ଯନ୍ତ୍ରୀଙ୍କ ବିରୋଧରେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଭିଜିଲାନ୍ସ ଟିମ୍ ତାଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା। ଯୋଜନା ଅନୁସାରେ, ଠିକାଦାର ଜଣକ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯାଇ ତାଙ୍କୁ ଦାବି ମୁତାବକ ଲାଞ୍ଚ ଟଙ୍କା ଦେଉଥିବାବେଳେ ପୂର୍ବରୁ ପସ୍ତୁତ ହୋଇ ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଟଙ୍କା ସହ ଧରିବାରେ ସଫଳ ହୋଇଥିଲା। ଭିଜିଲାନ୍ସ ଅଧିକାରୀମାନେ ଯନ୍ତ୍ରୀ ନରେଶଙ୍କ ହାତରୁ ୧ଲକ୍ଷ ଲାଞ୍ଚ ଟଙ୍କା ଓ ପକେଟରୁ ନଗଦ ୧.୨୬ ଲକ୍ଷ ଟଙ୍କା ଜବତ କରିଥିଲେ।

# ବିଭିନ୍ନ ଜିଲାରେ କାଳବୈଶାଖୀ

ଭୁବନେଶ୍ୱର,୨।୪
(ଅନୁରାଧା ମହାରଣା)

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ କାଳବୈଶାଖୀ ପ୍ରଭାବ ମଧ୍ୟ ଦେଖିବାକୁ ମିଳୁଛି। ବିଜୁଳି, ଘଡ଼ଘଡ଼ି, ପବନ ସହ ହାଲୁକା ବର୍ଷା ଆରମ୍ଭ ହୋଇଛି। ବୁଧବାର ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, ମାଲକାନଗିରି, ରାୟଗଡା, କୋରାପୁଟ ଏବଂ କନ୍ଧମାଳ ଜିଲାର କିଛି ଅଞ୍ଚଳରେ କଳାବୈଶାଖୀଜନିତ ବର୍ଷା ରେକର୍ଡ କରାଯାଇଛି। ଗୁରୁବାର ମଧ୍ୟ ବିଭିନ୍ନ ଜିଲାରେ କାଳବୈଶାଖୀ ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହିସବୁ ଜିଲାଗୁଡ଼ିକ ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ବୌଦ୍ଧ, ସୋନପୁର, ବଲାଙ୍ଗୀର ଓ ନୂଆପଡ଼ା ଆଦି ଜିଲା ରହିଛି। ଘଣ୍ଟାପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବା ସହ ବିଜୁଳି ଓ ଘଡ଼ଘଡ଼ିର ସମ୍ଭାବନା ରହିଛି। ୫ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିବ। ତେଣୁ ସମ୍ପୃକ୍ତ ଜିଲାଗୁଡ଼ିକୁ ସତର୍କ ରହିବାକୁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି।

# ପୁଅର ମୃତ୍ୟୁ ଖବର ଶୁଣି ବାପାଙ୍କ ମୃତ୍ୟୁ

ଆସିକା,୨।୪
(ସୁରେନ୍ଦ୍ର ନାଥ ସାହୁ)


ଅଭିମନ୍ୟୁ ମୁନି


ପ୍ରଶାନ୍ତ ମୁନି

ଗଞ୍ଜାମ ଜିଲା ଆସିକା ବ୍ଲକ ଅନ୍ତର୍ଗତ ଗଙ୍ଗାପୁର ଶାସନ ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ପୁଅର ମୃତ୍ୟୁ ଖବର ଶୁଣି ଡାକ୍ତରଖାନାରେ ଚିକିତ୍ସାଧୀନ ବାପାଙ୍କ ମୃତ୍ୟୁ ହୋଇଛି। ଗ୍ରାମବାସୀଙ୍କ ସହଯୋଗରେ ବାପା ଅଭିମନ୍ୟୁ ମୁନି (୭୦)ଙ୍କ ଅନ୍ତିମ ସଂସ୍କାର ହୋଇଥିବା ବେଳେ ଟ୍ରେନ୍‌ରୁ ଖସି ପ୍ରାଣ ହରାଇଥିବା ପୁଅ ପ୍ରଶାନ୍ତ ମୁନିଙ୍କ ମୃତଦେହ ଆଣିବାକୁ ସମ୍ପର୍କୀୟମାନେ ଆନ୍ଧ୍ରପ୍ରଦେଶ ଯାଇଛନ୍ତି।

ଗଙ୍ଗାପୁର ଶାସନ ଗ୍ରାମର ଅଭିମନ୍ୟୁ କିଛିଦିନ ହେଲା ଝିଅ ବାହାଘର କରିଥିଲେ। ଏହାପରେ ପରିବାରର ଗୁଜୁରାଣ ମେଣ୍ଟାଇବା ପାଇଁ ତାଙ୍କର ଏକମାତ୍ର ପୁଅ ପ୍ରଶାନ୍ତ କାମ କରିବାକୁ ସୁରଟ ଯାଇଥିଲେ। ସ୍ତ୍ରୀଙ୍କ ସହ ଗାଁରେ ରହୁଥିବା ଅଭିମନ୍ୟୁ ଶାରିରୀକ ଅସୁସ୍ଥତା କାରଣରୁ କିଛିଦିନ ହେଲା ବ୍ରହ୍ମପୁର ବଡ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ପ୍ରଶାନ୍ତ ବାପାଙ୍କୁ ଦେଖିବାକୁ ସୁରଟରୁ ଟ୍ରେନ୍‌ରେ ବାହାରିଥିଲେ। ତେବେ ବିଧିର ବିଧାନ ଥିଲା ଅଲଗା। ବାପାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିବା ପୂର୍ବରୁ ଆନ୍ଧ୍ରପ୍ରଦେଶର କୌଣସି ଏକ ସ୍ଥାନରେ ସେ ଚଳନ୍ତା ଟ୍ରେନରୁ ଖସିପଡିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଖବର ଶୁଣିବା ପରେ ଡାକ୍ତରଖାନା ଶଯ୍ୟାରେ ଥିବା ଅଭିମନ୍ୟୁଙ୍କ ପ୍ରାଣ ବାୟୁ ଉଡ଼ିଯାଇଥିଲା। ଆର୍ଥିକ ଅନଟନରେ କାଳାତିପାତ କରୁଥିବା ଏହି ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ଲାଗି ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

# ଚିକିତ୍ସା ପରେ ସୁସ୍ଥ ହେଉଛି ଦନ୍ତା

ବନ୍ତଳା,୨।୪(ସୁଶିତ ସାହୁ)


ଚିକିତ୍ସାଧୀନ ଥିବା ଦନ୍ତା ହାତୀ।

ଅନୁଗୋଳ ଜିଲା ବନ୍ତଳା ବନାଞ୍ଚଳ ବଲଙ୍ଗ ଗାଁ ଉପରମୁଣ୍ଡ ନାଳ ପାଖରେ ୧୦ ଦିନ ଧରି ଅସୁସ୍ଥ ଅବସ୍ଥାରେ ଥିବା ଏକ ଦନ୍ତାହାତୀ ଚିକିତ୍ସା ପରେ ସୁସ୍ଥ ହେଉଛି। ଗତ ୨୩ ତାରିଖରେ ସାତକୋଶିଆ ଅଭୟାରଣ୍ୟରୁ ଉକ୍ତ ଦନ୍ତାହାତୀ ବନ୍ତଳା ବନାଞ୍ଚଳ ବଲଙ୍ଗକୁ ଚାଲି ଆସିଥିଲା। ହାତୀଟି ଅସୁସ୍ଥ ଅବସ୍ଥାରେ ଥିବାରୁ ଅତ୍ୟନ୍ତ ଦୁର୍ବଳ ହୋଇ ପଡ଼ିଥିଲା। ବନ ବିଭାଗ କର୍ମଚାରୀଙ୍କ ନଜରକୁ ଆସିବା ପରେ ୨୯ ତାରିଖରୁ ଚିକିତ୍ସା ପାଇଁ ଚେଷ୍ଟା କରାଯାଇଥିଲା। ପ୍ରାଣୀ ଚିକିତ୍ସକ ଡା. ପି.କେ. ସିଂଙ୍କ ତତ୍ତ୍ୱାବଧାନରେ ଢେଙ୍କାନାଳ, ଅନୁଗୋଳ ଓ କପିଳାସ ହାତୀ ଉଦ୍ଧାର କେନ୍ଦ୍ରର ଚିକିତ୍ସକ ଟିମ୍ ସାମିଲ ହୋଇ ଚିକିତ୍ସା କରିଥିଲେ। ଏ ସମ୍ପର୍କରେ ବନ୍ତଳା ବନାଞ୍ଚଳ ଅଧିକାରୀ ପ୍ରସନ୍ନ ସାହୁ କହିଛନ୍ତି, ହାତୀଟି ଧୀରେ ଧୀରେ ସୁସ୍ଥ ଅବସ୍ଥାକୁ ଫେରୁଛି। ପୂର୍ବରୁ ଖାଦ୍ୟ ଖାଉ ନ ଥିଲା ବେଳେ ଚିକିତ୍ସା ପରେ ବୁଧବାର ଦନ୍ତାହାତୀକୁ ଦିଆଯାଇଥିବା ତରଭୁଜ, କଦଳୀ, ସେଓ ଓ କଖାରୁ ଆଦି ଖାଇବା ଆରମ୍ଭ କରିଛି। ଖୁବ୍‌ଶୀଘ୍ର ହାତୀଟି ସୁସ୍ଥ ଅବସ୍ଥାକୁ ଫେରି ଆସିବ।

# ୨ ମାଓବାଦୀ ଗିରଫ, ଅସ୍ତ୍ରଶସ୍ତ୍ର ଜବତ

ମାଲକାନଗିରି, ୨।୪
(ଦୁର୍ଯ୍ୟୋଧନ ପାତ୍ର)





ଛତିଶଗଡ଼ ସୁକ୍ମା ଜିଲା ପୋଲିସ ୨ ମାଓବାଦୀଙ୍କୁ ବୁଧବାର ଗିରଫ କରିଛି। ତାଙ୍କ ନିକଟରୁ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ଜଗରଗୁଣ୍ଡାରୁ ଜିଲା ପୋଲିସ ଓ ୧୬୫ ବାହିନୀ ସିଆର୍‌ପିଏଫ୍ ମିଳିତ ଭାବେ ସର୍ଚ୍ଚ ଓ କୋମ୍ବିଂ ନିମନ୍ତେ ସିଙ୍ଗାବରମ୍ ଓ ଆଖପାଖ ଅଞ୍ଚଳକୁ ବାହାରିଥିଲେ। ଉକ୍ତ ଅଞ୍ଚଳରେ ସର୍ଚ୍ଚ ସମୟରେ ୨ଜଣ ସନ୍ଦିଗ୍ଧ ବ୍ୟକ୍ତି ପୋଡିୟମ ଲଖମା ଓ ତେଲାମ ହିଡାଙ୍କୁ ଗିରଫ କରିଥିଲେ। ଏମାନଙ୍କୁ ପଚରାଉଚୁରା କରିବାରୁ ଏମାନେ ପ୍ରତିବନ୍ଧିତ ମାଓବାଦୀ ସଙ୍ଗଠନରେ କାର୍ଯ୍ୟ କରିଆସୁଛନ୍ତି। ଜଗରଗୁଣ୍ଡା ଥାନା ଅଞ୍ଚଳରେ ବହୁ ଘଟଣାରେ ସାମିଲ ଥିବା ସ୍ୱୀକାର କରିଥିଲେ। ଏମାନେ ରଖିଥିବା ୩ ବିଜିଏଲ୍ ସେଲ୍ ଓ ଗୋଟିଏ ବନ୍ଧୁକ ଜବତ କରାଯାଇଛି। ଯବାନମାନଙ୍କ ଚଳାଚଳ ରାସ୍ତାରେ ଲ୍ୟାଣ୍ଡମାଇନ୍ ଲଗାଇବା, ପୋଲିସ ଉପରେ ଆକ୍ରମଣ, ହତିଆର ଲୁଟ୍, ଗ୍ରାମବାସୀଙ୍କୁ ହତ୍ୟା ମାମଲାରେ ସାମିଲଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ସ୍କୁଲ ଭ୍ୟାନ୍ ଓଲଟି ୩ ଆହତ

ଠାକୁରମୁଣ୍ଡା,୨।୪
(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା କରଞ୍ଜିଆ-ଚଢ଼େଇଭୋଳ ରାସ୍ତାର ଭଅଁରା ନିକଟରେ ବୁଧବାର ଏକ ସ୍କୁଲ ଭ୍ୟାନ୍ ଓଲଟି ୨ ଛାତ୍ରଙ୍କ ସମେତ ୩ ଜଣ ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ କରଞ୍ଜିଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ସକାଳେ କରଞ୍ଜିଆ ବିବେକାନନ୍ଦ ପବ୍ଲିକ ସ୍କୁଲ ଭ୍ୟାନ୍‌ରେ ୧୦ ଜଣ ଛାତ୍ର ଯାଉଥିବା ବେଳେ ଡ୍ରାଇଭରଙ୍କ ବେପରୁଆ ଚାଳନା ଯୋଗୁ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ୨ ଛାତ୍ର ଓ ହେଲପର ଆହତ ହୋଇଥିଲେ। ଦୁର୍ଘଟଣା ପରେ ଡ୍ରାଇଭର ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏହାର ପ୍ରତିବାଦରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ଖବରପାଇ କରଞ୍ଜିଆ ଉପଜିଲାପାଳ ପହଞ୍ଚି ଆହତ ୨ ଛାତ୍ରଙ୍କ ଚିକିତ୍ସା ପାଇଁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରିବାପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। କରଞ୍ଜିଆ ପୋଲିସ ତଦନ୍ତ ଜାରି ରଖିଛି।

# ଭଡ଼ାଘରେ ଚାଲିଛି ୨୯୩ ଅଙ୍ଗନୱାଡି କେନ୍ଦ୍ର

ବାରିପଦା,୨।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

**ମୟୂରଭଞ୍ଜ ଜିଲାରେ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ବାଟବଣା**
- ୧୦୫୫ କେନ୍ଦ୍ରର ନିଜସ୍ୱ ଗୃହ ଓ ଭିତ୍ତିଭୂମି ନାହିଁ
- ଘରୋଇ ବିଦ୍ୟାଳୟ ଶିକ୍ଷା ପ୍ରତି ଆକୃଷ୍ଟ ହେଉଛନ୍ତି ଅଭିଭାବକ

ଚଳିତ ଶିକ୍ଷା ବର୍ଷଠାରୁ ରାଜ୍ୟରେ ଜାତୀୟ ଶିକ୍ଷାନୀତି-୨୦୨୦ ଆରମ୍ଭ ହୋଇଛି। ଭିତ୍ତିଭୂମି ଓ ଶିକ୍ଷାଦାନରେ ବ୍ୟାପକ ପରିବର୍ତ୍ତନ କରାଯାଇ ଶିଶୁମାନଙ୍କୁ ବିଦ୍ୟାଳୟ ମୁହାଁ କରିବା ପାଇଁ ସ୍କୁଲ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଭଳି କାର୍ଯ୍ୟକ୍ରମ ସରକାର ହାତକୁ ନେଇଛନ୍ତି। ମାତ୍ର ଗ୍ରାମାଞ୍ଚଳରେ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ବାଟବଣା ହୋଇଛି। କୋମଳମତି ଶିଶୁଙ୍କ ଶିକ୍ଷା ଗ୍ରହଣର ଏକମାତ୍ର ମାଧ୍ୟମ ଅଙ୍ଗନୱାଡି କେନ୍ଦ୍ର ଭଡ଼ା ଘରେ ଚାଲିବା ସରକାରୀ ଯୋଜନାକୁ ଦିଗହରା କରିଛି। ଏପରିକି ଆଦର୍ଶ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣରେ ପ୍ରଶାସନର ଉଦାସୀନତା କାରଣରୁ ଶିଶୁଙ୍କୁ ମୂଲ୍ୟବୋଧଭିତ୍ତିକ ଶିକ୍ଷା ପ୍ରଦାନରେ ବାଧକ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ମୟୂରଭଞ୍ଜ ଜିଲାର ୨୬ଟି ବ୍ଲକ୍, ୨ଟି ପୌର ପରିଷଦ ଓ ୨ଟି ବିଜ୍ଞାପିତ ଅଞ୍ଚଳ ପରିଷଦରେ ୫୧୫୨ଟି ଅଙ୍ଗନୱାଡି କେନ୍ଦ୍ର ଖୋଲାଯାଇଛି। ସେଥିମଧ୍ୟରୁ ୧୦୫୫ଟି କେନ୍ଦ୍ରର ନିଜସ୍ୱ ଗୃହ ଓ ଭିତ୍ତିଭୂମି ନ ଥିବା ବେଳେ ୨୯୩ଟି କେନ୍ଦ୍ର ଭଡ଼ାଘରେ ଚାଲିଛି। ସେହିପରି ୧୮୦ଟି ଗୋଷ୍ଠୀ କେନ୍ଦ୍ର ଓ ୫୮୨ଟି ସ୍କୁଲଗୃହରେ ଚାଲୁ ରହିଥିବା ବେଳେ ତାହା ସୁରକ୍ଷିତ ନୁହେଁ ବୋଲି ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ପଠାଇବା ପାଇଁ କୁଣ୍ଠାବୋଧ କରୁଛନ୍ତି। ଏହି ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ନିର୍ମାଣ କରାଯିବାକୁ ଯୋଜନା ହୋଇଥିବା ବେଳେ କେତେକ ନିର୍ମାଣ ଶେଷ ହୋଇଛି ଏବଂ ଅନ୍ୟ କେତେକର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଫଳରେ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ପାଠପଢ଼ା, ଶୃଙ୍ଖଳା ଓ ରନ୍ଧାଖାଦ୍ୟ ପ୍ରଦାନ, ଖେଳକୁଦ, ଉପକାରୀ ବଗିଚା ଯୋଜନାର ସଫଳ ରୂପାୟନ ହୋଇପାରୁ ନାହିଁ। ଅସ୍ୱାସ୍ଥ୍ୟକର ପରିବେଶ ଓ ପିଣ୍ଡାରେ ବସି ପାଠପଢ଼ିବା ଦ୍ୱାରା ଶିଶୁଙ୍କ ଶୈକ୍ଷିକ ବ୍ୟବସ୍ଥାରେ ଉନ୍ନତି ଆସିପାରୁ ନାହିଁ। ଏପରିକି କୋମଳମତି ଶିଶୁଙ୍କ ମାତାପିତା ଅଙ୍ଗନୱାଡି ପ୍ରତି ବିମୁଖ ହୋଇ ବେସରକାରୀ ବିଦ୍ୟାଳୟ ପ୍ରତି ଆକୃଷ୍ଟ ହେଉଛନ୍ତି। ଫଳରେ ଜିଲାରେ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଜିଲାପାଳ ପ୍ରତି ମାସରେ ବିଡିଓମାନଙ୍କୁ ଏନେଇ ବାରମ୍ବାର ତାଗିଦ କରୁଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରୁନାହିଁ। ସରକାରୀ ଅଧିକାରୀ ଓ କର୍ମଚାରୀମାନଙ୍କ ଉଦାସୀନତା ଏବଂ ଅବହେଳା କାରଣରୁ ଏପରି ଅବ୍ୟବସ୍ଥା ଲାଗିରହିଛି ବୋଲି ୨୦ ବର୍ଷ ଧରି କେନ୍ଦ୍ର ନିର୍ମାଣ ହୋଇପାରୁ ନ ଥିବା ବଡ଼ସାହି ବ୍ଲକ ବେଲପାଳ ଗ୍ରାମର ଅଭିଭାବକ ପୂର୍ଣ୍ଣେନ୍ଦୁ ବାସଙ୍ଗ, ଶକ୍ତି ବାସଙ୍ଗ ଓ ଦୀପୁ ବାସଙ୍ଗ କହିଛନ୍ତି। ଜିଲାରେ ମୋଟ ୨,୪୫,୪୪୧ ହିତାଧିକାରୀଙ୍କ ମଧ୍ୟରୁ ୩ରୁ ୬ମାସ ପର୍ଯ୍ୟନ୍ତ ୧,୧୩,୬୩୨ ଶିଶୁ, ୧୨,୭୬୪ ପ୍ରସୂତି, ୧୭,୩୯୨ ଗର୍ଭବତୀ, ୬ ମାସରୁ କମ୍ ୧୨,୪୫୨ ଶିଶୁ, ୬ ମାସରୁ ୬ ବର୍ଷ ପର୍ଯ୍ୟନ୍ତ ୮୯,୨୦୧ ଜଣ ଶିଶୁ ରହିଛନ୍ତି। ଏମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଯୋଜନା ଫେଲ୍ ହେବାକୁ ବସିଛି।

ଏ ସଂକ୍ରାନ୍ତରେ ଭାରପ୍ରାପ୍ତ ଜିଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତିଙ୍କୁ ପଚାରିବାରୁ ଜିଲାପାଳଙ୍କ ନିର୍ଦ୍ଦେଶରେ ସମସ୍ତ କାର୍ଯ୍ୟ ହାତକୁ ନିଆଯାଇଛି। ନିର୍ମାଣ କାର୍ଯ୍ୟ ପାଇଁ ସହରାଞ୍ଚଳରେ ପୌର ଅଧିକାରୀ ଓ ଗ୍ରାମାଞ୍ଚଳରେ ବ୍ଲକ୍ ପ୍ରଶାସନ ଜରିଆରେ କାର୍ଯ୍ୟ ଚାଲୁ ରହିଛି। ମାତ୍ର ବିଭିନ୍ନ କାରଣ ଯୋଗୁ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁ ନ ଥିବାରୁ ନିଜସ୍ୱ କେନ୍ଦ୍ରଗୁଡ଼ିକ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ସେହିପରି ଶିଶୁଙ୍କ ଖେଳକୁଦ ସମେତ ଗର୍ଭବତୀ ଓ ପ୍ରସୂତିଙ୍କ ସ୍ୱାସ୍ଥ୍ୟ ଓ ପୋଷଣ ପାଇଁ ଅଙ୍ଗନୱାଡିଗୁଡ଼ିକୁ ଆଦର୍ଶ କେନ୍ଦ୍ର ଭାବେ ପରିଣତ କରିବା ପାଇଁ ଯୋଜନା ଆରମ୍ଭ କରାଯାଇଛି ବୋଲି ସେ କହିଛନ୍ତି।

ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ(ଓମ୍ବାଡିସି) ମୟୂରଭଞ୍ଜ ଜିଲା ସହାୟତାରେ ରୂପାନ୍ତରିତ କରିବା ପାଇଁ ରୂପରେଖ ପ୍ରସ୍ତୁତ ହୋଇଥିଲା। ୨୦୧୯ରେ ଜିଲାର ୮୨୬ଟି କେନ୍ଦ୍ରକୁ ଆଦର୍ଶ ଅଙ୍ଗନୱାଡି ଭାବେ ନିର୍ମାଣ କରିବା ପାଇଁ ଓମ୍ବାଡିସି ପକ୍ଷରୁ ୫୨୮କୋଟି ଟଙ୍କାର ଡିପିଆର୍ ପ୍ରସ୍ତୁତ କରାଯାଇଥିଲା। ଏଥିରେ ପ୍ରତି କେନ୍ଦ୍ରକୁ ୧୫ଲକ୍ଷ ଟଙ୍କାର ବ୍ୟୟବରାଦର ଲକ୍ଷ୍ୟ ରଖାଯାଇଥିଲା। ଏହା ସହ ପୁରୁଣା କେନ୍ଦ୍ରଗୁଡ଼ିକର ପାରିପାର୍ଶ୍ୱିକ ଉନ୍ନତୀକରଣ କରିବା ପାଇଁ ୪ଲକ୍ଷ ୫୦ହଜାରରୁ ୭ଲକ୍ଷ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ବ୍ୟୟବରାଦ ରହିଥିଲା। ପ୍ରଥମ ପର୍ଯ୍ୟାୟରେ ଓମ୍ବାଡିସି ପକ୍ଷରୁ ୨୦୨୧-୨୨ରେ ଜିଲାର ୩୪୬ଟି ଆଦର୍ଶ ଅଙ୍ଗନୱାଡି କେନ୍ଦ୍ର ନିମନ୍ତେ ଅର୍ଥ ମଞ୍ଜୁର କରାଯାଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହା ମଧ୍ୟରୁ ୩୦୦ କାର୍ଯ୍ୟ ସମ୍ପାଦନ ହୋଇଥିବା ବେଳେ ୪୬ଟିର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଅବଶିଷ୍ଟ ୪୮୦ଟି ଆଦର୍ଶ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ନିମନ୍ତେ ଅର୍ଥ ମଞ୍ଜୁର କରିବା ପାଇଁ ପ୍ରଶାସନ ପକ୍ଷରୁ ବାରମ୍ବାର ବିଭାଗକୁ ଅବଗତ କରାଯାଉଥିଲେ ମଧ୍ୟ ତାହା ଅନୁମୋଦନ ପାଇପାରୁନାହିଁ। ତେବେ ଜାତୀୟ ଶିକ୍ଷାନୀତି ଅନୁଯାୟୀ ପ୍ରାକ୍ ଶିକ୍ଷାକୁ ଗୁରୁତ୍ୱ ଦିଆ ନ ଗଲେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ଲକ୍ଷ୍ୟସ୍ଥଳରେ ଅପହଞ୍ଚ ହୋଇପଡ଼ିବ ବୋଲି ଅଭିଭାବକମାନେ ମତବ୍ୟକ୍ତ କରିଛନ୍ତି।



ଶକ୍ତି ହୋଇଉଠେ ମହାନ୍ -ଯେତେବେଳେ ତାହା କ୍ରୋଧମୁକ୍ତ ହୋଇ ଊର୍ଦ୍ଧ୍ୱଗାମୀ ହୁଏ। କୌଣସି କିଛିର ଧ୍ୱଂସସାଧନ ମଧ୍ୟ ମହିମାମୟ ହୋଇପାରେ। କିନ୍ତୁ ତା'ର ଉତ୍ସ ବା କାରଣ ଯଦି ହୁଏ ପ୍ରତିହିଂସା, ତେବେ ତାହା କାଳିମାମୟ ହୋଇଉଠେ। -ଶ୍ରୀଅରବିନ୍ଦ

-ଶ୍ରୀମନ୍ଦିରରେ ଚୈତ୍ର ଗୁଣ୍ଡିଚା ଯାତ୍ରା, ବାସନ୍ତିକ ଶ୍ରୀଦୁର୍ଗାଦେବ୍ୟାଃ ବିଲ୍ୱବରଣ



# ସାତ ଶତାବ୍ଦୀର କଥା




ଦେବଦତ୍ତ ପଟ୍ଟନାୟକ

ଇସ୍‌ଲାମ ଧର୍ମ ସପ୍ତମ ଶତାବ୍ଦୀରେ ଆରବରେ ସୃଷ୍ଟି ହୋଇଥିଲା। ଏହା ପଶ୍ଚିମକୁ ଭୂମଧ୍ୟସାଗରୀୟ ଦେଶ ସମୂହ ଏବଂ ପୂର୍ବକୁ ପର୍ସିଆ ବା ପାରସ୍ୟ(ଏବକାର ଇରାନ୍)କୁ ବିସ୍ତାର ହୋଇଥିଲା। ଅଷ୍ଟମ ଶତାବ୍ଦୀ ସୁଦ୍ଧା ଏହା ପୁନର୍ବାର ବିସ୍ତାରିତ ହୋଇ ସ୍ପେନ୍‌ରୁ ଆରମ୍ଭ କରି ସିନ୍ଧ୍ ଅଞ୍ଚଳରେ ପହଞ୍ଚିଥିଲା। ଏହା କିଭଳି ଭାରତରେ ପହଞ୍ଚିଲା ? ରାଜନୈତିକ ବିଚାରରେ ଏହାର ଉତ୍ତର ହେଉଛି ହିଂସା ଓ ଲୁଣ୍ଠନ। କିନ୍ତୁ ବୁଦ୍ଧିଜୀବୀମାନେ ଉତ୍ତର ଦିଅନ୍ତି, ଏହା ଗୋଟିଏ ମାଧ୍ୟମରେ ଭାରତକୁ ଆସି ନ ଥିଲା, ବରଂ ସେତେବେଳର ବାଣିଜ୍ୟ, ଯୁଦ୍ଧ, ପ୍ରଚାର, କୃଷି ଓ ପ୍ରବାସନ ମାଧ୍ୟମରେ ଭାରତକୁ ପ୍ରବେଶ କରିଥିଲା।

ଚେରାମାନ ଜୁମା ସମ୍‌ଜିଦ (କେରଳ), ତାମିଲନାଡୁର ପାଲାୟା ଜୁମା ପାଲି, ଗୁଜରାଟର ଘୋଘା ସ୍ଥିତ ବରୱାଡ ମସ୍‌ଜିଦ ହେଉଛି ସପ୍ତମ ଶତାବ୍ଦୀର। ଆରବର ନାବିକ ଓ ବଣିକମାନେ ସ୍ଥାନୀୟ ହିନ୍ଦୁ ରାଜାଙ୍କ ସହାୟତାରେ ଏଗୁଡ଼ିକୁ ନିର୍ମାଣ କରିଥିଲେ। ବାସ୍ତବରେ ସେମାନେ ହେଉଛନ୍ତି ପ୍ରଥମ ଲୋକ ଯେଉଁମାନ ଭାରତୀୟ ଉପକୂଳ ଅଞ୍ଚଳକୁ ଇସ୍‌ଲାମ ସଂସ୍କୃତିକୁ ଆଣିଥିଲେ। ସପ୍ତମ ଶତାବ୍ଦୀରେ ସିନ୍ଧ୍‌କୁ ଆରବୀୟ ଲୁଣ୍ଠନ କରିଥିବା କାହାଣୀ ତ୍ରୟୋଦଶ ଶତାବ୍ଦୀର ଏକ ପର୍ସିଆନ (ଇରାନୀୟ) ଗ୍ରନ୍ଥରେ ବର୍ଣ୍ଣନା କରାଯାଇଛି। ମୁମ୍ବାଇ ନିକଟସ୍ଥ ଠାଣେ ଅଞ୍ଚଳକୁ ଦଖଲକରିବା ପାଇଁ ସପ୍ତମ ଓ ଅଷ୍ଟମ ଶତାବ୍ଦୀରେ ଆରବୀୟମାନେ ସିନ୍ଧ୍ (ପାକିସ୍ତାନର ଦକ୍ଷିଣ ପୂର୍ବ ଭାଗ)କୁ ଆକ୍ରମଣ କରିଥିଲେ। ତେବେ ସେତେବେଳେ ସେଠାକାର ପ୍ରତିହାର ରାଜାମାନେ ସେମାନଙ୍କୁ ଘଉଡ଼ାଇଦେବାରେ ସଫଳ ହୋଇଥିଲେ। ଇସ୍‌ଲାମ ଧର୍ମ ବାଣିଜ୍ୟ ପଥ ଦେଇ ବିସ୍ତାର ଲାଭ କରିଥିବା ସ୍ପଷ୍ଟ ହେଉଥିଲେ ମଧ୍ୟ ସପ୍ତମ ଶତାବ୍ଦୀରେ ଉପମହାଦେଶରେ ସେନା ଅଭିଯାନ ମାଧ୍ୟମରେ ପହଞ୍ଚି ସିନ୍ଧ ଅଞ୍ଚଳରେ ପ୍ରବେଶ କରିଥିଲା। ଦଶମ ଶତାବ୍ଦୀ ପାଖାପାଖିରେ କେନ୍ଦ୍ର ଏସିଆରୁ ମହମ୍ମଦ ଗଜ୍‌ନୀଙ୍କ ଭଳି ଆକ୍ରମଣକାରୀମାନେ ହିନ୍ଦୁକୁଶ ପର୍ବତ ଅତିକ୍ରମ କରିଥିଲେ ଏବଂ ଧନ ପାଇଁ ସେମାନେ ଉତ୍ତର ଭାରତର ମନ୍ଦିରଗୁଡ଼ିକୁ ଲୁଣ୍ଠନ କରିଥିଲେ। ଦ୍ୱାଦଶ ଶତାବ୍ଦୀ ପରଠାରୁ ସେମାନେ ସେଠାରେ ରହିବା ଆରମ୍ଭ କରିଥିଲେ ଏବଂ ଭାରତର ବିଶାଳ କୃଷି ସମ୍ପଦକୁ ଦଖଲକୁ ନେଇ ଚାଷ ଆରମ୍ଭ କରିଦେଇଥିଲେ। ଏହି ଲୁଣ୍ଠନକାରୀମାନେ ଆରବର ନ ଥିଲେ, ସେମାନେ ଥିଲେ କେନ୍ଦ୍ର ଏସିଆର ତୁର୍କ (ତୁର୍କୀର ବାସିନ୍ଦା)। ପଞ୍ଚଦଶ ଶତାବ୍ଦୀରୁ ମୋଗଲଙ୍କ ଦ୍ୱାରା ତୁର୍କ ଓ ଆଫଗାନମାନଙ୍କ ପ୍ରଭାବ ଧୀରେ ଧୀରେ ହ୍ରାସ ପାଇଥିଲା।

ଏହି ସୁଲତାନମାନେ ଭାରତରେ ଏକ ନୂଆ ପର୍ସିଆନ ଦରବାର ସଂସ୍କୃତି ଆରମ୍ଭ କରିଥିଲେ ଏବଂ ପୁରୁଣା ସଂସ୍କୃତ ଭାଷା ତଥା ସଂସ୍କୃତି ପରମ୍ପରାକୁ ବଦଳାଇଦେଲେ।



ସେମାନଙ୍କ ସହ ଥିବା ଘୋଡ଼ାଗୁଡ଼ିକ ସେନାକୁ ଶକ୍ତିଶାଳୀ କରିଥିଲା। ସେଥିପାଇଁ ରାଜସ୍ଥାନରେ ବିଭିନ୍ନ ଅଞ୍ଚଳରେ ଘୋଡ଼ା ଉପରେ ବସିଥିବା ଦେବତା( ପୀର କିମ୍ବା ପୀର କୁହାଯାଏ)ଙ୍କୁ ଉଭୟ ହିନ୍ଦୁ ଓ ମୁସଲମାନ ପୂଜା କରିଥାନ୍ତି। ଦକ୍ଷିଣ ଭାରତର ମନ୍ଦିରଗୁଡ଼ିକରେ ଭାବର ଓ ରାଭୁଟାନ ଭଳି ମୁସଲମାନ ଅଶ୍ୱାରୋହୀ ଯୋଦ୍ଧାମାନେ ହିନ୍ଦୁ ଦେବଦେବୀଙ୍କୁ ଜଗିଥିବାର ଚିତ୍ର ଦେଖିବାକୁ ମିଳେ। ଏହା ବିଶେଷକରି ସମନ୍ୱୟ ବା ସଦ୍‌ଭାବନାକୁ ପ୍ରକାଶକରେ। ଶ୍ରୀରଙ୍ଗମ ଭଳି ଦକ୍ଷିଣ ଭାରତର ବିଷ୍ଣୁ ମନ୍ଦିର ସବୁ ମୁସଲମାନ ରାଜକୁମାରୀ ତଥା ଭକ୍ତର କାହାଣୀକୁ ସୂଚିତକରେ ଯିଏ କି ଦେବତାଙ୍କ ସ୍ତ୍ରୀ ହୋଇଥିଲେ। ଏହା ଉଭୟ ସଂସ୍କୃତିର ନିବିଡ଼ ସମ୍ପର୍କକୁ ସୂଚିତ କରୁଛି।

ଦ୍ୱାଦଶ ଶତାବ୍ଦୀ ପରଠାରୁ ସୁଫିମାନେ ଭାରତରେ ପ୍ରବେଶ କରିଥିଲେ। ସେମାନେ ଥିଲେ କେନ୍ଦ୍ର ଏସିଆର ଇସ୍‌ଲାମୀୟ ସୁଫିବାଦୀ। ମଙ୍ଗୋଲୀୟମାନେ ପୁରୁଣା ଆରବ ସାମ୍ରାଜ୍ୟକୁ ଆକ୍ରମଣକରି ନଷ୍ଟ କରିଦେବା ପରେ ସୁଫିମାନେ ଲୋକପ୍ରିୟ ହୋଇଥିଲେ। ଏହି ଅଧ୍ୟାତ୍ମବାଦୀ ବ୍ୟକ୍ତିମାନେ ବାଣିଜ୍ୟ ପଥ ଦେଇ ଭାରତର ସବୁ ଅଞ୍ଚଳକୁ ଯାତ୍ରା କରିଥିଲେ। ସେମାନଙ୍କ ମଧ୍ୟରେ କେତେକେ ସୈନ୍ୟ କିମ୍ବା ଘାଜି ଥିଲେ ଏବଂ ଅନ୍ୟସବୁ ଥିଲେ ଧର୍ମ ପ୍ରଚାରକ; ଯେଉଁମାନେ ଭାବନାତ୍ମକ ଶାନ୍ତି, ନ୍ୟାୟିକ ସେବା, ଔଷଧ ଓ କୃଷିଗତ ଜ୍ଞାନ ପ୍ରଦାନ କରୁଥିଲେ। ଏଣୁ ସେମାନେ ଯେଉଁଠି ରହୁଥିଲେ ସେଠାରେ ଲୋକେ ସେମାନଙ୍କୁ ଭଲ ପାଉଥିଲେ। ସେମାନଙ୍କର ଯେତେବେଳେ ମୃତ୍ୟୁ ଘଟିଲା ସେତେବେଳେ ସେମାନଙ୍କ ଦରଘା କିମ୍ବା ସମାଧି ବା କବରସ୍ଥଳୀ ଆଧ୍ୟାତ୍ମିକ କେନ୍ଦ୍ର ପାଲଟିଗଲା। ସେମାନଙ୍କ ଆତ୍ମା ନିକଟରୁ ଦିବ୍ୟ ଆଶୀର୍ବାଦ ପାଇବା ଲାଗି ସେଠାକୁ ଆଖପାଖ ଅଞ୍ଚଳର ଲୋକେ ଆସୁଥିଲେ। ଏହି ମୁସଲମାନ ପୀରମାନେ ହିନ୍ଦୁ ବୀରଙ୍କ ସହ ମିଶି ଲୋକକଥାର ଦୃଶ୍ୟପଟରେ ଏକ ଅଂଶ ପାଲଟିଯାଇଥିଲେ।

କୃଷିଭିତ୍ତିକ ନୂତନତ୍ୱ ଜ୍ୟାନ ମାଧ୍ୟମରେ ମଧ ଇସ୍‌ଲାମ ଧର୍ମ ବିସ୍ତାର ଲାଭକରିଛି, କିନ୍ତୁ ତାହାକୁ ବହୁ ସମୟରେ ଅଣଦେଖା କରାଯାଇଆସିଛି। ଭାରତକୁ ଆସିଥିବା ସୁଫିମାନେ ଦଶମ ଶତାବ୍ଦୀରୁ କୃଷିର ନୂଆ ଟେକ୍ନୋଲୋଜି ଆରମ୍ଭ କରିଥିଲେ। ସେମାନେ ଜଳଚକ, ଭୂତଳ କେନାଲ ନିର୍ମାଣ କରିଥିଲେ , ଯାହା ସ୍ପେନ୍ ଓ ପର୍ସିଆରେ ବିକଶିତ ହୋଇଥିଲା। ଏହା ଯୋଗୁ ଶୁଖିଲା ଅଞ୍ଚଳରେ କୃଷିକାର୍ଯ୍ୟ ସମ୍ଭବ ହେଲା। ଏହିସବୁ ଟେକ୍ନୋଲୋଜି ସିନ୍ଧ୍ ଓ ପଞ୍ଜାବକୁ ଆସିଥିଲା ଏହି ଅଞ୍ଚଳଗୁଡ଼ିକୁ କୃଷି ସମୃଦ୍ଧ କରିଥିଲା। ଫଳରେ ସେଠାରେ ଥିବା ଭୂମିହୀନ ଜାଠମାନେ ଜମି ମାଲିକ ହେବା ସହ ଆର୍ଥିକ ଦୃଷ୍ଟିରୁ ଲାଭବାନ୍ ହୋଇଥିଲେ। ଏହିସବୁ ଅଞ୍ଚଳରେ ସର୍ବାଧିକ ମୁସଲମାନ ରହୁଥିଲେ ଏବଂ ଧୀରେ ଧୀରେ ପାକିସ୍ତାନ ଚାଲିଯାଇଥିଲେ। ଭାରତର ପୂର୍ବାଞ୍ଚଳରେ ମୋଗଲ ଶାସନ ସମୟରେ ରାଜସ୍ୱ ଭିତ୍ତିଭୂମି ବୃଦ୍ଧି ପାଇଁ ଗଙ୍ଗାନଦୀ କୂଳରେ କୃଷିକୁ ଉତ୍ସାହିତ କରାଯାଇଥିଲା। ପୂର୍ବରୁ ମୁଖ୍ୟସ୍ରୋତର ବାହାରେ ରହୁଥିବା ସୀମାନ୍ତ ଅଞ୍ଚଳର ଲୋକମାନେ ଏହି ସୁଯୋଗରୁ ଲାଭ ଉଠାଇଲେ। ସୁଫି ବିଦ୍ୱାନଙ୍କ ସହଯୋଗରେ ସେମାନେ ନୂଆ ବସତି ସ୍ଥାପନ କରିଥିଲେ ଯାହା ପରେ ବାଂଲାଦେଶ ହୋଇଛି। ଏଠାରେ ପଞ୍ଚପୀରଙ୍କ ପୂଜା ହେଉଥିବା ଦେଖିବାକୁ ମିଳେ, ଯାହାଙ୍କୁ ପଞ୍ଚପାଣ୍ଡବ ଭାବେ ଚିହ୍ନଟ କରାଯାଇଥାଏ। କୃଷି ସହ ଜଡ଼ିତ ବନ୍ ବିବିଙ୍କ ଭଳି ସ୍ଥାନୀୟ ଦେବୀ ସୁନ୍ଦରବନରେ ଅଛନ୍ତି। ବେଙ୍ଗଲର କୁଟୀରଗୁଡ଼ିକରେ କରାଯାଉଥିବା ଟେରାକୋଟା ଏହି ଅଞ୍ଚଳର ମସ୍‌ଜିଦଗୁଡ଼ିକରେ ମଧ୍ୟ ଦେଖିବାକୁ ମିଳେ, ଯାହା ଆରବ ଓ ପର୍ସିଆନ ମସ୍‌ଜିଦଠାରୁ ସମ୍ପୂର୍ଣ୍ଣ ଭିନ୍ନ।

ବିଶେଷକରି ତ୍ରୟୋଦଶ ଶତାବ୍ଦୀର ମଙ୍ଗୋଲ ଆକ୍ରମଣ ପରେ କେନ୍ଦ୍ର ଏସିଆ ଏବଂ ପାରସ୍ୟରୁ ଅନେକ ପ୍ରବାସୀ ମୁସଲମାନ ଦିଲ୍ଲୀ ଓ ବାହାମନି ସାମ୍ରାଜ୍ୟରେ ନିଯୁକ୍ତି ସୁଯୋଗକୁ ଲକ୍ଷ୍ୟକରି ଆସିଥିଲେ। ଅନେକେ ସପରିବାର ଆସିଥିଲେ ଏବଂ ଆଉ କେତେକେ ସ୍ଥାନୀୟ ମହିଳାଙ୍କୁ ବିବାହ କରିଥିଲେ। ସେମାନଙ୍କ ମଧ୍ୟରେ କେତେକେ ନୌକର (ସର୍ବୈତନିକ ସୈନ୍ୟ) ଏବଂ ଚାକର (ସର୍ବୈତନିକ ଆକାଉଣ୍ଟାଣ୍ଟ) ଥିଲେ। ଇସ୍‌ଲାମ ଧର୍ମ ମଧ୍ୟ ସେମାନଙ୍କ ସହ ଆସିଥିଲା। ସେମାନେ ଦରବାରରେ ପ୍ରତିଷ୍ଠିତ ବ୍ୟକ୍ତି ଥିଲେ ଓ ପର୍ସିଆନ ଭାଷା କହୁଥିଲେ ଏବଂ ପର୍ସିଆନ ଶୈଳୀରେ ମସ୍‌ଜିଦ ନିର୍ମାଣ କରିଥିଲେ। ସ୍ଥାନୀୟ ସମ୍ଭ୍ରାନ୍ତୀୟ ଭାରତୀୟ ମୁସଲମାନମାନେ ପ୍ରବାସୀ ସମ୍ଭ୍ରାନ୍ତ ମୁସଲମାନଙ୍କୁ ବିରୋଧ କରିଥିଲେ। ସମ୍ଭ୍ରାନ୍ତୀୟ ମୁସଲମାନମାନେ ନୀଚଜାତିର ଲୋକଙ୍କ ଧର୍ମାନ୍ତରୀକରଣକୁ ଗୁରୁତ୍ୱ ଦେଉ ନ ଥିଲେ। ଏହିପରି ଭାବେ ଭାରତରେ ଇସ୍‌ଲାମ ଧର୍ମର ପ୍ରବେଶର ଜଟିଳ କାହାଣୀ ହେଉଛି ଏକ ସାତ ଶତାବ୍ଦୀର କଥା , ଯେଉଁଥିରେ ବାଣିଜ୍ୟ, ଯୁଦ୍ଧ, ପ୍ରଚାରକ, କୃଷିବିତ୍ ଏବଂ ପ୍ରବାସୀ ଜଡ଼ିତ ରହିଛନ୍ତି।

-devduttofficial@gmail.com

## ଏଇ ଭାରତରେ

ଶେଷାଦ୍ରି ଶିବକୁମାର ପେସାରେ ଜଣେ ସିଭିଲ ଇଞ୍ଜିନିୟର। କିନ୍ତୁ କଶ୍ମୀର ସାଫ୍ରୋନ ଚାଷକରି ସେ ସଫଳ ହୋଇପାରିଛନ୍ତି, ତାହା ପୁଣି କେରଳରେ। ପ୍ରତିକୂଳ ପରିବେଶରେ କଶ୍ମୀର ସାଫ୍ରୋନ ଚାଷକରି ଅଧିକ ଅମଳ କରିବାକୁ ସକ୍ଷମ ହୋଇଛନ୍ତି। ସେ କଶ୍ମୀର ଯାଇ ଏହି ଚାଷ ସମ୍ପର୍କରେ ଜ୍ଞାନ ହାସଲ କରିଥିଲେ। ପ୍ରଥମେ ସେ ଏହି ଚାଷରେ ୧୦ ଲକ୍ଷ ଟଙ୍କା ନିବେଶ କରିଥିଲେ। ଆରମ୍ଭରୁ ୪ କୁଇଣ୍ଟାଲ ସାଫ୍ରୋନ କଢ଼ି ଉତ୍ପାଦନ କରିଥିଲେ। ଏହା ଥିଲା ସାଫ୍ରୋନ କୃଷିରେ ଏକ ଭିନ୍ନ ଘଟଣା। ସବୁଠୁ ବଡ଼କଥା ହେଉଛି ଶେଷାଦ୍ରି ଏହି ଚାଷ ମାତ୍ର ୨୨୫ ବର୍ଗଫୁଟ ଜାଗାରେ ଏରୋପୋନିକ୍ ପଦ୍ଧତି(ବିନାମାଟିରେ ନ୍ୟୁଟ୍ରିଏଣ୍ଟଯୁକ୍ତ ଜଳକଣା ବ୍ୟବହାର କରି କରାଯାଇଥାଏ)ରେ କରୁଛନ୍ତି। ତାଙ୍କ ଚାଷ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ସ୍ୱୟଂଚାଳିତ ତଥା ରିମୋଟ୍ ନିୟନ୍ତ୍ରିତ। ଗୋଟିଏ ବର୍ଷରେ ସେ ଏହି ଚାଷରୁ ୧୨ ଲକ୍ଷ ଟଙ୍କା ରୋଜଗାର କରିଛନ୍ତି। ସାଫ୍ରୋନ ଚାଷକୁ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ କରିବା ପାଇଁ ସେ ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୩ ଏପ୍ରିଲ ୧୯୭୬

- ରାଜସ୍ୱ ମନ୍ତ୍ରୀ ବଲ୍ଲଭ ପାଣିଗ୍ରାହୀ ବିଧାନସଭାରେ ଆଗତ କରିଥିବା ଓଡ଼ିଶା ଚକବନ୍ଦୀ ସଂଶୋଧନ ଆଇନ ଗୃହୀତ ହୋଇଯାଇଛି।
- ଭାରତ ସୋଭିଏତ୍ ରୁଷକୁ ୩୦ କୋଟି ଟଙ୍କାର କାଜୁବାଦାମ ଯୋଗାଇଦେବା ପାଇଁ ଉଭୟ ଦେଶର ଦୁଇଟି ବାଣିଜ୍ୟ ଅନୁଷ୍ଠାନ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ।
- ଆଙ୍ଗୋଲାକୁ ଯୁଦ୍ଧଜନିତ କ୍ଷତିପୂରଣ ଦେବା ଲାଗି ଦକ୍ଷିଣ ଆଫ୍ରିକାକୁ ଜାତିସଂଘ ନିରାପତ୍ତା ପରିଷଦର ନିର୍ଦ୍ଦେଶ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | 3 | | | | | 6 |
| | | | 7 | 5 | | 9 | | |
| | 1 | | | | | 2 | | 8 |
| | | | 5 | 7 | | | | |
| | 4 | | 9 | | | | | 2 |
| 7 | | 1 | | | 6 | | | |
| 4 | 2 | | | | | 6 | | |
| | | | 4 | | | | | 3 |
| | | 9 | | | | 8 | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 4 | 6 | 1 | 9 | 7 | 8 | 3 | 2 |
| 3 | 9 | 2 | 8 | 5 | 6 | 4 | 7 | 1 |
| 1 | 7 | 8 | 4 | 3 | 2 | 9 | 6 | 5 |
| 9 | 3 | 5 | 7 | 6 | 8 | 2 | 1 | 4 |
| 7 | 2 | 4 | 9 | 1 | 5 | 6 | 8 | 3 |
| 6 | 8 | 1 | 3 | 2 | 4 | 7 | 5 | 9 |
| 4 | 1 | 7 | 2 | 8 | 3 | 5 | 9 | 6 |
| 2 | 5 | 3 | 6 | 7 | 9 | 1 | 4 | 8 |
| 8 | 6 | 9 | 5 | 4 | 1 | 3 | 2 | 7 |

ଗତକାଲିର ଉତ୍ତର

# ଆଶଙ୍କାରେ ପେନ୍‌ସନଭୋଗୀ



ବୃହସ୍ପତି ସାମଲ

ବିତ୍ତ ବିଧେୟକ ୨୦୨୫ର ଅଂଶବିଶେଷ ଭାବେ ୨୫ ମାର୍ଚ୍ଚ ୨୦୨୫ରେ କେନ୍ଦ୍ରୀୟ ବେସାମରିକ ସେବା (ପେନ୍‌ସନ) ନିୟମ ତଥା ଭାରତ ସରକାରଙ୍କ ସଞ୍ଚିତ ପାଣ୍ଠିରୁ ପେନ୍‌ସନ ଦେୟ ବୈଧକରଣ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଭାରତର ସମସ୍ତ ପେନ୍‌ସନଭୋଗୀ ଭୟଭୀତ ହେବା ସହ ପେନ୍‌ସନର ଭବିଷ୍ୟତ ସ୍ୱରୂପକୁ ନେଇ ଅନେକ ଆଶଙ୍କା ପ୍ରକଟ କରିଛନ୍ତି। ବୈଧକରଣର ଏହି ସିଦ୍ଧାନ୍ତ ଅନୁଯାୟୀ ପେନ୍‌ସନ ନିୟମ ପ୍ରତି କୌଣସି ପୂର୍ବାଗ୍ରହ ବିନା କେନ୍ଦ୍ର ସରକାର ପେନ୍‌ସନଭୋଗୀଙ୍କ ଅବସର ଗ୍ରହଣ ତାରିଖକୁ ନେଇ ସେମାନଙ୍କ ଭିତରେ ଏକ ପ୍ରଭେଦ ସୃଷ୍ଟି କରିପାରିବେ, ଯାହା କେନ୍ଦ୍ରୀୟ ବେତନ ଆୟୋଗଙ୍କ ସୁପାରିସ ଲାଗୁ ସମୟରୁ ଆରମ୍ଭ ହେବ। ଏହି ବୈଧକରଣ ୧ ଜୁନ ୧୯୭୨ରୁ ଲାଗୁ ହେବ, ଯାହାଦ୍ୱାରା ସମ୍ବିଧାନର ଅନୁଚ୍ଛେଦ ୩୦୯ ଆଧାରରେ ସମୟାନୁସାରେ ହୋଇଥିବା କେନ୍ଦ୍ରୀୟ ବେସାମରିକ ସେବା (ପେନ୍‌ସନ) ନିୟମ, ୧୯୭୨ ଓ ୨୦୨୧ ଏବଂ କେନ୍ଦ୍ରୀୟ ବେସାମରିକ ସେବା (ଅସାଧାରଣ ପେନ୍‌ସନ) ନିୟମ ୨୦୨୩ ଅନ୍ତର୍ଗତ ସମସ୍ତ ସଂଶୋଧିତ ନିୟମଗୁଡ଼ିକୁ ମାନ୍ୟତା ପ୍ରଦାନ କରିବ।

ଏବେ ପେନ୍‌ସନଭୋଗୀଙ୍କ ମଧ୍ୟରେ ଆଶଙ୍କା ଉପୁଜିବାର କାରଣ ହେଲା ଯେ ପ୍ରସ୍ତାବିତ ଅଷ୍ଟମ ବେତନ ଆୟୋଗଙ୍କ ସୁପାରିସ ଆସନ୍ତା ୧ ଜାନୁଆରୀ ୨୦୨୬ରୁ ଲାଗୁହେବାକୁ ଯାଉଥିବା ସମୟରେ ଯଦି ଅବସର ତାରିଖକୁ ନେଇ ଉପରୋକ୍ତ ବିଜ୍ଞପ୍ତି ଅନୁଯାୟୀ ପେନ୍‌ସନଭୋଗୀଙ୍କୁ ଭାଗ ଭାଗ କରାଯାଏ, ତେବେ ଅନୁମୋଦନ ଲାଗୁ ହେବା ପୂର୍ବରୁ ଅବସର ନେଇଥିବା କର୍ମଚାରୀଙ୍କ ପେନ୍‌ସନ ଅଷ୍ଟମ ବେତନ ଆୟୋଗଙ୍କ ସୁପାରିସ ମୁତାବକ ବୃଦ୍ଧି ନ ହୋଇ କେବଳ ଅନୁମୋଦନ ଲାଗୁ ହେବା ପରେ ଯେଉଁମାନେ ଅବସରନେବେ ସେମାନଙ୍କ ପାଇଁ ପ୍ରଯୁଜ୍ୟ ହେବ। ପୂର୍ବରେ ସାତଟିଯାକ ବେତନ ଆୟୋଗଙ୍କ ସୁପାରିସ ଲାଗୁ ହେବା ସମୟରେ ଏଭଳି ଆଶଙ୍କା ବା ପରିସ୍ଥିତି ସୃଷ୍ଟି ହୋଇ ନ ଥିଲା। ପୁରୁଣା ପେନ୍‌ସନ ଯୋଜନା (ଓପିଏସ୍), ଜାତୀୟ ପେନ୍‌ସନ ଯୋଜନା (ଏନ୍‌ପିଏସ୍) ଏବଂ ଏକୀକୃତ ପେନ୍‌ସନ ଯୋଜନା (ୟୁପିଏସ୍)କୁ ନେଇ ପେନ୍‌ସନଭୋଗୀମାନେ ପୂର୍ବରୁ ବିଭାଜିତ ହୋଇସାରିଥିଲା ବେଳେ ବିତ୍ତ ବିଧେୟକ ୨୦୨୫ ଆଳରେ ଅବସର ତାରିଖକୁ ନେଇ ପୁନଃ ବିଭାଜିତ ହେବା ସହ ପେନ୍‌ସନ ହ୍ରାସ ଓ ବୃଦ୍ଧିକୁ ଗ୍ରହଣ କରିବାକୁ କେହି ପ୍ରସ୍ତୁତ ନୁହନ୍ତି।

ଏହି ପରିପ୍ରେକ୍ଷୀରେ, ଉପରୋକ୍ତ ବିଜ୍ଞପ୍ତି ପ୍ରକାଶନର ତୁରନ୍ତ ବାଦ ସମଗ୍ର ଦେଶର ବିଭିନ୍ନ ପେନ୍‌ସନଭୋଗୀ ସଂଘ ତଥା ସେମାନଙ୍କର ଜାତୀୟ ସମନ୍ୱୟ ସମିତି ସରକାରଙ୍କ ପାଖରେ ପ୍ରତିବାଦ ଜଣାଇବା ସହ ରାଜ୍ୟ ସଭାର ସଦସ୍ୟମାନେ ଏ ବିଷୟରେ ସରକାରଙ୍କୁ ପଚାରିବାରୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଉତ୍ତର ଦେଇଛନ୍ତି, ଅଷ୍ଟମ ବେତନ ଆୟୋଗଙ୍କ ସୁପାରିସ ଯୋଗୁ ୨୦୨୬ରୁ ପେନ୍‌ସନଭୋଗୀଙ୍କ ପେନ୍‌ସନ ସଂଶୋଧନ ଉପରେ ଏହି ବିଲ୍‌ର କୌଣସି ପ୍ରଭାବ ପଡ଼ିବ ନାହିଁ। ଏଠି କହି ରଖିବା ଉଚିତ ହେବ ଯେ ଅଷ୍ଟମ ବେତନ




ଆୟୋଗ ଗଠନକୁ ବାରମ୍ବାର ଟାଳି ଦେଉଥିବା କେନ୍ଦ୍ର ସରକାର ୧୬ ଜାନୁଆରୀ ୨୦୨୫ରେ ବେତନ ଆୟୋଗ ଗଠନକୁ ନେଇ ବିନା କ୍ୟାବିନେଟ ଅନୁମୋଦନରେ ଏକ ଖବରଦାତା ସମ୍ମିଳନୀ ମାଧ୍ୟମରେ ଘୋଷଣା କଲେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ୟାବିନେଟ କିମ୍ବା ଅର୍ଥ ମନ୍ତ୍ରଣାଳୟ ତରଫରୁ କୌଣସି ଆନୁଷ୍ଠାନିକ ପ୍ରେସ୍ ଇସ୍ତାହାର ଏପର୍ଯ୍ୟନ୍ତ ଜାରି କରାଯାଇନାହିଁ। ବର୍ତ୍ତମାନ ସମ୍ପୂର୍ଣ୍ଣ ସର୍ତ୍ତାବଳୀ ସହ ଅଷ୍ଟମ ବେତନ ଆୟୋଗ ଗଠନ ସମ୍ପର୍କିତ ରାଜପତ୍ର ବିଜ୍ଞପ୍ତି ପ୍ରକାଶନକୁ ଅପେକ୍ଷା।

ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ, ପ୍ରଶ୍ନ ଉଠେ ଯଦି ଅଷ୍ଟମ ବେତନ ଆୟୋଗଙ୍କ ସୁପାରିସ ଲାଗୁ ହେବା ଦିନଠାରୁ କର୍ମଚାରୀଙ୍କ ଅବସର ତାରିଖକୁ ନେଇ ପେନ୍‌ସନଭୋଗୀଙ୍କ ମଧ୍ୟରେ କୌଣସି ପାତରଅନ୍ତର ସୃଷ୍ଟି ହେବାର ନାହିଁ, ତେବେ ବିତ୍ତ ବିଧେୟକ ୨୦୨୫ର ଅଂଶବିଶେଷ ଭାବେ ଏଭଳି ବୈଧକରଣର କି ଆବଶ୍ୟକତା ଥିଲା ? ପେନ୍‌ସନ ନୀତିକୁ ନେଇ ସରକାରଙ୍କର ଆଉ କିଛି ଗୁପ୍ତ କାର୍ଯ୍ୟସୂଚୀ ନାହିଁ ତ ? କାରଣ ରାଜକୋଷ ଉପରେ ଆର୍ଥିକ ବୋଝର ଦ୍ୱାହି ଦେଇ ସରକାର କର୍ମଚାରୀ ଓ ପେନ୍‌ସନଭୋଗୀଙ୍କ ଉପରେ ଯଥେଷ୍ଟ ଦାଉ ସାଧୁଛନ୍ତି। ଏହାର ଉଦାହରଣ ହେଉଛି ଓପିଏସ୍‌ରୁ ଏନ୍‌ପିଏସ୍ (୨୦୦୪) ଏବଂ ପରେ ୟୁପିଏସ୍ (୨୦୨୫)। ଆନୁଷ୍ଠାନିକ ଭାବେ ୟୁପିଏସ୍ ଲାଗୁ ହେବା ପୂର୍ବରୁ ଏବଂ ଏନ୍‌ପିଏସ୍ ଉପଭୋକ୍ତାଗଣ ଏନ୍‌ପିଏସ୍‌ରେ ରହିବେ କି ୟୁପିଏସ୍‌କୁ ଯିବା ପାଇଁ ମତବ୍ୟକ୍ତ କରିବାକୁ ଦ୍ୱନ୍ଦ୍ୱରେ ଥିବାବେଳେ, ବେତନ ଆୟୋଗଙ୍କ ସୁପାରିସ ଓ କର୍ମଚାରୀଙ୍କ ଅବସର ତାରିଖକୁ ନେଇ ପେନ୍‌ସନଭୋଗୀଙ୍କ ମଧ୍ୟରେ ପ୍ରଭେଦ ସୃଷ୍ଟିର ଉଦ୍ୟମ କର୍ମଚାରୀଙ୍କ ଆଶଙ୍କାକୁ ଦୃଢ଼ୀଭୂତ କରୁଛି।

ସରକାରଙ୍କ ସ୍ପଷ୍ଟୀକରଣ ଓ ବିଜ୍ଞପ୍ତିକୁ ଅପେକ୍ଷା କରିବା ବ୍ୟତୀତ କର୍ମଚାରୀ ଓ ପେନ୍‌ସନଭୋଗୀଙ୍କର ଅନ୍ୟ କୌଣସି ଉପାୟ ନାହିଁ କିମ୍ବା ସେମାନଙ୍କ ସହ ପୂର୍ବରୁ ବାରମ୍ବାର ଯେଭଳି ଘଟଣାମାନ ଘଟିଛି, ସରକାର ଯେ ନିଜର ପ୍ରତିଶ୍ରୁତି ଠିକ ଠାକ ପାଳନ କରିବେ ସେ ବିଶ୍ୱାସ ବି ନାହିଁ। ଲିଖିତ ପ୍ରତିଶ୍ରୁତି ବି ଅଚାନକ ବଦଳିଯାଉଛି। ସେହିଭଳି କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ସପ୍ତମ ବେତନ ଆୟୋଗ ସୁପାରିସ କରିଥିବା ସର୍ବନିମ୍ନ ବେତନକୁ ୧୮୦୦୦ରୁ ୨୬୦୦୦କୁ ବୃଦ୍ଧି ଏବଂ ବେତନ ନିର୍ଦ୍ଧାରଣ ସୂତ୍ରର ସଂଶୋଧନ ପାଇଁ ୧୧ ଜୁଲାଇ ୨୦୧୬ରୁ ଅନିର୍ଦ୍ଦିଷ୍ଟ କାଳ ଧର୍ମଘଟ ହେବ ବୋଲି କର୍ମଚାରୀମାନେ ଯେତେବେଳେ କେନ୍ଦ୍ର ସରକାରଙ୍କୁ ନୋଟିସ ଦେଲେ, କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ୬ ଜୁଲାଇ ୨୦୧୬ରେ ପ୍ରେସ୍ ଇସ୍ତାହାର ଜାରି କରି ଏକ ଉଚ୍ଚସ୍ତରୀୟ କମିଟି ଜରିଆରେ ପୁଙ୍ଖାନୁପୁଙ୍ଖ ଅନୁଶୀଳନ ସହ ଚାରି ମାସ ଭିତରେ ନିଷ୍ପତ୍ତି ନେବା ପାଇଁ ଘୋଷଣା କଲେ। ସେ ସମୟର ଅର୍ଥମନ୍ତ୍ରୀ ୧୯ ଜୁଲାଇ ୨୦୧୬ରେ ରାଜ୍ୟ ସଭାର ପ୍ରଶ୍ନୋତ୍ତର କାଳରେ ଉତ୍ତର ରଖିଲେ ଯେ ସେଭଳି କୌଣସି ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ବିଚାରାଧୀନ ନାହିଁ। ଇତିମଧ୍ୟରେ, ୪ ମାସ ଯାଇ କାଲି ଭଳି ନଅ ବର୍ଷ ପୂରିଯିବ ଏବଂ ଅଷ୍ଟମ ବେତନ ଆୟୋଗର ଗଠନ ପାଇଁ ଘୋଷଣା ସରିଗଲା ପଛେ, ଉଚ୍ଚସ୍ତରୀୟ କମିଟି ଗଠନ ତ ଦୂରର କଥା, ଏଯାଏ ସରକାର କର୍ମଚାରୀଙ୍କର କୌଣସି କଥା ଶୁଣିବା ଅବସ୍ଥାରେ ନାହାନ୍ତି।

ଗୋଟିଏ ଗଣତାନ୍ତ୍ରିକ ଦେଶରେ ଏକ ନିର୍ବାଚିତ ସରକାର ନିଜେ ନିଜର ଲିଖିତ ପ୍ରତିଶ୍ରୁତିକୁ ଅବମାନନା କରିବା ଗଣତନ୍ତ୍ର ପ୍ରତି ଏକ କଠୋର ଉପହାସ କହିଲେ ଅତ୍ୟୁକ୍ତି ହେବନାହିଁ। ତେଣୁ ବିତ୍ତ ବିଧେୟକ ୨୦୨୫କୁ ନେଇ ଏବେ ସରକାର ଯେଉଁ ସ୍ପଷ୍ଟୀକରଣ ଦେଇ ବିଜ୍ଞପ୍ତି ଜାରିକରିବା କଥା କହୁଛନ୍ତି, ସେସବୁ କର୍ମଚାରୀ ଓ ପେନ୍‌ସନଭୋଗୀଙ୍କ ସ୍ୱାର୍ଥକୁ କେତେ ସୁରକ୍ଷିତ ରଖିବ, ସମୟ କହିବ।

ମୋ: ୯୪୩୭୦୨୨୬୬୯

# ମାନସିକ ସ୍ୱାସ୍ଥ୍ୟ ପାଇଁ କଲରିଂ



ଡା. ସମ୍ରାଟ କର

ସାଧାରଣତଃ ଛୋଟ ବେଳେ ସମସ୍ତଙ୍କୁ ଚିତ୍ରରେ ରଙ୍ଗ ଭରିବାକୁ ଭଲ ଲାଗେ। ବଡ଼ ହେବା ପରେ ଏଥିରୁ ନିଜକୁ ଦୂରେଇ ରଖନ୍ତି। ତେବେ ଆଜିର ସମୟରେ ଏ କାମ କେବଳ ଛୋଟ ପିଲାଙ୍କ ମଧ୍ୟରେ ସୀମିତ ନାହିଁ, ଏହା ବଡ଼ମାନଙ୍କ ପାଇଁ ବି ଉତ୍ତମ। ଏବେ ବଡ଼ ପିଲାଙ୍କ ପାଇଁ କଲରିଂ ବହି ମିଳୁଛି। ଯାହାକି ମାନସିକ ସ୍ୱାସ୍ଥ୍ୟ ଉପରେ ଆଧାରିତ। କଲରିଂ ବହିର ପାଟର୍ନ ଅବସାଦ କମ୍ କରି ସୃଜନଶୀଳତା ବୃଦ୍ଧିରେ ସାହାଯ୍ୟ କରେ।

ଆମେ ନିତିଦିନିଆ ସମୟକୁ ଦେଖିଲେ ଜାଣୁ କେବଳ ଛୋଟପିଲା ନୁହନ୍ତି ବଡ଼ ଲୋକମାନେ ମଧ୍ୟ ଏପରିକି ସମାଜରେ ନିଜ ନିଜ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିବା ଓ ଅତ୍ୟନ୍ତ ବ୍ୟସ୍ତବହୁଳ ସମୟ ବିତାଉଥିବା ଲୋକମାନଙ୍କ ଭିତରେ ଏହି ଅନ୍ତର୍ନିହିତ ସୃଜନ କଳା ପ୍ରତି ଆଗ୍ରହ ଓ ଆବେଗ ରହିଛି। କର୍ମବ୍ୟସ୍ତ ସମୟରୁ କିଛି କାଢ଼ି ସେମାନେ ଏଥି ନିମିତ୍ତ ସମୟ ଦିଅନ୍ତି ଓ ଚମତ୍କାର ଚିତ୍ର ଆଙ୍କି ଥାଆନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଆମମାନଙ୍କ ଭିତରେ କଲରିଂ କରୁଥିବା ପିଲା ବା ଲୋକମାନଙ୍କ ଉପରେ ସେତେଟା ଏକ ଭଲ ଧାରଣା ତିଆରି ହୋଇପାରିନାହିଁ। ଏହା ଯେ ଏକ ଚମତ୍କାର ଓ ଭଗବାନ୍‌ଙ୍କ ପ୍ରଦତ୍ତ ସୃଜନଶକ୍ତିର ବିକଶିତ ରୂପରେଖ ତାହା ଆମକୁ ବୁଝିବାରେ ସେତେଟା ସହଜ ହୋଇପାରିନାହିଁ। ଅବସର ବିନୋଦନ ହେଉ ବା ଅସ୍ଥିର, ବିଚଳିତ ମନକୁ ଏକାଗ୍ର ରାସ୍ତାରେ ଆଗେଇ ନେବା ପାଇଁ କଲରିଂ ଏକ ଚମତ୍କାର ମାଧ୍ୟମ। ବର୍ତ୍ତମାନ ଏହି କଲରିଂକୁ ନେଇ ଅନେକ ପାଠ୍ୟକ୍ରମ ମଧ୍ୟ ତିଆରି ହେଲାଣି। ବୃତ୍ତିଗତ କ୍ଷେତ୍ର ଭାବେ ଏହା ମଧ୍ୟ ଜଣକୁ ଯଥାର୍ଥ ପରିଚୟ ଦେବା ସହ ଗୁଜୁରାଣ ମେଣ୍ଟାଇବା ପାଇଁ ଅର୍ଥ ରୋଜଗାରର ଏକ ସମ୍ମାନଜନକ ମାଧ୍ୟମ ପାଲଟି ସାରିଲାଣି। ତଥାପି କେତେଜଣ ଅଭିଭାବକ ସେମାନଙ୍କ ପିଲାମାନଙ୍କର ଛୋଟ ବେଳର କଲରିଂରେ ବ୍ୟସ୍ତତାକୁ ସେପରି ବେଶ୍ ସହଜରେ ଗ୍ରହଣ କରିପାରି ନ ଥାନ୍ତି।

ଗମ୍ଭୀର ଚିନ୍ତାରୁ ଧ୍ୟାନ ହଟାଇବା ପାଇଁ କଲରିଂ ବୁକ୍ ସାହାଯ୍ୟ କରେ। ଏଭଳି ମଜାଦାର ଗତିବିଧି ମାଧ୍ୟମରେ ଶାନ୍ତି ଏବଂ ବିଶ୍ରାମ ଭାବନା ବୃଦ୍ଧି ପାଏ। ସେହିପରି ଚିତ୍ରରେ ରଙ୍ଗ ଭରିବା ହେଉଛି ଏକ ସୃଜନାତ୍ମକ ଏବଂ ମଜାଦାର କାମ। ଏହା ଦ୍ୱାରା ମନକୁ ଶାନ୍ତ କରିବା ସମ୍ଭବ। ଜଟିଳ ଚିତ୍ରରେ ରଙ୍ଗ ଭରିବା ଦ୍ୱାରା ଧ୍ୟାନ ସେଥିରେ ରହେ ଏବଂ ମନ ବିଚଳିତ ହୁଏନାହିଁ। କଲରିଂ ସୃଜନାତ୍ମକ ଜ୍ଞାନ କୌଶଳ ବୃଦ୍ଧିରେ ସାହାଯ୍ୟ କରେ। ନିଜର କଳାତ୍ମକ ଅଭିବ୍ୟକ୍ତିକୁ ଜାଣିବାର ଏହା ଏକ ସହଜ ଉପାୟ। କାରଣ ଦୁଇଜଣଙ୍କୁ ଗୋଟିଏ ଚିତ୍ରରେ ରଙ୍ଗ କରିବାକୁ ଦେଲେ ସେମାନେ ଭିନ୍ନ ଭିନ୍ନ ରଙ୍ଗକୁ ଚୟନ କରନ୍ତି। ଏଥିରୁ ଜଣାପଡ଼େ ଯେ ସମସ୍ତଙ୍କ ଚିନ୍ତାଧାରା ଭିନ୍ନ। କଲରିଂ ନକାରାତ୍ମକ ଚିନ୍ତାରୁ ଦୂରେଇ ରଖିବାରେ ସାହାଯ୍ୟ କରେ। ନିତିଦିନିଆ ମୋ ମାନସିକ ଚିକିତ୍ସା, ନିଦାନ ଓ ପରାମର୍ଶ କେନ୍ଦ୍ରରେ ଅନେକ ପୀଡ଼ିତଙ୍କୁ ସାମ୍ନା କରିଥାଏ ଯେଉଁମାନେ ମାନସିକଭାବେ ଅସୁସ୍ଥ ହେବା ପୂର୍ବରୁ ବେଶ୍ ଭଲ ଭାବେ କଲରିଂରେ ନିଜକୁ କିଛି ସମୟ ବିତାଇ ସମୟ କାଟୁଥିଲେ। କଲରିଂ ଏକ ଏପରି ଅନ୍ତର୍ନିହିତ ସୃଜନଶକ୍ତି ଯାହା ନିଜ ଆଖପାଖର ପରିବେଶ, କାର୍ଯ୍ୟକଳାପ ଓ ଜୀବନ ଚରିତ୍ରର ଲୋକମାନଙ୍କ ସମ୍ବନ୍ଧରେ କିଛି ଜଣାଇଥାଏ, ସେମାନଙ୍କୁ ଅନେକ ମାନସିକ ଶାନ୍ତି ଦେଇଥାଏ। ଯଦିଓ କଲରିଂ କେତେକ ନିର୍ଦ୍ଦିଷ୍ଟ ମାନସିକ ପୀଡ଼ିତମାନଙ୍କ ପାଇଁ ଏକ ପ୍ରକାର ଯନ୍ତ୍ରଣାର କାରଣ ହୋଇଥାଏ, ତାହା ତ ଅଲଗା କଥା ତେବେ ମାନସିକ ସ୍ୱାସ୍ଥ୍ୟ ପାଇଁ କଲରିଂ ଏକ ଏପରି ଶକ୍ତିଶାଳୀ ଭିଟାମିନ ପରି କାର୍ଯ୍ୟ କରିଥାଏ ଯେ ଅନେକେ ଏହା ବିନା ବଞ୍ଚି ନ ପାରିବା ପରି ଅନୁଭବ କରନ୍ତି। ସତେଯେପରି ମାଛ ବିନା ଜଳ। ତେବେ କେଉଁମାନଙ୍କୁ କେଉଁ କେଉଁ ରଙ୍ଗ ପସନ୍ଦ ଆସିଥାଏ ତାହା ସେମାନଙ୍କ ବ୍ୟକ୍ତିଗତ ଆଗ୍ରହ। ମୁଁ କେତେକ ନିର୍ଦ୍ଦିଷ୍ଟ ମାନସିକ ଅସହାୟ ଓ ପୀଡ଼ିତମାନଙ୍କ ପାଇଁ ସେମାନଙ୍କ ପୂର୍ବ ଜୀବନର ଜୀବନ ରେଖା, କାର୍ଯ୍ୟକଳାପ ଓ ବ୍ୟକ୍ତିଗତ ରୁଟିନ୍ ବୁଝିବା ସମୟରେ ଯେତେବେଳେ ଜାଣେ ଯେ ସେମାନେ ପୂର୍ବରୁ ଜଣେ ଜଣେ ରଙ୍ଗ ତୂଳିର ନାୟକ ଥିଲେ, ସେମାନଙ୍କ ନିକଟ ଲୋକମାନଙ୍କୁ ସେହି ରଙ୍ଗ ତୂଳି ଜୀବନକୁ କିଛି ମାତ୍ରାରେ ଫେରାଇବା ପାଇଁ ପରାମର୍ଶ ଦେଇଥାଏ। ତେଣୁ କଲରିଂ ଜୀବନ ବଞ୍ଚିବାର ଅମୃତ ମହୌଷଧି ଏବଂ ସର୍ବୋପରି ଏହା ଏକ ରଙ୍ଗିନ ମାନସିକତାର ଜୀବନ ଅଭିବୃଦ୍ଧି। ଏହାକୁ ବୁଝନ୍ତୁ ଆଉ ଗ୍ରହଣ କରନ୍ତୁ।

ମାନସିକ ରୋଗ ବିଶେଷଜ୍ଞ,
ଦି'ବ୍ରେନ, ପୁରୀଘାଟ ରୋଡ୍, କଟକ,
ମୋ:୯୧୩୨୪୩୩୩୩୩

## ପାଠକ ଶ୍ରେଷ୍ଠ ବିଚାରକ

### ବିଭାଜନ ନୀତି ଗ୍ରହଣୀୟ ନୁହେଁ

ମହାଶୟ,

ଏକତା ହିଁ ବଳ। ଏକଥା ସର୍ବଜନବିଦିତ। ଆମେ ସମସ୍ତେ ଭାରତର ସନ୍ତାନ। ଏହାର ଗୌରବ ଓ ଅଖଣ୍ଡତାକୁ ବଜାୟ ରଖିବା ଆମର ପ୍ରଧାନ କର୍ତ୍ତବ୍ୟ। ହେଲେ ଅନେକ ଭାରତ ବିପକ୍ଷବାଦୀ ଓ ବାହାର ରାଷ୍ଟ୍ରର କେତେକ ନେତା ଈର୍ଷାନ୍ୱିତ ହୋଇ ଏହାକୁ ବିଭାଜିତ କରିବା ପାଇଁ ନାନାଦି ଦୂରଭିସନ୍ଧିମୂଳକ ଅନ୍ତର୍ଘାତୀ କାର୍ଯ୍ୟମାନ ଚଳାଇଥାନ୍ତି। ସେହିଭଳି ଭାରତଠାରୁ ଅଲଗା ହେବା ପରେ ପାକିସ୍ତାନରେ କେତେକ ଅସନ୍ତୁଷ୍ଟ ଗୋଷ୍ଠୀ ବେଲୁଚିସ୍ଥାନ ସୃଷ୍ଟି ପାଇଁ ପ୍ରଚେଷ୍ଟା ଚଳାଇଛନ୍ତି, ଯାହାଫଳରେ ସେଠାରେ ଖରାପ ପରିସ୍ଥିତି ସୃଷ୍ଟି ହୋଇଛି। ସେହିଭଳି ଆମ ଓଡ଼ିଶାକୁ ଉତ୍କଳ, କଳିଙ୍ଗ ଓ କୋଶଳ ରାଜ୍ୟ କରି ବିଭାଜିତ କରିବା ଆଦୌ ଶୋଭନୀୟ ନୁହେଁ। ଓଡ଼ିଶା ଆମର ଛୋଟ ରାଜ୍ୟ ହେଲେ ତା'ର ମହିମା ଓ ଗରିମାର ପଟ୍ଟାନ୍ତର ନାହିଁ। ଅବଶ୍ୟ ବର୍ତ୍ତମାନ ଅନେକ ବିକାଶମୂଳକ କାର୍ଯ୍ୟ ଗ୍ରହଣ କରାଯାଉଛି। ତଥାପି ଅନେକ ଜିଲାରେ ବିକାଶ ଅପହଞ୍ଚ ଅଛି। ଏହି ପରିପ୍ରେକ୍ଷୀରେ ରାଜନେତା ଓ ବିଜ୍ଞ ବୁଦ୍ଧିଜୀବୀମାନେ ରାଜ୍ୟ ତଥା କେନ୍ଦ୍ର ସରକାରଠାରେ ଚାପ ପକାଇ କାର୍ଯ୍ୟ ହାସଲ କରିବା ଉପଯୁକ୍ତ ମନେହୁଏ। ନଚେତ୍ ପରକୁ ମାନ କରି ଖପରାରେ ଖାଇବା ନ୍ୟାୟ ଭଳି ପ୍ରତ୍ୟୟମାନ ହେବ।

-ମହେଶ୍ୱର ନାୟକ, ଦୋବନ୍ଧା, ଗୋକୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଏ ବନ ଛାୟେ ଯା'ନ୍ତି ଚଳି
ଦିଓଟି ପ୍ରିୟ ସଖୀ
ସହଜ ଗତି ଗ୍ରାମର ବାଳା
ଏ ପଥେ ପାଦ ରଖି।

-(କୁହୁ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

DSPL-10

ODISHA
NEW OPPORTUNITIES



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଖୋର୍ଦ୍ଧା ଜିଲ୍ଲାରେ ଶିଳ୍ପ ପ୍ରକଳ୍ପଗୁଡ଼ିକର
## ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ

**ମୁଖ୍ୟ ଅତିଥି**

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଗରିମାମୟ ଉପସ୍ଥିତି**

**ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ**
ମନ୍ତ୍ରୀ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା

**ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ**
ସାଂସଦ, ଭୁବନେଶ୍ୱର

**ଶ୍ରୀ ପ୍ରଶାନ୍ତ ଜଗଦେବ**
ବିଧାୟକ, ଖୋର୍ଦ୍ଧା

**ଶ୍ରୀ ବିଭୁତି ଭୂଷଣ ବଳବନ୍ତରାୟ**
ବିଧାୟକ, ଜଟଣୀ

**ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ**

- ବରୁଣ ବେଭରେଜେସ ଲିମିଟେଡ୍
  ମଳିପଡା, ଖୋର୍ଦ୍ଧା
- ଟ୍ରାଇମେଟ୍ରୋ ଗାରମେଣ୍ଟ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (ଏପିକ ଗ୍ରୁପ କମ୍ପନୀ)
  କାଳିବେଡୀ, ଖୋର୍ଦ୍ଧା
- ନେସ୍‌ଲେ ଇଣ୍ଡିଆ ଲିମିଟେଡ୍
  ମୁଣ୍ଡାଆମ୍ବ, ଖୋର୍ଦ୍ଧା
- ଦୀନଦୟାଲ କର୍ମଚାରୀ ଆବାସ ଯୋଜନା ଅନ୍ତର୍ଗତ ଶ୍ରମିକ ଆବାସ ଗୃହ
  କାଳିବେଡୀ, ଖୋର୍ଦ୍ଧା
- ମିନୁ କ୍ରିଏସନ୍ ଏଲ୍ ଏଲ୍ ପି
  ନିୟୁ ଟେକ୍ସଟାଇଲ୍ ପାର୍କ, ଅରାଙ୍ଗ, ଖୋର୍ଦ୍ଧା
- ଗୋଲ୍ଡେନ୍ ସିମସ୍ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍
  ନିୟୁ ଟେକ୍ସଟାଇଲ୍ ପାର୍କ, ଅରାଙ୍ଗ, ଖୋର୍ଦ୍ଧା
- ସୋନୁ ଏକ୍ସିମ୍ ପ୍ରାଇଭେଟ୍ ଲିମିଟେଡ୍
  ନିୟୁ ଟେକ୍ସଟାଇଲ୍ ପାର୍କ, ଅରାଙ୍ଗ, ଖୋର୍ଦ୍ଧା
- ପୂଜା ଇଣ୍ଟରନ୍ୟାସନାଲ
  ନିୟୁ ଟେକ୍ସଟାଇଲ୍ ପାର୍କ, ଅରାଙ୍ଗ, ଖୋର୍ଦ୍ଧା
- ବି ଏଲ୍ ଇଣ୍ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍
  ନିୟୁ ଟେକ୍ସଟାଇଲ୍ ପାର୍କ, ଅରାଙ୍ଗ, ଖୋର୍ଦ୍ଧା
- ରେନ୍‌ବୋ ଫାବାର୍ଟ ପ୍ରାଇଭେଟ୍ ଲିମିଟେଡ୍
  ନିୟୁ ଟେକ୍ସଟାଇଲ୍ ପାର୍କ, ଅରାଙ୍ଗ, ଖୋର୍ଦ୍ଧା
- ଜୁପିଟର୍ ଟାଟ୍ରାଭଗୋଙ୍କା ରେଲହୁଇଲ୍ ଫ୍ୟାକ୍ଟ୍ରୀ ପ୍ରାଇଭେଟ୍ ଲିମିଟେଡ୍
  ହଳଦୀପଦା, ଖୋର୍ଦ୍ଧା
- ଶାଲିମାର ଗ୍ଲାସ୍ ଓ୍ୱାର୍କ୍ସ ପ୍ରାଇଭେଟ ଲିମିଟେଡ୍
  ହଳଦୀପଦା, ଖୋର୍ଦ୍ଧା
- ପଲିମିରୋର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍
  ଗୌଡ଼ପୁଟ, ଖୋର୍ଦ୍ଧା
- ଆଇ ଏଫ୍ କି ଏଲ୍ ରିଫ୍ରାକ୍ଟୋରିଜ୍ ଲିମିଟେଡ୍
  ଗୌଡ଼ପୁଟ, ଖୋର୍ଦ୍ଧା
- ଭୁବନେଶ୍ୱରୀ ଫୁଡ୍ସ ଆଣ୍ଡ ବେଭରେଜେସ୍ ପ୍ରାଇଭେଟ୍ ଲିମିଟେଡ୍
  ଖଜୁରିଆ, ଖୋର୍ଦ୍ଧା

**୩ ଅପ୍ରେଲ ୨୦୨୫ (ଗୁରୁବାର) । ଦିବା ୧୦ ଘଟିକା । ଖୋର୍ଦ୍ଧା, ଓଡ଼ିଶା**

ଶିଳ୍ପ ବିଭାଗ, ଓଡ଼ିଶା ସରକାର

OIPR-14005/13/0050/2425

# ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱଦେଲେ ଗୁଣାତ୍ମକ ଶିକ୍ଷା ସୁଦୃଢ଼ ହେବ

ନବରଙ୍ଗପୁର,୨।୪(ସଦାଶିବ ପ୍ରହରାଜ)



ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବିଧାୟକ ଗୌରୀ ଶଙ୍କର ମାଝୀ, ଜିଲାପାଳ ଶୁଭଙ୍କର ମହାପାତ୍ର ପିଲାମାନଙ୍କୁ ଖଡ଼ି ଛୁଆଁଉଛନ୍ତି।

ବିଦ୍ୟାବନ୍ତ ବିଦ୍ୟାର୍ଥୀ ବିକଶିତ ଓଡ଼ିଶା ଯୋଜନା ମାଧ୍ୟମରେ ଶିଶୁବାଟିକାର ଶୁଭାରମ୍ଭ, ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନବରଙ୍ଗପୁର ଏକ୍ସ ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଶିଶୁମାନେ ଆମ ଦେଶର ଭବିଷ୍ୟତ। ଆଜି ସେମାନଙ୍କ ହାତ ଧରି ଖଡ଼ି ଛୁଆଁଯାଇଛି। ଏବେ ବିଭିନ୍ନ ଜ୍ଞାନ ଆହରଣକରି ଭବିଷ୍ୟତ ଗଢ଼ିବେ। ଛାତ୍ରୀଛାତ୍ରଙ୍କ ପ୍ରତି କୌଣସି ଅବହେଳା ଯେମିତି ନ ହୁଏ ସେଥିପ୍ରତି ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ ଓ କର୍ମଚାରୀ ସମସ୍ତେ ଦୃଷ୍ଟିଦେବାକୁ ପଡ଼ିବ ବୋଲି ସେ କହିଛନ୍ତି। ୨୦୨୫-୨୬ ଶିକ୍ଷାବର୍ଷରେ ଜାତୀୟ ଶିକ୍ଷାନୀତି ଲାଗୁହେବ। ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱ ଓ ଗୁଣାତ୍ମକ ଶିକ୍ଷା ସୁଦୃଢ଼ ହେବ। ଶିଶୁ ବାଟିକାରେ ପିଲାମାନେ ନାମ ଲେଖାଇବେ। ଶିକ୍ଷାରୁ କେହି ବଞ୍ଚିତ ହେବେ ନାହିଁ। ପିଲାମାନେ ସଂଖ୍ୟା ଜ୍ଞାନ, ଶିକ୍ଷଣ, ମାନସିକ କ'ଣ, ସୃଜନାତ୍ମକ ଆଦି ଉପରେ ଶିକ୍ଷା ପାଇବେ ବୋଲି ମନ୍ତ୍ରୀ କହିଥିଲେ। ଛାତ୍ରୀଛାତ୍ରମାନଙ୍କୁ ଖଡ଼ିଛୁଆଁଇବା ସହ ମନ୍ତ୍ରୀ ସ୍କୁଲ ବ୍ୟାଗ୍ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ପୌରାଧ୍ୟକ୍ଷ କୁନୁ ନାୟକ ଯୋଗଦେଇଥିଲେ। ଜିଲାପାଳ ତଥା ଜିଲା ସମଗ୍ର ଶିକ୍ଷା ଅଧ୍ୟକ୍ଷ ଶୁଭଙ୍କର ମହାପାତ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଡିଇଓ ଛତ୍ରପତି ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଏଆଇଟିଡିଏ ରାଜୀବ ସାହୁ, ଏଡିଇଓ ରେଶମ ଲାଲ ନାୟକ, ବିଇଓ ରମେଶ ରାୟ, ଏବିଇଓ ଜଗବନ୍ଧୁ ସୌରା, ସୁରେନ୍ଦ୍ର ନାୟକ, ନମିତା ଘଡ଼େଇ, ପ୍ରଧାନ ଶିକ୍ଷୟିତ୍ରୀ ସି. ଏଚ୍. ଉଷାରାଣୀ, ବିନୋଦିନୀ ମହାପାତ୍ର, ସୁଧାଂଶୁ କିରଣ ରଥ, ମଲାସୀନା ଦାଶ, ମୀନା ମିଶ୍ର, ରଞ୍ଜନ ଗଣ୍ଡା, ଫିରୋଜ ହିଆଲ, ରୀନା ନାୟକ, ଫାଲ୍‌ଗୁନୀ ଉକିଲ, ବିନୋଦିନୀ ଦାଶ, ସୁନନ୍ଦା ସାଗର, ସମସ୍ତ ସିଆର୍‌ସିସି, ଜିଲା ଶିକ୍ଷା ଅଧିକାରୀ ଓ ସମଗ୍ର ଶିକ୍ଷା ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ ଏକ ସଚେତନତା ରଥ ଶୁଭାରମ୍ଭ କରିଥିଲେ। ମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇ ପାଇଁ ବାଦ୍ୟ ଓ ପାରମ୍ପରିକ ନାଚ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ବିଧାୟକ ମାଝୀ, ପୌରାଧ୍ୟକ୍ଷ, ଡିଇଓ ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ଏକାଠି ନାଚିଥିଲେ।

## ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଦାବିରେ ସିପିଆଇର ବିକ୍ଷୋଭ




ସିପିଆଇ କର୍ମୀମାନେ ବିଦ୍ୟୁତ୍ ବିଭାଗ ଆଗରେ ବିକ୍ଷୋଭ କରୁଛନ୍ତି।

ଜୟପୁର,୨।୪(ପବନ ପାଣିଗ୍ରାହୀ)

ଜୟପୁର ସିପିଆଇ କର୍ମୀମାନେ ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଦାବି କରି ଦଳୀୟ ପତାକା ଧରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିଦ୍ୟୁତ୍ ବିଭାଗ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ବୁଧବାର ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବି ପତ୍ରରେ ଦର୍ଶାଇଛନ୍ତି ଯେ , ସରକାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ଅନୁସାରେ ପ୍ରତ୍ୟେକ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ୩୦୦ ୟୁନିଟ୍ ମାଗଣା ବିଜୁଳି ଯୋଗାଇ ଦିଅନ୍ତୁ,ଟାଟା ପାୱାର ସ୍ମାର୍ଟ ମିଟର ବସାଇ କରାଯାଉଥିବା ଶୋଷଣ ବନ୍ଦ ହେଉ, ବିଦ୍ୟୁତ୍ ଦର ବୃଦ୍ଧି ବନ୍ଦ କରାଯାଉ, ଚାଷ ଓ ଅନ୍ୟ ଆନୁଷଙ୍ଗିକ କ୍ଷେତ୍ରକୁ ମାଗଣାରେ ବିଦ୍ୟୁତ୍ ସେବା ଯୋଗାଇବା, ବିଲ୍ ଓଡ଼ିଆ ଭାଷାରେ ଗ୍ରାହକମାନଙ୍କୁ ଦିଆଯାଉ ଓ ନିଯୁକ୍ତି କ୍ଷେତ୍ରରେ ସ୍ଥାନୀୟ ଯୁବତୀ ଯୁବକଙ୍କୁ ସୁଯୋଗ ଦିଆଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସିପିଆଇ କର୍ମୀମାନେ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ପ୍ରମୋଦ କୁମାର ମହାନ୍ତି ଓ ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନ ବ୍ୟାପକ ହେବ ବୋଲି ଚେତାବନୀ ଦିଆଯାଇଛି। ଏଥିରେ ଉତ୍ତମ ମଲ୍ଲିକ ଓ ନନ୍ଦ ହରିଜନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ବାଳିକା ଉଚ୍ଚ ବିଦ୍ୟାଳୟର ନୂତନ ଶ୍ରେଣୀଗୃହ ଉଦ୍‌ଘାଟନ

ଦାମନଯୋଡି,୨।୪(ମାନସ ରଞ୍ଜନ କର)

ଆଲୁମିନା ବାଳିକା ଉଚ୍ଚ ବିଦ୍ୟାଳୟରେ ନୂତନ ଶ୍ରେଣୀଗୃହକୁ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ଉଦ୍‌ଘାଟନ କରିଛନ୍ତି। ଏଥିରେ ନାଲ୍‌କୋ ଇଡି ନିରଞ୍ଜନ ସାମଲ, ସମୂହ ମହାପ୍ରବନ୍ଧକ ସୁଗମ ଆନନ୍ଦ ବସୁ,ସଞ୍ଜୟ ପଟ୍ଟନାୟକ,ଜିଲା ପରିଷଦ ସଭ୍ୟ ମିହିର କୁଲଦୀପ,ଲିଟିଗୁଡା ସରପଞ୍ଚ ଅପ୍ପୁ ଜାନି,ମାଥାଲପୁଟ ସରପଞ୍ଚ ରଞ୍ଜିତା ଗୁରୁନା,ମରିଚମାଳ ସରପଞ୍ଚ ଲକ୍ଷ୍ମୀ ମଣ୍ଡିପୁଟିଆ, ସ୍କୁଲ ପରିଚାଳନା ସମିତି ସମ୍ପାଦକ ମଲିକ ବାଗ,ପୂର୍ବତନ ସମ୍ପାଦକ ଦାମୋଦର ଜାନି,ମାଲୁସାଉନ୍ତା ସ୍କୁଲ ପ୍ରଧାନଶିକ୍ଷକ ରଶ୍ମୀରଞ୍ଜନ ସେଠୀ,ସୁଧା ଖିଲ,ଏଡବିନ ଖୋରା,ସାନ୍ଦ୍ରା ଶିଶା ପ୍ରମୁଖ ଯୋଗଦେଇଥିଲେ। ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ସରକାରୀ ଅନୁଦାନରୁ ବଞ୍ଚିତ ରହିବା ନେଇ ସରକାରଙ୍କୁ ଜଣାଇବେ ବୋଲି ବିଧାୟକ କହିଛନ୍ତି। ପ୍ରଧାନଶିକ୍ଷକ ରବୀନ୍ଦ୍ର ସାହୁ, କୃଷ୍ଣମୋହନ ପଟ୍ଟନାୟକ,ଡ. ଅଶୋକ ମହାନ୍ତି,ଧନେଶ୍ୱର ମହାପାତ୍ର, ଜୟନ୍ତୀକା ପରିଡ଼ା ଓ ସଙ୍ଗିତା ପାଢୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସହରରେ ଜଟିଳ ହେଉଛି ଟ୍ରାଫିକ୍ ସମସ୍ୟା

ସେମିଳିଗୁଡା/ ସୁନାବେଡା,୨।୪(ବାସୁଦେବ ବରାଡ଼/ କୃତ୍ତିବାସ ପ୍ରଧାନ)




ଲୋକେ ଟ୍ରାଫିକ୍‌ରେ ଅଟକି ରହିଛନ୍ତି।

ସୁନାବେଡା ପୌର ଅଧୀନ ସେମିଳିଗୁଡ଼ା ଜିଲାର ଏକ ପ୍ରମୁଖ ସହର ହୋଇଥିବା ବେଳେ ଦୈନିକ ବ୍ୟବସାୟିକ ପ୍ରତିଷ୍ଠାନ ଖୋଲିବା ସହ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। କିନ୍ତୁ ସହରରେ ଟ୍ରାଫିକ ଅବ୍ୟବସ୍ଥା ନେଇ ସ୍ଥାନୀୟ ଲୋକେ ଓ ପର୍ଯ୍ୟଟକ ହଇରାଣ ହେଉଛନ୍ତି। ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ସମସ୍ୟା ଉପୁଜୁଛି। ଖରା ବଢ଼ିଥିବା ବେଳେ ଟ୍ରାଫିକ ସମସ୍ୟାକୁ ନେଇ ଲୋକେ ହଇରାଣ ହେଉଛନ୍ତି। ଏ ନେଇ ବାରମ୍ବାର ଖବର ପ୍ରସାର ଦେଖି ପ୍ରଶାସନ ତତ୍ପର ହୋଇଥାଏ କିନ୍ତୁ କିଛିଦିନ ପରେ ପରିସ୍ଥିତି ସମାନ। ଏହାର କୌଣସି ସ୍ଥାୟୀ ସମାଧାନ କରାଯାଉ ନ ଥିବା ଅଭିଯୋଗ ହୋଇଛି। ପୌର ପ୍ରଶାସନ ଓ ଜିଲା ପ୍ରଶାସନ ଶୀଘ୍ର ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ କରିବା ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି। ପ୍ରକାଶ ଯେ, ୨୬ ନମ୍ବର ଜାତୀୟ ରାଜପଥ କଡରେ ବିନା ପାର୍କିଂ ବ୍ୟବସ୍ଥାରେ ଅନେକ ମଲ୍ ରହିଛି। ଏଠାକୁ ଆସୁଥିବା ଗ୍ରାହକ ୨ ଚକିଆ ଓ ୪ ଚକିଆ ଯାନଗୁଡ଼ିକୁ ରାସ୍ତା କଡରେ ପାର୍କିଂ କରୁଥିବାରୁ ମୁଖ୍ୟ ରାସ୍ତା ସଙ୍କୁଚିତ ହେଉଛି। ଅନେକ ସମୟରେ ଛୋଟ ବଡ ଦୁର୍ଘଟଣା ମଧ୍ୟ ଘଟୁଛି। ସେହିପରି ସେମିଳିଗୁଡା ଟ୍ରାଫିକ ଛକରୁ ନନ୍ଦପୁର ରୋଡ ବିଲେଇଗୁଡା ଛକରେ ଅନୁରୂପ ଅବସ୍ଥା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ସୁନାବେଡା ଏସ୍‌ଡିପିଓ ସୁମିତ୍ରା ଜେନାଙ୍କୁ ପଚାରିବାରୁ ପୋଲିସ, ପୌର ପ୍ରଶାସନ ଓ ରାଜସ୍ୱ ବିଭାଗ ସହ ଆଲୋଚନା ପରେ ଚଢ଼ାଉ କରି ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ସମସ୍ତ ବ୍ୟବସାୟ ପ୍ରତିଷ୍ଠାନକୁ ତାଗିଦ କରାଯିବ ଓ ଖିଲାପ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏ ନେଇ ପୌର ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ବି. ବିଦ୍ଧୁଦତ୍ତ ସାହୁଙ୍କୁ ପଚାରିବାରୁ ସମସ୍ୟା ସମ୍ପର୍କରେ ତହସିଲଦାରଙ୍କ ସହ ଆଲୋଚନା ହୋଇଛି। ବିଧାନସଭା ସରିବା ପରେ ପୁଣି ଥରେ ମିଳିତ ଚଢ଼ାଉ କରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ବିଦ୍ୟୁତ୍ କାଟ ନେଇ ବିଧାନସଭାରେ ଗର୍ଜିଲେ ବିଧାୟକ

କୁନ୍ଦୁରା,୨।୪(ସନ୍ତୋଷ ପ୍ରହରାଜ)



କୋଟପାଡ଼ ବିଧାୟକ ରୁପୁ ଭତ୍ରା।

ରାଜ୍ୟରେ ଗ୍ରୀଷ୍ମ ଋତୁରେ କୌଣସି ଗ୍ରାମରେ ବିଦ୍ୟୁତ୍ କାଟ ହେବ ନାହିଁ ବୋଲି ସରକାର ଘୋଷଣା କରିଥିବା ବେଳେ ବିଭାଗ ପକ୍ଷରୁ ପୁରୁଣା ବକେୟା ପୈଠ କରି ନ ଥିବା କେତେକ ହିତାଧିକାରୀଙ୍କ ସମ୍ପୂର୍ଣ୍ଣ ଗାଁରେ ବିଦ୍ୟୁତ କାଟ କରାଯାଇଛି। ଏ ନେଇ କୋଟପାଡ଼ ବିଧାୟକ ରୁପୁ ଭତ୍ରା ଟିପିଏସଓଡିଏଲ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ସହ କଥାବାର୍ତ୍ତା ହୋଇଛନ୍ତି। ଚଳିତବର୍ଷ ମାର୍ଚ୍ଚରେ କୋଟପାଡ଼ ଓ କୁନ୍ଦୁରା ବ୍ଲକ୍‌ରେ ବକେୟା ଅର୍ଥ ରାଶି ପୈଠ କରିନଥିବାରୁ କେତେକ ଉପଭୋକ୍ତା ଓ କିଛି ଗ୍ରାମରେ ବିଦ୍ୟୁତ ବିଚ୍ଛିନ୍ନ କରାଯାଇଛି। ଏହାଦ୍ୱାରା ଲୋକେ ହଇରାଣ ହେଉଥିବା ନେଇ ବିଧାନସଭାରେ ବିଧାୟକ ଭତ୍ରା ବିଭାଗୀୟ ସଂସ୍ଥାର ସାହସ କେଉଁଠୁ ଆସିଲା ବୋଲି ବାଚସ୍ପତିଙ୍କୁ କହିଛନ୍ତି। କୋଟପାଡ଼ ବିଧାନସଭା ଅନ୍ତର୍ଗତ ବୋରିଗୁମ୍ମା ବ୍ଲକ ଅଧୀନରେ ଥିବା ଟୁନାଗୁଡା ଓ ଗାଦବାଗୁଡା ଗ୍ରାମରେ ୬ ଦିନ ହେବ ବିଦ୍ୟୁତ କାଟ ପରେ ବିଧାୟକ ହସ୍ତକ୍ଷେପ କରିଥିଲେ। ଏହାପରେ ବିଦ୍ୟୁତ ସଂଯୋଗ କରାଯାଇଥିଲା। ସେହିପରି କୁନ୍ଦୁରା ବ୍ଲକ୍ ଡ଼ଙ୍ଗର ପାଉଁଶି ପଞ୍ଚାୟତ ସଦର ମହକୁମାର ଜଣେ ବ୍ୟକ୍ତିଙ୍କ ନୂତନ ସଂଯୋଗ ପାଇଁ ବର୍ଷେରୁ ଉର୍ଦ୍ଧ୍ୱ ହେବା ସତ୍ତ୍ୱେ ଏଯାଏ ଟିପିଏସଓଡିଏଲ ପକ୍ଷରୁ ବିଦ୍ୟୁତ ସଂଯୋଗ କରାଯାଉ ନାହିଁ। ହିତାଧିକାରୀଙ୍କୁ ଅତ୍ୟାଚାର କରାଯାଉଥିବାରୁ ବିଧାୟକ ଭତ୍ରା ଟିପିଏସଓଡିଏଲକୁ ତାଗିଦ କରି ଏହା ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଚସ୍ପତି ଓ ଶକ୍ତି ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

## ମହୁମାଛି ଆକ୍ରମଣରେ ପୁଣି ୭ ଆହତ

ନନ୍ଦପୁର,୨।୪(ତୁଷାରକାନ୍ତ ମହାନ୍ତି)

ମହୁମାଛି କାମୁଡାରେ ବୁଧବାର ପୁଣି ୭ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଲଛମା ନାୟକ, ମଦନ କିଷାନି, ସୁଶାନ୍ତ ପୂଜାରୀ, ହରି ପାଙ୍ଗି, ମନୋଜ ଖିଲଓ କେଚେଲା ନିକଟ ସେମେଲା ଗ୍ରାମର ଡମ୍ବୁ ଦାମୀ ଓ କନ ନାୟକ। ସମସ୍ତଙ୍କୁ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇଛି। ବନମାଳିପୁଟ ଶିବମନ୍ଦିର ନିକଟରେ ପୁଣି ୫ ଜଣ ଆହତ ହୋଇଛନ୍ତି। ସେମେଲା ଗ୍ରାମରେ ୨ଜଣ ମହୁମାଛି ଆକ୍ରମଣରେ ଆହତ ହୋଇଛନ୍ତି। ପ୍ରାଥମିକ ଚିକିତ୍ସା ପରେ ସମସ୍ତେ ସୁସ୍ଥ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

## ବଜ୍ରପାତରେ ଜଣେ ମୃତ

ତେନ୍ତୁଳିଖୁଣ୍ଟି, ୨।୪(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ କାଳ ବୈଶାଖୀ ବର୍ଷା ହୋଇଥିଲା। ବଜ୍ରପାତ ଘଟି ତେନ୍ତୁଳିଖୁଣ୍ଟି ବ୍ଲକ ମଞ୍ଜାଗାଁ ଗ୍ରାମର ହରି ହରିଜନ (୪୮)ଙ୍କ ମୃତ୍ୟୁ ହୋଇଛି। ସୂଚନାନୁଯାୟ ହରି ଗାଇ ନେଇ ପାଖ ପଡ଼ିଆକୁ ଚରାଇବାକୁ ଯାଉଥିଲେ। ଏହି ସମୟରେ ବଜ୍ରପାତ ଘଟିବାରୁ ସେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହରିଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି ହୋଇଛି।

## ଦୁର୍ଘଟଣାରେ ନବମ ଶ୍ରେଣୀ ଛାତ୍ର ମୃତ

ନନ୍ଦାହାଣ୍ଡି, ୨।୪(ପ୍ରଦୀପ କୁମାର ଦାଶ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଅଧୀନ ଜଗନ୍ନାଥପୁର ଗ୍ରାମର ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ଦୁର୍ଘଟଣାରେ ବୁଧବାର ମୃତ୍ୟୁ ଘଟିଛି। ସେ ହେଲେ ଜଗନ୍ନାଥପୁର ସରକାରୀ ଉଚ୍ଚ ବିଦ୍ୟାଳୟ ନବମ ଶ୍ରେଣୀର ଛାତ୍ର ରାଜକୁମାର ଅମାନାତ୍ୟ। ଏହି ଦୁର୍ଘଟଣାରେ ତାଙ୍କର ୨ ଜଣ ସାଙ୍ଗ ଆହତ ହୋଇଛନ୍ତି।

ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀକାନ୍ତ ଜାନୀଙ୍କ ସୂଚନାନୁଯାୟୀ, ରାଜକୁମାର ବୁଧବାର ସ୍କୁଲ ଯିବାକୁ କହି ଘରୁ ବାହାରିଥିଲେ। ସେ କିନ୍ତୁ ସ୍କୁଲକୁ ଯାଇ ନ ଥିଲେ। ତାଙ୍କର ଅନ୍ୟ ୨ ଜଣ ସାଙ୍ଗ ପ୍ରାର୍ଥନା ପରେ ସ୍କୁଲରୁ ସାଇକେଲ ନେଇ ବାହାରି ଆସିଥିଲେ। ରାଜକୁମାର ଘରକୁ ଫେରି ବାଇକ୍ ନେଇ ୨ଜଣ ସାଙ୍ଗଙ୍କୁ ବସାଇ ପାଖ ପୋଖରୀ ନିକଟକୁ ଯାଉଥିଲେ। ସେମାନେ ଏକ ଟ୍ରାକ୍ଟରକୁ ଓଭରଟେକ୍ କରିବାବେଳେ ଭାରସାମ୍ୟ ହରାଇ ପଡ଼ିଯାଇଥିଲେ। ଏଥିରେ ୩ ଜଣ ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ ରାଜକୁମାରଙ୍କୁ ପ୍ରଥମେ ଜଗନ୍ନାଥପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାଜକକୁମାର ସ୍କୁଲକୁ ଆସିନଥିବା ପ୍ରଧାନଶିକ୍ଷକ ବିଭୁତି ଭୂଷଣ ସାହୁ କହିଛନ୍ତି। ଖବରପାଇ ବିଇଓ ସ୍କୁଲରେ ପହଞ୍ଚି ତଦନ୍ତ କରିଥିଲେ। ଏ ନେଇ ଇନ୍ଦ୍ରାବତୀ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି।

## ବାଲ୍‌ବାଟିକାରେ ସାମିଲ ୧୧୩୫ ଛାତ୍ରୀଛାତ୍ର



କାର୍ଯ୍ୟକ୍ରମରେ ବିଇଓ ଓ ଅନ୍ୟମାନେ।

ଝରିଗାଁ,୨।୪
(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍‌ରେ ୨୨୯ ବିଦ୍ୟାଳୟରେ ଖଡ଼ିଛୁଆଁର ପ୍ରଥମ ଦିନରେ ୧୧୩୫ ଛାତ୍ରୀଛାତ୍ର ଶିଶୁ ବାଲ୍ ବାଟିକାରେ ସାମିଲ ହୋଇଥିବାବେଳେ ୩୯୯ ଜଣଙ୍କୁ ପ୍ରଥମ ଶ୍ରେଣୀରେ ନାମ ଲେଖାଯାଇଥିବା ବିଇଓ ସୋଭେନ ମଣ୍ଡଳ କହିଛନ୍ତି। ଝରିଗାଁ ବ୍ଲକ୍ କରମରୀସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ କରାଯାଇଥିଲା। ଅଭିଭାବକ ଓ ଛାତ୍ରୀଛାତ୍ରଙ୍କୁ ସ୍ୱାଗତକରିବା ପରେ ନାମ ଲେଖାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ସ୍ୱାଇଁଙ୍କ ସଭାପତିତ୍ୱରେ ଏକ ବୈଠକ କରାଯାଇଥିଲା। ଝରିଗାଁ ବିଡିଓ ମଧୁସୂଦନ ମାଝୀ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିଭାବେ ଏବିଇଓ ଦଶରଥ ଗଣ୍ଡ , ସରପଞ୍ଚ ଥବୀର ପୂଜାରୀ ଉପସ୍ଥିତ ଥିଲେ।

## ପ୍ରଥମ ଦିନରେ ୨୯୧୦ ଛାତ୍ରୀଛାତ୍ରଙ୍କ ବିଦ୍ୟାଳୟ ପ୍ରବେଶ

ଉମରକୋଟ, ୨।୪(ସନ୍ତୋଷ ଶତପଥୀ)

ଉମରକୋଟ ସହର ଗଡିଗୁଡ଼ାସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିଶୁବାଟିକା ଶୁଭାରମ୍ଭ, ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଜିଲାପାଳ ଡ. ଶୁଭଙ୍କର ମହାପାତ୍ର ଯୋଗଦେଇଥିଲେ। ଜିଲାପାଳଙ୍କ ସମେତ ଉମରକୋଟ ପୌରାଧ୍ୟକ୍ଷା ରାଧା ଭତ୍ରା, ସ୍ଥାନୀୟ କାଉନସିଲର ଚିତ୍ତରଞ୍ଜନ ପାତ୍ର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ରେଶମ ଲାଲ ନାୟକ, ବ୍ଲକ୍ ଶିକ୍ଷା ଅଧିକାରୀ ଈଶ୍ୱର ମାଝି, ଉମରକୋଟ ପୌର ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପୁରୁଷୋତ୍ତମ ମାଝି, ସିଆର୍‌ସିସି ହେମନ୍ତ କୁମାର ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତୀ ଦେବନାଥ ଓ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ଉମରକୋଟ ବ୍ଲକ୍‌ରେ ୨୯୧୦ ଜଣ ଛାତ୍ରୀଛାତ୍ର ବାଲବାଟିକା ଓ ପ୍ରଥମ ଶ୍ରେଣୀରେ ପ୍ରବେଶ କରିଥିବା ଉମରକୋଟ ବ୍ଲକ୍ ଶିକ୍ଷା ଅଧିକାରୀ ଈଶ୍ୱର ମାଝି ସୂଚନା ଦେଇଥିଲେ।

## ନନ୍ଦାହାଣ୍ଡି ବ୍ଲକ୍ ମୁଖ୍ୟାଳୟରେ ଖୋଲିଲା ପେଟ୍ରୋଲ ପମ୍ପ

ନନ୍ଦାହାଣ୍ଡି, ୨।୪, (ପ୍ରତୀପ କୁମାର ଦାଶ)



ପେଟ୍ରୋଲ ଟାଙ୍କି ଉଦ୍‌ଘାଟନ କରାଯାଉଛି।

ନବରଙ୍ଗର ଜିଲା ନନ୍ଦାହାଣ୍ଡି ବ୍ଲକ ମୁଖ୍ୟାଳୟ ଡଙ୍ଗରଭେଜା ଗ୍ରାମରେ ଇଣ୍ଡିଆନ ଅଏଲର ଏକ ନୂଆ ପେଟ୍ରୋଲ ପମ୍ପ ଉଦ୍‌ଘାଟିତ ହୋଇଯାଇଛି। ବୁଧବାର ବ୍ଲକ୍ ମୁଖ୍ୟାଳୟରେ ଓମ୍ ଶୁଭମ ଫୁଏଲ ଷ୍ଟେଶନ ନାମରେ ଏକ ପେଟ୍ରୋଲ ପମ୍ପ ଖୋଲାଯାଇଛି। ଅଞ୍ଚଳବାସୀ ଠିକ୍ ମୂଲ୍ୟରେ ପେଟ୍ରୋଲ ପାଇପାରିବେ ବୋଲି ପମ୍ପ ମାଲିକ ପରୀ ପଦ୍ମା କହିଛନ୍ତି। ପଦ୍ମାଙ୍କ ଶଶୁର ସୁଧାଂଶୁ ଶେଖର ତ୍ରିପାଠୀ ଓ ଶାଶୁ ଶୈଳବାଳା ଏହି ପେଟ୍ରୋଲ ପମ୍ପ ଉଦ୍‌ଘାଟନ କରିଥିଲେ। ଇଣ୍ଡିଆନ ଅଏଲ ସହାୟକ ପ୍ରବନ୍ଧକ ରାଜେନ୍ଦ୍ର ରାଉଳ, ପରୀ ପଦ୍ମାଙ୍କ ସ୍ୱାମୀ ସପନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ନନ୍ଦାହାଣ୍ଡି ବ୍ଲକ୍ ସୀମାରେ ପେଟ୍ରୋଲ ପମ୍ପ ଥିଲା, ଯାହା ନନ୍ଦାହାଣ୍ଡି ବ୍ଲକ୍‌ରେ ଥିବା ଅନ୍ୟ ଗ୍ରାମଠାରୁ ଦୂରରେ। ତେଣୁ ସେ ସବୁ ସ୍ଥାନରେ ଦୋକାନଗୁଡ଼ିକରେ ବୋତଲରେ ପେଟ୍ରୋଲ ବିକ୍ରି ହେଉଥିଲା ଏବଂ ତାହାର ଦର ମଧ୍ୟ ଅଧିକ ରହୁଥିଲା। ଏବେ ଏଠାରେ ପେଟ୍ରୋଲ ଟାଙ୍କି ଥିବାରୁ ଭଲ ତେଲ ଠିକ୍ ମୂଲ୍ୟରେ ନେଇପାରିବେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

## ରାତ୍ରିକାଳୀନ କ୍ରିକେଟ ଅଭ୍ୟାସ ମ୍ୟାଚ ଉଦ୍‌ଘାଟିତ

ଉମରକୋଟ, ୨।୪(ସନ୍ତୋଷ ଶତପଥୀ)

ଉମରକୋଟ ପୌରାଞ୍ଚଳ ୯ ନମ୍ବର ୱାର୍ଡରେ ସ୍ୱର୍ଗତ ପେଣ୍ଡରା ରାଓ ମେମୋରିଆଲ ପକ୍ଷରୁ ରାତ୍ରିକାଳିନ କ୍ରିକେଟ ଅଭ୍ୟାସ ମ୍ୟାଚ ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମରେ ଅତିଥିଭାବେ ଖବରଦାତା ନଳିନୀ ରଞ୍ଜନ ମିଶ୍ର, ସନ୍ତୋଷ ଶତପଥୀ, ଆଇନଜୀବୀ ସାନ୍ତୁନୁ ବାହିନୀପତି, ସାମାଜିକ କର୍ମୀ ଭି .ବୁଜି, ନାଶିର ସୁଫି, ଲଳିତ ସେଠୀ, କାଉନସିଲର ଇତିଶ୍ରୀ ଦଳେଇ ଓ ମନୋଜ କୁମାର ନାୟକ, ଚର୍ଚ୍ଚର ଡିନ ବିଭୂତି ଭୂଷଣ ପାଣି, ପୂର୍ଣ୍ଣ ମାଝୀ,କାବୁଲ ସନ୍ତ୍ରା, ପୌର ଉପାଧ୍ୟକ୍ଷ ସୁଧାଂଶୁ ଦାସ, ଅଧ୍ୟାପକ ରମେଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। କାମ ଯୋଗୁ ସମୟ ପାଉ ନ ଥିବାରୁ ଯୁବକମାନେ ରାତ୍ରି କାଳିନ କ୍ରିକେଟ ଅଭ୍ୟାସ ମ୍ୟାଚ ଉଦଘାଟନ ପରେ ଖୁସି ବ୍ୟକ୍ତ କରିଛନ୍ତି। ଉଦଘାଟନ ପୂର୍ବରୁ ସ୍ୱର୍ଗତ ପେଣ୍ଡରା ରାଓଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଆବାସ ସୁଫି, ଭିକି ବାଘ, ସର୍ଫରାଜ ମାଲିକ, ସୁରେଶ ସେଠୀ, ଶିବୁ ସ୍ୱାଇଁ, ସରୋଜ ମହାନ୍ତି, ରିୟାଜ୍ ଆଲମ୍, ଗୌରବ ବର୍ମନ୍, ନଗେଶ ପଟ୍ଟନାୟକ, ଆଦିତ୍ୟ ମୁଦୁଲି, କାଲୁ ଓ ସାଥୀ ଖେଳାଳିଙ୍କ ବ୍ୟକ୍ତିଗତ ଉଦ୍ୟମରେ ଏହି ନିଆରା ପ୍ରୟାସ ସମ୍ଭବ ହେଇପାରିଛି ବୋଲି ସମସ୍ତେ ମତ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ମାତୃଭାଷାଠାରୁ ଦୂରେଇଯାଉଛନ୍ତି ସୀମାନ୍ତବାସୀ

■ଆଞ୍ଚଳିକ,ଓଡ଼ିଆ ବଦଳରେ ତେଲୁଗୁ ଭାଷା କହୁଛନ୍ତି ଅଞ୍ଚଳବାସୀ

■ ଓଡ଼ିଆ ଭାଷାର ସୁରକ୍ଷା ନେଇ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀଙ୍କ ଆହ୍ୱାନ

ନନ୍ଦପୁର,୨।୪(ତୁଷାରକାନ୍ତ ମହାନ୍ତି)



ନନ୍ଦପୁର ବ୍ଲକ ସୀମାନ୍ତ ଅଞ୍ଚଳରେ ଆନ୍ଧ୍ରର ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ତେଲୁଗୁ ସୂଚନା ଫଳକ।

ଓଡ଼ିଶା ରାଜ୍ୟ ଓ କୋରାପୁଟ ଜିଲା ପ୍ରତିଷ୍ଠାର ୬୯ବର୍ଷ ପୂର୍ତ୍ତି ଉପଲକ୍ଷେ ଓଡ଼ିଶା ଦିବସ ପାଳନ କରାଯାଇଥିବା ବେଳେ ଆନ୍ଧ୍ର ସୀମାକୁ ଲାଗି ରହିଥିବା କୋରାପୁଟ ଜିଲାର ନନ୍ଦପୁର, ଲମତାପୁଟ, ପଟ୍ଟାଙ୍ଗି, ବନ୍ଧୁଗାଁ ଓ ନାରାୟଣପାଟଣା ବ୍ଲକ୍ ଅଞ୍ଚଳବାସୀଙ୍କ ମାତୃଭାଷା ବଦଳି ତେଲୁଗୁ ଭାଷାରେ ପରିବର୍ତ୍ତନ ହେବାରେ ଲାଗିଛି। ଲୋକେ ଜାତିଭିତ୍ତିକ କୁଇ, ପରଜା, ଭୂମିଆ, ଭତ୍ରା ଓ ଗାଦବା ଆଦି ଭାଷାରେ କଥାବାର୍ତ୍ତା ହେଉଥିବା ବେଳେ ଶିକ୍ଷାନୁଷ୍ଠାନରେ ପାଠ୍ୟକ୍ରମ ଓଡ଼ିଆ ରହିଛି। କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ଅଧୀନ ଆନ୍ଧ୍ର ସୀମାକୁ ଲାଗି ରହିଥିବା ପାଙ୍ଗଲୁଙ୍ଗ, ବିଲାପୁଟ, ଗୋଲୁର, ପରଜା ବଡପଡ଼ା, କୁଲାରସିଂ, ଚାଟୁଆ, ଖିନବର ଓ ନନ୍ଦକା ଆଦି ପଞ୍ଚାୟତବାସୀ ବ୍ୟବସାୟ,ସ୍ୱାସ୍ଥ୍ୟ, ଶିକ୍ଷା ଓ ରୋଜଗାର ପାଇଁ ପଡ଼ୋଶୀ ଆନ୍ଧ୍ର ଉପରେ ଅଧିକ ନିର୍ଭରଶୀଳ। ତେଲୁଗୁ ଭାଷା କହିବା ଓ ଲେଖିବାକୁ ଅଧିକ ପସନ୍ଦକରି ଆଞ୍ଚଳିକ ଏବଂ ଓଡ଼ିଆ ଭାଷାଠାରୁ ଦୂରେଇଯାଉଛନ୍ତି। ଏହା ମାତୃଭାଷାର ଭବିଷ୍ୟତ ପାଇଁ ଠିକ୍ ନୁହେଁ ବୋଲି ଭାଷାବିତ୍ ଓ ଶିକ୍ଷାବିତମାନେ କହିଛନ୍ତି। ସରକାରଙ୍କୁ ମାତୃଭାଷାର ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ସୂଚନା ଅନୁଯାୟୀ, ଜିଲାର ନନ୍ଦପୁର ବ୍ଲକ୍ ଅଧୀନରେ ଆନ୍ଧ୍ର ସୀମାକୁ ଲାଗି ୮ ପଞ୍ଚାୟତ ରହିଛି। ପଞ୍ଚାୟତଗୁଡ଼ିକରେ ୭୦ ପ୍ରତିଶତରୁ ଉର୍ଦ୍ଧ୍ୱ କୁଇ, ପରଜା ଓ ଗଦବା ଭାଷାଭାଷୀ ଲୋକେ ରୁହନ୍ତି। ଗାଁରେ ସ୍ଥାପିତ ଓଡ଼ିଶା ସରକାରଙ୍କ ବିଦ୍ୟାଳୟରେ ଓଡ଼ିଆ ଭାଷାରେ ଶିକ୍ଷା ଗ୍ରହଣ କରନ୍ତି। କିନ୍ତୁ ନିଜ କୃଷି ଉତ୍ପାଦର ବିକ୍ରି ଓ ଅତ୍ୟାବଶ୍ୟକ ସାମଗ୍ରୀ କିଣାବିକା ପାଇଁ ସୀମା ଡେଇଁ ଆନ୍ଧ୍ରର ହାଟ ବଜାରକୁ ଯାଉଛନ୍ତି। ବିବାହ, ଶିକ୍ଷା ଓ ସ୍ୱାସ୍ଥ୍ୟସେବା ପାଇଁ ମଧ୍ୟ ଆନ୍ଧ୍ର ଉପରେ ଭରସା କରନ୍ତି। ସେଠାକୁ ଯାଇ ଜାତିଭିତ୍ତିକ କିମ୍ବା ଓଡ଼ିଆ ଭାଷା ବଦଳରେ ତେଲୁଗୁ ବ୍ୟବହାର କରିଥାନ୍ତି। ଓଡ଼ିଆ ବଦଳରେ ତେଲୁଗୁ ଓ ଇଂଲିଶରେ ଲେଖିବାକୁ ପସନ୍ଦ କରୁଛନ୍ତି। ଏହାଦ୍ୱାରା ଓଡ଼ିଆ ଭାଷାର ସୁରକ୍ଷା ନେଇ ପ୍ରଶ୍ନ ଉଠିଛି। ଏ ସମ୍ପର୍କରେ ନନ୍ଦପୁର ବିଡିଓ ଦୁର୍ଗାପ୍ରସାଦ ଦୋରା ଓ ଗୋଷ୍ଠୀ ଶିକ୍ଷାଧିକାରୀ ଭବାନୀ ନନ୍ଦନ ପଟ୍ଟନାୟକଙ୍କୁ ପଚାରିବାରୁ ମାତୃଭାଷାର ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଓ ଶିକ୍ଷା ବିଭାଗ ସଚେତନ ରହିଛି। ୨ ବିଭାଗ ପକ୍ଷରୁ ବ୍ଲକ୍ ଓ ଜିଲା ପ୍ରଶାସନର ସହାୟତାରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି ବୋଲି କହିଛନ୍ତି। ସେହିପରି ଜିଲା ଶିକ୍ଷା ବିଭାଗ ପକ୍ଷରୁ ବର୍ତ୍ତମାନ ଜାତିଭିତ୍ତିକ ଭାଷାର ସୁରକ୍ଷା ପାଇଁ ୩୬୪ ପରଜା, କୁଇ, ଗାଦବା, ଭୂମିଆ, ଭତ୍ରା ଭାଷାଭିତ୍ତିକ(ଏମ୍‌ଏଲ୍‌ଇ) ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତ କରାଯାଇଛି। ନନ୍ଦପୁର ବ୍ଲକ୍‌ରେ ୫୩ ପରଜା ଭାଷା ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟରତ ଥିବା ଗୋଷ୍ଠୀ ଶିକ୍ଷାଧିକାରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଗ୍ରାମାଞ୍ଚଳରେ ଶିକ୍ଷାର ବିକାଶ ପାଇଁ ସଚେତନ କରିବ ରଥ

**ରାୟଗଡ଼ା,୨।୪(ଆଶିଷ ରଞ୍ଜନ ପଣ୍ଡା)**

ଓଡ଼ିଆ ପକ୍ଷ ପାଳନ ଅବସରରେ ବୁଧବାର ରାୟଗଡ଼ାସ୍ଥିତ ଜିବିଏମ୍ ହାଇସ୍କୁଲଠାରେ ଖଡ଼ିଛୁଆଁ ଦିବସ ପାଳିତ ହୋଇଯାଇଛି । ଏଥିରେ ଜିଲାପାଳ ପାରୁଲ ପଟୱାରି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ । ଏହି ରଥ ଜିଲାର ବିଭିନ୍ନ ଗ୍ରାମାଞ୍ଚଳ ବୁଲି ଶିକ୍ଷାର ବିକାଶ ପାଇଁ ଲୋକଙ୍କୁ ସଚେତନ କରିବ । ଏହି କାର୍ଯ୍ୟକ୍ରମରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝି, ଜିଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହାକ ପ୍ରମୁଖ ଯୋଗଦେଇଥିଲେ । ଶିଶୁବାଟିକାସ୍ତରରେ ୧୩ ଜଣ ନୂତନ ଛାତ୍ରୀଛାତ୍ରଙ୍କୁ ଖଡିଛୁଆଁ କରାଯାଇ ଶିଶୁବାଟିକା କିଟ୍ ପ୍ରଦାନ କରଯାଇଥିଲା । ଏହାପରେ ଜିଲାପାଳ ପାରୁଲ ଶିକ୍ଷା ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।



କୁନି କୁନି ପିଲାଙ୍କ ସହ ଜିଲାପାଳ ଓ ଅନ୍ୟମାନେ ।

ଉକ୍ତ ସଚେତନତା ରଥ ବୁଧବାରଠାରୁ ଶନିବାର ପର୍ଯ୍ୟନ୍ତ ଜିଲାର ବିଭିନ୍ନ ପଞ୍ଚାୟତ ପରିକ୍ରମାକରି ବିଦ୍ୟାଳୟରେ ପିଲାଙ୍କ ନାମଲେଖା ପାଇଁ ଅଭିଭାବକଙ୍କୁ ସଚେତନ କରିବ । ଏହାପରେ ଜିଲାପାଳ ପାରୁଲ ବାରିଝୋଲାସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗସ୍ତକରି ଛାତ୍ରୀଛାତ୍ରଙ୍କ ନାମଲେଖା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଜିଲାରେ ସମୁଦାୟ

**ଜିଲାସ୍ତରୀୟ ଖଡ଼ିଛୁଆଁ ଦିବସ**

**ଶିଶୁବାଟିକା ସ୍ତରରେ ୧୧୮୨, ୧ମଶ୍ରେଣୀରେ ୭୮୪୩ ଛାତ୍ରୀଛାତ୍ରଙ୍କ ନାମଲେଖା ଲକ୍ଷ୍ୟ**

୧୧୧୯ଟି ବିଦ୍ୟାଳୟର ଶିଶୁବାଟିକା ସ୍ତରରେ ୧୧୮୨ ଓ ପ୍ରଥମ ଶ୍ରେଣୀରେ ୭୮୪୩ ଛାତ୍ରୀଛାତ୍ରଙ୍କୁ ନାମଲେଖା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ଜିଲା ଶିକ୍ଷାଧିକାରୀ ନାହାକ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଭଜନଲାଲ ମାଝି, ବିଇଓ ଛବିଲାଲ ସିଂ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

# ମା' ଗଙ୍ଗାଦେବୀ ଠାକୁରାଣୀଙ୍କ ଘଣ୍ଟଯାତ୍ରା

**ଟିକିରି ୨।୪(ପ୍ରଫୁଲ୍ଲ କୁମାର ବେହେରା)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଟିକିରିର ଅଧିଷ୍ଠାତ୍ରୀ ଦେବୀ ମା'ଗଙ୍ଗାଦେବୀ ଠାକୁରାଣୀଙ୍କ ଘଣ୍ଟଯାତ୍ରା ଆରମ୍ଭ ହୋଇଛି। ବୁଧବାରଠାରୁ ମା'ଙ୍କ ଘଣ୍ଟ ସହର ପରିକ୍ରମା କରିବ। ୯ଦିନ ଯାଏଁ ପ୍ରତ୍ୟେକ ସନ୍ଧ୍ୟାରେ ମା'ଙ୍କ ଘଣ୍ଟ ସାହି ନଗର ବୁଲି ପଣା, ପାଣି ଭୋଗ ଖାଇଥାନ୍ତି। ଏହି ସମୟରେ ମା' ଗଙ୍ଗାଦେବୀ ଲୋକଙ୍କ ଦୁଃଖ ଦୂରକରିବା ସହ ସୁଖଶାନ୍ତି ପାଇଁ ଆଶୀର୍ବାଦ କରିଥାନ୍ତି ବୋଲି ମନ୍ଦିରର ପୂଜକ ଉମାଶଙ୍କର ଦଣ୍ଡସେନା କହିଛନ୍ତି। ମା'ଙ୍କ ନବଦିନ ଯାତ୍ରା ପାଇଁ ଟିକିରି ସହର ଏବେ ଚଳଚଞ୍ଚଳ ହୋଇଯାଇଛି। ଅଞ୍ଚଳରେ ଭକ୍ତିମୟ ପରିବେଶ ଦେଖିବାକୁ ମିଳିଛି।



ମା'ଙ୍କ ଘଣ୍ଟ ନଗର ପରିକ୍ରମା କରାଯାଉଛି।

# ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ପୀତାମ୍ବର ଶବରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଗୁଣପୁର,୨।୪( ପ୍ରଦୀପ କୁମାର ପାଢ଼ୀ )**

ଅବସର ଗ୍ରହଣକରି ଗାଁକୁ ଫେରିବା ପରେ ପୋଲିସ କର୍ମଚାରୀଙ୍କୁ ସ୍ୱାଗତକରି ଗାଁକୁ ପାଛୋଟି ନେଇଛନ୍ତି ଗ୍ରାମବାସୀ। ଗୁଣପୁର ବ୍ଲକ୍ ଘନାନ୍ତି ଗ୍ରାମରେ ଜଣେ ଅବସରପ୍ରାପ୍ତ ପୋଲିସ କର୍ମଚାରୀ ପୀତାମ୍ବର ଶବରଙ୍କୁ ସମ୍ବର୍ଦ୍ଧିତ କରାଯାଇ ଏଭଳି ସ୍ୱାଗତ କରାଯାଇଛି । ଘନାନ୍ତି କର୍ମଚାରୀଙ୍କ ଗ୍ରାମ ମଙ୍ଗଳ ସମିତି ସଙ୍ଗଠନ ଦ୍ୱାରା ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଡମ୍ବସରା ବସ୍‌ଷ୍ଟାଣ୍ଡଠାରୁ ବାଜା ବାଜଣା ସହ ଶୋଭାଯାତ୍ରାରେ ପୀତାମ୍ବରଙ୍କୁ ଅଣାଯାଇ ଘନାନ୍ତି ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସମିତିର ସଭାପତି ଧର୍ମେନ୍ଦ୍ର ଶବରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବୁଦ୍ଧିଜୀବୀ ଗୋସାଇଁ ଶବର, ସରପଞ୍ଚ ନୀଳକଣ୍ଠ ଶବର, ସମିତିର ସମ୍ପାଦକ ଭୁବନ ମୋହନ ଶବର, କୋଷାଧ୍ୟକ୍ଷ ୟୁନାଫ ଶବର, କେତନ ଶବର ମଞ୍ଚାସୀନ ଥିଲେ। ସଭାରେ ପୀତାମ୍ବରଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅଜିତ କୁମାର ପତିକାଙ୍କ ସଂଯୋଜନା କ୍ରମେ ଅନୁଷ୍ଠିତ ଏହି ଉତ୍ସବରେ ଅବସରପ୍ରାପ୍ତ କର୍ମଚାରୀ ଇଞ୍ଜୁରାମ ଶବର, କିଶୋର ଶବର, ବିଜୟ କୁମାର ଶବର, ପୂର୍ଣ୍ଣମାସୀ ଗମାଙ୍ଗ, ଲମ୍ବୋଦର ଶବର, ବନ୍ଧୁ ଶବର, ନୀଳାଦ୍ରି ଶବର, ରାମଚନ୍ଦ୍ର ଶବର, ପୁନିଆ ଶବର, ଲଳିତା ବେବର୍ତ୍ତା, ଅନ୍ନପୂର୍ଣ୍ଣା ବେବର୍ତ୍ତା, ପ୍ରମିଳା ବେବର୍ତ୍ତା ଓ ସମିତିର ଉପସଭାପତି ଜଗଦିଶ୍ୱର ଶବରଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟ କର୍ମଚାରୀଙ୍କ କ୍ୱାର୍ଟର୍ସରୁ ଚୋରି



ପୋଲିସ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରୁଛି।

**ପଦ୍ମପୁର, ୨।୪ (ପ୍ରଶାନ୍ତ କୁମାର କର)**

ରାୟଗଡ଼ା ଜିଲାର ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମେଡିକାଲ କଲୋନି ମଧ୍ୟରେ ରହୁଥିବା ୨ ଜଣ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପବ୍ଲିକ୍ ହେଲ୍‌ଥ ଅଫିସର ସଫିରା ରାଇକା ଓ ନର୍ସିଂ ଅଫିସର କନକ ଗରଡ଼ିଆ ୨ ଦିନ ଧରି ଛୁଟିରେ ଥିବାରୁ ସରକାରୀ ବାସଭବନରେ ତାଲା ପଡ଼ିଥିବା ସୁଯୋଗ ନେଇ କେତେଜଣ ଦୁର୍ବୃତ୍ତ ନକଲି ଚାବିରେ ତାଲା ଖୋଲି ଘରେ ଥିବା ନଗଦ ଟଙ୍କା ଓ ସୁନା ଅଳଙ୍କାର ଚୋରିକରି ନେଇଥିବା ଜଣାପଡ଼ିଛି। ମଙ୍ଗଳବାର ୨ କର୍ମଚାରୀ ବାସଭବନ କବାଟ ଖୋଲାଥିବା ଦେଖିବା ପରେ ପଦ୍ମପୁର ଥାନାରେ ଅଭିଯୋଗ କରଥିଲେ। ଦୁର୍ବୃତ୍ତମାନେ କନକ ଗରଡ଼ିଆଙ୍କ ଘରୁ ପ୍ରାୟ ୪୦ହଜାର ଟଙ୍କା ଓ ସଫିରା ରାଇକାଙ୍କ ଆଲମିରା ଭାଙ୍ଗି ଟଙ୍କା ଓ ସୁନା ଅଳଙ୍କାର ଚୋରି କରି ନେଇଥିବା ପୋଲିସକୁ କହିଛନ୍ତି। ପଦ୍ମପୁର ଆଇଆଇସି ଧରଣୀଧର ପ୍ରଧାନ ଓ ରାୟଗଡ଼ା ପୋଲିସ ସନ୍ଧାନୀ କୁକୁର ଦ୍ୱାରା ବୁଧବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡ଼ିଛି।

# ଜିଲାର ସମସ୍ତ ରେଳ ଷ୍ଟେଶନ ରାୟଗଡ଼ା ଡିଭିଜନରେ ସାମିଲ ଦାବି

**ରାୟଗଡ଼ା,୨।୪(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲାର ସମସ୍ତ ରେଳ ଷ୍ଟେଶନ ରାୟଗଡ଼ା ରେଳ ଡିଭିଜନରେ ସାମିଲ ପାଇଁ ଦାବି ହୋଇଛି। ରାୟଗଡ଼ା ନୂତନ ରେଳ ଡିଭିଜନ କାର୍ଯ୍ୟ କରୁଥିବାବେଳେ ଅନେକ ଷ୍ଟେଶନ ସମ୍ବଲପୁର ଡିଭିଜନ ଅଧୀନରେ ରହିଛି। ମୁନିଗୁଡ଼ା, ଅମ୍ବାଦଳା, ବିଷମକଟକ, ଥେରୁବାଲି ଭଳି ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେଶନକୁ ରାୟଗଡ଼ା ରେଳ ଡିଭିଜନରେ ସାମିଲ କରାଯାଇନାହିଁ। ତେବେ ପୂର୍ବତଟ ରେଳବାଇର ଏହି ନିଷ୍ପତ୍ତିକୁ ଲଗାତର ଭାବେ ବିରୋଧ କରାଯାଉଛି। ଜାଣିଶୁଣି ରାୟଗଡ଼ା ରେଳ ଡିଭିଜନକୁ ଦୁର୍ବଳ କରିବା ପାଇଁ ଏହା ଏକ ଚକ୍ରାନ୍ତ ବୋଲି ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ମୁନିଗୁଡ଼ା ପ୍ରଗତି ମଞ୍ଚ ପକ୍ଷରୁ ରେଳବାଇ ବୋର୍ଡ ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ରାୟଗଡ଼ା ଡିଆର୍‌ଏମ୍ ଅମିତାଭ ସିଂଘଲଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରେଲୱେ କର୍ତ୍ତୃପକ୍ଷ ତୁରନ୍ତ ନିଷ୍ପତ୍ତି ପରିବର୍ତ୍ତନ ପାଇଁ ଦାବି ହୋଇଛି। ନଚେତ୍ ଆଗାମୀ ଦିନରେ ଏହା ବିରୋଧରେ ଆନ୍ଦୋଳନ କରାଯିବ ବୋଲି ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ମଞ୍ଚ ସଭାପତି ସିଏଚ୍ ଗଣେଶ୍ୱର ରାଓଙ୍କ ନେତୃତ୍ୱରେ ଉପସଭାପତି ରାଜୀବ ଲୋଚନ ଦାସ, ସମ୍ପାଦକ ସୀମାଞ୍ଚଳ ପଣ୍ଡା, କୋଷାଧ୍ୟକ୍ଷ ନନ୍ଦ କିଶୋର ପଟ୍ଟନାୟକ, ସନ୍ତୋଷ କୁମାର ଦଳାଇ, ଗଣେଶ ପ୍ରସାଦ ପାତ୍ର ପ୍ରମୁଖ ଏହି ଦାବିପତ୍ର ପ୍ରଦାନ କରିଥିଲେ।



ମୁନିଗୁଡ଼ା ପ୍ରଗତି ମଞ୍ଚ ପକ୍ଷରୁ ରାୟଗଡ଼ା ଡିଆର୍‌ଏମ୍ ଅମିତାଭ ସିଂଘଲଙ୍କୁ ଦାବିପତ୍ର ଦିଆଯାଉଛି।

# ଅଭିଭାବକ ସଚେତନ ହେଲେ ଶିକ୍ଷାର ବିକାଶ ହେବ: ଏଡିଏମ୍



କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ନବୀନ ନାଏକଙ୍କ ସହ ଅନ୍ୟ ଅତିଥି।

**ଗୁଡାରି,୨।୪ (ପ୍ରମୋଦ କୁମାର ପତି )**

ଗୁଡାରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ବ୍ଲକ୍‌ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ନବୀନ ନାଏକ ଯୋଗଦେଇ କହିଥିଲେ, ଅଭିଭାବକ ସଚେତନ ହେଲେ ଶିକ୍ଷାର ବିକାଶ ହେବ। ଏଥିସହିତ ସରକାରଙ୍କ ଏହି କାର୍ଯ୍ୟକ୍ରମ ନିଶ୍ଚିତ ସଫଳ ହେବ ବୋଲି ମତ ରଖିଥିଲେ। ଏହି ଅବସରରେ ଗୁଡାରି ଗୋଷ୍ଠୀ ଶିକ୍ଷା ଅଧିକାରୀ ମିଶ୍ରାଣି କୁମ୍ଭାର ନୂତନ କୁନି ପିଲାଙ୍କୁ ବିଦ୍ୟାଳୟକୁ ସ୍ୱାଗତ କରିବା ସହ ସେମାନଙ୍କୁ ନିୟମିତ ବିଦ୍ୟାଳୟକୁ ପଠାଇବା ପାଇଁ ଅଭିଭାବକମାନଙ୍କୁ ଅନୁରୋଧ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଂଗୁତା ରୁପମାଝି, ଦୁଷ୍ମନ୍ତ କୁମାର ମିଶ୍ର, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାଢ଼ୀ, ସିଆରସିସି ରାମକୃଷ୍ଣ ସାହୁଙ୍କ ସମେତ ଶିକ୍ଷା ବିଭାଗର ଅନେକ କର୍ମଚାରୀ କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ। ପରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳ ନାଏକଙ୍କ ଦ୍ୱାରା ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା। ଏହି ରଥ ବ୍ଲକ୍‌ର ସମସ୍ତ ପଞ୍ଚାୟତ ବୁଲି ସଚେତନତା ବାର୍ତ୍ତା ପ୍ରଦାନ କରିବ ବୋଲି ଏଡିଏମ୍ ନାଏକ ସୂଚନା ଦେଇଥିଲେ।

# ଶିଶୁବାଟିକା ପ୍ରବେଶ ଉତ୍ସବ, ଖଡ଼ିଛୁଆଁ କାର୍ଯ୍ୟକ୍ରମ

**ମୁନିଗୁଡ଼ା/ପଦ୍ମପୁର/ଚନ୍ଦ୍ରପୁର,୨।୪ (ନନ୍ଦକିଶୋର ପଟ୍ଟନାୟକ/ପ୍ରଶାନ୍ତ କୁମାର କର/ବିଜୟ ପ୍ରସାଦ ଉଲାକା)**

ମୁନିଗୁଡ଼ାର ନୋଡାଲ ହାଇସ୍କୁଲରେ ଶିଶୁବାଟିକାର ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସୁମତି ଜେନା ଓ ନନ୍ଦିନୀ ଦାସଙ୍କ ମିଳିତ ସଂଯୋଜନାରେ ଆୟୋଜିତ କାର୍ଯ୍ୟକମରେ ହାଇସ୍କୁଲର ପ୍ରଧାନ ଶିକ୍ଷକ ଦୁଷ୍ମନ୍ତ ମାଝୀ, ବରିଷ୍ଠ ଶିକ୍ଷୟିତ୍ରୀ ଏମ୍.ସାଇଲକ୍ଷ୍ମୀ, ରଶ୍ମିରାଣୀ ସେଠୀ ପ୍ରମୁଖ ଉପସ୍ଥିତ ରହି ଅଭିଭାବକ ଓ ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଏବଂ ଫୁଲଚନ୍ଦନ ଦେଇ ବିଦ୍ୟାଳୟକୁ ସ୍ୱାଗତ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ଶ୍ରେଣୀଗୃହ ପରିସରରେ ପ୍ରଥମ ଦିନରେ ୫ ଜଣ ଛାତ୍ରୀଛାତ୍ରଙ୍କୁ ପ୍ରଧାନ ଶିକ୍ଷକ ମାଝୀ ଖଡ଼ି ଛୁଆଁଇ ସେମାନଙ୍କୁ ଓଁ, ଶ୍ରୀ, ଅ, ଆ ଲେଖାଇ ଅନୁକୂଳ କରାଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ମାଧୁରୀ ତ୍ରିପାଠୀ, ଅନିତା ସ୍ୱାଇଁ, ଶିକ୍ଷକ ସମନ ଶବର, ଟଙ୍କଧର ସାନମାଝି, କୃଷ୍ଣପ୍ରସାଦ ଗୌଡ଼, କର୍ମଚାରୀ ଚନ୍ଦନ ମଣ୍ଡାଙ୍ଗୀ, ମୁରଲୀ ସାହୁ, ବନ୍ଦନା ବଲିୟାରସିଂ ପ୍ରମୁଖ ପରିଚାଳନା ଓ ସହଯୋଗ କରିଥିଲେ ।



ଚନ୍ଦ୍ରପୁରରେ ଅତିଥିମାନେ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

ସେହିପରି ପଦ୍ମପୁର ବ୍ଲକ୍ ଅଧୀନ ଉ-ଜୁମୁରୁଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବିଇଓ ହୃଷୀକେଶ ରଥ ଓ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ଆବାହକତ୍ୱରେ ବିଦ୍ୟାଳୟ ପ୍ରବେଶ ଉତ୍ସବ ଓ ବ୍ଲକ୍‌ସ୍ତରୀୟ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପଦ୍ମପୁର ତହସିଲଦାର ଶଙ୍କର ବାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସକାଳ ୬ଟା ୩୦ରେ ବ୍ଲକ୍‌ସ୍ତରୀୟ ପ୍ରବେଶ ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସମୟରେ ବିଇଓ ରଥ, ଏବିଇଓ ଚନ୍ଦ୍ରସେନ ଲିମା, ବ୍ଲକ୍ ଅଧ୍ୟକ୍ଷା ମଣିମାଳା ଶବର, ବ୍ଲକ୍ ଉପାଧ୍ୟକ୍ଷ ରମେଶ ସାହୁ, ପଦ୍ମପୁର ଶିଶୁ ବିକାଶ ଅଧିକାରୀ, ପଦ୍ମପୁର ସରପଞ୍ଚ ପ୍ରକାଶ କୋଣ୍ଡାଗିରି ପ୍ରମୁଖ ଉପସ୍ଥିତ ଥିଲେ । ପରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଭୁବନାନନ୍ଦ ଖାଡ଼ଙ୍ଗା ମନ୍ତ୍ର ଉଚ୍ଚାରଣକରି ଶିଶୁ ବାଟିକା ପିଲାଙ୍କ ଖଡ଼ିଛୁଆଁ କାର୍ଯ୍ୟକ୍ରମ କରିଥିଲେ । ଶିକ୍ଷକ ହୃଷୀକେଶ ପରିଡ଼ା, ଶିକ୍ଷୟିତ୍ରୀ ରେଣୁବାଳା ନାୟକ, ଆର୍. ଆରତି ପ୍ରମୁଖ ପିଲାଙ୍କୁ ଖଡ଼ିଛୁଆଁ କରାଇଥିଲେ। ପରେ କୁନି କୁନି ଛାତ୍ରୀଛାତ୍ର ମଞ୍ଚରେ ସୁନ୍ଦର ନୃତ୍ୟ ପରିବେଷଣ କରିଥିଲେ। ଏହାପରେ ଅତିଥିମାନେ ବିଦ୍ୟାଳୟର ମୌଳିକ ସଂଖ୍ୟାଜ୍ଞାନ ଓ ଅକ୍ଷର ଜ୍ଞାନ କୋଣର ଉଦ୍‌ଘାଟନ କରିଥିଲେ । ଉକ୍ତ ଉତ୍ସବରେ ପଦ୍ମପୁର ସିଆର୍‌ସିସି ଅଜିତ ଚୌଧୁରୀ , ସୁମନ୍ତ ଶବର, ମାଝି ଶବର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସିଆର୍‌ସିସି ଚିତ୍ତରଞ୍ଜନ ସେନାପତି ସହଯୋଗ କରିଥିଲେ। ବିଦ୍ୟାଳୟ କମିଟି ସଭାପତି ହରିକୃଷ୍ଣ ରାମନାଥ ଶବର, ପ୍ରଶାନ୍ତ ସାହୁ, ରଚନା ସାହୁ , ସୁଜାତା ସାହୁ , ବିଷ୍ଣୁ ସାହୁଙ୍କ ସହ ଅଭିଭାବକମାନେ ଉପସ୍ଥିତ ଥିଲେ।

ସେହିପରି ଚନ୍ଦ୍ରପୁର ବ୍ଲକ୍ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ କଇନ କିମ୍ବାକା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ସୂର୍ଯ୍ୟକାନ୍ତ ବଙ୍ଗଲ , ଜିଲା ପରିଷଦ ସଭ୍ୟ ସୁଜିତ ବ୍ରେଡକା, ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଜଗନ୍ନାଥ ମେହେର, ବିଇଓ ଗଣେଶ ଶବର, ସିଡିପିଓ ଗୀତାରାଣୀ ସାହୁ ,ବିଦ୍ୟାଳୟ କମିଟି ଅଧ୍ୟକ୍ଷ କେଶବ ବେହେରା ମଣ୍ଡଳ, ଏବିଇଓ ସିଙ୍ଗନା ତାଡିଙ୍ଗି, ଉମାକାନ୍ତ ମିଶାଲ ଓ ଏସ୍‌ଏମ୍‌ସି ସଭାପତି ଉପସ୍ଥିତ ଥିଲେ। ଏହି ଅବସରରେ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ନୂତନ ଭାବେ ନାମ ଲେଖାଇବା ପାଇଁ ଆସିଥିବା ଛାତ୍ରୀଛାତ୍ରଙ୍କୁ ସିନ୍ଦୂର, ଚନ୍ଦନ ପୁଷ୍ପ ଦେଇ ସ୍ୱାଗତ କରାଯାଇଥିଲା। ପରେ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଥିବା ଶିକ୍ଷଣ ଉପକରଣ ବ୍ୟାଗ୍‌ଗୁଡିକ ଛାତ୍ରୀଛାତ୍ରଙ୍କୁ ଦିଆଯାଇଥିଲା। ପରେ ମୁଖ୍ୟ ଅତିଥି ସବୁଜ ପତାକା ଦେଖାଇ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ବିଇଓ ଶବରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏବିଓ ମିଶାଲ କାର୍ଯ୍ୟକ୍ରମ ପରିଚୋଳନା କରିଥିବାବେଳେ ଚନ୍ଦ୍ରପୁର ସିଆର୍‌ସିସି ରଜନୀକାନ୍ତ ବଳିୟାରସିଂ ଏବଂ ଜାରପା, ହନୁମନ୍ତପୁର, କିରାମାରର ସିଆର୍‌ସିସି ଓ ବିଦ୍ୟାଳୟର ଶିକ୍ଷକମାନେ ସହଯୋଗ କରିଥିଲେ।



ମୁନିଗୁଡାରେ ଶିଶୁ ବାଟିକା ପ୍ରବେଶ ଉତ୍ସବରେ ପିଲାଙ୍କ ସହ ଅତିଥି ଏବଂ ଅଭିଭାବକ।



ପଦ୍ମପୁରରେ ଆୟୋଜିତ ଖଡିଛୁଆଁ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ କୁନି କୁନି ଛାତ୍ରୀଛାତ୍ର।

# ପୋଖରୀରୁ ନିଖୋଜ ଯୁବକଙ୍କ ମୃତଦେହ ଜବତ

**ଖଲ୍ଲିକୋଟ,୨।୪(ପ୍ରଶାନ୍ତ କୁମାର ମିଶ୍ର)**

ଖଲ୍ଲିକୋଟ ଥାନା ଅନ୍ତର୍ଗତ ଭରସା ଗ୍ରାମର ପ୍ରଭାତ ଓରଫ ସିଲୁ ମହାନ୍ତି (୨୮) ମଙ୍ଗଳବାର ଅପରାହ୍ନ ୪ଟାରେ ଗ୍ରାମର ମଶାଣି ବନ୍ଧକୁ ଗାଧୋଇବାକୁ ଯାଇଥିଲେ। ଦୀର୍ଘସମୟ ଧରି ସେ ନ ଫେରିବାରୁ ପରିବାର ଲୋକଙ୍କ ମନରେ ସନ୍ଦେହ ହୋଇଥିଲା। ଏ ସମ୍ପର୍କରେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ମଙ୍ଗଳବାର ଅଗ୍ନିଶମବାହିନୀ କର୍ମଚାରୀ ପହଞ୍ଚି ପୋଖରୀରେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ପାଇ ନ ଥିଲେ। ତେବେ ବୁଧବାର ସକାଳୁ ଗ୍ରାମର କେତେ ଜଣ ଲୋକ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ପୋଖରୀରେ ସିଲୁଙ୍କ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ସେମାନେ ମୃତଦେହ ଟାଣି ଟାଣି କୂଳକୁ ଆଣିଥିଲେ। ଖବର ପାଇ ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ଖଲ୍ଲିକୋଟ ମେଡିକାଲକୁ ଆଣିଥିଲେ।

## ଦେଶୀ ମଦ ଚାଲାଣ, ଜଣେ ଗିରଫ

ଜୟପୁର,(ପବନ ପାଣିଗ୍ରାହୀ)- ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ନିଳାଗୁଡା ଗ୍ରାମର ପଦ୍ମନ ଦୁଆରୁ। ସୂଚନା ଅନୁଯାୟୀ, ଏକ ବାଇକରେ ନିଳାଗୁଡ଼ାରୁ ଜୟପୁର ସହରକୁ ଦେଶୀ ମଦ ଚାଲାଣ ହେଉଥିବା ସୂଚନା ପାଇ ଜୟନଗରରେ ଚଢ଼ାଉ କରାଯାଇଥିଲା। ୩୨ ଲିଟର ଦେଶୀ ମଦ ଓ ବାଇକ ଜବତ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଓଆଇସି ହରିଶ ସୁବ୍ରତ ସୂଚନା ଦେଇଛନ୍ତି।

## ବିଷ ପିଇ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

କୋରୁକୋଣ୍ଡା,୨।୪(ଶିବଦତ୍ତ ସାହୁ) ଓର୍କେଲ ଥାନା ପର୍କନମାଳା ପଞ୍ଚାୟତ ଟେକଗୁଡ଼ା ଗ୍ରାମରେ ଥିବା ସୁଡ଼ି ପାଙ୍ଗୀ(୫୫) ରାତିରେ କୌଣସି କାରଣରୁ ବିଷ ପିଇ ଦେଇଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପରିବାର ଲୋକେ କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତକଙ୍କ ସ୍ତ୍ରୀ ବୁଧବାର ଓର୍କେଲ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୮/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏଏସ୍ଆଇ ସୁଜିତ କୁମାର ଟାକ୍ରିଙ୍କ ନେତୃତ୍ୱରେ ଏକ ଟିମ୍ ମୃତଦେହ ବ୍ୟବଚ୍ଛେଦ ଲାଗି ଖଇରପୁଟ ମେଡିକାଲକୁ ପଠାଇଥିଲେ। ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୁଡି କିଛି ବର୍ଷ ଧରି ମସ୍ତିଷ୍କ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିବା ପରିବାର ଲୋକେ କହିଛନ୍ତି।

# ବିଦ୍ୟାଳୟ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ

ମାଲକାନଗିରି, ୨।୪(ଦୁର୍ଯ୍ୟୋଧନ ପାତ୍ର)

ଓଡ଼ିଆ ଅସ୍ମିତା ବଜାୟ ରଖିବା ପାଇଁ ଏପ୍ରିଲ ପହିଲାରୁ ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ସାରା ରାଜ୍ୟରେ ପାଳନ କରାଯାଉଛି ଓଡ଼ିଆ ପକ୍ଷ। ଏହି ପକ୍ଷ ପାଳନ ନେଇ ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ବୁଧବାର ଜିଲାର ସମସ୍ତ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ପାଳନ କରାଯାଇଛି। ଜିଲାପାଳ ଆଶିଷ ଈଶ୍ୱର ପାଟିଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ୨ରୁ ୫ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ପଞ୍ଚାୟତ ଭ୍ରମଣ କରି ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଶିଶୁଙ୍କ ଖଡ଼ିଛୁଆଁ ଲାଗି ସଚେତନତା ସୃଷ୍ଟି କରିବ। ଜିଲାର ସମସ୍ତ ବ୍ଲକ୍‌ରେ ୭ ରଥର ଶୁଭାରମ୍ଭ କରାଯାଇଥିବା ବେଳେ ଜିଲାପାଳ



ଜିଲାପାଳ ଆଶିଷ ଈଶ୍ୱର ପାଟିଲ ପିଲାଙ୍କୁ ଖଡ଼ି ଛୁଆଁଉଛନ୍ତି।

ବୁଟିଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରବେଶ ଉତ୍ସବରେ ଯୋଗଦେଇ ଶିଶୁଙ୍କୁ ଖଡ଼ି ଛୁଆଁଇଥିଲେ। ସେହିପରି ଅତିରିକ୍ତ ଜିଲାପାଳ ସାଧାରଣ ସୋମନାଥ ପ୍ରଧାନ ଚାଲାଣଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ମାଲକାନଗିରି ବିଧାୟକ ପ୍ରତିନିଧି ନିହାର ରାୟ, ସ୍ୱିମ୍ମାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ଗୋବିନ୍ଦ ପାତ୍ର ଟେମୁରୁପାଲି କଲୋନି ବିଦ୍ୟାଳୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ କୁନି ଶିଶୁମାନଙ୍କୁ ଶିକ୍ଷା ଉପକରଣ ବଣ୍ଟନ କରାଯାଇଥିଲା। ଭାରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ଉମାପ୍ରସାଦ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମଗ୍ର ଶିକ୍ଷା ଅଭିଯାନ କନିଷ୍ଠ ଯନ୍ତ୍ରୀ ସରୋଜ ସାମନ୍ତରାୟ, ଶୈକ୍ଷିକ ସଂଯୋଜକ ଶେଷ ଶଙ୍କର ମହାଲିକ, ଶୈକ୍ଷିକ ପରାମର୍ଶଦାତା ସୀତାରାମ ଗୌଡ଼, ବ୍ଲକ୍ ଶିକ୍ଷାଧିକାରୀ ରବୀନ୍ଦ୍ର କୁମାର ଧର, ବ୍ଲକ୍ ସାଧନ କେନ୍ଦ୍ର ସଂଯୋଜକ ଓ ପଞ୍ଚାୟତ ସାଧନ କେନ୍ଦ୍ର ସଂଯୋଜକ ଉପସ୍ଥିତ ଥିଲେ।

## ଛାତ୍ରୀଛାତ୍ରଙ୍କୁ କିଟ୍‌ବ୍ୟାଗ୍ ବଣ୍ଟନ



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

କୋରୁକୋଣ୍ଡା,୨।୪(ଶିବଦତ୍ତ ସାହୁ)

କୋରୁକୋଣ୍ଡା ବ୍ଲକ୍ ଶିକ୍ଷାଧିକାରୀ ଅସିତ ମିସ୍ତ୍ରିଙ୍କ ତତ୍ତ୍ୱାବଧାନରେ ଟିଟାପାରି-୩ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ୨୦୨୫-୨୬ ଶିକ୍ଷା ବର୍ଷରେ ଶିଶୁବାଟିକା ଏବଂ ପ୍ରଥମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ କିଟ୍ ବ୍ୟାଗ୍ ବଣ୍ଟନ ସହ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ କରାଯାଇଥିଲା। ଉକ୍ତ ଉତ୍ସବରେ ମିସ୍ତ୍ରି ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମାଡା ମାଡକାମୀ,ମୁଖ୍ୟ ବକ୍ତା ଉତ୍କଳ ସାମ୍ବାଦିକ ସଂଘ ବ୍ଲକ୍ ସଭାପତି ଶିବଦତ୍ତ ସାହୁ, ସମ୍ମାନିତ ଅତିଥି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରୀତମ ଭୂମିଆ,ୱାର୍ଡମେମ୍ବର ଘାସୀ କିର୍ସାନୀ, ବରିଷ୍ଠ ଶିକ୍ଷକ ସତ୍ୟନାରାୟଣ ଦେ, ବାଲିମେଳା ସିଆରସିସି ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ, ଟିଟାପାରି-୩ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମଲିକ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମେ ଠାକୁରଙ୍କ ଫଟୋ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନକରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କ ସମେତ ସେମାନଙ୍କ ଅଭିଭାବକ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ରିଙ୍କୁ ମଣ୍ଡଳ, ସୋନିଆ ପ୍ରିୟଦର୍ଶିନୀ ନାୟକ ଓ ସସ୍ମିତା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ।

## ପୋଖରୀରେ ବୁଡି ବୃଦ୍ଧଙ୍କ ମୃତ୍ୟୁ

କୋରୁକୋଣ୍ଡା, ୨।୪(ଶିବଦତ୍ତ ସାହୁ ) ଓର୍କେଲ ଥାନା ଜାମୁଗୁଡା ଗ୍ରାମର ଜଣେ ବୃଦ୍ଧ ମଙ୍ଗଳବାର ପୋଖରୀରେ ବୁଡି ପ୍ରାଣ ହରାଇଛନ୍ତି। ସେ ହେଲେ ସନ୍ୟା ବଡନାୟକ(୭୫)। ସନ୍ୟା ସିନ୍ଧିଗୁଡା ଗ୍ରାମ ରାସ୍ତା ଦେଇ ରାସବେଡାକୁ କୁକୁଡ଼ା କିଣିବା ପାଇଁ ଯାଇଥିଲେ। ସେଠାରୁ ରାସବେଡା ଗ୍ରାମର ହରି ପୂଜାରୀଙ୍କ ସହ ଘରକୁ ଫେରୁଥିଲେ। ସେ ଚାଲି ନ ପାରିବାରୁ ରାସ୍ତାରେ ଏକ ଗଛ ତଳେ ଆଶ୍ରୟ ନେଇଥିଲେ। ସାଙ୍ଗରେ ଥିବା ହରି ଗାଁକୁ ଯାଇ ତାଙ୍କ ପରିବାର ଲୋକଙ୍କୁ ସାଙ୍ଗରେ ଡାକି ଆଣିଥିଲେ। ଏହା ପୂର୍ବରୁ ସେ ସିନ୍ଧିଗୁଡା ଗ୍ରାମରେ ଥିବା ପୋଖରୀକୁ ଗାଧୋଇବାକୁ ଯାଇ ସେଠାରେ କୌଣସି କାରଣରୁ ବୁଡି ଯାଇଥିଲେ। ପରିବାର ଲୋକେ ଖୋଜାଖୋଜି ପରେ ସନ୍ଧ୍ୟାରେ ସେ ପୋଖରୀରେ ବୁଡି ଯାଇଥିବା ଦେଖିବାକୁ ପାଇଥିଲେ। ଓର୍କେଲ ଥାନାରେ ବୁଧବାର ଏତଲା ଦେଇଛନ୍ତି। ନଂ.୭/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏସ୍ଆଇ ମିଳନ ବରିହାଙ୍କ ନେତୃତ୍ୱରେ ଏକ ଟିମ୍ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

## ଅବସରପ୍ରାପ୍ତ ଆର୍ମି ଯବାନଙ୍କୁ ଜନ୍ମମାଟିରେ ଭବ୍ୟ ସ୍ୱାଗତ



ନାୟକଗୁଡ଼ାଗାଁରେ ପହଞ୍ଚିବା ପରେ ବନ୍ଧୁ ବାକାଙ୍କୁ ସ୍ୱାଗତ କରାଯାଇଛି।

ମାଥିଲି, ୨।୪
(ସୁବାଷ ଚନ୍ଦ୍ର ଖୁଡୁପିଆ)

ଭାରତୀୟ ସେନାରେ ଚାକିରି ପରେ ଅବସର ଗ୍ରହଣ କରିଥିବା ଜଣେ ଯବାନଙ୍କୁ ନିଜ ଜନ୍ମମାଟିରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଯବାନ ଜଣକ ହେଲେ ମାଥିଲି ବ୍ଲକ୍ ନାୟକଗୁଡ଼ାର ବନ୍ଧୁ ବାକା। ଆଉ ଆନନ୍ଦ ଉଲ୍ଲାସରେ ଫାଟିପଡିଛି ନାୟକଗୁଡ଼ା ଗାଁ। ୨୦୦୮ରେ ମାଲକାନଗିରିରେ ସେନାରେ ଭର୍ତ୍ତିହେବା ପାଇଁ ପରୀକ୍ଷା ହୋଇଥିଲା। ସେହି ସମୟରେ ଜିଲାରେ ମାଓବାଦୀଙ୍କ ପ୍ରାଦୁର୍ଭାବ ଚରମସୀମାରେ ଥିଲା। ସୁରକ୍ଷା ବାହିନୀରେ ଯୋଗ ନ ଦେବା ତଥା ସେମାନଙ୍କୁ ସାହାଯ୍ୟ ନ କରିବା ପାଇଁ ଫତୁଆ ଜାରି କରିଥିଲେ ମାଓବାଦୀ। କଥା କଥା କେ ମିଳୁଥିଲା ମୃତ୍ୟୁଦଣ୍ଡ। ସେନାରେ ଚାକିରି କରୁଥିବା ଅନେକ ସ୍ଥାନୀୟ ଯବାନଙ୍କୁ ଛୁଟିରେ ଗାଁକୁ ଆସିଥିବା ବେଳେ ହତ୍ୟା ମଧ୍ୟ କରିଛନ୍ତି ମାଓବାଦୀ। ଏସବୁକୁ ଭ୍ରୂକ୍ଷେପ ନ କରି ୧୭ ବର୍ଷ ସେନା ଚାକିରି ଶେଷକରି ଫେରିଛନ୍ତି ବନ୍ଧୁ ବାକା। ଚାକିରି ଜୀବନରେ ଜମ୍ମୁ କଶ୍ମୀର, ପଞ୍ଜାବ, ମଣିପୁର ଓ ବିହାରରେ ବିଭିନ୍ନ ସେନା ଅପରେଶନରେ ସଫଳତାର ସହ ଯୋଗଦେଇ ଦେଶମାତୃକାର ସେବା କରିଛନ୍ତି। ଦୀର୍ଘ ୧୭ ବର୍ଷ ଲାନ୍ସ ନାୟକ ଭାବେ କାର୍ଯ୍ୟ କରିବା ପରେ ଏମ୍ଏସିପି ହାବିଲଦାର ଭାବେ ଅବସର ଗ୍ରହଣ କରିଛନ୍ତି। ଘରେ ଥିବା ସ୍ତ୍ରୀ ଉଷାବତୀ, ୪ ବର୍ଷର ଝିଅ ବାପାଙ୍କୁ ପାଖରେ ପାଇ ଖୁସି ହୋଇଛନ୍ତି। ଗାଁ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ଆଗାମୀ ଦିନରେ ଯୁବବର୍ଗ ଦେଶମାତୃକାର ସେବା ପାଇଁ ଆଗକୁ ଆସିବାକୁ ଆହ୍ୱାନ ଦେଇଛନ୍ତି ବନ୍ଧୁ ବାକା ।

## ବିଷାକ୍ତ ଔଷଧ ଖାଇ ଜୀବନ ଗଲା

କୋରୁକୋଣ୍ଡା,୨।୪(ଶିବଦତ୍ତ ସାହୁ)- ମାଲକାନଗିରି ଜିଲ୍ଲା ଓର୍କେଲ ଥାନା ରାସବେଡ଼ା ପଞ୍ଚାୟତ ଶିଖପାଲି ଗ୍ରାମରେ ଲଇଖନ ଗୁରୁତେଲି(୪୨) ଗତ ରବିବାର ରାତିରେ କୌଣସି କାରଣରୁ ମାତ୍ରାଧିକ ବିଷାକ୍ତ ଔଷଧ ଖାଇବାରୁ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ ଖଇରପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ସେ ଗୁରୁତର ହେବାରୁ ତାଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତକଙ୍କ ମାଉସୀଙ୍କ ପୁଅ ପାତାମ୍ବର ଗୁରୁତେଲି ସୋମବାର ଓର୍କେଲ ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୭/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏଏସ୍ଆଇ ମନୋହର ସାହୁଙ୍କ ନେତୃତ୍ୱରେ ଟିମ୍ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଲଇଖନ କିଛିଦିନ ହେବ କାମଧନ୍ଦା କରୁ ନ ଥିଲେ। ପରିବାରରେ ଅଶାନ୍ତି ଲାଗି ରହୁଥିଲା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ପୋଲିସ କହିଛି।

## ଖଡ଼ିଛୁଆଁ ଆରମ୍ଭ କଲେ ବିଡିଓ

କାଲିମେଳା, ୨।୪(ଜୀବନ କୃଷ୍ଣ ଦାସ)

ପ୍ରାଥମିକ ବିଦ୍ୟାଳୟରେ ୫ବର୍ଷର ଛାତ୍ରୀଛାତ୍ର ଶିଶୁ ବାଟିକାରେ ଖଡ଼ି ଛୁଆଁ ଓ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ ହୋଇଛି। କାଲିମେଳା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ଅନୁଷ୍ଠିତ ହୋଇଯାଇଛି । ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ପ୍ରଧାନଶିକ୍ଷକ ଶ୍ୟାମ ସୁନ୍ଦର ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ପ୍ରଦୀପ କୁମାର କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରଖଡି ଛୁଆଁ ଆରମ୍ଭ କରିଥିଲେ । ଏଥିସହ ପିଲାଙ୍କୁ ନୂଆ ସିଲଟ, ଖଡି ଓ ବହି ଇତ୍ୟାଦି ବଣ୍ଟନ କରିଥିଲେ । ନୂତନ ଛାତ୍ରୀଛାତ୍ର ପହଞ୍ଚିବା ପରେ ସେମାନଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା । ଏବିଇଓ ବସନ୍ତ କୁମାର ବେହେରାଙ୍କ ସମେତ ଶିକ୍ଷକ ଧ୍ରୁବ ଚରଣ ନାୟକ, ସୁରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।




ଖଡିଛୁଆଁ ଉତ୍ସବରେ ବିଡିଓ ପ୍ରଦୀପ କୁମାର କର ଓ ଅନ୍ୟମାନେ ।

# ଆଶୀର୍ବାଦ ଦେଇ ଖଡ଼ି ଛୁଆଁଇଲେ ଜିଲାପାଳ

■ଜିଲାସ୍ତରୀୟ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ କାର୍ଯ୍ୟକ୍ରମ

■ଶିଶୁ ବାଟିକା,ପ୍ରଥମ ଶ୍ରେଣୀରେ ୩୮,୬୦୪ ପିଲାଙ୍କ ନାମ ଲେଖାଇବା ଲକ୍ଷ୍ୟ

କୋରାପୁଟ,୨।୪(ଅମିତାଭ ବେହେରା)

କୋରାପୁଟ ଜିଲା ମସ୍ତିପୁଟ ପଞ୍ଚାୟତ ଅନ୍ତର୍ଗତ ଜାନିଗୁଡ଼ା ସରକାରୀ ସେବାଶ୍ରମରେ ଜିଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଭି.କୀର୍ତ୍ତିଭାସନ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲା ଶିକ୍ଷାଧିକାରୀ, କୋରାପୁଟ ବ୍ଲକ୍‌ର ପଞ୍ଚାୟତ ସମିତି ଅଧ୍ୟକ୍ଷା, ବିଡିଓ, ଜିଲା ମଙ୍ଗଳ ଅଧିକାରୀ, ସ୍ଥାନୀୟ ସରପଞ୍ଚ, ବିଦ୍ୟାଳୟ ପରିଚାଳନା କମିଟି ଓ ସ୍ୱୟଂ ସହାୟିକା ଗୋଷ୍ଠୀ ସାମିଲ ରହିଥିଲେ। ଜିଲାର ୨୧୬୬ ପ୍ରାଥମିକ ବିଦ୍ୟାଳୟରେ ସ୍କୁଲ ପରିଚାଳନା କମିଟି, ଅଭିଭାବକଙ୍କ ମଧ୍ୟରେ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀର ନାମଲେଖା ବୟସ ଓ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ପାଇଁ ବୁଧବାର ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶିକ୍ଷୟିତ୍ରୀ ଶିକ୍ଷକ ବିଦ୍ୟାଳୟର ନୂତନ ପିଲାମାନଙ୍କୁ ଫୁଲ ଓ ଚନ୍ଦନ ଦେଇ ସ୍ୱାଗତ କରିଥିଲେ। ଶିକ୍ଷକମାନେ ପିଲାମାନଙ୍କୁ ଆଶୀର୍ବାଦ ଦେବା ପରେ ସେମାନଙ୍କ ହାତ ଧରି ଖଡି ଛୁଆଇଁଥିଲେ। ପିଲାଙ୍କୁ ବିଦ୍ୟାଳୟ ପକ୍ଷରୁ ମାଣ୍ଡିଆ ଲଡୁ ଓ କିଟ୍ ପ୍ରଦାନ କରାଯାଇଥିଲା। ଜିଲାପାଳ ଭାସନ ପତାକା ଦେଖାଇ କୋରାପୁଟ ବ୍ଲକ୍ ପାଇଁ ଉଦ୍ଦିଷ୍ଟ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଜିଲାରେ ୩୮ହଜାର ୬୦୪ ପିଲାଙ୍କ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ଲକ୍ଷ୍ୟ ରଖାଯାଇଥିବା ସୂଚନା ମିଳିଛି।



କୋରାପୁଟ ଜିଲାପାଳ ଭି.କୀର୍ତ୍ତିଭାସନ ବିଦ୍ୟାଳୟରେ ପିଲାଙ୍କୁ ଖଡ଼ି ଛୁଆଁଉଛନ୍ତି।

## କୁନ୍ଦୁରାରେ ନୂତନ ଥାନା ଅଧିକାରୀ

କୁନ୍ଦୁରା,୨।୪(ସନ୍ତୋଷ ପ୍ରହରାଜ)- କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍‌ରେ ନୂତନ ଥାନା ଅଧିକାରୀ ଭାବେ ଅଶ୍ୱିନୀ ପଟ୍ଟନାୟକ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ଦାୟିତ୍ୱରେ ଥିବା ଭାରପ୍ରାପ୍ତ ଥାନାଧିକାରୀ ଚିତ୍ତରଞ୍ଜନ ପ୍ରଧାନୀଙ୍କ ଜୟପୁର ସଦରକୁ ବଦଳି ହୋଇଛି। ଅଶ୍ୱିନୀ ୨୦୨୧ରେ କୁନ୍ଦୁରା ଥାନାରେ ନିଯୁକ୍ତ ଥିବା ବେଳେ ୪ ମାସ ରହିବା ତାଙ୍କର ବୈପାରୀଗୁଡା ବଦଳି ହୋଇଥିଲା। ଏହା ପୂର୍ବରୁ ସେ ନବରଙ୍ଗପୁରରେ ଦାୟିତ୍ୱ ନିର୍ବାହ କରିଛନ୍ତି। ରାୟଗଡା ଜିଲା ଉତ୍କଳ ଆଲୁମିନା ଅଧୀନ ଅଣ୍ଡରକିଞ୍ଚା ଥାନାରେ ମଧ୍ୟ କାର୍ଯ୍ୟ କରିଛନ୍ତି। ଡକାୟତି, ଗଞ୍ଜେଇ ଚାଲାଣ ଉପରେ ବିଶେଷ ଧ୍ୟାନ ଦେବା ସହ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରହିବା ନେଇ ଦୃଷ୍ଟି ଦେବେ ବୋଲି ସେ କହିଛନ୍ତି।

## ପୂର୍ବତନ ବିଧାୟକଙ୍କ ଶ୍ରାଦ୍ଧ ବାର୍ଷିକୀ

ପଡିଆ,୨।୪ (ଭାସ୍କର ରାଓ )-ପଡିଆ ବ୍ଲକରେ ବୁଧବାର ପୂର୍ବତନ ବିଧାୟକ ନାକା କାନାୟାଙ୍କ ୩୩ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ମାଲକାନଗିରି ଜିଲାର ଆଦିବାସୀ ନେତା ଭାବେ ପରିଚିତ ତଥା ପଡିଆ ଭଳି ଏକ ଦୁର୍ଗମ ଅଞ୍ଚଳରୁ ବିଧାନସଭାକୁ ପ୍ରଥମ କରିଯାଇଥିବା କାନାୟାଙ୍କ ଶ୍ରାଦ୍ଧ ଦିବସକୁ ଜିଲା ଓ ବ୍ଲକର ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ପାଳନ କରାଯାଇଛି। ଏଥିପାଇଁ ପଡିଆ ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରେ ଥିବା କାନାୟାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ମୃତିଚାରଣ କରାଯାଇଥିଲା। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମାଲକାନଗିରିର ପୂର୍ବତନ ବିଧାୟକ ମୁକୁନ୍ଦ ସୋଢ଼ୀ, ପଡିଆ ବ୍ଲକ ଅଧ୍ୟକ୍ଷା ଯମୁନା ମୃଷାକୀ, ଏମ୍‌ପି ପ୍ରତିନିଧି ପି.ଭେଙ୍କଟେଶ୍ୱର ରାଓ, ସମାଜିକକର୍ମୀ ଏନ୍. ରାଘବ ରାଓ, ଜିଲା କ୍ରିକେଟ ସଂଘ ସଭାପତି ଏମ୍‌ଡି ଫାରୁକ, ସରପଞ୍ଚ ଗଙ୍ଗା କାରାମ, ମାଟେରୁ ସରପଞ୍ଚ ଲଛମନ ମାଡକାମି, ବାପନ୍‌ପଲ୍ଲୀ ସରପଞ୍ଚ ମେଧା ବଗାମ, ପଡିଆ ଲ୍ୟାମ୍ପସ୍ ଏମଡି ଏସ୍. ରାଜେନ୍ଦ୍ର ପ୍ରସାଦ, କଲେଜ ଅଧ୍ୟକ୍ଷ ପରମାନନ୍ଦ ମହାପାତ୍ର, ସତ୍ୟନାରାୟଣ ମାଝୀ, ଚୀନାମ ଏଙ୍ଗଲାୟା ପ୍ରମୁଖ ଉପସ୍ଥିତ ରହି କାନାୟାଙ୍କ ସମୟରେ ପଡିଆ ଅଞ୍ଚଳର ହୋଇଥିବା ବିକାଶ ଓ ଆଦିବାସୀଙ୍କ ବିକାଶ ପାଇଁ ନେଇଥିବା ବିଭିନ୍ନ ପଦେକ୍ଷପ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ କାନାୟାଙ୍କ ବଡ ପୁଅ ନାକା ମୁକାଲ ରାଜୁ ପରିଚାଳନା କରିଥିଲେ।



ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଉଛି।

# ପ୍ରବେଶ ଉତ୍ସବ, ଖଡ଼ିଛୁଆଁ

ଡାବୁଗାଁ/ତେନ୍ତୁଳିଖୁଣ୍ଟି, ୨।୪
(ପ୍ରଜ୍ଞାରଞ୍ଜନ ପରିଡ଼ା/ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲାର ବିଭିନ୍ନ ସ୍କୁଲରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ୨୦୨୫- ଶିଶୁ ବାଟିକା ଶୁଭାରମ୍ଭ କାର୍ଯ୍ୟକ୍ରମ କରାଯାଇଛି। ଅତିଥିମାନେ ପିଲାମାନଙ୍କୁ ଖଡ଼ି ଛୁଆଁଇ ପାଠ୍ୟ ଉପକରଣ ଦେଇଥିଲେ।

ଡାବୁଗାଁ ବ୍ଲକ୍ ଜୁନାପାଣି ପଞ୍ଚାୟତ ଅଧୀନ ମୋତିଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥି, ବ୍ଲକ୍ ଅଧ୍ୟକ୍ଷା ବୀଣା ମାଝୀ, ଜୁନାପାଣି ସରପଞ୍ଚ ଦୟାନିଧି ଭତ୍ରା, ୱାର୍ଡ ସଭ୍ୟ ବଦର ଭତ୍ରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଶାନ୍ତ ଭତ୍ରା, ବିଇଓ ରଶ୍ମିତା ନେତମ, ଏବିଇଓ ଭଗବାନ ମାଝୀ, ସନ୍ତୋଷ ସାହୁ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗୀତାଞ୍ଜଳି ବସ୍ତିଆ, କୋଇଲାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ବେହେରା, ଶିକ୍ଷକ ନରସିଂ ଭତ୍ରା, ବଲ୍ଲଭ ନାରାୟଣ ପଣ୍ଡା, ବିଶ୍ୱକେ ତ୍ରିପାଠୀ, ଭି. ଜଗନ୍ନାଥ ରାଓ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଅତିଥିମାନେ ୧୬ ଶିଶୁବାଟିକା ଓ ୯ ପ୍ରଥମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଖଡି ଛୁଆଁଇବା ସହ ବ୍ୟାଗ୍ ବହି ଆଦି ପ୍ରଦାନ କରିଥିଲେ। ଡାବୁଗାଁ ଓ ଘୋଡ଼ାଖୁଣ୍ଟା ଆଞ୍ଚଳିକ ସାଧନ କେନ୍ଦ୍ରର ପ୍ରଥମ ଓ ଶିଶୁବାଟିକାରେ ନୂତନ ଭାବେ ବିଦ୍ୟାଳୟରେ ପ୍ରବେଶ କରିଥିବା ୬୦୦ ଶିକ୍ଷାର୍ଥୀଙ୍କୁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପେନ୍‌ସିଲ ବଣ୍ଟନ କରିଥିଲେ। ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷକ ଅଜିତ ବେହେରା, ଯୋଗେନ୍ଦ୍ର ନାୟକ ସହଯୋଗ କରିଥିଲେ।

ତେନ୍ତୁଳିଖୁଣ୍ଟି ବ୍ଲକ୍ ପୂଜାରିଗୁଡ଼ା ଉନ୍ନୀତ ପ୍ରାଥମିକ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମକୁ ବିଧାୟକ ଗୌରୀଶଙ୍କର ମାଝୀ ଉଦ୍‌ଘାଟନ କରିଥିଲେ। ବିଇଓ ରମେଶ ରାୟ, ଏବିଇଓ ମଧୁସୂଦନ ବାଘ, ଏବିଡିଓ କୃପାସିନ୍ଧୁ ନାୟକ, ବ୍ଲକ୍ ସମିତି ଅଧ୍ୟକ୍ଷା ନୀଳେନ୍ଦ୍ର ନାୟକ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୟୀ, ଜିଲା ପରିଷଦ ସଭ୍ୟା କ୍ରିଷ୍ଣା ମଞ୍ଜରୀ ବିଷୋୟୀ, ପୂଜାରୀଗୁଡ଼ା ସରପଞ୍ଚ ଅନାଦୀ ପୂଜାରୀ, ସମିତି ସଭ୍ୟା ବିନୋଦିନୀ ସିଂ, ଆଇସିଡିଏସ୍ ଅଧିକାରୀ ବିନିତା ଜେଠୀ ଓ ସବିତା ଉପାସୀ, ଭାଜପା ନେତା ହରେକୃଷ୍ଣ ମୁଦୁଲି ମଞ୍ଚାସୀନ ଥିଲେ। ଶିକ୍ଷକ ବିଭୂତି ଭୂଷଣ ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ୧୯ ଜଣ ଶିଶୁବାଟିକା ଏବଂ ୧୫ ଜଣ ପ୍ରଥମ ଶ୍ରେଣୀରେ ନାମ ଲେଖାଇଥିଲେ। ବିଧାୟକ ଓ ହରିହର ମିଶ୍ର ଶିଶୁମାନଙ୍କୁ କୋଳରେ ବସାଇ ଖଡ଼ି ଛୁଆଇଁଥିଲେ।



ବିଧାୟକ ଜଣେ ଛାତ୍ରୀଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରୁଛନ୍ତି।


କାନରା ବ୍ୟାଙ୍କ Canara Bank
ସିଣ୍ଡିକେଟ Syndicate
କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ
**ସଂଶୋଧନ ପତ୍ର**
ତା.୩୦.୦୩.୨୦୨୫ରିଖ ଦୈନିକ ଖବର କାଗଜ ଧରିତ୍ରୀରେ ପ୍ରକାଶିତ ଆମ୍ଭର "ଡିମାଣ୍ଡ ନୋଟିସ୍"ରେ ଋଣଗ୍ରହୀତା: ମେସର୍ସ ଖୁସି ଏଣ୍ଟରପ୍ରାଇଜେସ୍‌ର ଆକାଉଣ୍ଟ ନିମନ୍ତେ ଦର୍ଶିତ ଶାଖାର ନାମ "ପଟ୍ଟାମୁଣ୍ଡାଇ ଶାଖା" ପରିବର୍ତ୍ତେ "ରାହାମା ଶାଖା" ପଢ଼ିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟ ଅପରିବର୍ତ୍ତିତ ରହିବ।
ତା.୦୨.୦୪.୨୦୨୫ / କ୍ଷମତାପ୍ରାପ୍ତ ଅଧିକାରୀ



No.A-1250
**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**CENTRAL IRRIGATION CIRCLE, BHUBANESWAR**
**'e' Procurement Notice No. ACECIC - 19/2024-25**

| Procurement Officer | Bid Identification No. | Name of Work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid documents (Rs.) | Class of Contractor | Bid documents available online for bidding | | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| | | | | | | | From | To | | |
| ACE, CIC, BHUBANESWAR | NGR-09/2024-25 | Cement Concrete Lining in Right Distributary of Kuanria Irrigation Project from RD.11.00 Km to 18.20 Km | 834.63 | 834700/- (Online) | 10000/- (Online) | "A" & "Special" Class | 05.04.2025 At 10.00 Hours | 19.04.2025 At 17.00 Hours | 21.04.2025 At 11.00 Hours | 18 (Eighteen Calendar Month) |

e-mail ID : secic_dowr@yahoo.com
Further details conditions can be seen from Govt. website www.tenderorissa.gov.in
Sd./- Additional Chief Engineer,
Central Irrigation Circle
OIPR-32160/11/0023/2425



ୟୁକୋ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩
**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ଦଳାଇସାହି ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ଦଳାଇସାହି ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

| ଦଳାଇସାହି ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ଶେଖ ଅତାବୁର ରହେମାନ / ଗ୍ୟାରେଣ୍ଟିଦାତା: ରୋକିଆ ବେଗମ, ଉଭୟଙ୍କ ଠିକଣା- ସା: ଦଳାଇସାହି, ପୋ: ମାଣିକଗୋଡା, ଜିଲ୍ଲା: ଖୋର୍ଦ୍ଧା-୭୫୨୦୬୬ | ଟ.୧୨,୨୦,୫୨୪.୪୩ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୯.୧୨.୨୦୨୪ / ୨୮.୦୩.୨୦୨୫ | ଶେଖ ଅତାବୁର ରହେମାନଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ସା/ମୌଜା: ଦଳାଇସାହି, ପୋ: ମାଣିକଗୋଡା, ଥାନା: ବୋଲଗଡ, ଜିଲ୍ଲା: ଖୋର୍ଦ୍ଧା-୭୫୨୦୬୬, ପ୍ଲଟ୍ ନଂ.: ୪୩୮/୨୫୯୨, ୪୩୭/୨୫୯୦, ୪୩୬/୨୫୯୧, ଖାତା ନଂ.: ୧୩୮୦/୨୧୫, |

କ୍ଷେତ୍ର: ୧୭୮୫.୯୬ ବର୍ଗଫୁଟ (ପ୍ଲିନ୍ଥ ଏରିଆ: ୧୨୭୦ ବର୍ଗଫୁଟ), ଏହାର ଚାରିପାର୍ଶ୍ୱରେ ଉତ୍ତର: ଲିଟିଫୁଲ ରହେମାନ, ଦକ୍ଷିଣ: ମୋଜବୁର ରହେମାନ, ପୂର୍ବ: ରାସ୍ତା, ପଶ୍ଚିମ: କମର ଜାନ ଖାନ୍
ସ୍ଥାନ: ଭୁବନେଶ୍ୱର, ତାରିଖ : ୦୨.୦୪.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

## ନିଶା ସେବନକୁ ବିରୋଧ କରିବାରୁ ବଚସା, ପରେ ଅଘଟଣ

# ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

ନିଶା ସେବନ ଅନେକଙ୍କ ସଂସାରରେ ଝଡ଼ ସୃଷ୍ଟି କରୁଛି। ପରିବାରର ସମସ୍ୟା ସମାଧାନ କରିବା ପରିବର୍ତ୍ତେ ନିଶା ସେବନରେ ବୁଡ଼ ରହୁଛନ୍ତି ପରିବାର ମୁଖ୍ୟ। ଏଥିଯୋଗୁ ପରିବାରରେ ଅନେକ ସମୟରେ ଗଣ୍ଡଗୋଳ ସୃଷ୍ଟି ହେଉଛି। ଆଉ ଏହି ଗଣ୍ଡଗୋଳ ଉଗ୍ରରୂପ ନେଇ କେତେବେଳେ ସ୍ୱାମୀ ସ୍ତ୍ରୀଙ୍କ ଜୀବନ ନେଉଛି ତ' କେତେବେଳେ ସ୍ତ୍ରୀ ସ୍ୱାମୀଙ୍କ ଜୀବନ ନେବାକୁ ପଛାଉ ନାହାନ୍ତି। ଏପରି କି ଅନେକ କ୍ଷେତ୍ରରେ ପିଲାମାନେ ମଧ ମା'ବାପାଙ୍କ ଜୀବନ ନେଇଯାଉଛନ୍ତି। ଏଭଳି ଘଟଣା ବିଭିନ୍ନ ସମୟରେ ରାଜ୍ୟରେ ଘଟୁଥିବାବେଳେ ଏହା ଥମିବାର ନାଁ ନେଉନାହିଁ। ମଙ୍ଗଳବାର ରାତିରେ ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଅନ୍ତର୍ଲା ଗ୍ରାମରେ ନିଶାଗ୍ରସ୍ତ ସ୍ୱାମୀଙ୍କୁ ମଦ୍ୟପାନ କରିବାକୁ ବାରଣ କରିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏପରି କି ସ୍ତ୍ରୀ ରାତିରେ ଶୋଇଥିବାବେଳେ କ୍ରୋଧରେ ଜର୍ଜରିତ ସ୍ୱାମୀ ତାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ପୋଲିସ ଅଭିଯୁକ୍ତ ସ୍ୱାମୀ ଗୌତମ ବିଶ୍ୱାଳ(୪୧)ଙ୍କୁ ଗିରଫ କରିଛି। ଏଭଳି ଘଟଣା ପରେ ତାଙ୍କର ୨ ପିଲା ଏବେ ମା'ଛେଉଣ୍ଡ ହୋଇଯାଇଛନ୍ତି।



ଅତିରିକ୍ତ ଏସ୍‌ପି ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

**ବଲାଙ୍ଗୀର/ଦେଓଗାଁ,୨।୪(ବୀରେନ୍ଦ୍ର କୁମାର ଝାଙ୍କର/କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ଅନ୍ତର୍ଲା ନିବାସୀ ଗୌତମ ପ୍ରାୟ ୧୪ ବର୍ଷ ତଳେ ସୁବର୍ଣ୍ଣପୁର ଜିଲା ତରଭା ଥାନା ଅଧୀନ ଅର୍ଡା ଗାଁର ଅମୂଲ୍ୟ ବିଶ୍ୱାଳ (୩୬)ଙ୍କୁ ବିବାହ କରିଥିଲେ। ସେମାନଙ୍କ ୨ ନାବାଳକ ସନ୍ତାନ ଅଛନ୍ତି। ଦିନମଜୁରିଆ ଭାବେ କାମ କରୁଥିବା ଗୌତମ ଅନେକ ସମୟରେ ମଦ୍ୟପାନ କରି ସ୍ତ୍ରୀ ସହ ଝଗଡ଼ା କରୁଥିଲେ। ସେମାନଙ୍କ ମଧ୍ୟରେ ଦୀର୍ଘଦିନ ହେଲା ପାରିବାରିକ କଳହ ଲାଗି ରହିଥିଲା। ମଙ୍ଗଳବାର ରାତିରେ ଅମୂଲ୍ୟ ଶୋଇଥିବାବେଳେ ବିଳମ୍ବିତ ରାତିରେ ଗୌତମ ଏକ ଟାଙ୍ଗିଆରେ ତାଙ୍କୁ ହତ୍ୟା କରିଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଥିବା ଅତିରିକ୍ତ ଏସ୍‌ପି ଆଲୋକ ଜେନା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଅମୂଲ୍ୟଙ୍କ ଭାଇ କନ୍ଦର୍ପ ମଲ୍ଲିକ କରିଥିବା ଅଭିଯୋଗ ଅନୁସାରେ, ଅଭିଯୁକ୍ତ ଗୌତମ ଦୀର୍ଘଦିନ ହେଲା ସ୍ତ୍ରୀଙ୍କୁ ନିର୍ଯାତନା ଦେବା ସହ ମାରପିଟ କରି ଆସୁଥିଲେ। ଶେଷରେ ସେ ତାଙ୍କୁ ହତ୍ୟା କରିଛନ୍ତି। ବୁଧବାର ସକାଳେ ଏହି ହତ୍ୟାକାଣ୍ଡ ସମ୍ପର୍କରେ ଜଣାପଡ଼ିଥିଲା। ଖବରପାଇ ଦେଓଗାଁ ପୋଲିସ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ସୋମକେଶ ନାୟକଙ୍କ ସହ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିଲେ। ସାଇଣ୍ଟିଫିକ୍ ଟିମ୍ ସେଠାରେ ଛାନ୍‌ଭିନ୍ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଜବତ କରିଥିଲେ। ଏହାଛଡ଼ା ଦେଓଗାଁ ଥାନା ଅଧିକାରୀ ବୁଲୁ ମୁଣ୍ଡାଙ୍କ ନେତୃତ୍ୱରେ ପୋଲିସ ଟିମ୍ ଅଭିଯୁକ୍ତ ସ୍ୱାମୀ ଗୌତମଙ୍କୁ ଘଟଣାସ୍ଥଳକୁ ନେଇ ସିନ୍ ରିକ୍ରିଏଶନ କରିଥିଲା। ପରେ ଗୌତମଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଯାଇଥିବା ଜଣାପଡ଼ିଛି। ଅମୂଲ୍ୟଙ୍କ ମୃତଦେହ ପୋଲିସ ଜବତକରି ବ୍ୟବଚ୍ଛେଦ ପାଇଁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଦେଓଗାଁ ଥାନାରେ ଏକ ମାମଲା (ନଂ. ୧୦୪/୨୦୨୫) ରୁଜୁ ହୋଇଛି। ନିଶାସେବନକୁ ନେଇ ପରିବାରରେ ବିବାଦ ସୃଷ୍ଟି ହୋଇ ଏଭଳି ଅଘଟଣ ଘଟିବା ରାଜ୍ୟରେ ଅନେକ ସମୟରେ ଦେଖିବାକୁ ମିଳିଛି। ସଚେତନତା ଅଭାବରୁ ଲୋକମାନେ ନିଜର ହିତାହିତ ଜ୍ଞାନ ଭୁଲିଯାଇ ଏଭଳି କାଣ୍ଡ ଭିଆଉଛନ୍ତି ବୋଲି ମନସ୍ତତ୍ତ୍ୱବିତ୍ ମତପ୍ରକାଶ କରିଛନ୍ତି।

### ପୂର୍ବରୁ ଘଟିଥିବା କେତେକ ଘଟଣା

**୨୦୨୫ ମାର୍ଚ୍ଚ ୨:** ରାତିରେ ଯାଜପୁର ଜିଲା ସୁକିନ୍ଦା ଥାନା ସଂସାଇଲୋ ଗ୍ରାମରେ ଜଣେ ମହିଳା ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିଥିଲେ। ସ୍ୱାମୀ ମଦ୍ୟପାନ କରି ଘରେ ସବୁବେଳେ ଅଶାନ୍ତି ସୃଷ୍ଟି କରୁଥିଲେ। ତାଙ୍କୁ ଯେତେ ବୁଝାଇଲେ ବି ସେ ବୁଝୁ ନ ଥିଲେ। ଶେଷରେ ଅତିଷ୍ଠ ହୋଇ ସ୍ତ୍ରୀ ଡୁମାରି ସ୍ୱାମୀ ବାବୁଲି ମୁଣ୍ଡାଙ୍କୁ ହତ୍ୟା କରିବା ପରେ ଘର ପଛପଟେ ମୃତଦେହକୁ ପୋତି ଦେଇଥିଲେ। ପରେ ପୋଲିସ ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତ ସ୍ତ୍ରୀ ଡୁମାରିଙ୍କୁ ଗିରଫ କରିଥିଲା।

**୨୦୨୫ ଫେବୃଆରୀ ୭:** କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଥାନା ମୁନୁଗାପଦର ଗ୍ରାମରେ ଜଣେ ନିଶାସକ୍ତ ବ୍ୟକ୍ତିଙ୍କୁ ତାଙ୍କ ୨ପୁଅ ଏବଂ ସ୍ତ୍ରୀ ହତ୍ୟା କରିଥିଲେ। ୫୦ ବର୍ଷୀୟ ଯଦୁ ଦଳପତି ଅଧିକାଂଶ ସମୟରେ ନିଶା ସେବନ କରି ସ୍ତ୍ରୀ ରୁକ୍ମିଣୀ ଦଳପତିଙ୍କୁ ମାଡ଼ ମାରିବା ସହ ଗଣ୍ଡଗୋଳ କରୁଥିଲେ। ଘଟଣା ଦିନ ସେ ମଦ ପିଇ ସ୍ତ୍ରୀଙ୍କୁ ଗାଳିଗୁଲଜ ସହ ମାଡ଼ ମାରିଥିଲେ। ଏହା ଦେଖି ବଡପୁଅ ଧନେଶ୍ୱର ଦଳପତି ଓ ସାନପୁଅ ଫକୀର ତାଙ୍କୁ ରଶିରେ ବାନ୍ଧି ଏକ ଠେଙ୍ଗାରେ ମୁଣ୍ଡକୁ ପ୍ରହାର କରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ଦୁଇପୁଅ ଧୋବେନ ଚଞ୍ଚରାରେ ରହୁଥିବା ଯଦୁଙ୍କ ଜ୍ୱାଇଁ କ୍ଷୀରସିନ୍ଧୁଙ୍କୁ ଡକାଇ ପ୍ରମାଣ ନଷ୍ଟ ପାଇଁ ବାଡ଼ି ପଟେ ଗାତ ଖୋଳି ଯଦୁଙ୍କ ମୃତଦେହ ପୋତିଦେଇଥିଲେ।

**୨୦୨୩ ଅକ୍ଟୋବର ୧୦:** କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ କୋଡିପଶା ଗ୍ରାମରେ ନିଶା ସେବନକୁ ନେଇ ସୃଷ୍ଟ ପାରିବାରିକ କଳହରେ ଅତିଷ୍ଠ ହୋଇ ସୁନୀତା ଜୁଆଙ୍ଗ ନାମ୍ନୀ ଜଣେ ମହିଳା ତାଙ୍କ ସ୍ୱାମୀଙ୍କୁ ଘର ଭିତରେ ହତ୍ୟା କରିଥିଲେ। ଏପରି କି ହତ୍ୟା ପରେ ୩ଦିନ ପର୍ଯ୍ୟନ୍ତ ମୃତଦେହ ନିକଟରେ ସୁନୀତା ଜଗି ରହିଥିଲେ। ପରେ ପଡ଼ୋଶୀ ଜାଣି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତକରି ସୁନୀତାଙ୍କୁ ଗିରଫ କରିଥିଲା।

**୨୦୨୦ ମେ' ୧୭:** ବ୍ରହ୍ମପୁର ସଦର ପୋଲିସ ସ୍ୱାମୀଙ୍କୁ ହତ୍ୟା ଘଟଣାରେ ଜଣେ ମହିଳାଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ମହିଳା ସୁନୀତା ବେହେରାଙ୍କ ସ୍ୱାମୀ ବନମାଳୀ ବେହେରା ଅଳିଆ ଗୋଟାଳି ଭାବେ କାର୍ଯ୍ୟ କରନ୍ତି। ଯାହା ରୋଜଗାର ହୁଏ, ସେଥିରୁ ପ୍ରାୟ ଟଙ୍କାରେ ମଦ୍ୟପାନ କରନ୍ତି। ଏପରି କି ମଦ୍ୟପାନ କରି ପରିବାରରେ ସବୁବେଳେ ଅଶାନ୍ତି ସୃଷ୍ଟି କରନ୍ତି। ଏଥିରେ ଅତିଷ୍ଠ ହୋଇ ସୁନୀତା ବନମାଳୀଙ୍କୁ ହତ୍ୟା କରିଥିଲେ। ପୋଲିସ ସୁନୀତାଙ୍କୁ ଗିରଫ କରି ଜେଲ ପଠାଇବା ପରେ ତାଙ୍କ ୫ପିଲା ବେସାହାରା ହୋଇଯାଇଥିଲେ।

**୨୦୧୮ ଏପ୍ରିଲ ୨୩:** କେନ୍ଦୁଝର ଜିଲା ବାମବେରୀ ଥାନା ଅଞ୍ଚଳରେ ଜଣେ ନିଶାସକ୍ତ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିଥିଲେ। ଘଟଣା ରାତିରେ ଅଭିଯୁକ୍ତ ସ୍ୱାମୀ ବିଷ୍ଣୁ ମୁଣ୍ଡା ମଦ୍ୟପାନ କରି ଘରକୁ ଫେରି ସ୍ତ୍ରୀଙ୍କ ସହ ପାଟିତୁଣ୍ଡ କରିଥିଲେ। ଏନେଇ ସ୍ତ୍ରୀ ରାଗିଯିବା ସହ ସ୍ୱାମୀଙ୍କୁ ଖାଇବାକୁ ଦେବାକୁ ମନା କରିଦେଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ବିଷ୍ଣୁ ଏକ ବାଉଁଶରେ ସ୍ତ୍ରୀଙ୍କ ମୁଣ୍ଡକୁ ପିଟିଦେଇଥିଲେ। ଫଳରେ ଘଟଣାସ୍ଥଳରେ ସ୍ତ୍ରୀ ଦାସମଣିଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ନିକଟରେ ବିଷ୍ଣୁ ନିଜ ଦୋଷ ସ୍ୱୀକାର କରିଥିଲେ। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ବିଷ୍ଣୁଙ୍କୁ କୋର୍ଟ ଚାଲାଣ କରିଥିଲା।

# ଆଇଫୋନ ପାଇଁ ସାଙ୍ଗକୁ ହତ୍ୟା

ସପ୍ତଦଶ ଜନ୍ମ ଦିବସ ପାଳନର ଦିନକ ପରେ ସାଙ୍ଗମାନଙ୍କ ସହ ବୁଲିବାକୁ ଯିବାକୁ କହି ଘରୁ ବାହାରିଥିଲେ। ହେଲେ ଆଉ ଫେରିଲେନି। ପରେ ମୃତଦେହ ଖଣ୍ଡବିଖଣ୍ଡିତ ଅବସ୍ଥାରେ ଜବତ ହେଲା। ଆଇଫୋନ୍-୧୧ ମୋବାଇଲ୍ ନ ଦେବାରୁ ଜଣେ ନାବାଳକ ସାଙ୍ଗ ଏଭଳି ଘଟଣା ଘଟାଇଥିବା ଜଣାପଡ଼ିଛି। ପୋଲିସ ଅଭିଯୁକ୍ତ ନାବାଳକ ସାଙ୍ଗକୁ ଧରି ଜୁଭେନାଇଲ କୋର୍ଟକୁ ପଠାଇଛି। ଏଭଳି ଏକ ଘଟଣା ପଞ୍ଜାବ ପଟିଆଲା ଅଞ୍ଚଳରେ ଘଟିଛି।

## ଜନ୍ମଦିନ ଅବସରରେ ବୁଲିବାକୁ ଯାଇ ଫେରିଲେନି





ମୃତ ନଭଜୋତ୍ ସିଂ

**ପଟିଆଲା(ପଞ୍ଜାବ),୨।୪**

ପଞ୍ଜାବ ପଟିଆଲାର ନଭଜୋତ୍ ସିଂ ଗତ ୨୪ତାରିଖରେ ନିଜର ୧୭ଶ ଜନ୍ମ ଦିବସ ପରିବାର ଲୋକଙ୍କ ସହ ମିଶି ପାଳନ କରିଥିଲେ। ଏହାର ଦିନକ ପରେ ସାଙ୍ଗମାନଙ୍କ ସହ ହରିଦ୍ୱାର ବୁଲିବାକୁ ଯାଉଛି ବୋଲି କହି ଘରୁ ବାହାରିଥିଲେ। ପରେ ସେ ହରିଦ୍ୱାର ଯାଉନାହାନ୍ତି ଏବଂ ଘରକୁ ଫେରୁଛନ୍ତି ବୋଲି ପରିବାର ଲୋକଙ୍କୁ ଫୋନ କରି ଜଣାଇଥିଲେ। ହେଲେ ଫେରି ନ ଥିଲେ। ସେହି ଦିନ ରାତିରେ ଏକ ଖଣ୍ଡବିଖଣ୍ଡିତ ମୃତଦେହ ରେଳଷ୍ଟେଶନ ନିକଟରେ ପଡ଼ିଥିବା ନେଇ ପୋଲିସ ଖବର ପାଇଥିଲା। ଉକ୍ତ ମୃତଦେହ ୨ଖଣ୍ଡ ହୋଇଯାଇଥିବାବେଳେ ଶରୀରର ବିଭିନ୍ନ ସ୍ଥାନରେ କଟାଦାଗ ରହିଥିବା ଦେଖିବାକୁ ମିଳିଥିଲା। ମୃତଦେହ ଚିହ୍ନଟ କରାଯାଇ ନ ପାରିବାରୁ ପୋଲିସ ଏହାର ପୋଷ୍ଟର ନିକଟସ୍ଥ ଅଞ୍ଚଳରେ ମାରିଥିଲା। ମାର୍ଚ୍ଚ ୩୦ତାରିଖ ଦିନ ନଭଜୋତଙ୍କ ବାପା ହରଜିନ୍ଦର ସିଂ ପୁଅକୁ ନ ପାଇ ପୋଲିସ ନିକଟରେ ପହଞ୍ଚିବା ପରେ ମୃତଦେହ ଚିହ୍ନଟ ହୋଇଥିଲା। ତଦନ୍ତ ସମୟରେ ନଭଜୋତଙ୍କୁ ତାଙ୍କ ସାଙ୍ଗ ଅମନଜୋତ ହତ୍ୟା କରିଥିବା ପୋଲିସ ଜାଣିବାକୁ ପାଇଥିଲା। ନଭଜୋତ ବ୍ୟବହାର କରୁଥିବା ଆଇଫୋନ-୧୧କୁ ଅମନଜୋତଙ୍କ ଠାରୁ ଜବତ କରାଯାଇଥିଲା। ଆଇଫୋନ ନେବାକୁ ଅମନଜୋତ ତାଙ୍କ ସାଙ୍ଗ ନଭଜୋତଙ୍କୁ ହତ୍ୟା କରି ଜଣେ ସାଙ୍ଗ ସହଯୋଗରେ ଟ୍ରେନ୍ ଲାଇନରେ ପକାଇ ଦେଇଥିଲେ। ଏପରି କି ସହଯୋଗ ପାଇଁ ଅମନଜୋତ ତାଙ୍କ ସାଙ୍ଗକୁ ହଜାରେ ଟଙ୍କା ଦେଇଥିଲେ ବୋଲି ଜଣାପଡ଼ିଛି। ଅମନଜୋତ ନାବାଳକ ହୋଇଥିବାରୁ ପୋଲିସ ତାଙ୍କୁ ଜୁଭନାଇଲ କୋର୍ଟରେ ହାଜର କରିଛି।

# ଝିଅକୁ ହେମଦସ୍ତାରେ ପିଟି ଆତ୍ମହତ୍ୟା କଲେ ବାପା

**ଚାନ୍ଦବାଲି,୨।୪(କିଷାନ ପାତ୍ର)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ବାଁଶଡ଼ା ଥାନା ଅଧୀନ ତୋତାପଡ଼ା ଗାଁର ଜେନାସାହିରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଅଷ୍ଟମ ଶ୍ରେଣୀରେ ପଢୁଥିବା ଝିଅକୁ ହେମଦସ୍ତାରେ ପିଟି ଗୁରୁତର କରିବା ପରେ ବାପା ଆତ୍ମହତ୍ୟା କରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନା ମୁତାବକ, ତୋତାପଡ଼ା ଗାଁ ଜେନାସାହିର ସୁରେନ୍ଦ୍ର ଜେନା ଅପରାହ୍ନରେ କୌଣସି କାରଣରୁ ରାଗିଯାଇ ଅଷ୍ଟମ ଶ୍ରେଣୀରେ ପଢୁଥିବା ତାଙ୍କ ଝିଅ ଗୀତାଞ୍ଜଳିଙ୍କୁ ହେମଦସ୍ତାରେ ପିଟି ଗୁରୁତର କରିଥିଲେ। ପରେ ମାନସିକ ଭାରସାମ୍ୟ ହରାଇ ଏକ ଗଛରେ ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିଲେ। ଗୀତାଞ୍ଜଳିଙ୍କୁ ଗୁରୁତର ଅବସ୍ଥାରେ ପଡ଼ୋଶୀମାନେ ଉଦ୍ଧାର କରି ପ୍ରଥମେ ତିହିଡ଼ି ମେଡିକାଲ ଓ ପରେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠାଇଛନ୍ତି। ଘଟଣାସ୍ଥଳରେ ଘଣ୍ଟେଶ୍ୱର ଫାଣ୍ଡି ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଉଲ୍ଲେଖଯୋଗ୍ୟ, କିଛି ମାସ ହେବ ସୁରେନ୍ଦ୍ରଙ୍କ ସ୍ତ୍ରୀ ନିଖୋଜ ଥିବାରୁ ବାପା ଝିଅ ଘରେ ରହୁଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଦେହଟି ସରୁଆ ମୁହଁଟି ଚେପା**
**ଏହାକୁ ପରତେ ନ ଯିବ ବାପା।**

ଅପେକ୍ଷାକୃତ ଶରୀର ପତଳା ଥିବା ବ୍ୟକ୍ତି ବିଶ୍ୱାସଯୋଗ୍ୟ ହୋଇ ନ ଥାନ୍ତି। ତାଙ୍କର ମନ ଆଦୌ ଖୋଲା ନ ଥାଏ। ସେହିପରି ମୁହଁର ଆକୃତି ସାମାନ୍ୟ ବଙ୍କା ଥିବା ବ୍ୟକ୍ତି ମଧ ଭରସାଯୋଗ୍ୟ ହୋଇ ନ ଥାନ୍ତି। ଏହି ଧରଣର ବ୍ୟକ୍ତିଙ୍କୁ ବିଶ୍ୱାସରେ ନେବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦୁଧ ଘଡ଼ିକି ଆଶା**
**ପୁଅ ମୁଣ୍ଡକୁ ଆଶା।**

କୃପଣ ବ୍ୟକ୍ତି ହାତରୁ ଟଙ୍କାଟିଏ ବି ଖର୍ଚ୍ଚ କରିବାକୁ ଚାହିଁ ନ ଥାନ୍ତି। ଖର୍ଚ୍ଚ କଥା ପଡ଼ିଲେ ଦେହରୁ ରକ୍ତ ଶୁଖିଯାଇଥାଏ। ଗୋଟିଏ ପଟେ ପିଲାର ଭଲ ମନ୍ଦ ନେଇ ଚିନ୍ତା ତ ଅନ୍ୟ ପଟେ ଅର୍ଥ ଖର୍ଚ୍ଚର ଭୟ। ଏପରି ଅବସ୍ଥା ଉକ୍ତ ବ୍ୟକ୍ତିଙ୍କୁ ହରଡ଼ଘଣାରେ ପକାଇଦେବା ସ୍ୱାଭାବିକ ହୋଇଥିବା ସ୍ଥଳେ କୃପଣ ବ୍ୟକ୍ତିଙ୍କର ଧନ ପ୍ରତି ରହିଥିବା ଅହେତୁକ ଦୁର୍ବଳତାଭାବ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଲିଃ





ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଏନ୍‌ଏଚ୍ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଆସବାବପତ୍ର ବାଜ୍ୟାପ୍ତି

## ଠିକାସଂସ୍ଥା ଟଙ୍କା ପ୍ରଦାନରେ ଅବହେଳାରୁ କାର୍ଯ୍ୟାନୁଷ୍ଠାନ

**ସମ୍ବଲପୁର,୨।୪ (ପ୍ରମୋଦ ବହିଦାର)**

ଠିକାକାମ ବାବଦ ଟଙ୍କା ନ ଦେବାରୁ ବୁଧବାର ସମ୍ବଲପୁର ଜାତୀୟ ରାଜପଥ ସର୍କଲ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ସମସ୍ତ ଆସବାବପତ୍ର ବାଜ୍ୟାପ୍ତ କରିଛନ୍ତି ଅଦାଲତ। ୨୦୦୭-୨୦୦୮ ମସିହାରେ କେନ୍ଦୁଝର ଜିଲା ଅଧୀନ ୫୩ ନମ୍ବର ଜାତୀୟ ରାଜପଥର ପ୍ରାୟ ୧୨କିଲୋମିଟର ରାସ୍ତାର ପ୍ରଶସ୍ତୀକରଣ କାମ ଠିକାସଂସ୍ଥା ଓରିଏଣ୍ଟ କନଷ୍ଟ୍ରକଶନ୍ ପ୍ରାଇଭେଟ୍ ଲିମିଟେଡ୍ କରିଥିଲା। ହେଲେ ଏହି କାର୍ଯ୍ୟ ବାବଦକୁ ଜାତୀୟ ରାଜପଥ(ଏନ୍‌ଏଚ୍) ଡିଭିଜନ ଉକ୍ତ ଠିକାସଂସ୍ଥାକୁ ୭୪ଲକ୍ଷ ୧୬ହଜାର ୧୧୮ ଟଙ୍କା ପ୍ରଦାନ କରି ନ ଥିଲା। ଏହାକୁ ସମ୍ପୃକ୍ତ ଠିକାସଂସ୍ଥା ସମ୍ବଲପୁର ସିନିୟର ଡିଭିଜନ ସିଭିଲ୍ ଜଜ୍‌ଙ୍କ ଅଦାଲତର ଦ୍ୱାରସ୍ଥ ହୋଇଥିଲା। ଉକ୍ତ ମାମଲାର ବିଚାରକରି ଅଦାଲତ ୨୦୧୩ ମସିହାରେ ଆବେଦନକାରୀ ଠିକାସଂସ୍ଥାକୁ ବକେୟା ଟଙ୍କା ଉପରେ ସୁଧକୁ ମିଶାଇ ମୋଟ ୧ କୋଟି ୪୨ଲକ୍ଷ ୨ହଜାର ୮୬୬ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏନ୍‌ଏଚ୍ ଡିଭିଜନ ପକ୍ଷରୁ ଉକ୍ତ ଟଙ୍କା ପ୍ରଦାନ ପାଇଁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଫଳରେ ଅଦାଲତ ପକ୍ଷରୁ ଗତ ମାର୍ଚ୍ଚ ୭ରେ ଜାରି ନିର୍ଦ୍ଦେଶ ଅନୁସାରେ ବୁଧବାର ଅଦାଲତର ପ୍ରୋସେସ ସର୍ଭରମାନେ ସମ୍ବଲପୁର ଜାତୀୟ ରାଜପଥ ଡିଭିଜନର ସର୍କଲ ଅଧୀକ୍ଷଣ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ସମସ୍ତ ଅସ୍ଥାବର ସମ୍ପତ୍ତି ଓ ଆସବାବପତ୍ର ବାଜ୍ୟାପ୍ତ କରିଛନ୍ତି। ସେଥିମଧ୍ୟରେ କାର୍ଯ୍ୟାଳୟ ଆଲମାରୀ, ଟେବୁଲ, ଚୌକି, କମ୍ପ୍ୟୁଟର, ପ୍ରିଣ୍ଟର, ଫ୍ୟାକ୍ସ ମେସିନ, ଟିଭି, ମନିଟର, ଇନ୍‌ଭର୍ଟର ଆଦି ସାମଗ୍ରୀ ରହିଛି।




ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ସମ୍ପତ୍ତି ଜବତ ହେଉଛି।

ଅଦାଲତରେ ଏହି ମାମଲାକୁ ପରିଚାଳନା କରୁଥିବା ଠିକାସଂସ୍ଥା ଓକିଲ ସୌରୀ ନାରାୟଣ ପାଢ଼ୀ କହିଛନ୍ତି, ବାରମ୍ବାର ଅନୁରୋଧ ସତ୍ତ୍ୱେ ଜାତୀୟ ରାଜପଥ ବିଭାଗ ବକେୟା ରାଶି ପ୍ରଦାନ କରି ନ ଥିଲେ। ଫଳରେ ସମ୍ପୃକ୍ତ ଠିକାସଂସ୍ଥାର ଆବେଦନ କ୍ରମେ ଅଦାଲତ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ସେହିପରି ସମ୍ବଲପୁର ଜାତୀୟ ରାଜପଥ ସର୍କଲର ବ୍ୟକ୍ତିଗତ ସହାୟକ ଶ୍ୟାମ ସୁନ୍ଦର ପ୍ରସାଦ ରାମ କହିଛନ୍ତି, ଏ ବାବଦରେ ବିଭାଗର ଉଚ୍ଚ ଅଧିକାରୀମାନେ ହିଁ କହିପାରିବେ। ତେବେ ଅଦାଲତଙ୍କ ପକ୍ଷରୁ କାର୍ଯ୍ୟାଳୟର ସମସ୍ତ ଆସବାବପତ୍ରକୁ ବାଜ୍ୟାପ୍ତ କରାଯାଇଥିବା ସେ କହିଛନ୍ତି।

# ଚାକିରି ଦେବାକୁ କହି ଠକେଇ, ନକଲି ଇନ୍ସପେକ୍ଟର ଗିରଫ









ଗିରଫ ଅଭିଯୁକ୍ତ, ଜବତ ନକଲି ପୋଲିସ ପୋଷାକ ଏବଂ ପରିଚୟ ପତ୍ର।

**କଟକ,୨।୪(କାର୍ତ୍ତିକ ସାହୁ)**

ପୋଲିସ ଇନ୍ସପେକ୍ଟର ପରିଚୟ ଦେଇ ଠକେଇ କରିବା ଅଭିଯୋଗରେ ବାଦାମବାଡ଼ି ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ଜିଲା ଟିଗିରିଆ ଥାନା ଅନ୍ତର୍ଗତ ନୂଆପାଟଣା ଗ୍ରାମର ଗୁଣ୍ଡିଚା ଦଳେଇ(୨୭)। ତାଙ୍କ ନିକଟରୁ ଏକ ଲାପ୍‌ଟପ୍, ୫ଟି ମୋବାଇଲ ଫୋନ୍, ନକଲି ଆଇ କାର୍ଡ, ପୋଲିସ ପୋଷାକ, ଟୋପି, ନାମଫଳକ, ଷ୍ଟାର, ଲୋଗୋ, ପୋଲିସ ଷ୍ଟାମ୍ପ, ଚେକ୍‌ବୁକ୍ ଆଦି ଜବତ କରାଯାଇଛି। ଏଥିସହ ତାଙ୍କ ଆକାଉଣ୍ଟରେ ଥିବା ୪ ଲକ୍ଷ ଟଙ୍କାକୁ ଫ୍ରିଜ୍ କରାଯାଇଛି ବୋଲି କଟକ ଡିସିପି ଅଫିସ୍‌ରେ ବୁଧବାର ଅପରାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ ସୂଚନା ଦେଇଛନ୍ତି। ଏଥିସହ ଚାକିରି ଆଶାୟୀମାନେ ଏଭଳି ଠକମାନଙ୍କ ପ୍ରତି ସତର୍କ ରହିବା ସହ ସେମାନଙ୍କୁ ବିଶ୍ୱାସ ନ କରିବାକୁ କହିଛନ୍ତି। ସରକାରୀ ନିଯୁକ୍ତି ସ୍ୱଚ୍ଛ ଭାବେ ହୋଇଥାଏ। ତେଣୁ କେହି ଏଭଳି ପ୍ରତିଶ୍ରୁତି ଦେଇ ଟଙ୍କା ମାଗିଲେ ତୁରନ୍ତ ନିକଟସ୍ଥ ଥାନାରେ ଜଣାଇବାକୁ ଡିସିପି କହିଛନ୍ତି।

ସୂଚନାନୁସାରେ, ଠକାମିର ଶିକାର ହୋଇଥିବା ପୀଡ଼ିତ ଜଣଙ୍କ କଟକ ନେତାଜୀ ବସ୍ ଟର୍ମିନାଲରେ ଜଣେ ସିକ୍ୟୁରିଟ୍ ଗାର୍ଡ ଭାବେ କାର୍ଯ୍ୟ କରନ୍ତି। ସେ ହୋମ୍‌ଗାର୍ଡ ଚାକିରି ନିମନ୍ତେ ଆବେଦନ କରିଥିଲେ। ଇତିମଧ୍ୟରେ ସେ ଅଭିଯୁକ୍ତ ଗୁଣ୍ଡିଚାଙ୍କ ସଂସ୍ପର୍ଶରେ ଆସିଥିଲେ। ଅଭିଯୁକ୍ତ ଗ୍ରାମାଞ୍ଚଳ ଏସ୍‌ପି ଅଫିସରେ ଇନ୍ସପେକ୍ଟର ଥିବା କହି ତାଙ୍କୁ ପ୍ରଭାବିତ କରିଥିଲେ। ତାଙ୍କୁ ନିଜର ପୋଲିସ ୟୁନିଫର୍ମ ଓ ଆଇକାର୍ଡ ମଧ ଦେଖାଇଥିଲେ। ଏଥିସହ ହୋମ୍‌ଗାର୍ଡ ଚାକିରି କରାଇଦେଲେ ୧.୫ ଲକ୍ଷ ଟଙ୍କା ନେବାକୁ ଦାବି କରିଥିଲେ। ଅଭିଯୁକ୍ତଙ୍କ କଥାରେ ବିଶ୍ୱାସ କରି ପୀଡ଼ିତ ତାଙ୍କୁ ପ୍ରାଥମିକ ଭାବେ ୧୦ ହଜାର ଟଙ୍କା ଦେଇଥିଲେ। ପରବର୍ତ୍ତୀ ସମୟରେ ସେ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଲେ। ଏନେଇ ସେ ବାଦାମବାଡ଼ି ଥାନାରେ ଅଭିଯୋଗ କରିଥିଲେ।

# ଭାରପ୍ରାପ୍ତ ସମବାୟ ସମିତି ସମ୍ପାଦକ ଗିରଫ

## ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅର୍ଥ ଆତ୍ମସାତ

**ବାଲେଶ୍ୱର,୨।୪(ବାଞ୍ଛାନିଧି ଦେ)**

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କ୍ଷତିପୂରଣ ଅର୍ଥ ଆତ୍ମସାତ ଅଭିଯୋଗରେ ବାଲେଶ୍ୱର ଜିଲା ରେମୁଣା ବ୍ଲକ ଦୁର୍ଗାଦେବୀ ସମବାୟ ସମିତିର ଭାରପ୍ରାପ୍ତ ସମ୍ପାଦକ ଗିରିଶ ଚନ୍ଦ୍ର ବେହେରାଙ୍କୁ ବୁଧବାର ଭିଜିଲାନ୍ସ ଗିରଫ କରିଛି। ଏ ନେଇ ଦୁର୍ନୀତି ନିବାରଣ (ସଂଶୋଧନ) ଆଇନ ୨୦୧୮ ଅନୁଯାୟୀ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୨/୨୦୨୫) ରୁଜୁ ହେବା ସହ ଗିରିଶଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି। ମାମଲାର ଅଧିକ ତଦନ୍ତ ଜାରି ରହିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।


ସୂଚନା ଅନୁଯାୟୀ, ୨୦୨୧-୨୩ ମସିହା ମଧ୍ୟରେ ଚାଷ କ୍ଷୟକ୍ଷତିର ସମ୍ମୁଖୀନ ହୋଇଥିବା ଦୁର୍ଗାଦେବୀ ଅଞ୍ଚଳର ୩୮ଜଣ ଚାଷୀଙ୍କ କ୍ଷତିପୂରଣ ବାବଦ ୫ଲକ୍ଷ ୮୦ ହଜାର ଟଙ୍କା ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ବିଭାଗର ତଦନ୍ତରେ ସମ୍ପୃକ୍ତ କ୍ଷତିପୂରଣ ଅର୍ଥ ବାବଦରେ ଗିରିଶ ଉପଯୁକ୍ତ ତଥ୍ୟ ଦେଇ ନ ପାରିବାରୁ ତାଙ୍କୁ ଗିରଫ କରାଯାଇଥିଲା।

# ପ୍ରେମିକଙ୍କୁ ଅପହରଣ କରି ୧୦ ଲକ୍ଷର ମୁକ୍ତିଜାମିନ

**ଭୁବନେଶ୍ୱର,୨।୪(ସତ୍ୟଜିତ୍ ରାଉତ)**

ନିବିଡ଼ ପ୍ରେମ ସମ୍ପର୍କରୁ ଲିଭ୍ ଇନ୍। ପରେ ପ୍ରେମିକାଙ୍କ ଚରିତ୍ର ଉପରେ ସନ୍ଦେହ ବଢ଼ିବାରୁ ହୋଇଥିଲା ଝଗଡ଼ାର ସୂତ୍ରପାତ। ଏଥିପାଇଁ ପ୍ରେମିକାଙ୍କୁ ଶାସ୍ତି ଦେବାକୁ କରିଥିଲେ ବଡ଼ ଷଡ଼ଯନ୍ତ୍ର। ବଡ଼ ଭଉଣୀଙ୍କ ପୁରୁଷବନ୍ଧୁଙ୍କ ସହଯୋଗରେ ନିଜ ଲିଭ୍ ଇନ୍ ପାର୍ଟନରଙ୍କୁ ନିଶ୍ଚୁକ ମାଡ଼ ମାରିବା ସହ କରାଇଥିଲେ ଅପହରଣ। ଏପରି କି ଅଭିଯୁକ୍ତମାନେ ମୁକ୍ତି ଜାମିନ ପାଇଁ ୧୦ଲକ୍ଷ ଟଙ୍କା ଦାବି କରିଥିଲେ। ଏହି ମାମଲାରେ କମିଶନରେଟ୍ ପୋଲିସ ବୁଧବାର ଭୁବନେଶ୍ୱରର ଏକ ହୋଟେଲରୁ ଅପହର୍ତ୍ତାଙ୍କ କବଳରୁ ଜଗତ୍‌ସିଂହପୁର ଜିଲା ଘଡ଼ିମୂଳ ଗାଁର ଅପହୃତ ଯୁବକ ସୋମନାଥ ସ୍ୱାଇଁଙ୍କୁ ଉଦ୍ଧାର କରିଛି। ଏଥିସହ ପ୍ରେମିକା ଝାଡ଼ଖଣ୍ଡ ଜାମସେଦପୁରର ପ୍ରାପ୍ତି ଶର୍ମା(୨୩), ତାଙ୍କ ବଡ଼ଭଉଣୀଙ୍କ ପୁରୁଷବନ୍ଧୁ ଏବଂ ଅନ୍ୟ ୩ ଯୁବକଙ୍କୁ ଖାରବେଳନଗର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ପ୍ରାପ୍ତିଙ୍କ ବଡ଼ଭଉଣୀଙ୍କ ପୁରୁଷବନ୍ଧୁ ପାହାଳ ଅଞ୍ଚଳରେ ରହୁଥିବା କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅନ୍ତର୍ଗତ ମନୋହରପୁର ଗ୍ରାମର ଆକାଶ କୁମାର ପରିଜା(୨୯) ଏବଂ କଳିଙ୍ଗନଗର ଶାମପୁରରେ ରହୁଥିବା ଢେଙ୍କାନାଳ ଜିଲା କାମାକ୍ଷାନଗରର







ଗିରଫ ଯୁବତୀଙ୍କ ସମେତ ଅଭିଯୁକ୍ତ।

## ପ୍ରେମିକାଙ୍କ ସହ ୪ ଯୁବକ ହୋଟେଲରୁ ଗିରଫ

- ହୋଟେଲରେ ବନ୍ଦୀ କରି ରଖିଥିଲେ, ଉଦ୍ଧାର କଲା ପୋଲିସ
- ବଡ଼ଭଉଣୀଙ୍କ ପୁରୁଷବନ୍ଧୁଙ୍କ ସହାୟତାରେ କାଣ୍ଡ ଭିଆଇଥିଲେ

ରାକେଶ ଚନ୍ଦ୍ର ବାରିକ(୩୩), ପାରାଦୀପର ଶ୍ୟାମସୁନ୍ଦର ସାହୁ (୨୨) ଓ ଭରତପୁରର ଶିବରାମ ବେହେରା(୨୮)। ଅଭିଯୁକ୍ତଙ୍କ ନିକଟରୁ ଏକ ଆଇ-୨୦ କାର୍ (ଓଡି୦୫-ଏଜେଡ୍-୩୫୮୭), ହୋଣ୍ଡା ସିଟି କାର୍ (ଓଡି୦୨-ଏପି-୩୪୪୩), ୮ ମୋବାଇଲ, ଆକ୍ରମଣରେ ବ୍ୟବହୃତ ବାଡ଼ି, କାଠଫାଳିଆ ଜବତ ହୋଇଛି। କୋର୍ଟ ଚାଲାଣ ପରେ ୫ଜଣଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁଯାୟୀ, ପ୍ରେମିକା ପ୍ରାପ୍ତିଙ୍କ ସହ ସୋମନାଥ ଝାରପଡ଼ା ମହାବୀରନଗର ଲେନସ୍ଥିତ ଭଡ଼ାଘରେ ୩ବର୍ଷ ହେବ ଲିଭ୍ ଇନ୍‌ରେ ରହୁଥିଲେ। ସୋମନାଥଙ୍କ ଅନ୍ୟ ପରିବାର ସଦସ୍ୟମାନେ ଜାମସେଦ୍‌ପୁରରେ ରହନ୍ତି। ପ୍ରାପ୍ତି ଆଉ ଜଣେ ଯୁବକଙ୍କ ସହ ସମ୍ପର୍କ ରଖିଥିବା ସୋମନାଥ ସନ୍ଦେହ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ କିଛିଦିନ ହେଲା ଝଗଡ଼ା ହେଉଥିଲା। ଗତ ୩୦ତାରିଖରେ ସୋମନାଥ ଓ ପ୍ରାପ୍ତିଙ୍କ ମଧ୍ୟରେ ପ୍ରବଳ କଥା କଟାକଟି ଓ ବଚସା ହୋଇଥିଲା। ଏତିକିବେଳେ ପ୍ରାପ୍ତିଙ୍କୁ ସୋମନାଥ ମାଡ଼ ମାରିଥିଲେ। ସୋମନାଥ ମାଡ଼ ମାରିଥିବା ନେଇ ପ୍ରାପ୍ତି ନିଜ ବଡ଼ଭଉଣୀଙ୍କୁ କହିଥିଲେ। ପରେ ବଡ଼ଭଉଣୀ ଆକାଶଙ୍କୁ କହିଥିଲେ। ସେହିଦିନ ଆକାଶ କାର୍‌ରେ ଅନ୍ୟ ୩ ସହଯୋଗୀଙ୍କ ସହ ଝାରପଡ଼ାସ୍ଥିତ ଭଡ଼ାଘରକୁ ଆସିଥିଲେ। ସେମାନେ ସୋମନାଥଙ୍କୁ କାଠଫାଳିଆ, ବାଡ଼ି ଆଦିରେ ଆକ୍ରମଣ କରିବା ସହ ବଳପୂର୍ବକ ଅପହରଣ କରିନେଇଥିଲେ। ଅଭିଯୁକ୍ତମାନେ ସୋମନାଥଙ୍କୁ ସମ୍ ହସ୍ପିଟାଲ ନିକଟ ଏକ ହୋଟେଲକୁ ନେଇ ବନ୍ଦୀ କରି ରଖିଥିଲେ। ଜଣେ ଅଭିଯୁକ୍ତ ମାର୍ଚ୍ଚ ୩୧ ରାତି ପ୍ରାୟ ୧୦ଟା ୩୦ରେ ସୋମନାଥଙ୍କ ମୋବାଇଲରୁ ଜାମ୍‌ସେଦପୁରରେ ରହୁଥିବା ତାଙ୍କ ଭଉଣୀ ଅଞ୍ଜିତାଙ୍କୁ କଲ୍ କରିଥିଲେ। ସୋମନାଥଙ୍କୁ ମୁକୁଳାଇବା ପାଇଁ ସେମାନେ ୧୦ ଲକ୍ଷ ଟଙ୍କା ମାଗିଥିଲେ। ଏହି ଘଟଣାରେ ଅଞ୍ଜିତା ଭୁବନେଶ୍ୱର ଆସି ଖାରବେଳନଗର ଅଞ୍ଚଳରେ ସୋମନାଥ ରହୁଥିବା ଶୁଣିବାକୁ ପାଇ ଉକ୍ତ ଥାନାର ଦ୍ୱାରସ୍ଥ ହୋଇଥିଲେ। ଭାଇଙ୍କ ସହ ରହୁଥିବା ପ୍ରାପ୍ତି ହିଁ ଏନେଇ ଜାଣିଥିବା ସେ ଆଶଙ୍କା କରି ପୋଲିସକୁ ଜଣାଇଥିଲେ। ଥାନାରେ ମାମଲା (ନଂ.୧୩୧/୨୦୨୫) ରୁଜୁ ହେବା ସହ ତଦନ୍ତ ପାଇଁ ପୋଲିସ ୩ଟି ଟିମ୍ ଗଠନ କରିଥିଲା। ଫୋନ କଲ୍, ସିସିଟିଭି ଫୁଟେଜ୍ ଏବଂ ଅନ୍ୟ ବୈଷୟିକ ତଥ୍ୟ ସାହାଯ୍ୟରେ ପୋଲିସ ତଦନ୍ତକୁ ଜୋରଦାର କରିଥିଲା। ମାମଲା ରୁଜୁ ହେବାର ୬ଘଣ୍ଟା ଭିତରେ ଅପହର୍ତ୍ତାଙ୍କ କବଳରୁ ଅପହୃତଙ୍କୁ ଉଦ୍ଧାର କରାଯାଇଥିଲା ବୋଲି ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ମଣିପାଲ ହସ୍ପିଟାଲର ଅତ୍ୟାଧୁନିକ ବର୍ନ ୟୁନିଟ୍ ଉଦ୍‌ଘାଟିତ

ଭୁବନେଶ୍ୱର,୨।୪

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା ଭୁବନେଶ୍ୱରର ଖଣ୍ଡଗିରିସ୍ଥିତ ମଣିପାଲ ହସ୍ପିଟାଲରେ ଏକ ଅତ୍ୟାଧୁନିକ ବର୍ନ ୟୁନିଟ୍ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି ୬ ଶଯ୍ୟା ବିଶିଷ୍ଟ ବର୍ନ ୟୁନିଟ୍‌ରେ ସମସ୍ତ ପ୍ରକାର ଅତ୍ୟାଧୁନିକ ଚିକିତ୍ସା ସୁବିଧା ଅଭିଜ୍ଞ ଡାକ୍ତର ଓ ନର୍ସଙ୍କ ଦ୍ୱାରା ପ୍ରଦାନ କରାଯିବ। ବିଶେଷ କରି ପୋଡ଼ିହୋଇଯାଇଥିବା ଅନେକ ଗୁରୁତର ରୋଗୀଙ୍କୁ ସମ୍ପୂର୍ଣ୍ଣ ଚିକିତ୍ସା ସେବା ପ୍ରଦାନ କରାଯାଇପାରିବ। ନୂତନ ଭାବେ ଉଦ୍‌ଘାଟିତ ହୋଇଥିବା ଏହି ବର୍ନ ୟୁନିଟ୍ ଗମ୍ଭୀର ଭାବେ ଆଘାତ ହୋଇଥିବା ରୋଗୀଙ୍କୁ ଚିକିତ୍ସା ପ୍ରଦାନ କରିବା ପାଇଁ ସମର୍ପିତ ରହିଛି। ଏଥିରେ ଜରୁରିକାଳୀନ ଚିକିତ୍ସା, ସର୍ଜରି, ଆଇସିୟୁ ଏବଂ ପୁନର୍ବାସନ ସେବା ଯୋଗାଇ ଦିଆଯାଉଛି। ରୋଗୀଙ୍କ ଭଲ ଭାବେ ଚିକିତ୍ସା କରିବା ପାଇଁ ଏହି ବର୍ନ ୟୁନିଟ୍‌ରେ ବ୍ୟକ୍ତିଗତ ଆଇସୋଲେଶନ ୱାର୍ଡ ସୃଷ୍ଟି କରାଯାଇଛି, ଯାହାକି ସଂକ୍ରମଣ ହେବା ସମ୍ଭାବନାକୁ କମ୍ କରିଥାଏ।

ଏହି ଅବସରରେ ମଣିପାଲ ହସ୍ପିଟାଲର ଗ୍ରୁପ୍ ସିଓଓ କାର୍ତ୍ତିକ ରାଜଗୋପାଳ, ଆସୋସିଏଟ୍ ଭାଇସ୍ ପ୍ରେସିଡେଣ୍ଟ ମଧୁର ଗୋପାଲ , କ୍ଲଷ୍ଟର ଡାଇରେକ୍ଟର ସୁଧାକର କାନ୍ତିପୁଡି, ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ମେଡିକାଲ ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ରଙ୍କ ସମେତ ମଣିପାଲ ହସ୍ପିଟାଲର ପ୍ଲାଷ୍ଟିକ୍ ସର୍ଜନ ଡାକ୍ତର ବିଶ୍ୱଜିତ ମିଶ୍ର ଏବଂ ଡାକ୍ତର କୀର୍ତ୍ତିକେତନ ପ୍ରଧାନ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ମଣିପାଲ ହସ୍ପିଟାଲର ଗ୍ରୁପ୍ ସିଓଓ କାର୍ତ୍ତିକ ରାଜଗୋପାଳ କହିଛନ୍ତି , ମଣିପାଲ ହସ୍ପିଟାଲ ଭୁବନେଶ୍ୱରରେ ବର୍ନ ଚିକିତ୍ସା ପାଇଁ ସମସ୍ତ ପ୍ରକାର ଅତ୍ୟାଧୁନିକ ଚିକିତ୍ସା ସୁବିଧା, ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ସୁଲଭ ମୂଲ୍ୟରେ ଉପଲବ୍ଧ। ସେହିଭଳି ଭୁବନେଶ୍ୱରର ମେଡିକାଲ ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ର କହିଥିଲେ, ହସ୍ପିଟାଲରେ ବର୍ନ ୟୁନିଟ୍ ଉଦ୍‌ଘାଟିତ ହେବା ନିଶ୍ଚିତ ଭାବେ ଏକ ଖୁସି ଖବର। ଏହା ଫଳରେ ଆମେ ସମସ୍ତ ପ୍ରକାର ବର୍ନ ସମସ୍ୟାର ସଫଳ ଚିକିତ୍ସା କରିବା ପାଇଁ ସହାୟକ ହେବ। ଏଥିପାଇଁ ସେ ବର୍ନ ୟୁନିଟ୍‌ର ସମସ୍ତ ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଭୁବନେଶ୍ୱର ମଣିପାଲ ହସ୍ପିଟାଲର ଅତ୍ୟାଧୁନିକ ବର୍ନ ୟୁନିଟ୍ ଉଦ୍‌ଘାଟନୀ ଉତ୍ସବରେ ନିମନ୍ତ୍ରିତ ଅତିଥି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବେଦାନ୍ତ ଗ୍ରୁପ୍‌ର ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ଏକ ସୌଜନ୍ୟମୂଳକ ସାକ୍ଷାତ ସହ ପୁଷ୍ପ ଗୁଚ୍ଛଦେଇ ଓଡ଼ିଶା ଦିବସର ଶୁଭେଚ୍ଛା ଜଣାଉଛନ୍ତି। ଏହି ପରିପ୍ରେକ୍ଷୀରେ ଅଗ୍ରୱାଲ ମାଝୀଙ୍କ ସହ ଓଡ଼ିଶାର ନିବେଶ ଓ କମ୍ପାନୀର କାର୍ଯ୍ୟକଳାପ ସମ୍ପର୍କରେ ଆଲୋଚନା କରିଛନ୍ତି।

## ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୨।୪

ଦିନକ ପରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ବୃଦ୍ଧି ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୫୯୩ (୫୯୨.୯୩) ପଏଣ୍ଟ ବୃଦ୍ଧି ଘଟି ୭୬,୬୧୭ (୭୬,୬୧୭.୪୪) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୧୬୭ (୧୬୬.୬୫) ପଏଣ୍ଟ ବଢ଼ି ୨୩,୩୩୨ (୨୩,୩୩୨.୩୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।

# ବଜାର ଚାହିଦାକୁ ଦେଖି ବ୍ୟବସାୟ କରିବା ଉଚିତ

**କେନ୍ଦୁଝର ଜିଲ୍ଲା ବଡ଼ବିଲଠାରେ ଏସେନ୍ ହିରୋର ନିର୍ଦ୍ଦେଶକ ପ୍ରଦୀପ କୁମାର ଥାକରଙ୍କ ଜନ୍ମ। ସେଠାରେ ସ୍କୁଲ ପଢ଼ା ସାରିବା ପରେ ଭୁବନେଶ୍ୱର ବିଜେବି କଲେଜରୁ ବାଣିଜ୍ୟରେ ସମ୍ମାନ ସହ ସ୍ନାତକ ଉତ୍ତୀର୍ଣ୍ଣ ହୋଇଥିଲେ। ଫାଇନାନ୍ସ ମ୍ୟାନେଜମେଣ୍ଟରେ ଡିଗ୍ରୀ ହାସଲ ପରେ ଚାକିରି ଜୀବନ ଆରମ୍ଭ କରିଥିଲେ। ମାତ୍ର ସେ ଚାକିରିରେ ବାନ୍ଧି ହୋଇପାରି ନ ଥିଲେ। ପରବର୍ତ୍ତୀ ସମୟରେ ବ୍ୟବସାୟ ଜଗତରେ ପାଦ ଦେଇଥିଲେ। ଖଣି ବ୍ୟବସାୟ, ରିୟଲ ଇଷ୍ଟେଟ୍ ଓ ଅଟୋମୋବାଇଲ କ୍ଷେତ୍ରରେ ଜଣେ ସଫଳ ଉଦ୍ୟୋଗୀ ଭାବେ ପରିଚିତ ଥାକରଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ସାକ୍ଷାତକାର...**



ପ୍ରଦୀପ କୁମାର ଥାକର

ଧରିତ୍ରୀ | OrissaPOST BUSINESS EMINENCE AWARDS

**ପ୍ର- ଚାକିରି ଜୀବନରୁ ବ୍ୟବସାୟିକ ଯାତ୍ରା ସମ୍ପର୍କରେ କ'ଣ କହିବେ?**

ଉ- ଦିଲ୍ଲୀଠାରେ ମୋଦି ଜେରକ୍ସ କମ୍ପାନୀରେ ଫାଇନାନ୍ସମ୍ୟାନେଜର ଭାବେ କାର୍ଯ୍ୟରେ ଯୋଗ ଦେଇଥିଲି। ମାତ୍ର ବ୍ୟବସାୟ ପ୍ରତି ମୋର ବେଶ୍ ରୁଚି ଥିଲା। ବଡ଼ବିଲରେ ମୋ ବାପାଙ୍କ ଖଣି ବ୍ୟବସାୟ ଥିଲା। ତେଣୁ ବାପାଙ୍କ ପ୍ରେରଣାରେ ମୁଁ ପାରିବାରିକ ବ୍ୟବସାୟରେ ଯୋଗଦେଲି। ପୂର୍ବରୁ ମୋର ୨ ବଡ଼ଭାଇ ମଧ୍ୟ ଖଣି ଖନନ କାର୍ଯ୍ୟରେ ବାପାଙ୍କୁ ବ୍ୟବସାୟରେ ସହଯୋଗ କରୁଥିଲେ। ମୁଁ ବ୍ୟବସାୟକୁ ଆଉ ଟିକେ ମେକାନାଇଜ କରି ବଡ଼ ବଡ଼ ଯନ୍ତ୍ର ଲଗାଇ ଅଭିବୃଦ୍ଧି କରାଇଲି। ୧୯୯୭ ମସିହାରେ ଦାମୀ ଖଣିଖୋଳା ମେଶିନ କୋମାସୁ ବଡ଼ବିଲ ଓ କେନ୍ଦୁଝରରେ ବିକ୍ରୟ ଆରମ୍ଭ କଲି। କେନ୍ଦୁଝର ଜିଲ୍ଲା ଖଣି ପରିବ୍ୟାପ୍ତ ଅଞ୍ଚଳ ହୋଇଥିବାରୁ ଏଠାରେ ଏହି ମେଶିନର ବିକ୍ରୟ ଓ ସେବା ବେଶ୍ ଭଲ ଚାଲିଲା।

**ପ୍ର- ଖଣି ବ୍ୟବସାୟ ଥିବା ସତ୍ତ୍ୱେ ରିୟଲ ଇଷ୍ଟେଟ୍‌କୁ ବାଛିଲେ କାହିଁକି?**

ଉ- ୨୦୦୩ରେ ବଡ଼ବିଲଠାରେ ଖଣି ବ୍ୟବସାୟ ସହ ସମ୍ପୃକ୍ତ ଓ ଖନନରେ ଯୋଡ଼ି ହୋଇଥିବା ବହୁ ଲୋକ କାର୍ଯ୍ୟରତ ଥାଆନ୍ତି। ମାତ୍ର ଏଠାରେ ବସବାସ ପାଇଁ ପର୍ଯ୍ୟାପ୍ତ ସୁଯୋଗ ନ ଥିଲା। ଏହାର ଆବଶ୍ୟକତାକୁ ମୁଁ ଉପଲବ୍ଧି କରି ପ୍ରଥମେ ବଡ଼ବିଲଠାରେ ଏସେନ୍ କନ୍‌ଷ୍ଟ୍ରକ୍ସନ୍ ଆରମ୍ଭ କଲି। ଏହି ପ୍ରକଳ୍ପରେ ୪ଟି ବ୍ଲକରେ ୧୦୦ଟି ଫ୍ଲାଟର ଯୋଜନା ରହିଥିଲା। ସେତେବେଳେ ଫ୍ଲାଟର ଚାହିଦା ଭଲ ଥିବା ହେତୁ ମୁଁ ସଫଳ ହେଲି ଓ ଏହି ଅଭିଜ୍ଞତାକୁ ନେଇ ଭୁବନେଶ୍ୱରର ଚନ୍ଦ୍ରଶେଖରପୁରଠାରେ ଲାଇଫ୍ ଷ୍ଟାଇଲ୍ ଇନ୍‌ଫୋସିଟି ଗ୍ରୀନ୍ ନାମରେ ଆଉ ଏକ ପ୍ରକଳ୍ପ ଆରମ୍ଭ କଲି।

**ପ୍ର- ବର୍ତ୍ତମାନ ରିଅଲ୍ ଇଷ୍ଟେଟ ବ୍ୟବସାୟରେ ଉନ୍ନତି କିପରି ଦେଖୁଛନ୍ତି?**

ଉ- ରିଅଲ ଇଷ୍ଟେଟ୍ ବ୍ୟବସାୟରେ ଯଥେଷ୍ଟ ସମ୍ଭାବନା ରହିଛି। ଓଡ଼ିଶାର ଭୁବନେଶ୍ୱର, ରାଉରକେଲା, ବଡବିଲ, ଝାରସୁଗୁଡ଼ା ଓ ବରଗଡ଼ ଆଦି ଅଞ୍ଚଳରେ ଆମେ ୪୨ଟି ପ୍ରକଳ୍ପ ସମ୍ପୂର୍ଣ୍ଣ କରିପାରିଛୁ। ଏଥିରେ ପ୍ରାୟତଃ ୨୦୦୦ରୁ ଅଧିକ ଫ୍ଲାଟ୍ ଆମେ ବିକ୍ରି କରିପାରିଛୁ। ପରେ ଖୁସି ରିୟଲକନ୍ ପ୍ରାଇଭେଟ ଲିମିଟେଡ୍ ଆରମ୍ଭ କରି ବଡ଼ ପ୍ରକଳ୍ପକୁ ନିର୍ମାଣ କରିବାରେ ନିଷ୍ପତ୍ତି ନେବାକୁ ହେଲା।

**ପ୍ର- ଦୁଇ ଦୁଇଟି କ୍ଷେତ୍ରରେ ସଫଳ ହେବା ପରେ ଅଟୋ ମୋବାଇଲ ବ୍ୟବସାୟ କଥା କିପରି ଚିନ୍ତା କଲେ?**

ଉ- ପୂର୍ବରୁ ଅଟୋମୋବାଇଲର ଅଭିଜ୍ଞତା ଥିଲା। ଉତ୍ତର ପିଢ଼ିକୁ ନୂଆ ଦିଗ ଦେଖାଇବା ପାଇଁ ଏସେନ୍ ଅଟୋ ମୋବାଇଲ କ୍ଷେତ୍ରରେ ବ୍ୟବସାୟ ଆରମ୍ଭ ପାଇଁ ଚିନ୍ତା କରିଥିଲୁ। ଓଡ଼ିଶାରେ ୨ ଚକିଆଯାନର ବହୁଳ ବ୍ୟବହାର ରହିଛି। ଏଥିରେ ମୋର ବଡ଼ ପୁତୁରା ସୌରଭ ଥାକର୍ ମୁଖ୍ୟ ଭୂମିକା ନେଇ ସବୁ ଦେଖାଶୁଣା କରୁଛନ୍ତି। ସେ ମୋଠାରୁ କେବଳ ଆର୍ଥିକ କ୍ଷେତ୍ରରେ ପରାମର୍ଶ ନେଇଥାନ୍ତି। କଟକର ଶିଖରପୁର ଓ ପୁରୀ ଘାଟସ୍ଥିତ ହିରୋ ମୋଟୋ କର୍ପ ଆମନ୍ତ୍ରଣ କ୍ରମେ ହିରୋ ପ୍ରିମିୟା- ଶୋରୁମ ଖୋଲିବାର ନିଷ୍ପତ୍ତି ନେଲୁ। ଏଥିରେ ୧୫୦ ସିସିରୁ ୬୫୦ ସିସି ପର୍ଯ୍ୟନ୍ତ ପ୍ରିମିୟମ୍ ଯାନ ପ୍ରତି ବିଶେଷ ଧ୍ୟାନ ଦେଲୁ। ଗୋଟିଏ ସ୍ଥାନରେ ଯୁବବର୍ଗ ଏବଂ ବାଇକ୍ ଲଭରଙ୍କ ଆଶା ପୂରଣ କରିବାରେ ସଫଳ ହୋଇପାରିଛୁ।

**ପ୍ର- ବ୍ୟବସାୟିକ ସଫଳତା କେତେ ସନ୍ତୋଷ ପ୍ରଦାନ କରିଥାଏ? ଆଗାମୀ ଦିନରେ ବ୍ୟବସାୟ ବଢ଼ାଇବାର ଯୋଜନା ରହିଛି କି?**

ଉ- ବ୍ୟବସାୟରେ ଏକ ଛୋଟ ଆରମ୍ଭରୁ ନେଇ ୨୦୦ ଲୋକଙ୍କୁ ନିଯୁକ୍ତି ପ୍ରଦାନର ଯାତ୍ରା ଖୁବ୍ ସନ୍ତୋଷଜନକ ରହିଛି। ୯୦ ପ୍ରତିଶତରୁ ଅଧିକ କର୍ମଚାରୀ ଆମ ସହ ଯେବେଠାରୁ ଯୋଡ଼ି ହୋଇଛନ୍ତି ସେବେଠାରୁ ଛାଡ଼ିଯିବାକୁ ଚାହାନ୍ତି ନାହିଁ। ଆମେ ଉଚ୍ଚଶିକ୍ଷିତ କିମ୍ବା କୁଶଳୀ କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ ଉପରେ ବିଶ୍ୱାସ ରଖୁନା ବରଂ ଆମ କମ୍ପାନୀରେ ନିଯୁକ୍ତ ହେଉଥିବା କର୍ମଚାରୀଙ୍କୁ ଶିକ୍ଷିତ ଓ ଦକ୍ଷ କରିବା ପାଇଁ ସମୟ ଓ ସୁଯୋଗ ପ୍ରଦାନ କରିଥାଉ। ବ୍ୟବସାୟରେ କେତେ ଲାଭବାନ ହେଲୁ ତାହା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ ବରଂ ଆମ କମ୍ପାନୀର କେତେ ଲୋକ ଉତ୍ତମ ଜୀବନଯାପନ କରୁଛନ୍ତି ତାହା ଗୁରୁତ୍ୱପୂର୍ଣ୍ଣ। ଆଗାମୀ ଦିନରେ ଆମେ ଓଡ଼ିଶା ସହିତ ଅନ୍ୟ ରାଜ୍ୟରେ ୨ ଚକିଆ ଓ ୪ ଚକିଆ ଯାନର ଡିଲରଶିପ୍ ସ୍ଥାପନ କରିବୁ। ଏହା ବ୍ୟତୀତ ଅନ୍ୟାନ୍ୟ ଜିଲାର ସଦର ମହକୁମାରେ ହାଉସିଂ ପ୍ରୋଜେକ୍ଟ କରିବାର ଲକ୍ଷ୍ୟ ରହିଛି।

**ପ୍ର- ନୂତନ ଯୁବପିଢ଼ି ପାଇଁ ଆପଣଙ୍କ ସନ୍ଦେଶ କ'ଣ ରହିବ?**

ଉ- ଶୃଙ୍ଖଳିତ କାମ କଲେ ସଫଳତା ନିଶ୍ଚିତ। ନିରବଚ୍ଛିନ୍ନ ପରିଶ୍ରମ ବଜାର ଚାହିଦାକୁ ଆଖି ଆଗରେ ରଖି ବ୍ୟବସାୟ କଲେ, ସଫଳତା ବାଟ କଢ଼ାଇ ନେବ।

ସାକ୍ଷାତ୍‌କାର - **ପ୍ରଦୀପ୍ତ ରଥ,** କଟକ

# ଟାଟା ଷ୍ଟିଲ୍‌ର ଏଫ୍ଏଏମ୍‌ଡି ପୁରସ୍କୃତ

ଭୁବନେଶ୍ୱର,୨।୪

ଟାଟା ଷ୍ଟିଲ୍‌ର ଫେରୋ ଆଲଏଜ ଆଣ୍ଡ ମିନେରାଲ୍ସ ଡିଭିଜନ (ଏଫ୍ଏଏମ୍‌ଡି)କୁ ନିକଟରେ ବେଷ୍ଟ ଇଣ୍ଟିଗ୍ରେଟେଡ୍ ୱାଟର ମ୍ୟାନେଜମେଣ୍ଟ ପ୍ରୋଜେକ୍ଟ (ଶ୍ରେଷ୍ଠ ସମନ୍ୱିତ ଜଳ ପରିଚାଳନା ପ୍ରକଳ୍ପ) ପାଇଁ ପୁରସ୍କୃତ କରାଯାଇଛି। ନୂଆଦିଲ୍ଲୀଠାରେ ଅନୁଷ୍ଠିତ ୱାଟର ଡାଇଜେଷ୍ଟ ୱାର୍ଲଡ ୱାଟର ଆୱାର୍ଡସ- ୨୦୨୫ରେ ଏଫ୍ଏଏମ୍‌ଡିକୁ ଏହି ସମ୍ମାନଜନକ ପୁରସ୍କାର ମିଳିଛି। ଭାରତ ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ରାଜଭୂଷଣ ଚୌଧୁରୀ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେଯୋଗ ଦେଇ ଟାଟା ଷ୍ଟିଲ୍‌କୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରିଥିଲେ। ଟାଟା ଷ୍ଟିଲ୍ ଏଫ୍ଏଏମ୍‌ଡିର ପ୍ରକଳ୍ପ, ପ୍ରଯୁକ୍ତି ଓ ଇମ୍ପ୍ରୁଭମେଣ୍ଟ ମୁଖ୍ୟ ନତାଶା ଝା କମ୍ପାନୀ ତରଫରୁ ପୁରସ୍କାର ଗ୍ରହଣ କରିଥିଲେ। ସେହିଭଳି ଭାରତର ପ୍ରିମିୟର ଜଳ ପତ୍ରିକା 'ୱାଟର ଡାଇଜେଷ୍ଟ' ପକ୍ଷରୁ ଆୟୋଜିତ ଏହି ସମାରୋହରେ ଜଳ ପରିଚାଳନା ପ୍ରକ୍ରିୟାରେ ଉନ୍ନତି ଏବଂ କାର୍ଯ୍ୟକ୍ଷେତ୍ରରେ ସ୍ଥାୟିତ୍ୱ ପାଇଁ ଟାଟା ଷ୍ଟିଲ୍‌ର ଅତ୍ୟାଧୁନିକ ଡିଜିଟାଲ ପ୍ରଯୁକ୍ତିର ବ୍ୟବହାରକୁ ସ୍ୱୀକୃତି ଦିଆଯିବା ସହ କମ୍ପାନୀକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଜଳଯୋଦ୍ଧା ଓ ସେମାନଙ୍କ ସଫଳତାକୁ ସେଲିବ୍ରେଟ କରିବା ଲାଗି ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏ ନେଇ ଟାଟା ଷ୍ଟିଲ୍(ଏଫ୍ଏଏମ୍‌ଡି)ର ଏକ୍ଜିକ୍ୟୁଟିଭ ଇନ୍‌ଚାର୍ଜ ପଙ୍କଜ ସତିଜା କହିଛନ୍ତି, ଭାରତ ହେଉଛି ଜଳାଭାବର ଏକ ଦେଶ ଏବଂ କୃଷି, ଗୋଷ୍ଠୀ ଓ ଶିଳ୍ପ ସମେତ ବିଭିନ୍ନ କ୍ଷେତ୍ର ଏହି ନିଅଣ୍ଟ ସମ୍ବଳ ପାଇବାକୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଜଳ ଉପଯୋଗିତା କମ୍ କରିବା ଲାଗି ଆମେ ଆମ ତରଫରୁ ଉଦ୍ୟମ କରୁଛୁ। ଏହି ଯାତ୍ରାରେ ଅଭିନବ ଡିଜିଟାଲ ସମାଧାନ ଗ୍ରହଣ କରିବା ଦିଗରେ ଆମ ପ୍ରତିବଦ୍ଧତା ଓ ଉଦ୍ୟମକୁ ସ୍ୱୀକୃତି ମିଳିଥିବାରୁ ଆମେ ବହୁତ ଖୁସି ଅଛୁ।

# କିଟ୍, ଶ୍ରୀଲଙ୍କାର ସିଲନ ରସାୟନ ବିଜ୍ଞାନ ପ୍ରତିଷ୍ଠାନ ମଧ୍ୟରେ ବୁଝାମଣା

ଭୁବନେଶ୍ୱର,୨।୪(ଅନୁରାଧା ମହାରଣା)

ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବା ପାଇଁ କିଟ୍ ଓ ଶ୍ରୀଲଙ୍କାର ସିଲନ ରସାୟନ ବିଜ୍ଞାନ ପ୍ରତିଷ୍ଠାନ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ଏବଂ ସିଲନ ରସାୟନ ବିଜ୍ଞାନ ପ୍ରତିଷ୍ଠାନ ପକ୍ଷରୁ ଏହାର ଅଧ୍ୟକ୍ଷ ତଥା କେଲନିଆ ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ପ୍ରଫେସର ଜେନିଥା ଆବେଉଇକ୍ରେମା ଲିଆନାଗେ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ସିଲନ ରସାୟନ ବିଜ୍ଞାନ ପ୍ରତିଷ୍ଠାନ ହେଉଛି ଶ୍ରୀଲଙ୍କାର ରସାୟନ ବିଜ୍ଞାନୀଙ୍କ ପ୍ରତିନିଧିତ୍ୱ କରୁଥିବା ଏକ ପ୍ରତିଷ୍ଠିତ ବୃତ୍ତିଗତ ସଂସ୍ଥା। ବୁଝାମଣା ଅନୁସାରେ ଉଭୟ ଅନୁଷ୍ଠାନ ଶୈକ୍ଷିକ ବିନିମୟ ଓ ମିଳିତ ଗବେଷଣା ପାଇଁ ପଦକ୍ଷେପ ନେବା ସହ ରସାୟନ ବିଜ୍ଞାନ କ୍ଷେତ୍ରରେ କ୍ଷମତା-ନିର୍ମାଣ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବେ। କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଓପନ ୟୁନିଭର୍ସିଟି ଅଫ୍ ଶ୍ରୀଲଙ୍କାର ରସାୟନ ବିଜ୍ଞାନ ବିଭାଗ ପ୍ରଫେସର ଡ. ଥେଲମା ଆବେସିଂଘେ ଏବଂ କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ସହଭାଗିତା କିଟ୍ ଏବଂ ସିଲନ ରସାୟନ ବିଜ୍ଞାନ ପ୍ରତିଷ୍ଠାନ ମଧ୍ୟରେ ଗବେଷଣା, ଅଧ୍ୟାପକ ଏବଂ ଛାତ୍ର ବିନିମୟ କାର୍ଯ୍ୟକ୍ରମ ଏବଂ ଜ୍ଞାନର ଆଦାନପ୍ରଦାନ ପଦକ୍ଷେପକୁ ସହଜ କରିବ ବୋଲି ଆଶା କରାଯାଉଛି।



ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ କୁଳପତି ପ୍ରଫେସର ଶରଣଜିତ ସିଂହ ଓ ସିଲନ ରସାୟନ ବିଜ୍ଞାନ ପ୍ରତିଷ୍ଠାନ ଅଧ୍ୟକ୍ଷା ପ୍ରଫେସର ଜେନିଥା ଆବେଉଇକ୍ରେମା ଲିଆନାଗେ।

# ୫ଜି ଡାଉନ୍‌ଲୋଡ୍ ସ୍ପିଡ୍‌ରେ ଜିଓ ଦ୍ରୁତତମ

ମୁମ୍ବାଇ,୨।୪

୫ ଜି ଡାଉନ୍‌ଲୋଡ୍ ସ୍ପିଡ୍ ଦୌଡ଼ରେ ରିଲାଏନ୍ସ ଜିଓ ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ଦେଇଛି ବୋଲି ଓକଲା ପକ୍ଷରୁ କୁହାଯାଇଛି। ଏପରିକି ଓକଲା ସ୍ପିଡ୍‌ଟେଷ୍ଟ ଇଣ୍ଟେଲିଜେନ୍ସ ତଥ୍ୟ ଅନୁଯାୟୀ ରିଲାଏନ୍ସ ଜିଓର ହାରାହାରି ୫ଜି ଡାଉନ୍‌ଲୋଡ୍ ସ୍ପିଡ୍ ୨୫୮.୫୪ ଏମ୍‌ବିପିଏସ୍ ରେକର୍ଡ କରାଯାଇଛି। ଏୟାରଟେଲ୍ ୨୦୫.୧ ଏମ୍‌ବିପିଏସ୍ ସହ ଦ୍ୱିତୀୟ ସ୍ଥାନରେ ରହିଛି। ଓକଲା ୨୦୨୪ ଜୁଲାଇ ଏବଂ ଡିସେମ୍ବର ମଧ୍ୟରେ ସାରା ଦେଶରୁ ଏହି ତଥ୍ୟ ସଂଗ୍ରହ କରିଥିଲା। ରିଲାଏନ୍ସ ଜିଓ ୫ଜି ସହିତ ସାମଗ୍ରିକ ଭାବରେ ମଧ୍ୟ ଦ୍ରୁତତମ ମୋବାଇଲ୍ ନେଟ୍‌ୱର୍କର ଆଖ୍ୟା ମଧ୍ୟ ହାସଲ କରିଛି। ଜିଓ ଭାରତରେ ସବୁଠାରୁ ଦ୍ରୁତ ମୋବାଇଲ ସ୍ପିଡ୍ ନେଟ୍‌ୱର୍କ ପ୍ରଦାନକାରୀ ଅପରେଟର ଭାବରେ ଉଭା ହୋଇଛି। ଜିଓର ସାମଗ୍ରିକ ହାରାହାରି ଡାଉନଲୋଡ୍ ସ୍ପିଡ୍ ୧୫୮.୬୩ ଏମବିପିଏସ ରହିଥିବା ବେଳେ ଏୟାରଟେଲର ସ୍ପିଡ୍ ଜିଓର ଦୁଇତୃତୀୟାଂଶ ଅର୍ଥାତ୍ ପ୍ରାୟ ୧୦୦.୬୭ ଏମ୍‌ବିପିଏସ୍ ବୋଲି ମାପ କରାଯାଇଛି। ଭୋଡାଫୋନ୍ ଆଇଡିଆ ୨୧.୬ ଏମବିପିଏସ ସହିତ ତୃତୀୟ ସ୍ଥାନରେ ରହିଛି। ଏହି ସମୟ ମଧ୍ୟରେ, ଜିଓ ସାରା ଦେଶରେ ସର୍ବାଧିକ ୫ଜି ଉପଲବ୍ଧତା ରେକର୍ଡ କରିଥିଲା, ଅର୍ଥାତ୍, ଜିଓ ନେଟ୍‌ୱର୍କ ସର୍ବାଧିକ ସ୍ଥାନରେ ଉପଲବ୍ଧ ରହିଛି। ସ୍ପିଡ୍‌ଟେଷ୍ଟ ଇଣ୍ଟେଲିଜେନ୍ସ ତଥ୍ୟ ଅନୁଯାୟୀ, ଜିଓର ୭୩.୭% ଉପଭୋକ୍ତା ଅଧିକାଂଶ ସମୟ ଜିଓର ୫ଜି ନେଟ୍‌ୱର୍କ ବ୍ୟବହାର କରୁଛନ୍ତି, ଯାହା ଅନ୍ୟ ଯେକୌଣସି ଅପରେଟର ଅପେକ୍ଷା ବେଶ୍ ଅଧିକ। ମୋବାଇଲ କଭରେଜ୍ ଦୃଷ୍ଟିରୁ, ଜିଓ ୬୫.୬୬ କଭରେଜ୍ ସ୍କୋର ସହିତ ପ୍ରଥମ ସ୍ଥାନରେ ଥିଲା ବେଳେ ଏୟାରଟେଲ୍ ୫୮.୧୭ ସ୍କୋର ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ରିଲାଏନ୍ସ ଜିଓ ଦ୍ରୁତତମ ମୋବାଇଲ ନେଟ୍‌ୱର୍କ ଏବଂ ଉନ୍ନତ ମୋବାଇଲ କଭରେଜ୍ ଉଭୟରେ ପ୍ରଥମ ସ୍ଥାନ ହାସଲ କରିଛି।

# ପାରାଦୀପ ବନ୍ଦର ଲଗାତର ଦ୍ୱିତୀୟ ଥର ନମ୍ବର-୧



ପାରାଦୀପ, ୨।୪(ଶରତ ରାଉତ)

ଓଡ଼ିଶାର ଏକମାତ୍ର ସରକାରୀ ବୃହତ୍ ବନ୍ଦର ପାରାଦୀପ ଲଗାତର ଦ୍ୱିତୀୟ ବର୍ଷ ପାଇଁ ନମ୍ବର-୧ ସ୍ଥାନ ବଜାୟ ରଖିଛି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ପାରାଦୀପ ବନ୍ଦର ସମୁଦାୟ ୧୫୦.୪୧ ଏମ୍ଏମ୍‌ଟି (ମିଲିୟନ ମେଟ୍ରିକଟନ୍) ପଣ୍ୟ କାରବାର କରିଛି। ଯାହା ପୂର୍ବବର୍ଷ ତୁଳନାରେ ୭.୬୫% ଅଭିବୃଦ୍ଧି ବୋଲି କୁହାଯାଇଛି। ଏହି ଅବସରରେ ବୁଧବାର ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଅଧ୍ୟକ୍ଷ ପି. ଏଲ. ହାରାନ୍ଧ ଓ ଅନ୍ୟ ସମସ୍ତ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ରହି କେକ୍ କାଟି ଉତ୍ସବ ପାଳନ କରିଥିଲେ। ପରେ ଖବରଦାତାମାନଙ୍କୁ ପଣ୍ୟ କାରବାର ସମ୍ପର୍କରେ ଅଧ୍ୟକ୍ଷ ହାରାନ୍ଧ ସୂଚନା ଦେଇଥିଲେ। ସୂଚନା ଅନୁଯାୟୀ, ବିଶ୍ୱରେ ଲୁହାପଥର ଓ କୋକିଂ କୋଇଲା କାରବାର ନୈରାଶ୍ୟ ଜନକ ଥିବାବେଳେ ପାରାଦୀପ ବନ୍ଦର ସେଥିରେ ବିଶେଷ ପ୍ରଭାବ ପଡିନାହିଁ। ଏହାସତ୍ତ୍ୱେ ପଣ୍ୟ କାରବାର ଅଭିବୃଦ୍ଧି ହୋଇଛି ଏବଂ ଲଗାତର ଦ୍ୱିତୀୟ ଥର ପାଇଁ ଦେଶର ପ୍ରଥମ ସ୍ଥାନ ହାସଲ କରିଛି। ଗତ ଆର୍ଥିକ ବର୍ଷରେ ପାରାଦୀପ ବନ୍ଦର ୧୪୫.୦୩ ଏମ୍ଏମ୍‌ଟି ପଣ୍ୟ କାରବାର କରିଥିଲା। ଚଳିତବର୍ଷ କେତେକ ବ୍ୟବସ୍ଥାରେ ଉନ୍ନତି ଯୋଗୁ ଏହା ସମ୍ଭବ ହୋଇପାରିଛି। ସମୁଦାୟ ପଣ୍ୟ କାରବାର ମଧ୍ୟରେ କେବଳ କୋଷ୍ଟାଲ ପରିବହନ ୪୨.୩୬ ଏମ୍ଏମ୍‌ଟି ରହିଛି। କଣ୍ଟେନର କାର୍ଗୋ କାରବାର ୧୧୧ ପ୍ରତିଶତ ବୃଦ୍ଧି ପାଇଛି। ସେହିପରି ରେଲୱେ କାରବାର କ୍ଷେତ୍ରରେ ୫.୩୨% ବୃଦ୍ଧି ପାଇଛି। ସମୁଦାୟ ୨୨,୮୧୮ରେଳ ପଣ୍ୟ ନେବା ଆଣିବା କରିଛି। ବର୍ଥ କ୍ଷେତ୍ରରେ ଦୈନିକ ୩୪,୨୮୩ ମେଟ୍ରିକଟନ୍ ପଣ୍ୟ କାରବାର ହୋଇଛି। ଆଗକୁ କାରବାର ବୃଦ୍ଧି ପାଇଁ ୱେଷ୍ଟର୍ଣ୍ଣ ଡକ୍ କାର୍ଯ୍ୟ ଚାଲିଛି। ଏହା ୨୦୨୬ ଶେଷ ସୁଦ୍ଧା କାର୍ଯ୍ୟକ୍ଷମ ହେବାର ଲକ୍ଷ୍ୟ କରାଯାଇଛି।

# ମୁମ୍ବାଇରେ କେଭିଆଇସିର ମେଗା ଡିଷ୍ଟ୍ରିବ୍ୟୁଶନ

ମୁମ୍ବାଇ,୨।୪ (ଅଭୟ ଦାଶ)

ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ (ଖଦି ଆଣ୍ଡ ଭିଲେଜ ଇଣ୍ଡଷ୍ଟ୍ରିଜ କମିଶନ ବା କେଭିଆଇସି)ର ମୁମ୍ବାଇସ୍ଥିତ ମୁଖ୍ୟ କାର୍ଯ୍ୟାଳୟଠାରେ ଏକ 'ମେଗା ଡିଷ୍ଟ୍ରିବ୍ୟୁଶନ' କାର୍ଯ୍ୟକ୍ରମର ଆୟୋଜନ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ମୋଟ ୧୬,୩୭୭ ମେଶିନ, ଟୁଲ୍‌କିଟ୍ ଏବଂ ଉପକରଣ ଆଦି ବିଭିନ୍ନ ବର୍ଗଙ୍କୁ ବଣ୍ଟନ କରାଯାଇଥିଲା। ବିଶେଷକରି ୧୬,୩୭୭ଟି ଟୁଲ୍‌କିଟ୍ ଏବଂ ଉପକରଣ ବଣ୍ଟନ କରାଯାଇଥିଲା। ସେଥରେ ୩,୯୫୦ ମହୁମାଛି ବାକ୍ସ, ୭,୦୬୭ ବୈଦ୍ୟୁତିକ କୁମ୍ଭାରଚକ, ୧,୩୫୦ ଚମଡ଼ା ଉତ୍ପାଦନ ମରାମତି ଟୁଲ୍‌କିଟ୍, ୩୯୦ ଚମଡା ଚପଲ ତିଆରି ଉପକରଣ, ୪୨୦ ଇଲେକ୍ଟ୍ରିସିଆନ୍ ଟୁଲ୍‌କିଟ୍, ୮୦ ଏସି ମରାମତି ଟୁଲ୍‌କିଟ୍, ୩୦୦ ପ୍ଲମ୍ବର ଟୁଲ୍‌କିଟ୍, ୬୦ ମୋବାଇଲ ମରାମତି ଟୁଲ୍‌କିଟ୍, ୯୭୧ ସିଲେଇ ମେଶିନ, ୨୭୮ ହାତ ତିଆରି କାଗଜ ତିଆରି ମେଶିନ, ୩୪୯ ସ୍ୱୟଂଚାଳିତ ଅଗରବତି ତିଆରି ମେଶିନ, ୬୦ ପେଡାଲଚାଳିତ ଅଗରବତି ତିଆରି ମେଶିନ, ୩୨୦ ଟର୍ନଉଡ ମେଶିନ, ୧୮୦ କାଠ ଖେଳଣା ତିଆରି ମେଶିନ, ୪୬୦ ଅଦରକାରୀ କାଠ କାରୁକାର୍ଯ୍ୟ ମେଶିନ ଏବଂ ୨୯୨ କୃଷିଭିତ୍ତିକ ଖାଦ୍ୟ ପ୍ରକ୍ରିୟାକରଣ ମେଶିନ ଅନ୍ତର୍ଭୁକ୍ତ ରହିଛି। ଏହି ଅବସରରେ ମନୋଜ କୁମାର କହିଥିଲେ, ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ ଏ ପର୍ଯ୍ୟନ୍ତ ୨୦୨୪-୨୫ ଆର୍ଥିକ ବର୍ଷରେ ୧୧୧୦ ଖଦି ପ୍ରତିଷ୍ଠାନକୁ ସଂଶୋଧିତ ବଜାର ବିକାଶ ସହାୟତା (ଏମ୍ଏମ୍‌ଡିଏ) ଅଧୀନରେ ୨୧୫ କୋଟି ଟଙ୍କାର ଅନୁଦାନ ରାଶି ପ୍ରଦାନ କରିଛି, ଯାହା ଦ୍ୱାରା ୧,୪୬,୨୪୬ କାରିଗର ଉପକୃତ ହୋଇଛନ୍ତି। ଏହା ବ୍ୟତୀତ ଆଇଏସ୍ଇସି କାର୍ଯ୍ୟକ୍ରମ ମାଧ୍ୟମରେ ୧୧୫୩ଖଦିପ୍ରତିଷ୍ଠାନକୁ୪୦କୋଟିଟଙ୍କାର ଅନୁଦାନ ରାଶି ମଧ୍ୟ ପ୍ରଦାନ କରାଯାଇଛି । ୩୮୧୭ କାରିଗରଙ୍କୁ ଉପକୃତ କରୁଥିବା ଖଦି ପ୍ରତିଷ୍ଠାନକୁ ୩୨.୭୩ କୋଟି ଟଙ୍କାର ଅତିରିକ୍ତ ଏମ୍ଏମ୍‌ଡିଏ ଅନୁଦାନ ରାଶି ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଉତ୍ତରାଞ୍ଚଳର ସଦସ୍ୟ ନାଗେନ୍ଦ୍ର ରଘୁବଂଶୀ, ପୂର୍ବାଞ୍ଚଳର ସଦସ୍ୟ ମନୋଜ କୁମାର ସିଂହ, ଏମ୍ଏସ୍ଏମ୍ଇ ମନ୍ତ୍ରଣାଳୟର ଯୁଗ୍ମ ସଚିବ ବିପୁଲ ଗୋୟଲ, ବିଭାଗୀୟ ଅର୍ଥନୈତିକ ପରାମର୍ଶଦାତା ସିମି ଚୌଧୁରୀ ଏବଂ କେଭିଆଇସି କେନ୍ଦ୍ରୀୟ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନଙ୍କ ସହିତ ଦେଶବ୍ୟାପୀ ରାଜ୍ୟ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀମାନେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



କେଭିଆଇସିର ବଣ୍ଟନ କାର୍ଯ୍ୟକ୍ରମରେ ହିତାଧିକାରୀଙ୍କ ସମେତ ଅଧ୍ୟକ୍ଷ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଧାୟକ ପ୍ରଶାନ୍ତଙ୍କ ଭାଷଣକୁ ନେଇ ହୋହଲ୍ଲା

**ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ପାଳନବେଳେ ମଞ୍ଚରେ ରୋଚକ ଦୃଶ୍ୟ**

**ପୂର୍ବ ସରକାର, ପ୍ରଶାନ୍ତଙ୍କୁ ଟାର୍ଗେଟ କଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ**

କଟକ,୨।୪(ଶିଳ୍ପା ପ୍ରିୟଦର୍ଶିନୀ)

ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ପାଳନ ଅବସରରେ କଟକ ଜିଲା ସତ୍ୟଭାମାପୁରଠାରେ ମଙ୍ଗଳବାର ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ମଞ୍ଚରେ ରୋଚକ ଦୃଶ୍ୟ ଦେଖିବାକୁ ମିଳିଛି। ସରକାରୀ କାର୍ଯ୍ୟକ୍ରମବେଳେ ବିଜେଡି ବିଧାୟକ ପ୍ରଶାନ୍ତ ବେହେରା ମଞ୍ଚ ଉପରେ ନିଜ ଭାଷଣରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗୁଣଗାନ କରିବାରୁ ମଞ୍ଚ ତଳେ ଥିବା ଲୋକେ ଏବଂ ଭାଜପା କର୍ମୀ ହୋହଲ୍ଲା କରିଥିଲେ। ପରେ ସେହି ମଞ୍ଚରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଧାୟକଙ୍କ କଥାକୁ କାଉଣ୍ଟର କରିଥିଲେ। ସେ କହିଥିଲେ, ଏହା ରାଜନୈତିକ ମଞ୍ଚ ନୁହେଁ। ଏହି ମଞ୍ଚରେ କେଉଁ ସରକାର କେଉଁ ସମୟରେ କ'ଣ କାମ କରିଥିଲା, ତାହା କହିବା ଉପଯୁକ୍ତ ସମୟ ନୁହେଁ। ଏହି ମଞ୍ଚ ଓଡ଼ିଆଙ୍କ ସ୍ୱାଭିମାନ, ଓଡ଼ିଆଙ୍କ ଭାବନାକୁ ପ୍ରଦର୍ଶନ କରିବାର ମଞ୍ଚ। ଓଡ଼ିଶା ଦିବସରେ ପ୍ରତ୍ୟେକ ଓଡ଼ିଆ ରାଜ୍ୟର ଉନ୍ନତି ପାଇଁ କାମ କରିବାର ଆବଶ୍ୟକତା ରହିଛି। ଏଥିପାଇଁ ସମସ୍ତେ ଏକଜୁଟ୍ ହେବା ଆବଶ୍ୟକ ବୋଲି ମନ୍ତ୍ରୀ ସୁରଜ କହିଥିଲେ।



ତାମିଲନାଡୁର ମଦୁରାଇରେ ବୁଧବାର ସିପିଆଇ-ଏମର ୨୪ତମ ପାର୍ଟି କଂଗ୍ରେସରେ କେରଳ ମୁଖ୍ୟମନ୍ତ୍ରୀ ତଥା ସିପିଆଇ-ଏମ ନେତା ପିନାରାୟୀ ବିଜୟନ, ଦଳର ମଧ୍ୟବର୍ତ୍ତୀକାଳୀନ ସଂଯୋଜକ ପ୍ରକାଶ କରାଟ, ସିପିଆଇ-ଏମ୍ ପଲିଟ୍‌ବ୍ୟୁରୋ ସଦସ୍ୟ ବିମାନ ବୋଷ, ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା ଏବଂ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ଅଛନ୍ତି।

# ନୂତନ ଭାରତ ଗଠନ ପାଇଁ ଏକାଠି କାମ କରିବା: ପ୍ରକାଶ କରାଟ

ଚେନ୍ନାଇ: ୨।୪

ତାମିଲନାଡୁର ମଦୁରାଇରେ ଚାଲିଥିବା ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ୨୪ତମ କଂଗ୍ରେସ ପ୍ରତିକ୍ରିୟାଶୀଳ ଶକ୍ତିକୁ ପଛକୁ ଠେଲିବା ପାଇଁ ସମସ୍ତ ବାମପନ୍ଥୀ, ଗଣତାନ୍ତ୍ରିକ ଏବଂ ଧର୍ମନିରପେକ୍ଷ ଶକ୍ତିକୁ ଏକତ୍ରିତ ହେବାକୁ ସିପିଆଇ(ଏମ୍) ମଧ୍ୟବର୍ତ୍ତୀକାଳୀନ ସଂଯୋଜକ ପ୍ରକାଶ କରାଟ ଆହ୍ୱାନ ଦେଇଛନ୍ତି। ଆସନ୍ତୁ ଆମେ ଏକ ନୂତନ ଭାରତ ଗଠନ ପାଇଁ ଏକାଠି କାମ କରିବା। ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ଏବଂ ପ୍ରଗତିଶୀଳ ଧାରାରେ ଲୋକଙ୍କୁ ଗଣତନ୍ତ୍ର ଏବଂ ସମାଜବାଦ ଆଡ଼କୁ ନେଇଯିବା ବୋଲି ସେ ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧିତ କରି କରାଟ ଏଭଳି କହିଛନ୍ତି।

# ବିଧାନସଭାରେ କୋଶଳ ତାତି

**■ସମ୍ବଲପୁରୀ-କୋଶଳୀ ଭାଷାକୁ ଦ୍ୱିତୀୟ ରାଜ୍ୟ ଭାଷା ମାନ୍ୟତା ମିଳୁ**

**■ଶାସକ, ବିରୋଧୀଙ୍କ ଏକମତ**

ଭୁବନେଶ୍ୱର,୨।୪
(ରବିନାରାୟଣ ଜେନା)

ସମ୍ବଲପୁରୀ-କୋଶଳୀ ଭାଷାକୁ ଦ୍ୱିତୀୟ ରାଜ୍ୟ ଭାଷା ମାନ୍ୟତା ଦାବି ନେଇ ବୁଧବାର ବିଧାନସଭାରେ ତାତି ଜୋର୍ ଧରିଛି। କିଛିଦିନ ପୂର୍ବରୁ ଭାଜପାର ବରିଷ୍ଠ ସଦସ୍ୟ ଜୟନାରାୟଣ ମିଶ୍ର ଏହି ପରିପ୍ରେକ୍ଷୀରେ ମନ୍ତବ୍ୟ ଦେଇ ସାରା ରାଜ୍ୟରେ ଚର୍ଚ୍ଚାର ପରିଧି ଭିତରକୁ ଆସିଥିବାବେଳେ ବୁଧବାର ଗୃହ ଭିତରେ ବିରୋଧୀ ଓ ବାହାରେ ଶାସକ ଦଳ ସଭ୍ୟ ଏହି ସ୍ୱରକୁ ଶାଣିତ କରିଛନ୍ତି।

ବୁଧବାର ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ, ଭାଷା ହେଉଛି ଗୋଟିଏ ଅଞ୍ଚଳର ଆତ୍ମା। ଭାଷାକୁ ଛାଡ଼ି କୌଣସି ଅଞ୍ଚଳ ବଞ୍ଚିପାରିବ ନାହିଁ। ତେବେ ଗତ ମଙ୍ଗଳବାର ରାଜ୍ୟବ୍ୟାପୀ ଓଡ଼ିଶା ତଥା ଉତ୍କଳ ଦିବସ ମହାସମାରୋହରେ ପାଳିତ ହେଲା। ଯେଉଁ ସଂକଳ୍ପ ନେଇ ଓଡ଼ିଶା ଦିବସ ପାଳନ କରାଯାଉଛି ତାହା ସାର୍ଥକ ହେଉନାହିଁ। ରାଜ୍ୟର ୧୧ ଜିଲାର ଦେଢ଼କୋଟି ଲୋକ କୋଶଳୀ ଭାଷାରେ କଥାବାର୍ତ୍ତା ହେଉଛନ୍ତି। ଅନେକ ବର୍ଷ ହେବ ଏହି ଭାଷାକୁ ଅନ୍ୟତମ ରାଜ୍ୟ ଭାଷା ଭାବେ ମାନ୍ୟତା ଦେବାକୁ ଦାବି ହୋଇଆସୁଛି। ରାଜ୍ୟ ସରକାର ଏହାକୁ ସ୍ୱୀକୃତି ପ୍ରଦାନ କରନ୍ତୁ। ଏହି ଭାଷାରେ ରାମାୟଣ, ମହାଭାରତ, ହଜାର ହଜାର କବିତା ଓ କ୍ଷୁଦ୍ରଗଳ୍ପ ଲେଖାହୋଇଛି। ଏହି ଭାଷାର ନିଜସ୍ୱ ଅଭିଧାନ ମଧ୍ୟ ରହିଛି। ଏହି ଅଭିଧାନର ରଚୟିତା ସତ୍ୟନାରାୟଣ ବହିଦାରଙ୍କ ଜୟନ୍ତୀ ପାଳନ ହେଉଛି। ପଦ୍ମଶ୍ରୀ ହଳଧର ନାଗ କୋଶଳୀ ଭାଷାରେ ବହୁ ଗ୍ରନ୍ଥ ରଚନା କରିଛନ୍ତି। ସମ୍ବଲପୁରୀ ସଙ୍ଗୀତ 'ରଙ୍ଗବତୀ' ଗୀତ ସାରା ଭାରତରେ ଚର୍ଚ୍ଚିତ। ଦିଲ୍ଲୀରେ ଯେତେବେଳେ ସଙ୍ଗୀତ କାର୍ଯ୍ୟକ୍ରମରେ ରଙ୍ଗବତୀ ଗୀତ ବାଜେ ସମସ୍ତେ ଝୁମନ୍ତି। ସଂସଦରେ ମଧ୍ୟ ବର୍ତ୍ତମାନର ରାଜସ୍ୱ ମନ୍ତ୍ରୀ ତଥା ତତ୍କାଳୀନ ଏମ୍‌ପି ସୁରେଶ ପୂଜାରୀ ଏବଂ ମୁଁ ଏହି ପ୍ରସଙ୍ଗ ଉଠାଇ ଦାବି ରଖିଥିଲୁ ବୋଲି ପ୍ରସନ୍ନ କହିଛନ୍ତି।



ଏଥିସହ ସେ କହିଛନ୍ତି, ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ କୋଶଳୀ ଭାଷାକୁ ସ୍ଥାନିତ କରାଯାଉ। ସମ୍ବିଧାନର ନିୟମ ଅନୁଯାୟୀ, ରାଜ୍ୟ ସରକାର ଚାହିଁଲେ ଆଉ ଏକ ଭାଷାକୁ ମଧ୍ୟ ରାଜ୍ୟ ଭାଷାର ମାନ୍ୟତା ଦେଇପାରିବେ, ଏଥିପାଇଁ ସ୍ୱତନ୍ତ୍ର ପ୍ରାବଧାନ ଅଛି। ଏନେଇ ରାଜ୍ୟ ସରକାର କେନ୍ଦ୍ରକୁ ଆଉଥରେ ପ୍ରସ୍ତାବ ପଠାନ୍ତୁ। ଏହା ରାଜ୍ୟ ସରକାରଙ୍କ ପାଇଁ ଆହ୍ୱାନ। ଏଥିପାଇଁ କୌଣସି ଆଇନଗତ ବାଧା ନାହିଁ। ରାଷ୍ଟ୍ରପତିଙ୍କର ମଧ୍ୟ କ୍ଷମତା ଅଛି, ସେ ଚାହିଁଲେ ରାଜ୍ୟର ଦ୍ୱିତୀୟ ଭାଷା ପାଇଁ ନିର୍ଦ୍ଦେଶ ଦେଇପାରିବେ। ତେଣୁ କୋଶଳୀ ଭାଷାକୁ ଦ୍ୱିତୀୟ ରାଜ୍ୟ ଭାଷାର ମାନ୍ୟତା ଦିଆଯାଉ। ନଚେତ୍ ପାକିସ୍ତାନରେ ଯେଭଳି ଭାଷାଗତ ବିଭେଦତାକୁ ନେଇ ଦୁଇଟି ଦେଶ ସୃଷ୍ଟିହେଲା, ୨୦ରୁ ୨୫ ବର୍ଷ ପରେ ଓଡ଼ିଶାରେ ସେହିଭଳି ପରିସ୍ଥିତି ଉପୁଜିପାରେ ବୋଲି ପ୍ରସନ୍ନ କହିଥିଲେ।

ପରେ ଏହି ଦାବିକୁ ସମର୍ଥନ ଜଣାଇ ବିଜେଡି ସଦସ୍ୟ ଦିବ୍ୟଶଙ୍କର ମିଶ୍ର କହିଥିଲେ, କିଛିଦିନ ପୂର୍ବରୁ କେନ୍ଦ୍ର ସରକାର ୫ଟି ଭାଷାକୁ ମାନ୍ୟତା ଦେଇଛନ୍ତି। ଆସାମ, ମହାରାଷ୍ଟ୍ର ଓ ବିହାର ଭଳି ରାଜ୍ୟରେ ଦୁଇଟି ଭାଷାକୁ ରାଜ୍ୟ ଭାଷା ମାନ୍ୟତା ଦିଆଯାଇଛି। ତେଣୁ ରାଜ୍ୟ ସରକାର ଏନେଇ ପଦକ୍ଷେପ ଗ୍ରହଣ କରନ୍ତୁ। ଯଥାଶୀଘ୍ର କୋଶଳୀ ଭାଷାକୁ ରାଜ୍ୟ ଭାଷା ମାନ୍ୟତା ପ୍ରଦାନ କରନ୍ତୁ ବୋଲି ସେ କହିଥିଲେ।

ସେହିପରି ଗୃହ ବାହାରେ ଭାଜପା ସଦସ୍ୟ ଇରାଶିଷ ଆଚାର୍ଯ୍ୟ ଗଣମାଧ୍ୟମକୁ କହିଥିଲେ, ସମ୍ବଲପୁରୀ-କୋଶଳୀ ଭାଷାକୁ ଦ୍ୱିତୀୟ ରାଜ୍ୟ ଭାଷାର ମାନ୍ୟତା ଦେବାରେ କୌଣସି ଅସୁବିଧା ନାହିଁ।

# ଅନାସ୍ଥା ସପକ୍ଷରେ ୨୦ କାଉନସିଲରଙ୍କ ଭୋଟ



ଅନାସ୍ଥା ସପକ୍ଷରେ ଭୋଟ ଦେଇଥିବା କାଉନସିଲରମାନେ।

**ବ୍ୟାସନଗର ପୌରାଧ୍ୟକ୍ଷାଙ୍କୁ ବିରୋଧ**

**■୬ ଜଣ କାଉନସିଲର ଅନୁପସ୍ଥିତ**

**■ହାଇକୋର୍ଟରେ ମାମଲା, ଝୁଲି ରହିଲା ବିଜ୍ଞପ୍ତି**

ଯାଜପୁର/ଯାଜପୁର ରୋଡ୍ (ହର୍ଷବର୍ଦ୍ଧନ ବେହେରା/ ପବିତ୍ର ରଞ୍ଜନ ମହାନ୍ତି),୨।୪

ବ୍ୟାସନଗର ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆଙ୍କ ବିରୋଧରେ ବୁଧବାର ଅନାସ୍ଥା ଭୋଟ ଗ୍ରହଣ କରାଯାଇଛି। ୨୬ ଜଣ କାଉନସିଲରଙ୍କ ମଧ୍ୟରୁ ୨୦ ଜଣ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ମତଦାନ କରିଛନ୍ତି। ଅନ୍ୟ ୬ ଜଣ କାଉନସିଲର ଅନୁପସ୍ଥିତ ଥିଲେ। ତେବେ ପୌରାଧ୍ୟକ୍ଷା ସଙ୍ଗୀତାଙ୍କ ହାଇକୋର୍ଟରେ ଡବ୍ଲ୍ୟୁପିସି ନମ୍ବର ୮୪୬୬/୨୦୨୫ ଏବଂ ଆଇଏ ନମ୍ବର ୪୮୯୦/୨୦୨୫ରେ ଏକ ମାମଲା ବିଚାରାଧୀନ ଥିବାରୁ ପୌର ପ୍ରଶାସନର ନିର୍ଦ୍ଦେଶକଙ୍କ ବିଜ୍ଞପ୍ତି ଝୁଲି ରହିପାରେ ବୋଲି ସୂଚନା ମିଳିଛି। ଆସନ୍ତା ୧୫ ତାରିଖରେ ପରବର୍ତ୍ତୀ ଶୁଣାଣିରେ ଚୂଡ଼ାନ୍ତ ନିଷ୍ପତ୍ତି ହେବାର ସମ୍ଭାବନା ରହିଛି। ଅନ୍ୟପକ୍ଷେ ପୌରାଧ୍ୟକ୍ଷା ସଙ୍ଗୀତା ପଦବୀ ହରାଇବା ନିଶ୍ଚିତ ବୋଲି କାଉନସିଲରମାନେ ଆଶାବ୍ୟକ୍ତ କରିଛନ୍ତି। ଏଠାରେ ବିଜେଡିରୁ ନିର୍ବାଚିତ ପୌରାଧ୍ୟକ୍ଷାଙ୍କୁ ଅଧିକାଂଶ ଦଳୀୟ କାଉନସିଲର ଅନାସ୍ଥା ସପକ୍ଷରେ ଭୋଟ ଦେଇଥିବାରୁ ବିଜେଡିର ଭିତିରିଆ କଳି ପଦାରେ ପଡିଛି।

ଗତ ପ୍ରାୟ ୨ ମାସ ହେବ ବ୍ୟାସନଗର ପୌରପରିଷଦରେ ରାଜନୈତିକ ଛକାପଞ୍ଝା ଲାଗି ରହିଥିଲା। ବିଜେଡିରୁ ପ୍ରାର୍ଥୀ ହୋଇ ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବା ଭାବେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ ଅନାସ୍ଥା ମତଦାନର ଅଧ୍ୟକ୍ଷତା ଓ ପରିଚାଳନା କରିଥିଲେ। ମ୍ୟୁନିସିପାଲ ଆଇନ ୧୯୫୦ ଧାରା ୫୪ ଅନୁଯାୟୀ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଦୁଇ ତୃତୀୟାଂଶ ମତ ଗୃହୀତ ହେଲେ ତାହା କାଏମ ରହିବାର ବ୍ୟବସ୍ଥା ରହିଛି। ତେଣୁ ୨୦ ଜଣ ଏହାର ସପକ୍ଷରେ ମତଦାନ କରିଥିବାରୁ ଅତିରିକ୍ତ ଜିଲାପାଳ ପୌର ପ୍ରଶାସନର ନିର୍ଦ୍ଦେଶକଙ୍କୁ ରିପୋର୍ଟ ପ୍ରେରଣ କରିଛନ୍ତି। ମୋଟ ୨୬ ଜଣ କାଉନସିଲରଙ୍କ ମଧ୍ୟରୁ ଚୁନିଆ ନାୟକ, ମଣୀନ୍ଦ୍ର କୁମାର ସାହୁ, ରଶ୍ମିତା ରାଉତ, ଭରତ ଓଝା, ସରୋଜିନୀ ସେଠୀ ଓ ଅଶୋକ କୁମାର ରାଉତ ଅନୁପସ୍ଥିତ ଥିଲେ। ଅନ୍ୟପକ୍ଷେ ବିଜୟ କୁମାର ଜେନା, କୁମାରୀ କୁନି ହାଁସଦା, ସରୋଜିନୀ ନାୟକ, ରଶ୍ମିତା ଖୁଣ୍ଟିଆ, ମୋନାଲିସା ସାହୁ, ସୁଜାତା ପ୍ରିୟଦର୍ଶିନୀ ପରିଡା, ଅଶୋକ କୁମାର ଦାସ, ସରିତା ଜେନା, ସନ୍ତୋଷ କୁମାର ବରାଳ, ବୁଦ୍ଧୁନି ଦରାଇ, ସିଦ୍ଧାର୍ଥ ଶଙ୍କର ସାମଲ, ସୁବାସ ଚନ୍ଦ୍ର ବଳ, ଶିବାନନ୍ଦ ନାୟକ, ଅନ୍ନପୂର୍ଣ୍ଣା ତରାଇ, ଅରୁନ୍ଧତୀ ପରିଡା, ଉର୍ମିଳା ପରିଡା, ସଙ୍ଗୀତାଙ୍କୁ ତାଙ୍କ ଦଳର କାଉନସିଲରମାନେ ବିରୋଧ କରି ଆସୁଥିଲେ। ଏଥିରେ ଅନ୍ୟ ଦଳର କାଉନସିଲରମାନେ ମଧ୍ୟ ସମର୍ଥନ କରୁଥିଲେ। ବିଜେଡିର ଏହି ଭିତିରି କଳି ନବୀନ ନିବାସ ପର୍ଯ୍ୟନ୍ତ ଯାଇଥିଲା। ଶେଷରେ ସହରର ବିକାଶ ପ୍ରତି ଧ୍ୟାନ ନ ଦେଇ କେବଳ ମନମାନିଶାସନ ଚଳାଇଥିବା ଅଭିଯୋଗ କରି କାଉନସିଲରମାନେ ତାଙ୍କ ବିରୋଧରେ ମାର୍ଚ୍ଚ ୬ରେ ଅନାସ୍ଥା ପ୍ରସ୍ତାବ ଲାଗି ଆବେଦନ କରିଥିଲେ। ଏହିକ୍ରମରେ ବୁଧବାର ପୂର୍ବାହ୍ନ ୧୧ଟାରେ ଭୋଟ ଗ୍ରହଣ କରାଯାଇ ଅପରାହ୍ନ ୨ଟାରେ ଗଣତି ହୋଇଥିଲା। ହେଲେ ଫଳାଫଳ ରିପୋର୍ଟ ଦେବାରେ ବିଳମ୍ବ କରିବାରୁ ବାହାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶେଷରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅପରାହ୍ନ ୩ଟା ପରେ ଫଳାଫଳ ଘୋଷଣା କରାଯାଇଥିଲା। ପ୍ରିଜାଇଡିଂ ଅଫିସର କୁମୁଦିନୀ ରାଉତ, ପାର୍ଥସାରଥି ନାୟକ, ଦିଲ୍ଲୀପ ସେଠୀ ଓ ରବୀନ୍ଦ୍ର କୁମାର ରାଉତ ଅନାସ୍ଥା ସପକ୍ଷରେ ମତଦାନ କରିଥିଲେ।

ବ୍ୟାସନଗର ପୌର ପରିଷଦର ଅତୀତକୁ ଅବଲୋକନ କଲେ ୨୦୧୩ରୁ ଏହା ୪ର୍ଥ ଥର ଅନାସ୍ଥା ପ୍ରସ୍ତାବ ଆଗତ ହୋଇଛି। କୌଣସି ଅନାସ୍ଥା ପ୍ରସ୍ତାବରେ ପୌରାଧ୍ୟକ୍ଷାଙ୍କ ପଦବୀ ଯାଇ ନ ଥିବାବେଳେ ଏଥର ପଦବୀ ହରାଇବା ପ୍ରାୟ ସୁନିଶ୍ଚିତ ହୋଇଛି। ଏ ନେଇ ପୌରାଧ୍ୟକ୍ଷା ସଙ୍ଗୀତା କହିଛନ୍ତି, ସେ ଜଣେ ଆଦିବାସୀ ମହିଳା ହୋଇଥିବାରୁ ବ୍ୟାସନଗର ପୌର ପରିଷଦ ପରିଚାଳନା କରିବା କେତେଜଣ ନେତାଙ୍କୁ ହଜମ ହେଲାନି। ତାଙ୍କୁ ପଦବୀରୁ ହଟାଇବାକୁ ଷଡ଼ଯନ୍ତ୍ର କରାଯାଇଛି। ଆରମ୍ଭରୁ ରବର ଷ୍ଟାମ୍ପ ଭଳି ବ୍ୟବହାର କରିବାକୁ ଉଦ୍ୟମ କରାଗଲା ଏବଂ ସେ ସେଥିରେ ଅରାଜି ହେବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଲା। ଏହାବାଦ୍ କୋରେଇ ବିଜେଡିର ଏକାଧିକ ମୁରବି ଥିବାରୁ କେହି ନିଷ୍ପତ୍ତି ନେଇ ପାରି ନ ଥିଲେ। ଏଥିପାଇଁ କୋରେଇ ବିଜେଡିର କେତେଜଣ ନେତାଙ୍କୁ ସଙ୍ଗୀତା ଦାୟୀ କରିଛନ୍ତି।

# ଲୋକଙ୍କ ସହ ଯୋଡ଼ିହୁଅ: ମନମୋହନ

ବଲାଙ୍ଗୀର,୨।୪ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ଭାଜପା ସାଙ୍ଗଠନିକ ବୈଠକ ବୁଧବାର ପଥରଚେପାସ୍ଥିତ ଜିଲା ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା ସଭାପତି ଶ୍ରୀବତ୍ସ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଙ୍ଗଠନିକ ବୈଠକରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଯୋଗ ଦେଇଥିଲେ। ଏହି ବୈଠକରେ ଭାଜପା ପୂର୍ବତନ ଜିଲା ସଭାପତି ତଥା ସଙ୍ଗଠକ ଶିବାଜୀ ମହାନ୍ତି, ବରିଷ୍ଠ ଭାଜପା ନେତା ଗୋପାଳଜୀ ପାଣିଗ୍ରାହୀ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଅମିତ ସିଂ ନିନା ପରିଚାଳନା କରିଥିଲେ। ବୁଥ ସ୍ତରରୁ ଜିଲାସ୍ତର ପର୍ଯ୍ୟନ୍ତ କିଭଳି ଭାଜପା ସଙ୍ଗଠନକୁ ସୁଦୃଢ଼ କରିବା ଏବଂ ଜନସାଧାରଣଙ୍କ ସହ ମିଶି ସଚେତନତାମୂଳକ କାର୍ଯ୍ୟ କରିବା ସେ ଉପରେ ଆଲୋଚନା ହୋଇଥିଲା। ରାଜ୍ୟ ସଭାପତି ସାମଲ ଭାଜପା କାର୍ଯ୍ୟକର୍ତ୍ତା ଓ କର୍ମୀଙ୍କୁ ସାଙ୍ଗଠନିକ ମୂଳଦୁଆକୁ ସୁଦୃଢ଼ କରିବା ମନ୍ତ୍ର ଦେଇଥିଲେ। ଲୋକଙ୍କ ସହ ଯୋଡି ହେବାକୁ ପରାମର୍ଶ ଦେବା ସହ ଭାଜପା ଆଗାମୀ ଦିନରେ କିଭଳି ସମାଜ ନିର୍ମାଣ କାର୍ଯ୍ୟକୁ ଗୁରୁତ୍ୱ ଦେଉଛି କହିଥିଲେ। ଆଗାମୀ ଦୁଇଟି ପକ୍ଷରେ ସାଙ୍ଗଠନିକ ଓ ସଚେତନତାମୂଳକ କାର୍ଯ୍ୟ କରିବା ଉପରେ ସୂଚନା ଦେଇ ସେ ଏପ୍ରିଲ ୨ରୁ ୧୪ ତାରିଖ ପ୍ରଥମ ପକ୍ଷ ଏବଂ ୧୫ରୁ ୩୦ ତାରିଖ ଦ୍ୱିତୀୟ ପକ୍ଷ ପାଳନ କରାଯିବ ବୋଲି ସେ କହିଥିଲେ ।


**Classified Everyday**
**0674-2580101, 9692975378**



REAL ESTATE

**SALE**

**Building for sale 70,000 sqft. with land area 11 acre of land near Brahmapur, Ganjam for Hospital/College/ School. Contact No- 8260780200.** D-76806





**Newly opened spa in puri. Professional body massage available. 9861984834.** D-3394

**AFFIDAVIT**

I, NIRANJAN SAMANTARAY, S/o- Gagan Chandra Samantray, resident of At- Flat No.- 303, Block- A, Nageswar Residency, Kalarahanga, Bhubaneswar, Urban, Odisha, India, PIN-751024 declare by this affidavit No.- 656 dtd. 02.04.2025 that now onwards I shall be known as NIRANJAN SAMANTRAY for all future purposes. D-009

By virtue an affidavit sworn before Executive Magistrate, Dhenkanal, dtd. 11.03.2025, No.- 1783 I, Sumitra Moharana, W/o- Laxmidhar Moharana, Village- Solagadia, Post.- Lethaka, P.S.- Nihalprasad, Dist.- Dhenkanal (Odisha)- 759016, declare that I have changed my name from Rama Moharana to Sumitra Moharana. Henceforth, I shall be known as SUMITRA MOHARANA for all purposes.
Sumitra Moharana
D-73586

ମୁଁ, ମଞ୍ଜୁଲତା ବେହେରା, ସ୍ୱାମୀ- ନରେନ୍ଦ୍ର କୁମାର ବେହେରା, ପ୍ଲଟ୍ ନଂ- ୪୪୯, କ୍ରିଷ୍ଣାପୁରୀ, ପୋଷ୍ଟ- ମଳିପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୧୦୦୩, ଓଡ଼ିଶା ନିବାସୀ, ଏହି ସତ୍ୟପାଠ ସି.ଏଫ୍.ନମ୍ବର ୫୬, ତାରିଖ ୧୨।୧୧।୨୪ରେ ଘୋଷଣା କରୁଛି ଯେ, ଏବେଠାରୁ ମୁଁ ଭବିଷ୍ୟତର ସମସ୍ତ ଉଦ୍ଦେଶ୍ୟ ପାଇଁ ମଞ୍ଜୁଲତା ପଣ୍ଡିତ ଭାବରେ ପରିଚିତ ହେବି। ଧ-୦୦୭

ମୁଁ, ନରେନ୍ଦ୍ର ବେହେରା, ପିତା- ସ୍ୱର୍ଗତ ଯଦୁନାଥ ବେହେରା, ପ୍ଲଟ୍ ନଂ- ୪୪୯, କ୍ରିଷ୍ଣାପୁରୀ, ପୋଷ୍ଟ- ମଳିପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୧୦୦୩, ଓଡ଼ିଶା ନିବାସୀ, ଏହି ଶପଥପତ୍ର ସି.ଏଫ୍.ନମ୍ବର ୫୫ ତାରିଖ ୧୨।୧୧।୨୪ରେ ଘୋଷଣା କରୁଛି ଯେ, ଭବିଷ୍ୟତର ସମସ୍ତ ଉଦ୍ଦେଶ୍ୟ ପାଇଁ ମୁଁ ନରେନ୍ଦ୍ର କୁମାର ବେହେରା ଭାବରେ ପରିଚିତ ହେବି। ଧ-୦୦୬

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

I, Jena Amartya, S/o- Pravakar Jena, resident of Ward No.- 18, Pandara Square, Rasulgarh, P.O./P.S.- Mancheswar, Dist.-Khorda, PIN- 751025 Odisha declare by this affidavit No.- 82 Dtd.- 02.04.2025 that now onwards I shall be known as J Amartya for all future purposes. D-010

By virtue of an affidavit before Executive Magistrate, Sadar, Cuttack on dtd. 02.04.2025 I, Sri Shubham Sahoo, S/o- Pranakrushna Sahoo, Dadhapatna, Barang, Cuttack declare that I have changed my name from Shubham Sahoo to Pritish Ranjan Sahoo. Henceforth, I shall be known as Pritish Ranjan Sahoo for all purpose.
D-011

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ପ୍ରଥମ ବର୍ଷ ଶ୍ରାଦ୍ଧବାର୍ଷିକୀ**



**୰ପ୍ରବୀଣା କାନୁନ୍‌ଗୋ**
ସ୍ୱାମୀ- ପ୍ରିୟରଞ୍ଜନ କାନୁନ୍‌ଗୋ
ଦଇତାପଡ଼ା ସାହି, ପୁରୀ
ଆପଣଙ୍କର ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମ୍ଭପାଇଁ ଚିରସ୍ମରଣୀୟ ହୋଇ ରହିବ। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:- ସ୍ୱାମୀ, ଝିଅ- ରୋଜାଲିନ୍, ଶ୍ୱେତାଲିନ୍, ଜ୍ୱାଇଁ- ଦେବେନ୍ଦ୍ର, ପ୍ରଶାନ୍ତ, ନାତି- ଶୁଭ, ସତ୍ୟମ୍, ନାତୁଣୀ- ଶ୍ରୀ ଏବଂ ପରିବାରବର୍ଗ।
ଧ-୦୦୨

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



# ଚିନ୍ତା କରୁଛନ୍ତି ମୃଣାଳ

ମୃଣାଳ ଠାକୁର ଏବେ ଦୋଛକିରେ ପଡ଼ିଛନ୍ତି। ଯେତେବେଳେ ଅଫରଟି ମିଳିଲା ସେ ହଁ ଭରିଥିଲେ। ଏପରିକି ଏଭଳି ରୋଲ୍ ପାଇଁ ପ୍ରସ୍ତୁତି ଆରମ୍ଭ ମଧ୍ୟ କରିଦେଇଥିଲେ। ହେଲେ କେତୋଟି ବିଷୟକୁ ନେଇ ପ୍ରଯୋଜନା ସଂସ୍ଥା ଏବଂ ତାଙ୍କ ଭିତରେ ତୁ ତୁ ମେଁ ମେଁ ଜାରି ରହିଛି। କଥା କ'ଣ କି ନିକଟରେ ମୃଣାଳଙ୍କୁ ଏକ ନୂଆ ସିନେମାରେ ଅଭିନୟ କରିବାକୁ ଅଫର ମିଳିଥିଲା। ହେଲେ ଏହାର କାହାଣୀକୁ ନେଇ ତାଙ୍କ ମନରେ କେତେକ ପ୍ରଶ୍ନ ସୃଷ୍ଟି ହୋଇଥିଲା। କେବଳ ସେତିକି ନୁହେଁ, ଏଥିରେ ନିଜ ଭୂମିକାଟି ଆହୁରି ଦମଦାର ହେଉ ବୋଲି ସେ ପ୍ରଯୋଜକଙ୍କୁ ପ୍ରସ୍ତାବ ଦେଇଥିଲେ। ଏ ନେଇ ଚିନ୍ତା କରାଯାଉଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ତାଙ୍କୁ ସୂଚନା ଦିଆଯାଇଛି। ଆଉ ତା'ପରେ ଏହି ଅଫରକୁ ନେଇ ଦୋଛକିରେ ପଡ଼ିଛନ୍ତି ମୃଣାଳ। ''ଯଦି ଦୁଇ ସପ୍ତାହ ଭିତରେ ମୋତେ କିଛି ଫାଇନାଲ ସୂଚନା ନ ମିଳେ ତେବେ ଏହି ଅଫରକୁ ମୁଁ ହାତଛଡ଼ା କରିପାରେ ବୋଲି କହନ୍ତି ମୃଣାଳ।'' ଏଭଳି ଅଫରକୁ ସେ ଗ୍ରହଣ କରୁଛନ୍ତି ନା ହାତଛଡ଼ା କରୁଛନ୍ତି ତାହା ଜାଣିବାକୁ ନିଶ୍ଚୟ ଅପେକ୍ଷା କରିବାକୁ ପଡ଼ିବ।

# 'ଅନାମ'ରୁ ଆରମ୍ଭ

ବଲିଉଡ୍‌ର ଅନ୍ୟତମ ଆଗଧାଡ଼ିର କୋରିଓଗ୍ରାଫର ଭାବରେ ପରିଗଣିତ ହୁଅନ୍ତି ଗଣେଶ ଆଚାର୍ଯ୍ୟ। କୋରିଓଗ୍ରାଫର ଭାବରେ ନିଜକୁ ପରିଚିତ କରାଇବା ପୂର୍ବରୁ ତାଙ୍କୁ ଅନେକ ପରିଶ୍ରମ କରିବାକୁ ପଡ଼ିଥିଲା। ମାତ୍ର ୧୧ ବର୍ଷ ବୟସରେ ବାପାଙ୍କର ମୃତ୍ୟୁ ହେବା ପରେ ପରିବାର ଚଳାଇବାକୁ ତାଙ୍କୁ ଘର ଛାଡ଼ିବାକୁ ପଡ଼ିଥିଲା। ନିଜ ଉପରେ ଶତ ପ୍ରତିଶତ ଭରସା ରଖି ମାତ୍ର ୧୨ ବର୍ଷ ବୟସ୍କ ଗଣେଶ ସେତେବେଳେ ନିଜସ୍ୱ ଏକ ଡ୍ୟାନ୍ସ ଏକାଡେମୀ ପ୍ରତିଷ୍ଠା କରିଥିଲେ। ୧୯୯୨ରେ ନିର୍ମିତ 'ଅନାମ' ଫିଲ୍ମରେ ତାଙ୍କୁ କୋରିଓଗ୍ରାଫର ଭାବରେ ବ୍ରେକ୍ ମିଳିଥିଲା। ୨୦୧୨ରେ ନିର୍ମିତ 'ଅଗ୍ନିପଥ'ର 'ଚିକ୍‌ନି ଚମେଲି' ଗୀତ ତାଙ୍କ କୋରିଓଗ୍ରାଫି କ୍ୟାରିୟରକୁ ଏକ ନୂଆ ମୋଡ଼ ଦେଇଥିଲା। ଏହି ଗୀତଟି କ୍ୟାଟ୍ରିନା କୈଫଙ୍କୁ ନେଇ ଦୃଶ୍ୟାୟିତ ହୋଇଥିଲା। ଗଣେଶଙ୍କ କୋରିଓଗ୍ରାଫିରେ ନିର୍ମିତ ପ୍ରମୁଖ ସିନେମାଗୁଡ଼ିକ ମଧ୍ୟରେ ରହିଛି 'ସନମ ରେ', 'ବାଗୀ', 'ଟୟଲେଟ୍-ଏକ ପ୍ରେମ କଥା' (ଶ୍ରେଷ୍ଠ କୋରିଓଗ୍ରାଫର, ଜାତୀୟ ଚଳଚ୍ଚିତ୍ର ପୁରସ୍କାର), 'ଜୁଡ଼ୱା-୨', 'ବାଗୀ-୨', 'କେଜିଏଫ : ଚାପ୍ଟର-୧ (ହିନ୍ଦୀ ଭର୍ସନ), 'ସିମ୍ବା', 'କୁଲି ନଂ ୱାନ', 'ପୁଷ୍ପା: ଦ ରାଇଜ' ଏବଂ 'ବ୍ରହ୍ମାସ୍ତ୍ର'। ତାଙ୍କ ମନ ପସନ୍ଦର ଅଭିନେତା ହେଉଛନ୍ତି ଗୋବିନ୍ଦା ଏବଂ ଅଭିନେତ୍ରୀ ହେଉଛନ୍ତି ମାଧୁରୀ ଦୀକ୍ଷିତ। କେବଳ ଜଣେ କୋରିଓଗ୍ରାଫର ନୁହନ୍ତି ଗଣେଶ ମଧ୍ୟ କେତୋଟି ସିନେମାର ନିର୍ଦ୍ଦେଶନା ଦେବା ସହ ଅଭିନୟ ମଧ୍ୟ କରିଛନ୍ତି।


ଗଣେଶ ଆଚାର୍ଯ୍ୟ

## ରିଲିଜ ଅପେକ୍ଷାରେ

# ଦେବାଶିଷ ଯାହା ଚାହୁଁଥିଲେ...

ବେଳେବେଳେ ମଣିଷ ଯାହା ଚାହୁଁଥାଏ ତାହା ହାତ ପାଆନ୍ତାରେ ମିଳିଯାଏ। ଦେଖୁନାହାନ୍ତି, ନିଜ ମନ ପସନ୍ଦର ଆଉ ଏକ ଭୂମିକା ପାଇବା ପରେ ଦେବାଶିଷ ପାତ୍ର କେମିତି ଖୁସିରେ ଉଚ୍ଛୁଳୁଛନ୍ତି। ରିଲିଜ ଅପେକ୍ଷାରେ ରହିଥିବା ନୂଆ ଓଡ଼ିଆ ସିନେମା 'ଗଣ୍ଡ ଭୈରବ'ରେ ସେ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି। ଆଉ ଏଭଳି ଏକ ଭିନ୍ନ ଧରଣର ଚରିତ୍ରଟିଏ ପାଇବା ପରେ ତାହାର ସଫଳତାକୁ ନେଇ ଢେର୍ ଆଶା ବାନ୍ଧିଛନ୍ତି ଏହି ଅଭିନେତା। ଆଗଧାଡ଼ିର ନାଟ୍ୟକାର ଶଙ୍କର ତ୍ରିପାଠୀ ଏହାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି। ଆର୍.ଆର୍. ଇଭେଣ୍ଟସ ଆଣ୍ଡ୍ ସିନେ ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ଏହି ଫିଲ୍ମକୁ ପ୍ରଯୋଜନା କରିଛନ୍ତି ରମେଶ ବାରିକ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବିଶିଷ୍ଟ ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ। ଏ ସମ୍ପର୍କରେ ଦେବାଶିଷ କହନ୍ତି, ''ଏଭଳି ଏକ ଭୂମିକାଟିଏ ପାଇବା ପରେ ମୁଁ କେତେ ଖୁସି ହୋଇଥିଲି ତାହା ବର୍ଣ୍ଣନା କରିପାରିବି ନାହିଁ। ପୁଣି ସୁଧାଂଶୁ ସାର୍‌ଙ୍କ ପରି ନିର୍ଦ୍ଦେଶକଙ୍କ ସହ କାମ କରିବା ଭାଗ୍ୟରେ ଥିଲେ ମିଳେ। ଏହି ଚରିତ୍ରରେ କ'ଣ ରହିଛି ତାହା ଫିଲ୍ମଟିକୁ ଦେଖିଲେ ହିଁ ଜାଣିପାରିବେ।'' ଡା. ନିର୍ମଳ ନାୟକ, ଜେ.ପି. ୱାର୍ଡସ୍ମିଥ ଏବଂ ବାପୁ ଗୋସ୍ୱାମୀଙ୍କ ରଚିତ ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ଗୌରବ ଆନନ୍ଦ। ଏଥିରେ ଦେବଶିଷଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରିଛନ୍ତି ଶିବାନୀ ସଙ୍ଗୀତା। ଏମାନଙ୍କ ବ୍ୟତୀତ ଅନନ୍ୟା ମିଶ୍ର, ଚୌଧୁରୀ ବିକାଶ ଦାସ, କେକେ, ପୃଥ୍ୱୀରାଜ, ସୋମା ଭୌମିକ ପ୍ରମୁଖ କଳାକାରଙ୍କୁ ମଧ୍ୟ ଦେଖିବାକୁ ମିଳିବ।


'ଗଣ୍ଡ ଭୈରବ' ଫିଲ୍ମରେ ଦେବାଶିଷ

# ସରକାରୀ କ୍ୱାର୍ଟର


ପୁପିନ୍ଦର

ଅନେକେ ସରକାରୀ କ୍ୱାର୍ଟରଟିଏ ଚାହିଁଥାଆନ୍ତି। ଏହା ପଛରେ ତ ଅନେକ କାରଣ ରହିଛି। କିନ୍ତୁ ସରକାରୀ କ୍ୱାର୍ଟରଟିଏ କରିବା ପରେ ଜଣେ କିଭଳି ପରିସ୍ଥିତିର ସାମ୍ନା କରୁଛି ତାହାକୁ ଉକ୍ତ ସିନେମାରେ ବେଶ୍ ସୁନ୍ଦର ଭାବରେ ଉପସ୍ଥାପନା କରାଯାଇଛି। ସିନେମାଟିର ଟାଇଟଲ ରହିଛି 'ସରକାରୀ କ୍ୱାର୍ଟର'। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଅଶୋକ କୁମାର ବେହେରା। କାହାଣୀ ରଚନା କରିଛନ୍ତି ଶିବାନୀ ବେହେରା। ଖାସ୍ କଥା ହେଲା ଏହାର ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିବା ସହ ନିର୍ଦ୍ଦେଶନା ପରି ଗୁରୁଦାୟିତ୍ୱ ତୁଲାଇଛନ୍ତି 'ଯୋଗୀ' ଫେମ୍ ନିରଞ୍ଜନ ବେହେରା। ଏ ସମ୍ପର୍କରେ ସେ କହନ୍ତି, ''ସରକାରୀ କ୍ୱାର୍ଟରକୁ ନେଇ ଏହି ଫିଲ୍ମର କାହାଣୀ କି ମୋଡ ନେଉଛି ତାହା ଦର୍ଶକ ଦେଖିଲେ ହିଁ ଜାଣିପାରିବେ। ଏହାର କାହାଣୀକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଶୁଟିଂ ସମୟରେ ସମସ୍ତେ ଚେଷ୍ଟା କରିଛନ୍ତି। ଆଶା ରଖିଛି ଦର୍ଶକ ଆମର ପରିଶ୍ରମର ମୂଲ୍ୟ ନିଶ୍ଚୟ ବୁଝିବେ।'' ଏହାର ଟାଇଟଲ ଭୂମିକାରେ ଅଭିନୟ କରଛନ୍ତି ପୁପିନ୍ଦର। ସବୁଠାରୁ ଖାସ୍ କଥା ହେଲା, ଅପେରା ଜଗତର ବିଶିଷ୍ଟ ଅଭିନେତା ବାପି ପଣ୍ଡା ପ୍ରଥମ ଥର ପାଇଁ ଓଡ଼ିଆ ସିନେମାରେ ଅଭିନୟ କରିବାକୁ ଯାଉଛନ୍ତି। ଅଭିଷେକ ରଥ, ତନୁଶ୍ରୀ, ପ୍ରଦ୍ୟୁମ୍ନ ଲେଙ୍କା ଏବଂ ବୁଲୁ ପଣ୍ଡା ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଚିତ୍ରଟି ଖୁବ୍ ଶୀଘ୍ର ପରଦା ଉପରକୁ ଆସିବ ବୋଲି ସୂଚନା ଦେଇଛନ୍ତି ନିରଞ୍ଜନ।

# ରାକେଟ୍

ଅପରାଧୀଙ୍କ ପାଇଁ ଆଇନ କାନୁନ ଯେତିକି ଦୃଢ଼ ହେଉଛି ସେହି ଅନୁସାରେ ସେମାନେ ନିଜର କାୟା ବିସ୍ତାର କରୁଛନ୍ତି। ଦିନକୁ ଦିନ ସମାଜରେ ବିଭିନ୍ନ ପ୍ରକାର ଅପରାଧ ବଢ଼ିଚାଲିଛି କହିଲେ ଆଦୌ ଭୁଲ୍ ହେବ ନାହିଁ। ଏହା କେବଳ ରାଜ୍ୟ କିମ୍ବା ଦେଶ ଭିତରେ ସୀମିତ ନାହିଁ କେତେକ ଅପରାଧର ଚେର ବିଦେଶ ପର୍ଯ୍ୟନ୍ତ ଲମ୍ବିଥିବାର ଅନେକ ନଜୀର ରହିଛି। ଏବେ ବିଭିନ୍ନ ପ୍ରକାର ରାକେଟ୍ କାମ କରୁଛି। ଏଭଳି ଏକ ବଡ଼ ତଥା ଚାଞ୍ଚଲ୍ୟକର ରାକେଟକୁ ନେଇ ନିର୍ମିତ ହୋଇଛି ଏକ ଓଡ଼ିଆ ସିନେମା। ଏହାର ଟାଇଟଲ ରହିଛି 'ରାକେଟ୍'। ଚଳିତ ମାସ ୨୫ ତାରିଖରେ ଦର୍ଶକମାନେ ଏହି ଫିଲ୍ମଟିକୁ ବଡ଼ ପରଦାରେ ଦେଖିବାକୁ ପାଇବେ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରୀ ମୋସନ ପିକ୍ଚର୍ସ ବ୍ୟାନରରେ ପ୍ରସ୍ତୁତ ଉକ୍ତ ଚିତ୍ରର ପ୍ରଯୋଜନା କରିଛନ୍ତି ଶ୍ରୀଲେଖା ପଣ୍ଡା। ନିର୍ଦ୍ଦେଶନା ଦେଇଛନ୍ତି ଯୁବ ନିର୍ଦ୍ଦେଶକ ସଂଗ୍ରାମ ମହାନ୍ତି। କାହାଣୀ ରଚନା କରିଛନ୍ତି ହେମନ୍ତ ପାତ୍ର। ସଂଳାପ ରଚନା କରିଛନ୍ତି ବିଜୟ ମଲ୍ଲ। କ୍ୟାମେରାରେ ଦାୟିତ୍ୱ ତୁଲାଇଛନ୍ତି ଆର୍. ଭଗତ ସିଂ ଏବଂ ସମ୍ପାଦନାରେ ଅଛନ୍ତି ସୁକୁମାର ମଣି। ବିଜୟ ମଲ୍ଲ, ଅରୁଣ ମନ୍ତ୍ରୀ ଓ ବସନ୍ତରାଜ ସାମଲଙ୍କ ଗୀତକୁ ସଙ୍ଗୀତରେ ସଜେଇଛନ୍ତି ଆଗଧାଡ଼ିର ସ୍ୱର ସଂଯୋଜକ ପ୍ରେମ ଆନନ୍ଦ। କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଦୀପ୍ତିରେଖା ପାଢ଼ୀ, ଶିବାଶିଷ ମିଶ୍ର, ଶ୍ରୀଚରଣ, ଅନନ୍ୟା ଶ୍ରୀତମ ନନ୍ଦ, ପ୍ରଜ୍ଞା ଓ ନିଶାନ୍ତ ମିଶ୍ର। କୋରିଓଗ୍ରାଫିରେ ଅଛନ୍ତି ଏସ୍. କେ. ମୁରଲୀଧରନ୍। ଦୀର୍ଘଦିନର ବ୍ୟବଧାନ ପରେ ସେ ପୁଣି ଥରେ ଓଡ଼ିଆ ସିନେମାକୁ ଫେରୁଛନ୍ତି। ନମ୍ରତା ଥାପ୍ପା, ଦୁଷ୍ମନ୍ତ ପଣ୍ଡା, ପୃଥ୍ୱୀରାଜ ନାୟକ, ଅର୍ଲିନ ଅଙ୍କିତା, ହେମନ୍ତ ପାତ୍ର, ଡିସ୍କୋ ରେଣ୍ଡୀ ଏବଂ 'ନଟିଆ' ଫେମ୍ ସ୍ମୃତି ରଞ୍ଜନ ମହାନ୍ତି ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ।


'ରାକେଟ୍' ଫିଲ୍ମରେ ନମ୍ରତା ଥାପ୍ପା

# ବୁଦ୍ଧିମତୀ ତାପସୀ

ତାପସୀ ପାନ୍ନୁଙ୍କ ବୁଦ୍ଧିକୁ ନିଶ୍ଚୟ ମାନିବାକୁ ପଡ଼ିବ। କେତେବେଳେ କେଉଁ କଥାକୁ କିପରି ହ୍ୟାଣ୍ଡେଲ କରିବାକୁ ପଡ଼େ ତାହାର କାଇଦା ତାଙ୍କୁ ଭଲ ଭାବରେ ଜଣା। ନିଜର କ୍ୟାରିୟରକୁ ନେଇ ଆପଣ ଯେତେ ଅଙ୍କାବଙ୍କା ପ୍ରଶ୍ନ ପଚାରନ୍ତୁ ହେଲେ ସେ ବ୍ୟତିବ୍ୟସ୍ତ ହେଉନାହାନ୍ତି। ନିକଟରେ ଏକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ଅବସରରେ ତାଙ୍କର କେତେଜଣ ସାମ୍ବାଦିକଙ୍କ ସହ ସାମ୍ନାସାମ୍ନି ହୋଇଯାଇଥିଲା। ସେମାନେ ଯେଉଁ ପ୍ରଶ୍ନସବୁ ପଚାରିଲେ ସେଗୁଡ଼ିକର ଉତ୍ତର ତାପସୀ ବେଶ୍ ଥଣ୍ଡା ମିଜାଜରେ ଦେଇଥିଲେ। କେବଳ ସେତିକି ନୁହେଁ, କୁଲ୍ କୁଲ୍ ତାପସୀ ସେହି ସମୟରେ ଶାହରୁଖଙ୍କୁ ପ୍ରଶଂସାରେ ପୋତି ପକାଇଥିଲେ। ଏ ନେଇ ସେ କହନ୍ତି, 'ମୁଁ ଯେତେବେଳେ ସାମ୍ବାଦିକମାନଙ୍କୁ ସାମ୍ନା କରେ ସେତେବେଳେ ଆଦୌ ବିବ୍ରତ ନ ହୋଇ ସବୁ ପ୍ରଶ୍ନର ଉତ୍ତର ଦେଇଥାଏ। ଶାହରୁଖଙ୍କୁ ମୁଁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ। ତାଙ୍କ ଅଭିନୟରେ ଭିନ୍ନତା ରହିଛି।'' ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଛନ୍ତି ଏହି ଅଭିନେତ୍ରୀ। ୨୦୧୦ରେ ତେଲୁଗୁ ଫିଲ୍ମ 'ଝୁମାନ୍ଦି ନାଡମ'ରୁ ସେ ବଡ଼ ପରଦା କ୍ୟାରିୟର ଆରମ୍ଭ କରିଥିଲେ। ଠିକ୍ ଏହାର ପରବର୍ଷ ତାଙ୍କୁ ତାମିଲ ଫିଲ୍ମ (ଅଜ୍ଞୁକାଲାମ)ରେ ମଧ୍ୟ ବ୍ରେକ୍ ମିଳିଥିଲା। ତାପସୀଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା ଡେଭିଡ୍ ଧାୱନଙ୍କ 'ଚସ୍‌ମେ ବଦ୍ଦୁର'।


ତାପସୀ


ସାନ୍ୟା

# ଦଶ ହଜାରରୁ ଜଣେ...

'ଦଙ୍ଗଲ' ଚଳଚ୍ଚିତ୍ରର ବବିତା ପୋଘଟ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ସାନ୍ୟା ମାଲହୋତ୍ରା। ଏହି ଭୂମିକା ପାଇଁ ଗ୍ରୀନ୍ ସିଗନାଲ ପାଇବାକୁ ତାଙ୍କୁ ବେଶ୍ କଷ୍ଟ କରିବାକୁ ପଡିଥିଲା। ଉକ୍ତ ରୋଲ୍ ପାଇଁ ଅନୁଷ୍ଠିତ ଅଡିସନ୍‌ରେ ପ୍ରାୟ ୧୦,୦୦୦ ନବାଗତା ଅଂଶଗ୍ରହଣ କରିଥିଲେ। ହେଲେ ଶେଷରେ ସାନ୍ୟାଙ୍କୁ ପ୍ରଯୋଜନା ସଂସ୍ଥା ସିଲେକ୍ଟ କରିଥିଲା। ହେଲେ ଏହି ଭୂମିକା ତାଙ୍କୁ ରାତାରାତି ଚର୍ଚ୍ଚାର ପରିସରକୁ ଆଣିଥିଲା। ଏଥିଲାଗି ସେ ତ ପରିଶ୍ରମ କରିଥିଲେ ହେଲେ ଏହାପଛରେ ଆଉ ଜଣେ ବ୍ୟକ୍ତିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା ବୋଲି କହନ୍ତି ସେ। ''ଯେତେବେଳେ ମୋତେ ବବିତା ପୋଘଟ ଭୂମିକା ପାଇଁ ଚୟନ କରାଗଲା, ତା'ପରେ ମୋତେ ଏଥିଲାଗି ପ୍ରସ୍ତୁତ ହେବାକୁ ପଡିଥିଲା। ପ୍ରଥମେ ଫିଲ୍ମଟିର କାହାଣୀକୁ ମୁଁ ଭଲ ଭାବରେ ବୁଝି ନେଇଥିଲି। ଯେହେତୁ ଏହା ରେସଲିଂ ଉପରେ ଆଧାରିତ ତେଣୁ ଏଭଳି ଫାଇଟ୍ ପାଇଁ ମୋତେ ଟ୍ରେନିଂ ନେବାକୁ ପଡିଥିଲା। ଜାତୀୟ ରେସଲିଂ ପ୍ରଶିକ୍ଷକ କ୍ରିପା ଶଙ୍କର ବିଷ୍ଣୋଇଙ୍କ ନିକଟରୁ ଏ ନେଇ ଟ୍ରେନିଂ ନେବାକୁ ହୋଇଥିଲା। ତାଙ୍କର ଟିପ୍ସକୁ ମୁଁ ଅକ୍ଷରେ ଅକ୍ଷରେ ପାଳନ କରିଥିଲି। ସେହି ସମୟ ସତେ ଯେପରି ମୋ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଥିଲା। ଯାହାହେଉ ମୋ ପରିଶ୍ରମର ପ୍ରକୃତ ମୂଲ୍ୟ ମିଳିଛି। ଫିଲ୍ମଟି ହିଟ୍ ସାବ୍ୟସ୍ତ ହେବା ସହ ପରବର୍ତ୍ତୀ ସମୟରେ ମୋ କ୍ୟାରିୟର ପାଇଁ ଏହା ଶୁଭପ୍ରଦ ସାବ୍ୟସ୍ତ ହୋଇଥିଲା ବୋଲି କହନ୍ତି ସାନ୍ୟା।''

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୩/୨୦୨୫ Bhubaneswar, Thursday, April 3/ 2025

# ଆର୍‌ସିବିର ସମ୍ମାନଜନକ ସ୍କୋର

## ମହମ୍ମଦ ସିରାଜଙ୍କ ପ୍ରଭାବୀ ବୋଲିଂ


ମହମ୍ମଦ ସିରାଜ

ବେଙ୍ଗାଲୁରୁ, ୨।୪

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ବୁଧବାର ଅନୁଷ୍ଠିତ ଗୁଜରାଟ ଟାଇଟନ୍ସ ବିପକ୍ଷ ମ୍ୟାଚରେ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ସମ୍ମାନଜନକ ସ୍କୋର କରିଛି। ଲିଆମ ଲିଭିଂଷ୍ଟୋନଙ୍କ ଅର୍ଦ୍ଧଶତକ ସହାୟତାରେ ଆରସିବି ୨୦ ଓଭରରେ ୮ ଉଇକେଟ ହରାଇ ୧୬୯ ରନ କରିଛି। ଗୁଜରାଟ ଟାଇଟନ୍ସ ବୋଲର ମହମ୍ମଦ ସିରାଜ ପ୍ରଭାବୀ ବୋଲିଂ କରି ମାତ୍ର ୧୯ ରନଦେଇ ୩ଟି ଉଇକେଟ ଅକ୍ତିଆର କରିଛନ୍ତି।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ୍)

କୋଲ୍‌କାତା ବନାମ ହାଇଦ୍ରାବାଦ

ସ୍ଥାନ: କୋଲ୍‌କାତା

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଗୁଜରାଟ ଅଧିନାୟକ ଶୁବମନ ଗିଲ୍। ପୂର୍ବ ୨ ମ୍ୟାଚରେ ଦମ୍‌ଦାର ପ୍ରଦର୍ଶନ ଦେଇ ଆସିଥିବା ଆରସିବି ଏଠାରେ କିନ୍ତୁ ତାହାର ପୁନରାବୃତ୍ତି କରିପାରି ନ ଥିଲା। କାଗିଶୋ ରାବାଡ଼ାଙ୍କ ସ୍ଥାନରେ ସାମିଲ ହୋଇଥିବା ଅର୍ଶଦ ଖାଁ ଓ ପୂର୍ବରୁ ଆରସିବି ପକ୍ଷରୁ ଖେଳିଥିବା ମହମ୍ମଦ ସିରାଜ ଟପ୍ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଦ୍ୱିତୀୟ ଓଭରରେ ଅର୍ଶଦ ମାତ୍ର ୭ ରନ କରିଥିବା ବିରାଟ କୋହଲିଙ୍କୁ ଆଉଟ କରି ଆରସିବିକୁ ଶକ୍ତ ଝଟ୍‌କା ଦେଇଥିଲେ। ଏହାପରେ ସିରାଜ ଯଥାକ୍ରମେ ଦେବଦତ୍ତ ପଡିକାଲ (୪) ଓ ଫିଲିପ ସଲ୍ଟ (୧୪)ଙ୍କୁ ପ୍ୟାଭିଲିୟନ ପଠାଇବାରୁ ଆରସିବି ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ଅଧିନାୟକ ରଜତ ପଟିଦାରଙ୍କୁ ଇଶାନ୍ତ ଶର୍ମା ପ୍ୟାଭିଲିୟନ ପଥ ଦେଖାଇବାରୁ ୬.୨ ଓଭର ବେଳକୁ ଆରସିବି ସ୍କୋର ୪୨/୪ ହୋଇ ଯାଇଥିଲା। ଲିଆମ ଲିଭିଂଷ୍ଟୋନ ଓ ଜୀତେଶ ଶର୍ମା ସତର୍କତାର ସହ ଖେଳି ଇନିଂସ ସଜାଡ଼ିବାକୁ ଉଦ୍ୟମ କରିଥିଲେ। ତେବେ ୫ମ ଉଇକେଟରେ ୫୨ ରନ ଯୋଗ ହେବାପରେ ଜୀତେଶ (୩୩)ଙ୍କୁ ଆଉଟ କରି ପାର୍ଟନରଶିପ୍ ଭାଙ୍ଗିଥିଲେ ରବିଶ୍ରୀନିବାସନ ସାଇ କିଶୋର। ସେ କୃନାଲ ପାଣ୍ଡ୍ୟା(୫)ଙ୍କୁ ମଧ୍ୟ ନିଜ ପରବର୍ତ୍ତୀ ଓଭରରେ ଆଉଟ କରିଥିଲେ। ଲିଭିଂଷ୍ଟୋନ କେତେକ ଦର୍ଶନୀୟ ଶଟ୍ ଖେଳି ଅର୍ଦ୍ଧଶତକ ହାସଲ କରିଥିଲେ। ମାତ୍ର ସେ ୪୦ ବଲ୍‌ରୁ ୫୪ (୧ ଚୌକା, ୫ ଛକା) ରନ କରିବାପରେ ସିରାଜଙ୍କ ତୃତୀୟ ଶିକାର ବନିଥିଲେ। ସିରାଜ ଚମତ୍କାର ବୋଲିଂ କରି ୪ ଓଭର ସ୍ପେଲ୍‌ରେ ମାତ୍ର ୧୯ ରନ ଦେଇ ୩ଟି ଉଇକେଟ ନେଇଥିଲେ। ଶେଷ ଭାଗରେ ଟିମ୍ ଡାଭିଡ ଦ୍ରୁତ ୩୨ (୧୮ ବଲ, ୩ ଚୌକା, ୨ ଛକା) ରନ କରିବାରୁ ଆରସିବି ସ୍କୋର ୧୬୯ରେ ପହଞ୍ଚି ପାରିଥିଲା। ଗୁଜରାଟ ପକ୍ଷରୁ ସିରାଜଙ୍କ ବ୍ୟତୀତ ସାଇ କିଶୋର ୨ଟି ଏବଂ ଅର୍ଶଦ ଖାଁ, ପ୍ରସିଦ୍ଧ କ୍ରିଷ୍ଣା ଓ ଇଶାନ୍ତ ଶର୍ମା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୨୦ ଓଭରରେ ୧୬୯/୮ (ଲିଆମ ଲିଭିଂଷ୍ଟୋନ-୫୪, ଜୀତେଶ ଶର୍ମା-୩୩, ଟିମ୍ ଡାଭିଡ-୩୨, ମହମ୍ମଦ ସିରାଜ-୩/୧୯, ଆର. ସାଇକିଶୋର-୨/୨୨, ପ୍ରସିଦ୍ଧ କ୍ରିଷ୍ଣା-୧/୨୬, ଅର୍ଶଦ ଖାଁ-୧/୧୭, ଇଶାନ୍ତ ଶର୍ମା-୧/୨୭)।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୨ | ୨ | ୦ | ୪ | +୨.୨୬୬ |
| ପଞ୍ଜାବ କିଙ୍ଗ୍ସ | ୨ | ୨ | ୦ | ୪ | +୧.୪୮୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୨ | ୨ | ୦ | ୪ | +୧.୩୨୦ |
| ଗୁଜରାଟ ଟାଇଟନ୍ସ | ୨ | ୧ | ୧ | ୨ | +୦.୬୨୫ |
| ମୁମ୍ବାଇ ଇଣ୍ଡିଆନ୍ସ | ୩ | ୧ | ୨ | ୨ | +୦.୩୦୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୩ | ୧ | ୨ | ୨ | -୦.୧୫୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୩ | ୧ | ୨ | ୨ | -୦.୭୭୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୩ | ୧ | ୨ | ୨ | -୦.୮୭୧ |
| ରାଜସ୍ଥାନ ରୟାଲ୍ସ | ୩ | ୧ | ୨ | ୨ | -୧.୧୧୨ |
| କୋଲକାତା ନାଇଟ ରାଇଡର୍ସ | ୩ | ୧ | ୨ | ୨ | -୧.୪୨୮ |

# ସାମ୍‌ସନ ରାଜସ୍ଥାନ ଦଳର ନେତୃତ୍ୱ ନେବେ

ବେଙ୍ଗାଲୁରୁ,୨।୪(ପି.ଟି.)

ସଞ୍ଜୁ ସାମ୍‌ସନ ଚଳିତ ଆଇପିଏଲ୍‌ରେ ଉଇକେଟ୍ କିପିଂ କରିବା ସହ ରାଜସ୍ଥାନ ରୟାଲ୍ସ(ଆର୍‌ଆର୍) ଦଳର ନେତୃତ୍ୱ ସମ୍ଭାଳିଥିଲେ। ତାଙ୍କୁ ଏଥିଲାଗି ନ୍ୟାଶନାଲ କ୍ରିକେଟ ଏକାଡେମୀ(ଏନ୍‌ସିଏ)ଠାରୁ ଅନୁମତି ମିଳିଥିଲା। ଗତ ଫେବୃଆରୀରେ ଇଂଲଣ୍ଡ ବିପକ୍ଷ ଖେଳାଯାଇଥିବା ଏକ ଟି୨୦ ମ୍ୟାଚ୍‌ରେ ପେସର ଜୋଫ୍ରା ଆର୍ଚ୍ଚରଙ୍କ ଏକ ବାଉନ୍ସର ସାମ୍‌ସନଙ୍କ ଡାହାଣହାତ ବିସି ଆଙ୍ଗୁଠିରେ ବାଜିଥିଲା। ଏଥିଯୋଗୁ ତାଙ୍କୁ ସର୍ଜରିର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏହି କାରଣରୁ ସେ ଚଳିତ ଆଇପିଏଲ୍‌ରେ ପ୍ରଥମ ୩ ମ୍ୟାଚ୍‌ରେ ରାଜସ୍ଥାନ ଦଳର ନେତୃତ୍ୱ ନେଇପାରି ନ ଥିଲେ। କେବଳ ଜଣେ ବ୍ୟାଟର ଭାବେ ଖେଳିଥିଲେ। ଏନ୍‌ସିଏର ଅନୁମତି ଲାଗି ମେଡିକାଲ ଟିମ୍ ଦ୍ୱାରା ତାଙ୍କ ଫିଟ୍‌ନେସ୍‌ର ମୂଲ୍ୟାଙ୍କନ କରାଯାଇଥିଲା। ସେ ପଞ୍ଜାବ କିଙ୍ଗ୍ସ ବିପକ୍ଷ ପରବର୍ତ୍ତୀ ମ୍ୟାଚ୍‌ରେ ଦଳର ନେତୃତ୍ୱ ନେବେ। ରାଜସ୍ଥାନ ଏବେ ପଏଣ୍ଟ ଟେବୁଲର ନବମ ସ୍ଥାନରେ ଅଛି।

# ଗୋଆ ପାଇଁ ଖେଳିବେ ଜୟସ୍ୱାଲ


ଯଶସ୍ୱୀ ଜୟସ୍ୱାଲ

ମୁମ୍ବାଇ,୨।୪(ପି.ଟି.)

ଭାରତୀୟ ଓପନର ଯଶସ୍ୱୀ ଜୟସ୍ୱାଲ ବ୍ୟକ୍ତିଗତ କାରଣରୁ ମୁମ୍ବାଇ ଛାଡ଼ି ଗୋଆ ପାଇଁ ଘରୋଇ କ୍ରିକେଟ୍ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ଜୟସ୍ୱାଲ ମଙ୍ଗଳବାର ମୁମ୍ବାଇ କ୍ରିକେଟ ଆସୋସିଏଶନ(ଏମ୍‌ସିଏ) ଆଗରେ ତାଙ୍କର ଇଚ୍ଛା ପ୍ରକାଶ କରିଥିଲେ। ଏମ୍‌ସିଏଠାରୁ ଅନୁମତି ମିଳିସାରିଥିବାରୁ ସେ ୨୦୨୫-୨୬ ସିଜନରେ ଗୋଆ ପାଇଁ ଖେଳିବେ।

ହଁ, ଏହା ନିଶ୍ଚିତ ଭାବେ ଚକିତ କଲାଭଳି ଘଟଣା। ସେ ଏଭଳି ନିଷ୍ପତ୍ତି ନେବା ପୂର୍ବରୁ କିଛି ନିଶ୍ଚିତ ଚିନ୍ତା କରିଥିବେ। ସେ ଆମକୁ ଛାଡ଼ିବା ପାଇଁ ଅନୁରୋଧ କରିଥିଲେ ଏବଂ ଆମେ ତାହାକୁ ଗ୍ରହଣ କରିଛୁ ବୋଲି ଏମ୍‌ସିଏର ଜଣେ ଅଧିକାରୀ ବୁଧବାର କହିଛନ୍ତି। ଜୟସ୍ୱାଲ ଅନ୍ତିମଥର ମୁମ୍ବାଇ ପାଇଁ ଗତ ଜାନୁଆରୀରେ ଜମ୍ମୁ-କଶ୍ମୀର ବିପକ୍ଷରେ ରଣଜୀ ଟ୍ରଫି ମ୍ୟାଚ ଖେଳିଥିଲେ। ଏହି ମ୍ୟାଚ୍‌ର ଉଭୟ ଇନିଂସରେ ସେ ଯଥାକ୍ରମେ ୪ ଓ ୨୬ ରନ୍ କରିଥିଲେ ଏବଂ ମୁମ୍ବାଇ ମ୍ୟାଚ୍‌ରେ ପରାଜିତ ହୋଇଥିଲା। ଗୋଆ କ୍ରିକେଟ ଆସୋସିଏଶନ(ଜିସିଏ) ସମ୍ପାଦକ ଶାମ୍ବା ଦେଶାଇ କହିଛନ୍ତି ଯେ, ସେ ଆମ ଦଳରେ ଖେଳିବାକୁ ଚାହୁଁଛନ୍ତି। ଆମେ ତାଙ୍କୁ ସ୍ୱାଗତ କରୁଛୁ। ସେ ଆମ ପାଇଁ ପରବର୍ତ୍ତୀ ସିଜନରେ ଖେଳିବେ। ସେ ଜାତୀୟ ଦଳ ଲାଗି ଡ୍ୟୁଟିରେ ନ ଥିବା ବେଳେ ଗୋଆ ଦଳର ଅଧିନାୟକ ହୋଇପାରିବେ। ସେ ଭାରତୀୟ ଦଳ ପାଇଁ ଖେଳନ୍ତି। ଏଣୁ ସେ ଅଧିନାୟକ ହୋଇପାରିବେ।

### ଘରୋଇ କ୍ରିକେଟ

ଆମେ ଏ ଦିଗରେ କାମ କରିବୁ। ଆମେ ତାଙ୍କ ଉପଲବ୍ଧତା ସମ୍ପର୍କରେ ଏପର୍ଯ୍ୟନ୍ତ କଥା ହୋଇନାହୁଁ। ଜୟସ୍ୱାଲ ତୃତୀୟ ମୁମ୍ବାଇ କ୍ରିକେଟର ଭାବେ ଗୋଆ ଦଳରେ ଯୋଗଦେଇଛନ୍ତି। ତାଙ୍କ ପୂର୍ବରୁ ସିଦ୍ଧେଶ ଲାଡ୍ ଓ ଅର୍ଜୁନ ତେନ୍ଦୁଲକର ଗୋଆ ଦଳରେ ଯୋଗଦେଇଥିଲେ। ୨୦୨୩ ଜୁଲାଇ ଟେଷ୍ଟରେ ପଦାର୍ପଣ କରିଥିବା ଜୟସ୍ୱାଲ ଏପର୍ଯ୍ୟନ୍ତ ୧୯ ମ୍ୟାଚ୍‌ରେ ୪ ଶତକ ଓ ୧୦ ଅର୍ଦ୍ଧଶତକ ସହ ୫୨ ଆଭରେଜ୍‌ରେ ରନ୍ କରିଛନ୍ତି।

# କଟକରେ ଭାରତ-ଦକ୍ଷିଣ ଆଫ୍ରିକା ମ୍ୟାଚ

## ଭାରତର ୨୦୨୫ ଘରୋଇ ସିଜନ କାର୍ଯ୍ୟସୂଚୀ ଘୋଷିତ

ନୂଆଦିଲ୍ଲୀ,୨।୪(ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବୁଧବାର ଆନୁଷ୍ଠାନିକ ଭାବେ ଭାରତୀୟ ଦଳ ଲାଗି ଘରୋଇ ଅନ୍ତର୍ଜାତୀୟ ୨୦୨୫ ସିଜନର କାର୍ଯ୍ୟସୂଚୀ ଘୋଷଣା କରିଛି। ଏହି ସିଜନରେ ଓଡ଼ିଶାର କଟକସ୍ଥିତ ଐତିହାସିକ ବାରବାଟୀ ଷ୍ଟାଡିୟମରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି୨୦ ମ୍ୟାଚ ଖେଳାଯିବ।

ଅକ୍ଟୋବର ୨ ତାରିଖରୁ ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜରୁ ଟିମ ଇଣ୍ଡିଆର ଘରୋଇ ସିଜନ ଆରମ୍ଭ ହେବ। ସିରିଜର ପ୍ରଥମ ମ୍ୟାଚ ଅହମ୍ମଦାବାଦରେ ଖେଳାଯିବ। ଦ୍ୱିତୀୟ ମ୍ୟାଚ କୋଲକାତାରେ ଅକ୍ଟୋବର ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଭାରତୀୟ ଦଳର ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ ଲାଗି ଏହି ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଗୁରୁତ୍ୱପୂର୍ଣ୍ଣ ହେବ। ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ ପରେ ଦକ୍ଷିଣ ଆଫ୍ରିକା ଏକ ସମ୍ପୂର୍ଣ୍ଣ କ୍ରିକେଟ ସିରିଜ ପାଇଁ ଭାରତ ଗସ୍ତରେ ଆସିବ। ଗୁଆହାଟୀରେ ଦୁଇ ଦଳ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ ଖେଳାଯିବ। ପ୍ରଥମ ଥର ପାଇଁ ଗୁଆହାଟୀ କୌଣସି ଟେଷ୍ଟ ମ୍ୟାଚ ଆୟୋଜନ କରିବାକୁ ଯାଉଛି। ଏହି ସିରିଜର ପ୍ରଥମ ମ୍ୟାଚ ନଭେମ୍ବର ୧୪ ତାରିଖରେ ନୂଆଦିଲ୍ଲୀରେ ଖେଳାଯିବ। ୨୨ ତାରିଖରୁ ଗୁଆହାଟୀରେ ଦ୍ୱିତୀୟ ଟେଷ୍ଟ ଅନୁଷ୍ଠିତ ହେବ। ଏହାପରେ ଦୁଇ ଦଳ ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଖେଳାଯିବ। ନଭେମ୍ବର ୩୦ ତାରିଖରେ ରାଞ୍ଚିରେ ପ୍ରଥମ ମ୍ୟାଚ ଖେଳାଯିବ। ପରବର୍ତ୍ତୀ ଦୁଇଟି ମ୍ୟାଚ ରାଇପୁର (ଡିସେମ୍ବର ୩) ଓ ବିଶାଖାପାଟନମ (ଡିସେମ୍ବର ୬)ରେ ହେବ। ଦିନିକିଆ ପରେ ଦୁଇ ଦଳ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଅନୁଷ୍ଠିତ। ସିରିଜର ପ୍ରଥମ ମ୍ୟାଚ ଡିସେମ୍ବର ୯ ତାରିଖରେ କଟକରେ ଖେଳାଯିବ। ପରବର୍ତ୍ତୀ ୪ଟି ମ୍ୟାଚ ଯଥାକ୍ରମେ ନୂଆ ଚଣ୍ଡିଗଡ଼ (ଡିସେମ୍ବର ୧୧), ଧର୍ମଶାଳା (୧୪), ଲକ୍ଷ୍ନୌ (୧୭) ଓ ଅହମ୍ମଦବାଦ (୧୯)ରେ ଅନୁଷ୍ଠିତ ହେବ।

# ମେସିଙ୍କ ବଡିଗାର୍ଡ ଟଚ୍‌ଲାଇନରୁ ବାସନ୍ଦ

**ମାୟାମି,୨।୪:** ଫୁଟ୍‌ବଲ ସୁପରଷ୍ଟାର ଲିଓନେଲ ମେସିଙ୍କ ବଡିଗାର୍ଡ ୟାସିନେ ଚେଉକୋଙ୍କୁ ଇଣ୍ଟର ମାୟାମି ମ୍ୟାଚ୍ ବେଳେ ଆର୍ଜେଣ୍ଟିନା ଫରୱାର୍ଡଙ୍କୁ ଟଚ୍‌ଲାଇନରେ ସୁରକ୍ଷା ଯୋଗାଇବାରୁ ବାସନ୍ଦ କରାଯାଇଛି। ମେଜର ଲିଗ୍ ସକର(ଏମ୍‌ଏଲ୍‌ଏସ୍) ପକ୍ଷରୁ କୁହାଯାଇଛି ଯେ, ଦଳୀୟ ସୁରକ୍ଷା ଗାର୍ଡ୍ସଙ୍କ ସମ୍ପର୍କିତ ନିୟମରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ବିଭିନ୍ନ ଦଳକୁ ଫିଲ୍ଡରେ ବେଞ୍ଚ ନିକଟରେ ସୁରକ୍ଷା ଯୋଗାଇବା ପାଇଁ ସୁରକ୍ଷା ଗାର୍ଡ ଦିଆଯାଇଛି। ଚେଉକୋଙ୍କୁ କେବଳ ଲକର ରୁମ୍ ଓ ମିକ୍ସଡ ଜୋନ୍‌ରେ ସୁରକ୍ଷା ଯୋଗାଇବାକୁ ଅନୁମତି ମିଳିବ। ସେମାନେ ମୋତେ ଫିଲ୍ଡରେ ପ୍ରବେଶ କରିବାକୁ ଅନୁମତି ଦେଉନାହାନ୍ତି। ମୁଁ ୭ ବର୍ଷ ଲାଗି ୟୁରୋପରେ ଥିଲି।

# କିଟ୍‌ରେ ଆନ୍ତଃ ଜୋନ୍ ମହିଳା ବିଶ୍ୱବିଦ୍ୟାଳୟ କ୍ରିକେଟ


ଅତିଥିଙ୍କ ଗହଣରେ କିଟ୍ ବିଶ୍ୱବିଦ୍ୟାଳୟ ମହିଳା କ୍ରିକେଟ ଦଳ।

ଭୁବନେଶ୍ୱର, ୨।୪ (ତପନ ସ୍ୱାଇଁ)

କିଟ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଜାତୀୟ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ ମହିଳା କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଆରମ୍ଭ ହୋଇଛି। ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ (ଏଆଇୟୁ) ଅନୁମୋଦନକ୍ରମେ ଏହି ପ୍ରତିଯୋଗିତା କିଟ୍ ଷ୍ଟାଡିୟମରେ ଅନୁଷ୍ଠିତ ହେଉଛି। ଦେଶର ୧୬ଟି ବିଶ୍ୱବିଦ୍ୟାଳୟ କ୍ରିକେଟ ଦଳ ଏଥିରେ ଅଂଶଗ୍ରହଣ କରିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ସରନଜିତ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। କିଟ୍ ରେଜିଷ୍ଟ୍ରାର ଜ୍ଞାନ ରଞ୍ଜନ ମହାନ୍ତି, କ୍ରୀଡ଼ା ନିର୍ଦ୍ଦେଶକ ଲଲାଟେନ୍ଦୁ ମିଶ୍ର ଓ ଅବସରପ୍ରାପ୍ତ ଏନ୍‌ଆଇଏସ୍ କ୍ରିକେଟ କୋଚ୍ ଅଜିତ କୁମାର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସବୁ ଦଳର ସଦସ୍ୟଙ୍କୁ ସ୍ୱାଗତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି।

# ଆସୋସିଏଟ୍ ଭେଟେରାନ୍ ଚାମ୍ପିୟନ


ଚାମ୍ପିୟନ ଆସୋସିଏଟ୍ ଭେଟେରାନ୍ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## ସେକେଣ୍ଡ ଇନିଂସ୍ କ୍ରିକେଟ କପ୍

ଭୁବନେଶ୍ୱର, ୨।୪(ତପନ ସ୍ୱାଇଁ)

ସେକେଣ୍ଡ ଇନିଂସ୍ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଏବଂ ସନ୍ଧ୍ୟା ସାଥୀ ସଂଘ ସହଯୋଗରେ ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟର ସିଜନ-୨ରେ ଆସୋସିଏଟ୍ ଭେଟେରାନ୍ସ(ଏଭି) ଦଳ ଚାମ୍ପିୟନ ହୋଇଛି। ଫାଇନାଲରେ ଏହି ଦଳ ଏବି ୟୁନିକନକୁ ହରାଇ ଦେଇଛି। ଚାମ୍ପିୟନ ଦଳର ରାଜେଶ କୁମାର ପାଇକରାୟ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ରନରଅପ୍ ଦଳର ଦେବାଶିଷ ଫାଇଟର ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଛନ୍ତି। ଚାମ୍ପିୟନ ଦଳର ସଞ୍ଜୟ କୁମାର ଶତପଥୀ ଶ୍ରେଷ୍ଠ ବୋଲର, ରାଜେଶ କୁମାର ପାଇକରାୟ ଶ୍ରେଷ୍ଠ ବ୍ୟାଟର ଏବଂ ଟିସିଏସ୍ ଦଳର କାନ୍ତ ଏ. ପଟ୍ଟନାୟକ ପ୍ଲେୟର ଅଫ ଦି ସିରିଜ ପୁରସ୍କାର ପାଇଛନ୍ତି। ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ସୋଆ ଗ୍ରାଉଣ୍ଡରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସନ୍ଧ୍ୟା ସାଥୀ ସଂଘ ସଭାପତି ନୀହାର ରଞ୍ଜନ ସ୍ୱାଇଁ, ସମ୍ପାଦକ ମାନସ ସାହୁ ଓ ମାନସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ଦୃଷ୍ଟିବାଧିତ ଚେସ୍ ଆରମ୍ଭ

ଭୁବନେଶ୍ୱର, ୨।୪(ତପନ ସ୍ୱାଇଁ)

ସର୍ବଭାରତୀୟ ଦୃଷ୍ଟିବାଧିତ ଚେସ୍ ସଂଘ(ଏଆଇସିଏଫ୍‌ବି) ଓ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଫର୍ ଭିଜୁଆଲି ଚ୍ୟାଲେଞ୍ଜଡ(ଓସିଏଭିସି)ର ମିଳିତ ଆନୁକୂଲ୍ୟରେ ୧୮ଶ ଜାତୀୟ ଦୃଷ୍ଟିବାଧିତ ଚେସ୍ ଚାମ୍ପିୟନଶିପ୍ ବୁଧବାର ସାଇ ଇଣ୍ଟରନ୍ୟାଶନାଲ ରେସିଡେନ୍ସିଆଲ ସ୍କୁଲ ପରିସରରେ ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତା ଭାରତର ଶ୍ରେଷ୍ଠ ଦୃଷ୍ଟିହୀନ ଚେସ୍ ପ୍ରତିଭାଙ୍କ ମଧ୍ୟରେ ଗୌରବ ପାଇଁ ଲଢ଼େଇର ମଞ୍ଚ ପ୍ରସ୍ତୁତ କରିଛି। ଏହି ସମ୍ମାନ୍‌ଜନକ ପ୍ରତିଯୋଗିତା ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ସାଇ ଗ୍ରୁପ୍‌ର ଅଧ୍ୟକ୍ଷ ସିଲ୍ପି ସାହୁ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ପ୍ରଶାସନିକ ଅଧିକାରୀ ସନ୍ନ୍ୟାସୀ ବେହେରା, ଏଆଇସିଏଫ୍‌ବି ଉପସଭାପତି କିଷାନ ଗାଙ୍ଗୁଲି, କୋଷାଧ୍ୟକ୍ଷ ସ୍ୱପ୍ନିଲ ଶାହା, ଓସିଏଭିସି ସମ୍ପାଦକ ସୌନ୍ଦର୍ଯ୍ୟ ପ୍ରଧାନ ଏବଂ ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞ ପ୍ରମୁଖ ଉପସ୍ଥିତ ଥିଲେ।

୧୫ ରାଜ୍ୟର ମୋଟ ୫୨ ଖେଳାଳି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଏହା ମଧ୍ୟରେ ୩ ଅନ୍ତର୍ଜାତୀୟ ପଦକ ବିଜେତାଙ୍କ ସହ ଓଡ଼ିଶାର ୪ ପ୍ରତିଯୋଗୀ ସାମିଲ। ଚାମ୍ପିୟନଶିପ୍‌ର ଶ୍ରେଷ୍ଠ ୫ ଖେଳାଳି ଦୁଇଟି ପ୍ରମୁଖ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟ ବିବେଚିତ ହେବେ। ଏହି ୨ଟି ପ୍ରତିଯୋଗିତା ହେଲା ଆଇବିସିଏ ଚେସ୍ ଅଲିମ୍ପିଆଡ୍(ସର୍ବିଆ, ଜୁନ୍-୨୦୨୫) ଓ ଆଇବିସିଏ ୱାର୍ଲ୍ଡ ଚେସ୍ ଚାମ୍ପିୟନଶିପ୍ (ପୋଲାଣ୍ଡ, ଅଗଷ୍ଟ-୨୦୨୫)। କର୍ଣ୍ଣାଟକର କିଷାନ ଗାଙ୍ଗୁଲି(୨୦୧୩ ରେଟିଂ) ପ୍ରତିଯୋଗିତାର ଟପ୍ ସିଡ୍‌ର ମାନ୍ୟତା ପାଇଛନ୍ତି। ମହାରାଷ୍ଟ୍ରର ଆର୍ଯ୍ୟନ ଯୋଶୀ(୧୯୫୨), ଗୁଜରାଟର ଦର୍ପନ ଇରାନୀ(୧୯୩୯), ଓଡ଼ିଶାର ସୌନ୍ଦର୍ଯ୍ୟ ପ୍ରଧାନ(୧୯୨୮) ଓ ଶୁଭେନ୍ଦୁ ପାତ୍ର(୧୮୭୪) ସହ ଅନ୍ୟ ୪ ସିଡେଡ୍ ଖେଳାଳି ରହିଛନ୍ତି। ଏହି ପ୍ରତିଯୋଗିତା ପ୍ରତି ରାଜ୍ୟ କ୍ରୀଡ଼ା ବିଭାଗର ସମର୍ଥନ ରହିଛି।



ଜାତୀୟ ଦୃଷ୍ଟିବାଧିତ ଚେସ୍ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି। ପ୍ରଥମ ଦିବସରେ ଅନୁଷ୍ଠିତ ମ୍ୟାଚ୍।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ